# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, August 23/2023 | Page 16 | ₹ 7.00

୪୯ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 268 | ମୂଲ୍ୟ ₹୭/-




## ଚ୍ୟାଲେଞ୍ଜ ଦେଲେ ପ୍ରଜ୍ଞାନନ୍ଦ

ବିଶ୍ୱକପ୍ ଚେସ୍ ଫାଇନାଲର ପ୍ରଥମ କ୍ଲାସିକାଲ ଗେମ୍‌ରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ।

୧୪

୧୦

## ୭ରେ ଭାରତ ଆସିବେ ବାଇଡେନ

ଜି-୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେପ୍ଟେମ୍ବର ୭ରେ ଭାରତ ଆସିବେ।



# ଡିଆଇଜି ବ୍ରିଜେଶ ରାୟଙ୍କୁ ବଦଳି

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

### ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା

### ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ରାଜ୍ୟ ସରକାର କଟକସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ତ୍ରୀ ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଆଇଜିଙ୍କ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ମହିଳା ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କର ଦୁଇଟି ଯାକ ଗୋଡ଼ କଟି ଯାଇଥିବା ବେଳେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି।

ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଅନୁଗୋଳରେ ଅବସ୍ଥାପିତ ବ୍ରିଜେଶ ରାୟଙ୍କ ବାସଭବନରେ ହୋମ୍‌ଗାର୍ଡ ସୈରିନ୍ଦ୍ରୀ ନିୟୋଜିତ ହୋଇଥିଲେ। ତେବେ ତାଙ୍କୁ ଡିଆଇଜିଙ୍କ ସ୍ତ୍ରୀ ସବୁବେଳେ ନିର୍ଯାତନ ଦେଉଥିଲେ। ଏପରି କି ଚାକିରି ନେଇଯିବାର ଧମକ ଦେଇ ଗତ ୪ ତାରିଖରେ ସୈରିନ୍ଦ୍ରୀଙ୍କୁ ଧକ୍କା ଦେଇ ବାହାର କରି ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ସେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଦୁଇଟି ଯାକ ଗୋଡ଼ ହରାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସା କରାଯାଉଛି।

ସୈରିନ୍ଦ୍ରୀ ଅଗଷ୍ଟ ୧୩ରେ ତାଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ ଲିଖିତ ଭାବେ ହୋମ୍‌ଗାର୍ଡ ଡିଜିଙ୍କୁ ଜଣାଇଥିଲେ। ଅନ୍ୟପଟେ ନିର୍ଯାତନା ଅଭିଯୋଗକୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର


ଡିଆଇଜି ବ୍ରିଜେଶ କୁମାର ରାୟ

ରାୟ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ତାଙ୍କର (ସୈରିନ୍ଦ୍ରୀ ସାହୁ) ପାରିବାରିକ ସମସ୍ୟା ଥିଲା। ସେ ଅନ୍ୟମନସ୍କ ରହୁଥିଲେ। ତାଙ୍କୁ କୌଣସି ନିର୍ଯାତନା ଦିଆଯାଇ ନାହିଁ ବୋଲି ରାୟ କହିଛନ୍ତି।

ସୈରିନ୍ଦ୍ରୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଥିବା ବେଳେ ସେ ନିଜ ୨ ଝିଅଙ୍କ ସହ ରହୁଛନ୍ତି। ତାଙ୍କ ରୋଜଗାରରେ ପରିବାର ଚଳୁଥିବା ☞ପୃଷ୍ଠା-୨

## ଡିଜିପିଙ୍କୁ ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ମହିଳା ହୋମଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ୍ ରାଏଙ୍କ ସ୍ତ୍ରୀ ଆୟୁଷୀ ରାଏ ଘରୋଇ କାମରେ ନିଯୁକ୍ତ କରିବା ସହ ନିର୍ଯାତନା ଦେବା ଅଭିଯୋଗକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ମଙ୍ଗଳବାର କମିଶନ ନିଜ ଆଡ୍ରୁ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୨୮୬/୨୦୨୩) ରୁଜୁ କରି ପୋଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ପୋଲିସ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।


ଚନ୍ଦ୍ରୟାନ-୩ର ସଫଳ ସଫ୍ଟ ଲ୍ୟାଣ୍ଡିଂ କାମନା କରି ଚେନ୍ନାଇରେ ଏଭରଗ୍ରିନ୍ ସ୍କୁଲର ଛାତ୍ରୀମାନେ ମୁହଁରେ ଚନ୍ଦ୍ରର ଆକୃତି କରିଛନ୍ତି।

# ଶେଷ କିଛି ମିନିଟ୍ ଛାତି ଧଡ଼ଧଡ଼

### ଆଜି ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ

ନୂଆଦିଲ୍ଲୀ,୨୨।୮

ଭାରତର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର 'ବିକ୍ରମ' ବୁଧବାର ସନ୍ଧ୍ୟାରେ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ ଲାଗି ଉଦ୍ୟମ କରିବ। ଏହି ଶେଷ କିଛି ମିନିଟ୍ ସବୁଠୁ କଠିନ ସମୟ ହୋଇଥିଲାବେଳେ ସାରା ଦେଶର ଛାତି ଧଡ଼ଧଡ଼ ହେବ ବୋଲି କୁହାଯାଉଛି। ଏହା କଡ଼ା ମୁକାବିଲା ଟ୍ୱେଣ୍ଟି-୨୦ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ଅନ୍ତିମ ପର୍ଯ୍ୟାୟ ଭଳି। ରୋଭର ପ୍ରଜ୍ଞାନ ସହ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରି ଇତିହାସ ସୃଷ୍ଟି କରିବାକୁ ଯାଉଛି। ଜୁଲାଇ ୧୪ରେ ଇସ୍ରୋର ବାହୁବଳୀ ରକେଟ ମାର୍କ-୩ ସହାୟତାରେ ଚନ୍ଦ୍ରୟାନ-୩କୁ କକ୍ଷପଥରେ ପହଞ୍ଚାଯାଇଥିଲା। ଏହା ପୃଥିବୀକୁ ଅଣ୍ଡାକୃତି କକ୍ଷପଥରେ ଏକାଧିକ ଥର ପରିକ୍ରମା କରିବା ସହ ବେଗ ବଢ଼ାଇଥିଲା। ଅଗଷ୍ଟ ୧ରେ ଏହା ଚନ୍ଦ୍ର ଅଭିମୁଖେ ଯାତ୍ରା କରି ୫ରେ ଏହାର କକ୍ଷପଥରେ ପହଞ୍ଚିଥିଲା। ଏହା ଚନ୍ଦ୍ରକୁ ପରିକ୍ରମା ☞ପୃଷ୍ଠା-୨


DSPL-195





ଚନ୍ଦ୍ରଯାନ-୩କୁ ସାମାଜିକ ଗଣମାଧ୍ୟମରେ କଟାକ୍ଷ କରିବା ଅଭିଯୋଗରେ ଅଭିନେତା ପ୍ରକାଶ ରାଜଙ୍କ ବିରୋଧରେ କର୍ଣ୍ଣାଟକର ବଗଲକୋଟସ୍ଥିତ ଏକ ଥାନାରେ ମଙ୍ଗଳବାର ମାମଲା ରୁଜୁ ହୋଇଛି। ହିନ୍ଦୁ ସଙ୍ଗଠନଗୁଡ଼ିକର ନେତାମାନେ ବାନାହଟ୍ଟି ଥାନାରେ ଏତଲା ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ମାଇକ୍ରୋବ୍ଲଗିଂ ସାଇଟ ଏକ୍ସ'ରେ କରିଥିବା ପୋଷ୍ଟରେ ଜଣେ ଶାର୍ଟ ଓ ଲୁଙ୍ଗି ପିନ୍ଧିଥିବା ବ୍ୟକ୍ତି ଚା' ଢାଳୁଥିବା ଦେଖିବାକୁ ମିଳିଛି। ସେଥିରେ ପ୍ରକାଶ ରାଜ ଲେଖିଥିଲେ, ଚନ୍ଦ୍ରଯାନରୁ ସଦ୍ୟ ଆସିଥିବା ପ୍ରଥମ ଦୃଶ୍ୟ। ଏହାକୁ ନେଇ ୟୁଜର୍ସମାନେ ତାଙ୍କୁ ଟ୍ରୋଲ୍ କରିଛନ୍ତି।



## ସଂକ୍ଷେପରେ

### ମାଲିଆନା ଗଣହତ୍ୟା ମାମଲା

## ତଳକୋର୍ଟ ରାୟ ବିରୋଧରେ ହାଇକୋର୍ଟ ଗଲେ ୟୁପି ସରକାର

**ମିରଟ,୨୨।୮(ପି.ଟି.):** ମାଲିଆନା ଗଣହତ୍ୟା ମାମଲାରେ ସମସ୍ତ ୪୦ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଏକ ଅଦାଲତ ଦୋଷମୁକ୍ତ କରିଥିବାବେଳେ ଏହାକୁ ରାଜ୍ୟ ସରକାର ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବରରେ ହେବ। ଅତିରିକ୍ତ ଜିଲା ଜଜ୍‌ଙ୍କ ନିଷ୍ପତ୍ତିରେ ସରକାର ସନ୍ତୁଷ୍ଟ ନୁହନ୍ତି ବୋଲି ସରକାରୀ ଓକିଲ ସଚିନ ମୋହନ କହିଛନ୍ତି। ୧୯୮୭ରେ ମିରଟର ମାଲିଆନା ଗ୍ରାମରେ ମୁସଲମାନ ସମ୍ପ୍ରଦାୟର ୬୩ ଜଣଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଘର ଜାଳିଦିଆଯାଇଥିଲା। ୩୬ ବର୍ଷର ଶୁଣାଣି ପରେ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ଅଦାଲତ ଦୋଷମୁକ୍ତ କରିଦେଇଛନ୍ତି।

## ଗାୟକ ରାଜୁ ପଞ୍ଜାବୀଙ୍କ ଦେହାନ୍ତ

**ଚଣ୍ଡିଗଡ଼,୨୨।୮:** ଲୋକପ୍ରିୟ ହରିୟାଣା ଗାୟକ ରାଜୁ ପଞ୍ଜାବୀଙ୍କ ଦେହାନ୍ତ ଘଟିଛି। ସେ ଦୀର୍ଘଦିନ ହେଲା ଜଣ୍ଡିସ(କାମଳ ରୋଗ)ରେ ପୀଡ଼ିତ ହୋଇ ହିସାରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।



ଆଛା ଲାଗେ ସେ, ଦେଶୀ ଦେଶୀ, ତୁ ଚିଜ୍ ଲାଜବାବ୍, ଲାଷ୍ଟ ପେଗ୍ ଏବଂ ଭାଙ୍ଗ୍ ମେରେ ୟାର୍ ନେ ଭଳି ଲୋକପ୍ରିୟ ହରିୟାଣା ଗୀତ ଲାଗି ରାଜୁ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ଇନ୍‌ଷ୍ଟାଗ୍ରାମରୁ ତାଙ୍କ ମୃତ୍ୟୁ ଘଟିଥିବା ଖବର ଜଣାପଡ଼ିଥିଲା। ମଙ୍ଗଳବାର ତାଙ୍କ ଜନ୍ମସ୍ଥାନ, ରାଜସ୍ଥାନର ହନୁମାନଗଡ଼ ଜିଲା ଅନ୍ତର୍ଗତ ରାୱତଷ୍ଟାରଠାରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଦୁଃଖପ୍ରକାଶ କରିବା ସହ ରାଜୁଙ୍କ ମୃତ୍ୟୁ ହରିୟାଣା ସଙ୍ଗୀତ ଜଗତ ଲାଗି ବଡ଼ କ୍ଷତି ବୋଲି କହିଛନ୍ତି।

## ଇସିଙ୍କ ଜାତୀୟ ଆଇକନ୍ ହେବେ ତେନ୍ଦୁଲକର



**ନୂଆଦିଲ୍ଲୀ,୨୨।୮(ପି.ଟି.):** କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ନିର୍ବାଚନ କମିଶନ(ଇସି)ଙ୍କ ଜାତୀୟ ଆଇକନ୍ ହେବାକୁ ଯାଉଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଭୋଟର ସାମିଲ ହେବା ଲାଗି ସେ ପ୍ରୋତ୍ସାହିତ କରିବେ। ବୁଧବାର ତେନ୍ଦୁଲକର ଏବଂ ନିର୍ବାଚନ କମିଶନଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହେବ। ଏହି ୩ ବର୍ଷିଆ ଚୁକ୍ତିନାମା ଅନୁଯାୟୀ ତେନ୍ଦୁଲକର ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ଯୁବବର୍ଗଙ୍କ ଉପରେ ତେନ୍ଦୁଲକରଙ୍କ ଅତୁଳନୀୟ ପ୍ରଭାବକୁ କାମରେ ଲଗାଇବା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଆଗାମୀ ନିର୍ବାଚନ ବିଶେଷ କରି ୨୦୨୪ ଲୋକ ସଭା ନିର୍ବାଚନରେ ଭୋଟରଙ୍କ ଅଂଶଗ୍ରହଣ ବଢ଼ାଇବାରେ ବେଶ୍ ପ୍ରଭାବୀ ହେବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

# ୫ ଟ୍ରିଲିୟନ ଡଲାରର ସ୍ୱପ୍ନ

## ବ୍ରିକ୍ସ: ମୋଦି-ଜିନ୍‌ପିଙ୍ଗ୍‌ଙ୍କ ଦ୍ୱିପାକ୍ଷିକ ବୈଠକ ଉପରେ ନଜର


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍




**ଜୋହାନ୍ସବର୍ଗ/ନୂଆଦିଲ୍ଲୀ,୨୨।୮**

ଭାରତ ହେଉଛି ସବୁଠୁ ଅଭିବୃଦ୍ଧିଶୀଳ ଅର୍ଥନୀତି। ଖୁବ୍‌ଶୀଘ୍ର ଏହା ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାର ସ୍ୱପ୍ନ ପୂରଣ କରିବାକୁ ଯାଉଛି। ଆଗାମୀ ବର୍ଷରେ ଭାରତ ବିଶ୍ୱର ଗ୍ରୋଥ୍ ଇଞ୍ଜିନ୍ ହେବ। ସରକାରଙ୍କ ଦ୍ୱାରା ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍ ମିଶନ ମୋଡ୍ ସଂସ୍କାର ସହ ଆଗେଇ ଚାଲିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିକ୍ସ ବିଜ୍‌ନେସ୍ ଫୋରମ୍ ନେତାମାନଙ୍କ ଆଲୋଚନାରେ କହିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ। ଦେଶରେ ଶତାଧିକ ୟୁନିକର୍ନ ରହିଛି।

ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସର ପଞ୍ଚଦଶ ସମ୍ମିଳନୀ ମଙ୍ଗଳବାର ଜୋହାନ୍ସବର୍ଗରେ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଅନେକ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ନିମନ୍ତ୍ରଣକ୍ରମେ ମୋଦି ଜୋହାନ୍ସବର୍ଗ ଗସ୍ତରେ ଅଛନ୍ତି। ୨୦୧୯ ପରେ ଏହା ହେଉଛି ବ୍ରିକ୍ସର ପ୍ରଥମ ଇନ୍-ପର୍ସନ ସମିଟ୍। କୋଭିଡ୍-୧୯ ମହାମାରୀ ଯୋଗୁ ଗତ ୩ ବର୍ଷ ଧରି ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଆସିଥିଲା। ୩ ମହାଦେଶରୁ ଆସୁଥିବା ବ୍ରିକ୍ସ ରାଷ୍ଟ୍ରଗୁଡ଼ିକରେ ବିଶ୍ୱର ୪୧% ଜନସଂଖ୍ୟା, ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୨୪% ଏବଂ ବୈଶ୍ୱିକ ବାଣିଜ୍ୟର ୧୬% ରହିଥିବାରୁ ଏହି ସମ୍ମିଳନୀ ଉପରେ ଅନ୍ତର୍ଜାତୀୟ ସମୁଦାୟର ନଜର ରହିଛି।

ଆଫ୍ରିକୀୟ ଓ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକର ପ୍ରାୟ ୨୦ ରାଷ୍ଟ୍ରମୁଖ୍ୟଙ୍କୁ ମଧ୍ୟ ବ୍ରିକ୍ସକୁ ନିମନ୍ତ୍ରଣ କରାଯାଇଛି। ସେହି ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନେକେ ବ୍ରିକ୍ସ ସଦସ୍ୟ ହେବା ପାଇଁ ଆବେଦନ କରିଛନ୍ତି, ଯାହାକି ଉକ୍ତ ସମ୍ମିଳନୀର ଅନ୍ୟତମ ପ୍ରମୁଖ ଏଜେଣ୍ଡା। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ ଉତ୍ତେଜନା ଲାଗିରହିଥିବାବେଳେ ବିଭିନ୍ନ କ୍ଷେତ୍ରରେ ଚାଇନା ସହ ଆମେରିକାର ପ୍ରତିଦ୍ୱନ୍ଦ୍ୱିତା ବଢ଼ିଚାଲିଛି। ଏଭଳି ସମୟରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ବ୍ରିକ୍ସରେ ଯୋଗଦେଇଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ମଧ୍ୟ ସମ୍ମିଳନୀରେ ସାମିଲ ହୋଇଛନ୍ତି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏଥିରେ ଭର୍ଚୁଆଲି ସାମିଲ ହେବେ। ତେବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ ଏଥିରେ ଯୋଗଦେଇଛନ୍ତି।


ଜୋହାନ୍ସବର୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ଭାରତୀୟ ବଂଶୋଦ୍ଭବମାନେ ଭବ୍ୟ ସ୍ୱାଗତ କରୁଛନ୍ତି।

➡ବ୍ରିକ୍ସରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ଅଭିମୁଖେ ଯାତ୍ରା ଆରମ୍ଭ କରିବା ପୂର୍ବରୁ କହିଥିଲେ, ସମଗ୍ର ସାଉଥ୍ ଗ୍ଲୋବାଲ ପାଇଁ ଚିନ୍ତାଜନକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ବ୍ରିକ୍ସ ଏକ ମଞ୍ଚ ପାଲଟିଛି। ଏହି ପ୍ଲାଟ୍‌ଫର୍ମ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ଉପାଦେୟ ସୁଯୋଗ ସୃଷ୍ଟି କରିବ।

➡ବ୍ରିକ୍ସ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ହେବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତେବେ ଦୁଇ ନେତାଙ୍କ ବୈଠକ ସମ୍ଭାବନାକୁ ନେଇ ଆମର ସକାରାତ୍ମକ ଚିନ୍ତାଧାରା ରହିଛି ବୋଲି ଭାରତର ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି।

➡ଭାରତୀୟ ଯବାନ ଓ ଚାଇନା ସୈନ୍ୟ ପୂର୍ବ ଲଦାଖରେ ୩ ବର୍ଷ ଧରି ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଉଭୟ ପକ୍ଷ କୂଟନୈତିକ ଓ ସାମରିକ ଆଲୋଚନା ପରେ ଅନେକ ସ୍ଥାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିଛନ୍ତି। ଏହାସତ୍ତ୍ୱେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)କୁ ନେଇ ବିବାଦ ଲାଗି ରହିଥିବାରୁ ଆଲୋଚନା ମଧ୍ୟ ଜାରି ରହିଛି। ଏହି ପରିପେକ୍ଷୀରେ ଜିନ୍‌ପିଙ୍ଗ୍‌ଙ୍କ ସହ ମୋଦିଙ୍କ ସମ୍ଭାବ୍ୟ ବୈଠକ ଉପରେ ନଜର ରହିଛି।

➡ମୋଦି ଓ ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଯଦି ଦ୍ୱିପାକ୍ଷିକ ଆଲୋଚନା ହୁଏ ତେବେ ୨୦୨୦ ମେ'ର ଭାରତ-ଚାଇନା ସୀମା ବିବାଦ ପରେ ଏହା ହେବ ଦୁଇନେତାଙ୍କ ପ୍ରଥମ ବୈଠକ। ୨୦୨୨ରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ଜି୨୦ ଡିନରରେ ଦୁହେଁ ସ୍ୱଳ୍ପ ସମୟ ପାଇଁ ପରସ୍ପରକୁ ଭେଟିଥିଲେ।

## ସ୍ରେଥା ଥାଭିସିନ୍ ହେବେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ



**ବ୍ୟାଙ୍କକ୍,୨୨।୮**

ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍‌ସିନ୍ ଶିନାୱାତ୍ରାଙ୍କ ଥାଇ ପାର୍ଟି ମଙ୍ଗଳବାର ପାର୍ଲାମେଣ୍ଟ ଭୋଟରେ ବିଜୟୀ ହୋଇଛି। ମୋଟ ୭୨୭ ଏମ୍‌ପିଙ୍କ ମଧ୍ୟରୁ ୪୮୨ ଜଣ ରିଅଲ ଇଷ୍ଟେଟ୍ ବାଦଶାହା ସ୍ରେଥା ଥାଭିସିନ୍‌ଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ଗତ ମେ' ମାସର ନିର୍ବାଚନ ପରେ ଲାଗିରହିଥିବା କଳ୍ପନାଜଳ୍ପନା, ଆଇନଗତ ଦ୍ୱନ୍ଦ୍ୱ ଏବଂ ଘୋଡ଼ାବେପାରର ଅନ୍ତ ଘଟିଛି। ଥାଭିସିନ୍ ଦେଶର ୩୦ତମ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଜାତୀୟ ନିର୍ବାଚନରେ ଅଧିକ ଭୋଟ ପାଇଥିବା ମୁଭ୍ ଫରୱାର୍ଡ ପାର୍ଟି କ୍ଷମତା ଅକ୍ତିଆର କରିବାରେ ବିଫଳ ହୋଇଛି। ନିଜ ଦଳ କ୍ଷମତାକୁ ଫେରିବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶିନାୱାତ୍ରା ଦୀର୍ଘବର୍ଷର ଆତ୍ମନିର୍ବାସନରୁ ଫେରି ୮ ବର୍ଷ ପାଇଁ ଜେଲ ଯାଇଛନ୍ତି।

## ମଣିପୁରକୁ ଅଧିକ କେନ୍ଦ୍ରୀୟ ସୁରକ୍ଷା ବଳ ପଠାଯିବ

**ନୂଆଦିଲ୍ଲୀ,୨୨।୮(ପି.ଟି.)**

ଜାତିଆଣ ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଆଉ ୨୦ରୁ ୨୨ କମ୍ପାନୀ ସିଏପିଏଫ୍ ଯବାନ ପଠାଇବା ପାଇଁ କେନ୍ଦ୍ର ବିଚାର କରୁଛି। ଜମ୍ମୁ-କଶ୍ମୀରରେ ଅମରନାଥ ଯାତ୍ରା ଖୁବ୍‌ଶୀଘ୍ର ଶେଷ ହେଉଥିବାରୁ ସେଠାରେ ମୁତୟନ ଥିବା ସୁରକ୍ଷା ବଳଙ୍କୁ ପ୍ରତ୍ୟାହାର କରାଯାଇ ମଣିପୁର ପଠାଯିବ ବୋଲି ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏବେ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ୧୨୫ କମ୍ପାନୀ ସୁରକ୍ଷା ବଳ ନିୟୋଜିତ ଅଛନ୍ତି।

## ୯୪.୭ କୋଟି ସାଇବର ଆକ୍ରମଣ ରୋକାଯାଇଛି

**ନୂଆଦିଲ୍ଲୀ,୨୨।୮**

ଭାରତରେ ସାଇବର ଆକ୍ରମଣ ମହାମାରୀ ଭଳି ବ୍ୟାପିଚାଲିଛି। ନିକଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଦ୍ୱିତୀୟ ତ୍ରୈମାସିକରେ ଦେଶରେ ୯୪.୭ କୋଟିରୁ ଊର୍ଦ୍ଧ୍ୱ ସାଇବର ଆକ୍ରମଣକୁ ରୋକାଯାଇଛି। ସାରା ବିଶ୍ୱରେ ୧୧୦ କୋଟି ସାଇବର ଆକ୍ରମଣକୁ ପଣ୍ଡ କରାଯାଇଛି। ପ୍ରଥମ ତ୍ରୈମାସିକ ତୁଳନାରେ ଦ୍ୱିତୀୟ ତ୍ରୈମାସିକରେ ଭାରତୀୟ ୱେବ୍‌ସାଇଟଗୁଡ଼ିକରେ ସାଇବର ଆକ୍ରମଣ ୯୦ ପ୍ରତିଶତ ବଢ଼ିଥିବା ଟାଟା କ୍ୟାପିଟାଲର ଷ୍ଟାର୍ଟଅପ୍ ସଂସ୍ଥା ଇଣ୍ଡୁସ୍‌ଫେସ୍ ପକ୍ଷରୁ କୁହାଯାଇଛି।

ମୁଖ୍ୟତଃ ବ୍ୟାଙ୍କିଙ୍ଗ୍, ବୀମା ଏବଂ ସ୍ୱାସ୍ଥ୍ୟସେବା ସେକ୍ଟର ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏହି ଶିଳ୍ପଗୁଡ଼ିକର ପ୍ରତି ୱେବ୍‌ସାଇଟ୍‌ରେ ବୋଟ୍ ଆଟାକ୍ ହେଉଛି। ପ୍ରଥମ ତ୍ରୈମାସିକ ତୁଳନାରେ ଦ୍ୱିତୀୟ ତ୍ରୈମାସିକରେ ଏଭଳି ଆକ୍ରମଣ ୪୮ ପ୍ରତିଶତ (୨୦ ନିୟୁତ)କୁ ବୃଦ୍ଧି ପାଇଛି। ସେହିପରି ଡିଡିଓଏସ୍ (ଡିଷ୍ଟ୍ରିବ୍ୟୁଟେଡ୍



ଡେନିଆଲ ଅଫ୍ ସର୍ଭିସ) ଆକ୍ରମଣ ମଧ୍ୟ ଯଥେଷ୍ଟ ବଢ଼ିଛି। ପ୍ରଥମ ତ୍ରୈମାସିକ ତୁଳନାରେ ଏହା ୭୫ ପ୍ରତିଶତ ବଢ଼ିଥିବା କୁହାଯାଉଛି। ସାରା ବିଶ୍ୱରେ ମୋଟ ଡିଡିଓଏସ୍ ଆକ୍ରମଣ ୮୭,୨୧,୦୫,୮୨୬ ହୋଇଥିବାବେଳେ ମୋଟ ବୋଟ୍ ଆକ୍ରମଣ ୮,୮୧,୮୬,୮୬୮ ହୋଇଛି। ସାରା ବିଶ୍ୱରେ ସାଇବର ଆକ୍ରମଣ ବଢ଼ିଥିଲେ ମଧ୍ୟ ଭାରତ ଭଳି କୌଣସି ଦେଶରେ ଏହା ୯୦ ପ୍ରତିଶତ ବଢ଼ିନାହିଁ ବୋଲି ଇଣ୍ଡୁସ୍‌ଫେସ୍‌ର ସିଇଓ ଆଶିଷ ଟଣ୍ଡନ କହିଛନ୍ତି। ଡିଡିଓଏସ୍ ସବୁଠୁ ବିପଜ୍ଜନକ ଭେକ୍ଟର ପାଲଟିଛି। ଡିଡିଓଏସ୍ ଆକ୍ରମଣର ଗୁରୁତର ମିଥ୍ୟା ପଜିଟିଭ୍ ପରିଣାମ ସତ୍ତ୍ୱେ ବାସ୍ତବ ୟୁଜରମାନଙ୍କ ପାଇଁ ଉଦ୍ୟୋଗୀମାନେ ଆପ୍ଲିକେଶନ ଉପଲବ୍ଧତା ଉପରେ ପ୍ରାଥମିକତା ଦେଇଆସୁଛନ୍ତି। ସେଥିପାଇଁ ଅଧିକାଂଶ ଡିଡିଓଏସ୍ ହ୍ରାସ ପଦ୍ଧତି ପରିବର୍ତ୍ତିତ ସ୍ଥିତିରେ ଭଲ ଭାବେ ଉପଯୋଗ ହୋଇପାରୁ ନାହିଁ।

## କୋଇଲା ଖଣିରେ ବିସ୍ଫୋରଣ: ୧୧ ମୃତ

**ବେଜିଂ,୨୨।୮**

ଉତ୍ତର ଚାଇନାରେ ଥିବା ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୧୧ ଜଣ ପ୍ରାଣ ହରାଇଛନ୍ତି। ସୋମବାର ୟାନନ ସହରର ପାର୍ବତ୍ୟାଞ୍ଚଳରେ ଥିବା କୋଇଲା ଖଣିରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣବେଳେ ପ୍ରାୟ ୯୦ କର୍ମଚାରୀ ସେଠାରେ କାର୍ଯ୍ୟରତ ଥିଲେ। ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ ବୋଲି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖଣି ଉତ୍ତୋଳନବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ନିମ୍ନମାନର ସୁରକ୍ଷା ତାଲିମ, ବିଭାଗୀୟ ଦୁର୍ନୀତି ଯୋଗୁ ଗତ କିଛିମାସ ମଧ୍ୟରେ ଚାଇନାରେ ଶିଳ୍ପ ଓ ନିର୍ମାଣ ଉଦ୍ୟୋଗ କ୍ଷେତ୍ରରେ ଏଭଳି ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି।

## ଲଣ୍ଡନରେ ଐତିହାସିକ ଇଣ୍ଡିଆ କ୍ଲବ୍ ବନ୍ଦ ହେବ

**ଲଣ୍ଡନ,୨୨।୮(ପି.ଟି.)**

ଲଣ୍ଡନର ଇଣ୍ଡିଆ କ୍ଲବକୁ ବନ୍ଦ କରିଦେବା ଲାଗି ଘୋଷଣା କରାଯାଇଛି। ବନ୍ଦ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆଇନଗତ ଲଢ଼େଇରେ ହାରିଯାଇଥିବାରୁ ଆସନ୍ତା ମାସରେ ଇଣ୍ଡିଆ କ୍ଲବ୍ ବନ୍ଦ ହେବାକୁ ଯାଉଛି। ସ୍ୱାଧୀନତା ଆନ୍ଦୋଳନ ବେଳେ କ୍ରିଷ୍ଣ ମେନନଙ୍କ ସମେତ ଜାତୀୟତାବାଦୀ ନେତାମାନଙ୍କ ପାଇଁ ଏହା ଏକ ହବ୍ ଥିଲା। ସେଠାରୁ ସ୍ୱାଧୀନତା ଆନ୍ଦୋଳନ ପାଇଁ ବ୍ରିଟେନ୍‌ରେ କ୍ୟାମ୍ପେନ୍ କରାଯାଉଥିଲା। ଲଣ୍ଡନର ଷ୍ଟ୍ରାଣ୍ଡରେ ଥିବା ଉକ୍ତ ବିଲ୍ଡିଂରେ ଐତିହାସିକ ବୈଠକ ସ୍ଥଳ ଓ ଏକ ହୋଟେଲ ଥିଲା। ହୋଟେଲର ଆଧୁନିକୀକରଣ ପାଇଁ ଜମି ମାଲିକ ନୋଟିସ ପଠାଇଥିବାବେଳେ ଏହାକୁ ନ ଭାଙ୍ଗିବା ପାଇଁ କିଛିବର୍ଷ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜମି ମାଲିକ ୟାଦ୍‌ଗାର ମାର୍କର ଏବଂ ତାଙ୍କ ଝିଅ ଫିରୋଜା 'ସେଭ୍ ଇଣ୍ଡିଆ କ୍ଲବ୍' ନାମରେ ଅଭିଯାନ ଆରମ୍ଭ କରିବା ସହ ଏହାକୁ ବଞ୍ଚାଇ ରଖିବା ପାଇଁ ଲଢ଼େଇ କରୁଥିଲେ। ଏହି ଲଢ଼େଇ ଆପାତତଃ ଶେଷ ହୋଇଥିବା ଏବେ ସେମାନେ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୭ ଇଣ୍ଡିଆ କ୍ଲବ୍ ପାଇଁ ଶେଷ ଦିନ ବୋଲି ସେମାନେ କହିଛନ୍ତି।

### ଭାରତର ସ୍ୱାଧୀନତା ଆନ୍ଦୋଳନର ମୂଳ କେନ୍ଦ୍ର ଥିଲା



## ୯୦୦ ଫୁଟ ଉଚ୍ଚରେ ଝୁଲିରହିଲେ ୬ ସ୍କୁଲ ପିଲା

**ପେଶାୱର,୨୨।୮**

ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱାରେ ମଙ୍ଗଳବାର ଏକ କେବୁଲ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୬ ସ୍କୁଲ ଛାତ୍ର ସମେତ ୮ଜଣ ପ୍ରାୟ ୯୦୦ ଫୁଟ ଉପରେ ଝୁଲି ରହିଥିଲେ। ତେବେ ପାକିସ୍ତାନ ଆର୍ମୀ ଦୀର୍ଘ ସମୟର ଅପରେଶନ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ବଟଗ୍ରାମ ଜିଲାର ଅଲାଇ ଅଞ୍ଚଳର କିଛି ସ୍କୁଲ ପିଲା ମଙ୍ଗଳବାର ସକାଳ ୮ଟାବେଳେ କେବୁଲ୍ କାର୍ ଯୋଗ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅଲାଇ ତହସିଲ ମୁଖପାତ୍ର ମୁଫତି ଗୁଲ୍ଲାମୁଲ୍ଲା କହିଛନ୍ତି, ସମ୍ପୃକ୍ତ ଅଞ୍ଚଳ ଦେଇ ଏକ ନଦୀ ପ୍ରବାହିତ ହୋଇଥିବାବେଳେ ରାସ୍ତା କିମ୍ବା ପୋଲନାହିଁ। ତେଣୁ ଲୋକେ କେବୁଲ୍ କାର୍‌କୁ ଯାତାୟାତ ଲାଗି ବ୍ୟବହାର କରୁଛନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ସଂସ୍ଥା ପରିଚାଳନା କରୁଛି।

### କେବୁଲ୍ କାର୍ ଅଚଳ



ତେବେ ମଙ୍ଗଳବାର ସକାଳେ ପିଲାଙ୍କ ସହ ଅନ୍ୟ ଦୁଇ ଜଣ ଏହି କାର୍‌ରେ ଯାଉଥିବାବେଳେ କାର୍‌ର ଗୋଟିଏ କେବୁଲ୍ କଟି ଯାଇଥିଲା। ଫଳରେ କାର୍‌ଟି ମଝି ଆକାଶ ତଳେ ଝୁଲି ରହିଥିଲା। ଏହାପରେ ହେଲିକପ୍ଟର ଯୋଗେ ପାକିସ୍ତାନ ଆର୍ମି ଓ ବାୟୁସେନାର କର୍ମଚାରୀମାନେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ।

# ୧୦୦ କୋଟି ଲୋକଙ୍କୁ ଧରିବ ଆଣ୍ଠୁଗଣ୍ଠି ରୋଗ

**ନୂଆଦିଲ୍ଲୀ,୨୨।୮**

ବିଶ୍ୱର ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ୨୦୫୦ ସୁଦ୍ଧା ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡ଼ିତ ହେବେ, ଯାହା ସାଧାରଣତଃ ଗଣ୍ଠିକୁ ଅଧିକ ସଂକ୍ରମିତ କରିବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୫% ଲୋକ ବର୍ତ୍ତମାନ ଏହି ରୋଗରେ ପୀଡ଼ିତ। ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ (୧୯୯୦ ରୁ ୨୦୨୦) ୩୦ ବର୍ଷ ଧରି ଏହି ସର୍ଭେ କରାଯାଇଥିଲା। ଏଥିରୁ ଏକଥା ପ୍ରମାଣିତ ହୋଇଛି। ୨୦୨୦ରେ ୫୯୫ ନିୟୁତ ଲୋକ ଏହି ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା, ଯାହା ୧୯୯୦ରେ ୨୫୬ ନିୟୁତ ଥିଲା। ୧୯୯୦ରୁ ୨୦୨୦ ମଧ୍ୟରେ ଏହି ରୋଗୀଙ୍କ ସଂଖ୍ୟା ପ୍ରାୟ ୧୩୨% ବୃଦ୍ଧି ପାଇଥିଲା।



ଆମେରିକାର ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ ସଂସ୍ଥାନ(ଆଇଏଚଏମ୍ଇ)ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଏହା ୨୦୨୧ରେ ବିଶ୍ୱ ଜନସଂଖ୍ୟା ଉପରେ ରୋଗର ପ୍ରଭାବକୁ ନେଇ କରାଯାଇଥିବା ସର୍ଭେର ଏକ ଅଂଶ ଥିଲା। ମେଦବହୁଳ ଲୋକଙ୍କୁ ଆଣ୍ଠୁଗଣ୍ଠିବାତ ରୋଗ ଅଧିକ ମାତ୍ରାରେ ହେଉଥିବା ଏହି ସର୍ଭେରେ ଜଣାପଡ଼ିଥିଲା। ଲୋକସଂଖ୍ୟା ବୃଦ୍ଧି ଘଟୁଥିବାବେଳେ ଲୋକେ ଦୀର୍ଘାୟୁ ହେଉଛନ୍ତି। ଏଭଳି ସ୍ଥିତିରେ ଆମକୁ ସ୍ୱାସ୍ଥ୍ୟ ବିଷୟରେ ଅଧିକ ସଚେତନ ହେବାକୁ ପଡ଼ିବ ବୋଲି ଆଇଏଚ୍ଏମ୍ଇର ବୈଜ୍ଞାନିକ ଜେମି ଷ୍ଟେଇନମେଜ୍ କହିଛନ୍ତି। ମେଦବହୁଳତା ତଥା ପୃଥୁଳ ଶରୀର ଆଣ୍ଠୁଗଣ୍ଠି ବାତ ରୋଗର ମୁଖ୍ୟ କାରଣ ବୋଲି କୁହାଯାଉଛି। ୧୯୯୦ରେ ୧୬% ମେଦବହୁଳ ରୋଗୀଙ୍କ ମଧ୍ୟରେ

### ୨୦୫୦ ସୁଦ୍ଧା

ଏହି ରୋଗ ଦେଖାଯାଉଥିବାବେଳେ ୨୦୨୦ ବେଳକୁ ଏହି ମାତ୍ରା ୨୦%କୁ ବୃଦ୍ଧି ପାଇଛି। ଯଦି ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ମେଦବହୁଳ ରୋଗକୁ ରୋକାଯାଇପାରିବ, ତେବେ ଏହି ରୋଗର ମାତ୍ରା ୨୦%ରେ ସୀମିତ ରହିବ ବୋଲି ସର୍ଭେରେ କୁହାଯାଇଛି। ଶାରୀରିକ ପରିଶ୍ରମ ନ କରିବା ମେଦବୃଦ୍ଧିର ମୂଳକାରଣ ହୋଇଥିବାବେଳେ ଏହା କ୍ରମେ ଆଣ୍ଠୁଗଣ୍ଠିକୁ ସଂକ୍ରମିତ କରିଥାଏ ବୋଲି କୁହାଯାଉଛି। ସେହିପରି ପୁରୁଷଙ୍କ ତୁଳନାର ମହିଳାମାନେ ଏହି ରୋଗରେ ଅଧିକ ପୀଡ଼ିତ ହୋଇଥାନ୍ତି ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ୨୦୨୦ରେ ୬୧% ମହିଳା ଏବଂ ୩୯% ପୁରୁଷ ଏହି ରୋଗରେ ପୀଡ଼ିତ ଥିଲେ। ଏହା ହେଉଛି ଏହି ରୋଗର ଲିଙ୍ଗଗତ ବ୍ୟବଧାନ। ତେବେ କେଉଁ କାରଣରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଯାଉଛି ସେନେଇ ଅଧ୍ୟୟନ ଚାଲିଛି। କିନ୍ତୁ ଗବେଷକମାନେ ବିଶ୍ୱାସ କରୁଛନ୍ତି, ବଂଶାନୁକ୍ରମିକ ହରମୋନାଲ ବ୍ୟବଧାନ ଏହି ରୋଗ ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ସୁଦ୍ଧା ଏହି ରୋଗର ସଫଳ ଚିକିତ୍ସା ହୋଇପାରୁନଥିବାବେଳେ ସତର୍କତା ଏବଂ ଆଗୁଆ ପଦକ୍ଷେପ ଏହି ରୋଗକୁ ଜଟିଳ ହେବାରୁ ରୋକାଯାଇପାରିବ। ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ଭଳି ଖର୍ଚ୍ଚାନ୍ତ ଚିକିତ୍ସା ମଧ୍ୟ ଆପଣାଇପାରିବ କିନ୍ତୁ ଏହା ନିମ୍ନ ଓ ମଧ୍ୟ ଆୟକାରୀ ଲୋକଙ୍କ ଲାଗି ସମ୍ଭବ ନୁହେଁ ବୋଲି ଏହି ସର୍ଭେରେ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୩/୨୦୨୩ | Bhubaneswar, Wednesday, August 23/2023 | ପୃଷ୍ଠା-୧

# ଘର ନିର୍ମାଣ ଅନୁମତିରେ ଜାଲିଆତି

## ପ୍ଲାନିଂ ଅଫିସରଙ୍କ ଦସ୍ତଖତରେ ୩.୩୨ କୋଟିର ଲାଞ୍ଚ

- ଏସ୍‌ଡିଏ କିରାଣିଙ୍କ ସମେତ ୫ ଗିରଫ
- କାର୍, ବାଇକ୍, କମ୍ପ୍ୟୁଟର, ଦସ୍ତାବିଜ ଜବତ
- ପୂଜକଙ୍କ ଆକାଉଣ୍ଟକୁ ଯାଉଥିଲା ଟଙ୍କା

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଫିସରେ ଚାଲିଥିବା ଜାଲିଆତିର ପର୍ଦ୍ଦାଫାଶ କରିଛି ପୋଲିସ। ଅଭିଯୁକ୍ତମାନେ ପ୍ଲାନିଂ ଅଫିସରଙ୍କ ଅଜାଣତରେ ତାଙ୍କ ଦସ୍ତଖତ, ଷ୍ଟାମ୍ପ, ଚିଠି ବ୍ୟବହାରକରି ବ୍ୟାଙ୍କ ଋଣ ଓ ଘର ନିର୍ମାଣ ପାଇଁ ଅନୁମତିପତ୍ର କରୁଥିଲେ। ଖୋଦ ପ୍ଲାନିଂ ଅଫିସରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତକରି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏସ୍‌ଡିଏର ସହକାରୀ କିରାଣି ବୁର୍ଲାର ଲକ୍ଷ୍ମୀନାରାୟଣ ସାମଲ (ବୁଲୁ)ଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତ ହେଲେ ଝାଡୁଆପଡ଼ାର ସୁଧାଂଶୁ କିଶୋର ପତି, ଅଇଁଠାପାଲି ଥାନା କାଇଁସିର ଅଜୟ କୁମାର ବେହେରା, ଚାରମାଳ ଥାନା ବଡ଼ମାଲ ଗ୍ରାମର ବିକାଶ ଜଗତ ଓ ଧନୁପାଲି ଥାନା କୁଲୁତକାନୀର ବାସିନ୍ଦା ତଥା ଏସ୍‌ଡିଏର ମନ୍ଦିର ପୂଜକ ଦାମୋଦର ତ୍ରିପାଠୀ। ଅଭିଯୁକ୍ତମାନଙ୍କ ଆକାଉଣ୍ଟରୁ ୩କୋଟି ୩୧ଲକ୍ଷ ୯୬ହଜାର ୨୨୭ ଟଙ୍କା ଜବତ କରାଯାଇଛି। ଏହାସହ ୨ଟି କାର୍, ଗୋଟିଏ ମୋଟରସାଇକେଲ, କମ୍ପ୍ୟୁଟର, ଖତିଆନ, ଷ୍ଟାମ୍ପ ଏବଂ ଘର ଓ ପ୍ଲଟ୍‌ର କାଗଜପତ୍ର ଜବତ ହୋଇଛି। ଏସ୍‌ଡିଏର ପୂଜକଙ୍କ ଆକାଉଣ୍ଟରେ ଅର୍ଥ ନେଣଦେଣ ହେଉଥିବାବେଳେ ବୁଲୁ ମାଷ୍ଟରମାଇଣ୍ଡ ସାଜିଥିଲେ। ଘଟଣାରେ ୫୪ଜଣଙ୍କଠାରୁ ଠକେଇ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ମଙ୍ଗଳବାର ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଥିଲେ, ଏସ୍‌ଡିଏ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜଣାପଡିଥିଲା ଯେ, କର୍ମଚାରୀମାନେ ନକଲି ଅନୁମତିପତ୍ର ଦେଇ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିଲେ। ପ୍ରତି ଅନୁମତି ପିଛା ୧ଲକ୍ଷରୁ ୪ଲକ୍ଷ ଟଙ୍କା ନେଉଥିଲେ। ଏପରି କି ଜଣେ ବ୍ୟକ୍ତିଙ୍କଠାରୁ ୨୧ ଲକ୍ଷ ଟଙ୍କା ଜମାଖାତାରେ ନେଇଛନ୍ତି। ଆର୍ଥିକବର୍ଷ ୨୦୨୨-୨୩ ମଧ୍ୟରେ ହୋଇଥିବା ଜାଲିଆତିର ତଦନ୍ତ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ କରାଇବା ପାଇଁ ଏଭଳି ୫୪ଜଣ ଠକେଇର ଶିକାର ହୋଇଛନ୍ତି। ଅଭିଯୋଗ ସଂଖ୍ୟା ବଢୁଥିବାରୁ ଆଗକୁ ତଦନ୍ତ ଜାରି ରହିବ। ଅଭିଯୁକ୍ତମାନେ ଟଙ୍କା ନେବା ପରେ ବିଭିନ୍ନ ସ୍ଥାନରେ ପ୍ଲଟ କିଣୁଥିଲେ। ଏପରି କି ବିଳାସପୂର୍ଣ୍ଣ ଘର ନିର୍ମାଣାଧୀନ ରହିଛି, ଯାହାକୁ ପୋଲିସ ଠାବ କରିଛି। ୩ଟି ଜମାଖାତା ମଧ୍ୟ ଜବତ ହୋଇଛି। ସେଥିରେ ଯଥାକ୍ରମେ ୪ ଲକ୍ଷ, ୫୩ ଲକ୍ଷ ଓ ୧ କୋଟି ☞ ପୃଷ୍ଠା-୨

## ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ପରଲୋକ



**ଡେରାବିଶ,୨୨।୮(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ହାଟବାଣପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମକର ଦାସ(୯୯)ଙ୍କ ମଙ୍ଗଳବାର ପରିଲୋକ ହୋଇଛି। ବୟସାଧିକ୍ୟ ଅସୁସ୍ଥତା କାରଣରୁ ରୋଗଗ୍ରସ୍ତ ହୋଇ ଚଳିତମାସ ୧ ତାରିଖଠାରୁ କଟକ ବଡ଼ ମେଡିକାଲରେ ମକର ଚିକିତ୍ସିତ ହେଉଥିଲେ। କଟକରୁ ମରଶରୀର ଡେରାବିଶରେ ପହଞ୍ଚିଲା ପରେ ବିରାଟ ଶୋଭାଯାତ୍ରାରେ ବାସଭବନକୁ ନିଆଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ଶୋକାକୁଳ ଜନତାଙ୍କ ଗହଳି ଲାଗି ରହିଥିଲା। ପ୍ରଶାସନ ପକ୍ଷରୁ ମରଶରୀରରେ ଜାତୀୟ ପତାକା ପୂର୍ବକ ଶେଷ ସମ୍ମାନ ଦିଆଯିବା ସହ ଶୋଭାଯାତ୍ରା ମଧ୍ୟରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଜିଲା ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ସଦର ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଲାଭ କ୍ଷତି ନା ଧର୍ମ**

## ଜିଏସ୍‌ଟି ଯୋଗୁ ରାଜସ୍ୱ ହରାଉଛି କେନ୍ଦ୍ର

**କୋଲକାତା,୨୨।୮(ପି.ଟି.)**



ବିବେକ ଦେବରାୟ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ କେନ୍ଦ୍ର ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ଜିଏସ୍‌ଟି ଏକକ ଦର ସହ ରାଜସ୍ୱ ନିରପେକ୍ଷ ହେବା ଉଚିତ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଅଧ୍ୟକ୍ଷ ବିବେକ ଦେବରାୟ କହିଛନ୍ତି।

କୋଲକାତା ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ବିବେକ କହିଛନ୍ତି, ଜିଏସ୍‌ଟି କାରଣରୁ ଅନେକ ବିଷୟର ସରଳୀକରଣ ହୋଇପାରିଛି। ତେବେ ଆଦର୍ଶ ଜିଏସ୍‌ଟି ହେଉଛି ତାହା, ଯହିଁରେ ଗୋଟିଏ ହିଁ ଦର ରହିଥାଏ। ଏହାକୁ ରାଜସ୍ୱ ନିରପେକ୍ଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ହିସାବ ଅନୁସାରେ ଯେତେବେଳେ ପ୍ରଥମେ ଜିଏସ୍‌ଟି ଲାଗୁ କରାଯାଇଥିଲା, ସେତେବେଳେ ଏହାର ହାରାହାରି ହାର ୧୭% ରଖାଯିବା ଉଚିତ ଥିଲା। କିନ୍ତୁ, ବର୍ତ୍ତମାନର ହାର ହେଉଛି ୧୧.୪%। ଜିଏସ୍‌ଟି କାରଣରୁ ସରକାର ରାଜସ୍ୱ ହରାଉଛନ୍ତି। ଜନସାଧାରଣ ଏବଂ ଜିଏସ୍‌ଟି ପରିଷଦ ସଦସ୍ୟମାନେ ୨୮% ଟିକସ ହାରକୁ ହ୍ରାସ କରିବାକୁ ଚାହାନ୍ତି। କିନ୍ତୁ ୦ ଓ ୩ ପ୍ରତିଶତ ଟିକସ ହାରରେ କେହି ବୃଦ୍ଧି ଘଟୁ ବୋଲି ଚାହୁଁନାହାନ୍ତି। ମଜଭୁତ ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱତନ୍ତ୍ର ଅଧିବେଶନରେ ସେ ଆହୁରି କହିଛନ୍ତି, ଏଭଳି ଭାବେ ଆମ ପାଖରେ ସରଳୀକୃତ ଜିଏସ୍‌ଟି କେବେହେଲେ ରହିବ ନାହିଁ। ଜିଏସ୍‌ଟି ନିୟମଗୁଡ଼ିକର ବହୁତ ଦୁରୁପଯୋଗ ହେଉଛି। ତେବେ ଏହା ଉପରେ ବିବେକ ବିସ୍ତୃତ ଭାବେ ବ୍ୟାଖ୍ୟା କରିନାହାନ୍ତି।



## ୩୦ ବଗି ଛାଡ଼ି ପଳାଇଲା ମାଲବାହୀ ଟ୍ରେନ୍

**ଭଦ୍ରକ, ୨୨।୮(ସନାତନ ରାଉତ)**

ଭଦ୍ରକ ଚରମ୍ପା ଷ୍ଟେଶନସ୍ଥିତ ୧୧୮ନଂ. ଏଲ୍‌ଏସି ଉଗରାସାହି ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍‌ରୁ ୩୦ଟି ବଗି ଅଲଗା ହୋଇଯାଇଥିଲା। ଟ୍ରେନ୍‌ଟି ଭଦ୍ରକ ଷ୍ଟେଶନ ଅଭିମୁଖେ ଆସୁଥିବା ବେଳେ ଉକ୍ତ ସ୍ଥାନରେ ବ୍ରେକ୍ ମାରିବା ପରେ ଇଞ୍ଜିନ୍ ପାଖରୁ ବଗିଗୁଡ଼ିକ ଛିଡ଼ି ଯାଇଥିଲା। ଇଞ୍ଜିନ ସାଙ୍ଗରେ କେବଳ ଦୁଇଟି ବଗି ଥିବାବେଳେ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇଯାଇଥିଲା। ଇଞ୍ଜିନ ପଛକୁ ଫେରି ବଗିଗୁଡ଼ିକ ସଂଯୋଗ କରାଯିବା ପରେ ଏକ ଘଣ୍ଟା ବିଳମ୍ବରେ ମାଲବାହୀ ଟ୍ରେନ୍ ଗଡ଼ିଥିଲା। ତେବେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଓ ବଗି ଅଲଗା ହେବା ଘଟଣା ରେଳ ବିଭାଗର ପିଛା ଛାଡୁ ନ ଥିବା ବେଳେ ମଙ୍ଗଳବାର ଚରମ୍ପା ଷ୍ଟେଶନରେ ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।




**ଆଜିର ମନ୍ତବ୍ୟ**

"ଭାରତ ହେଉଛି ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି। ଖୁବ୍‌ଶୀଘ୍ର ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଉଣ୍ଡକୁ ପାଳେ ବାପର ମା'**
**ନଇଲେ ମା'ର ମା।**

ସାଧାରଣତଃ ପିତୃମାତୃହୀନ ଶିଶୁ ଅନାଥ ହୋଇଥାନ୍ତି। ଏଭଳି ଶିଶୁଙ୍କ ଲାଳନ ପାଳନ ତଥା ଭରଣପୋଷଣ ପିତାମହୀ ନତୁବା ମାତାମହୀ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

**ଛେଳି ଗୋଡ଼ରେ ଯଦି ଧାନ ମଳିହୁଅନ୍ତା**
**ତେବେ ବଳଦ କାହିଁକି ଲୋଡ଼ା ହୁଅନ୍ତା ?**

ଛେଳି ଦ୍ୱାରା ଧାନ ଅମଳ ହୋଇପାରି ନ ଥାଏ, ସେଥିପାଇଁ ବଳଦର ଆବଶ୍ୟକ ପଡ଼ିଥାଏ। ତେଣୁ ଯେଉଁ କାମକୁ ଯେଉଁ ବ୍ୟକ୍ତି କରିବା କଥା ସେ ହିଁ କେବଳ ତାକୁ ସୁଚାରୁ ରୂପେ କରିପାରିଥାଏ। ଅକ୍ଷମ ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ନ୍ୟସ୍ତ କରାଗଲେ ତା'ର ସୁଫଳ ମିଳିନଥାଏ। ତେଣୁ ଏଭଳି ବ୍ୟକ୍ତି ଉପରେ କୋଣସି ଦାୟିତ୍ୱ ଦିଆଯିବା ଉଚିତ ନୁହେଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଦୋଷୀ ସ୍ତ୍ରୀ, ପ୍ରେମିକଙ୍କୁ ଆଜୀବନ ଜେଲଦଣ୍ଡ

**ସ୍ୱାମୀ ହତ୍ୟା ମାମଲା**

ବାଲେଶ୍ୱର, ୨୨।୮ (ମାନସ ବିଶ୍ୱାଳ)

ସ୍ୱାମୀଙ୍କୁ ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତାଙ୍କ ସ୍ତ୍ରୀ ଓ ପ୍ରେମିକଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ୨୦୧୮ ମେ' ୨୦ ତାରିଖରେ ଖନ୍ତପଡ଼ା ଥାନା ଅଧୀନ ମାଳ ଗ୍ରାମର ଜୟଦେବ ଦାସ ପ୍ରଧାନଙ୍କୁ ଶୋଇଥିବା ଅବସ୍ଥାରେ କୁରାଢ଼ିରେ ହାଣି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ତାଙ୍କ ସ୍ତ୍ରୀ ତିଳୋତ୍ତମା ଦାସ ଓ ପ୍ରେମିକ ମିତେଶ ପରିଡ଼ାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମଙ୍ଗଳବାର ବିଚାରପତି ବିବାସ୍ୱତ ଗୌତମ ଧାରା ୩୦୨ରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହଯୋଗୀ ଆଇନଜୀବୀ ପ୍ରହ୍ଲାଦ ପତି ପରିଚାଳନା କରୁଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷ, କ୍ରୀଡ଼ା ଶିକ୍ଷକ ଗିରଫ

## ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣା

ମାହାଙ୍ଗା, ୨୨।୮ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନାବାଳିକାଙ୍କ ମୃତ୍ୟୁ ଘଟଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ କ୍ରୀଡ଼ା ଶିକ୍ଷକ ଅନୁପମ ରାୟଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳିକାଙ୍କ ମୃତ୍ୟୁ ପରେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଶରତ ଏବଂ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ କ୍ରୀଡ଼ା ଶିକ୍ଷକ ଅନୁପମଙ୍କୁ ଗିରଫ କରାଯାଇଛି ବୋଲି କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ଜୁନ୍ ୧୮ରେ ମାହାଙ୍ଗା ଥାନା ଅନ୍ତର୍ଗତ ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପୋଲିସକୁ ନ ଜଣାଇ ମୃତଦେହ ପୋଡି ଦିଆଯିବା ସହ ପ୍ରମାଣ ନଷ୍ଟ ପାଇଁ ହାଡ଼ ଓ ପାଉଁଶ ଆଦିକୁ ପାଣିରେ ଫୋପାଡି ନଷ୍ଟ କରି ଦିଆଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ କ୍ରୀଡ଼ା ଶିକ୍ଷକ ଅନୁପମଙ୍କ ମା'ଙ୍କୁ ଶରତ ଫୋନ ଯୋଗେ ଧମକ ଦେବା ସହ ରଫାଦଫା କରିବା ପାଇଁ ୭୦ ହଜାର ଟଙ୍କା ଦାବି କରିବା ଓ ନାବାଳିକାଙ୍କ ମୃତ୍ୟୁର ପ୍ରମାଣ ନଷ୍ଟ କରାଯାଇଥିବା କହିଥିଲେ। ୫୭ ଦିନ ପରେ ଏହାର ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ଅପରପକ୍ଷେ ନାବାଳିକାଙ୍କ ସହ ଅନୁପମଙ୍କ ପ୍ରେମ ସମ୍ପର୍କ ଥିବା ନେଇ ମୋବାଇଲ ତଥ୍ୟ ହାସଲ କରି ପୋଲିସ ଜାଣିପାରିଥିଲା। ଗ୍ରାମାଞ୍ଚଳ ଏସ୍‌ପି ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚସ୍ତରୀୟ ତଦନ୍ତ ହୋଇଥିଲା। ଅନୁପମଙ୍କ ଯୋଗୁ ନାବାଳିକା ଜଣକ ଆତ୍ମହତ୍ୟା କରିବାକୁ ବାଧ ହୋଇଥିବା ପୋଲିସ କହିଛି। ଏନେଇ ମାହାଙ୍ଗା ଥାନାରେ ମାମଲା (ନଂ. ୨୬୩/୨୩) ରୁଜୁ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ଡାକ୍ତରୀମାଇନା କରାଯାଇଛି। ଅଧିକ ତଥ୍ୟ ହାସଲ ପାଇଁ ଜଣେ ମହିଳା ଡିଏସ୍‌ପିଙ୍କୁ ତଦନ୍ତ ଭାର ଦିଆଯାଇଛି। ଏଥିସହ ଏକ ଅନୁସନ୍ଧାନକାରୀ ଦଳ ନାବାଳିକାଙ୍କ ବାସଭବନ ଓ ମୃତଦେହ ସତ୍କାର କରାଯାଇଥିବା ସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିବା ଜଣାପଡ଼ିଛି।

# ଗଭୀରକୁ ଲମ୍ବିଛି ଦୁର୍ନୀତି ଚେର

ଢେଙ୍କାନାଳ, ୨୨।୮ (ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ଦୁର୍ନୀତି ଚେର ଗଭୀରକୁ ଲମ୍ବିଛି। ଯେତିକି ଖୋଳତାଡ଼ ହେଉଛି, ସେତେ ବଡ଼ ବଡ଼ ଆର୍ଥିକ ଅନିୟମିତତା ଧରାପଡୁଛି। ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଏବଂ ବିଭିନ୍ନ ପ୍ରକଳ୍ପରେ ଠିକାଦାରଙ୍କ ପକ୍ଷରୁ ଡିପୋଜିଟ୍ ହୋଇଥିବା ଆର୍‌ନେଷ୍ଟ ମନି ଡିପୋଜିଟ୍ (ଇଏମ୍‌ଡି) ବାବଦ ୮୦ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗର ଭିଜିଲାନ୍ସ ତନାଘନା ଆରମ୍ଭ ହୋଇଥିବାବେଳେ ଏବେ ୧୦ଟି ମନି ରିସିପ୍ଟ ମିଳୁ ନ ଥିବା ଜଣାପଡ଼ିଛି। ଫଳରେ ସହରାଞ୍ଚଳର ହୋଲ୍ଡିଂ ଟାକ୍ସ, ମାହାସୁଲ ସମେତ ଅନ୍ୟାନ୍ୟ କର ବାବଦରେ ଆଦାୟ ହୋଇଥିବା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁନାହିଁ। ଲୋକାଲ ଫଣ୍ଡ ଅଡିଟ୍‌ରୁ ଏଭଳି କେଳେଙ୍କାରୀ ଧରାପଡ଼ିଛି। ତେବେ ଏତେବଡ଼ ଦୁର୍ନୀତିରେ କେବଳ ଅଧସ୍ତନ କର୍ମଚାରୀ ନୁହନ୍ତି, ଅନେକ ବଡ଼ବଡ଼ିଆଙ୍କ ହାତ ରହିଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ଢେଙ୍କାନାଳ ପୌରସଂସ୍ଥାରେ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଅନୁଦାନ, ବିନିଯୋଗ, ପୌରସଂସ୍ଥାର ଆୟ ଏବଂ ବିଭିନ୍ନ ସାମଗ୍ରୀ କିଣାରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ଲାଗି ଲୋକାଲ ଫଣ୍ଡ ଅଡିଟ୍ ବିଭାଗ ପକ୍ଷରୁ ଅଡିଟ୍ କରାଯାଇଥିଲା। ୨୦୨୨ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୨୫ ଯାଏ ଖୋଳତାଡ଼ କରାଯାଇଥିବାବେଳେ ଗତ ମେ' ୧୨ରେ ରିପୋର୍ଟ ଦାଖଲ କରାଯାଇଥିଲା। ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରିବା ବେଳେ ମନି ରିସିପ୍ଟ ବହି ଫେରସ୍ତ ହୋଇ ନ ଥିବା ଜଣାପଡ଼ିଥିଲା। କେବଳ



- ପୁଣି ଚର୍ଚ୍ଚାରେ ଢେଙ୍କାନାଳ ପୌରସଂସ୍ଥା
- ୧୦ ମନି ରିସିପ୍ଟ ମିଳୁନାହିଁ
- ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁନି

ଏତିକି ନୁହେଁ, ରେଜିଷ୍ଟରରେ ଏ ସମ୍ପର୍କରେ କୌଣସି ତଥ୍ୟ ମଧ୍ୟ ଉଲ୍ଲେଖ କରାଯାଇ ନ ଥିଲା। ସିରିଏଲ ନଂ. ୧ରୁ ୧୦ ପର୍ଯ୍ୟନ୍ତ ଥିବା ମନି ରିସିପ୍ଟ ବାବଦ ବହି ୫୧୩, ୫୨୬, ୫୩୪, ୫୪୪, ୫୦୦, ୪୩୮, ୪୬୯, ୪୮୩, ୪୮୪, ୪୯୧ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା।

ଏଭଳି ମହାଦୁର୍ନୀତିରେ ଜଣେ ତଳିଆ କର୍ମଚାରୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଥିବାବେଳେ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଅଛନ୍ତି। ସେହିପରି ନିର୍ବାହୀ ଅଧିକାରୀ ମଧ୍ୟ ମଙ୍ଗଳବାରଠାରୁ ଛୁଟିରେ ଅଛନ୍ତି। ତେଣୁ ତାଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ଫଳରେ ସମସ୍ତ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି। କେବଳ ତଳିଆ କର୍ମଚାରୀ ନୁହନ୍ତି, ଏଥିରେ ଏକାଧିକ ପୂର୍ବତନ ଏବଂ ଏବେକାର କର୍ମଚାରୀ, ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି। ଭିଜିଲାନ୍ସ ପକ୍ଷରୁ ନିରପେକ୍ଷ ତଦନ୍ତ ହେଲେ ଆହୁରି ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କୁହନ୍ତି, ଅଡିଟ୍ ରିପୋର୍ଟରୁ ମନି ରିସିପ୍ଟ ବହି ମିଳୁ ନ ଥିବା ଜଣାପଡ଼ିଥିଲା। ଏହାର ତଦନ୍ତ କରିବା ଲାଗି ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଜଣାଯାଇଛି। ୧୪ଟି ମନି ରିସିପ୍ଟ ବହି ହଜିଥିବା ଅନୁମାନ କରାଯାଉଛି। ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ ତଥ୍ୟ ପଦାକୁ ଆସିବ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ | ଆଶିଷ କୁମାର ଜେନାଙ୍କୁ ଯୁଗ୍ମ ଏସ୍‌ଆର୍‌ସି ଦାୟିତ୍ୱ

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ମଙ୍ଗଳବାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ବଦଳି କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ସଂସ୍ଥାନ(ରୋଟି) ଯୁଗ୍ମ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଫିସର ଆଶିଷ କୁମାର ଜେନାଙ୍କୁ ଯୁଗ୍ମ ଏସ୍‌ଆର୍‌ସି(ସ୍ୱତନ୍ତ୍ର ରିଲିଫ କମିଶନର) ଭାବେ ବଦଳି କରାଯାଇଛି। ସେହିପରି ବରିଷ୍ଠ ଓଏଏସ୍ ଅଫିସର ବୈତୁରା ଦୀପଙ୍କୁ ରୋଟି ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କର ଖୋର୍ଦ୍ଧା ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳିକୁ ବାତିଲ କରାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଓଏସ୍‌ଡି ଭାବେ କାର୍ଯ୍ୟରତ ଓଏଏସ୍ ଅଫିସର ସରିତା ପ୍ରଧାନଙ୍କୁ ଉପନିର୍ଦ୍ଦେଶକ, ନିଯୁକ୍ତି(ପ୍ରଶାସନ) ଭାବେ ବଦଳି କରାଯାଇଛି। ବଲାଙ୍ଗୀର ଜିଲା ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓଏସ୍‌ଡି ଏବଂ ଢେଙ୍କାନାଳ ଜିଲା ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁଙ୍କୁ ମିଶନ ଶକ୍ତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

# ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଅବଧି ଅଗଷ୍ଟ ୨୫କୁ ବଢ଼ିଲା

ଭୁବନେଶ୍ୱର, ୨୨।୮ (ଅନିଲ ଦାସ)

ଖରିଫ ଋତୁ ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ସମୟ ଆଉ ୩ ଦିନ ବୃଦ୍ଧି କରିଛନ୍ତି। ଅଗଷ୍ଟ ୨୫ ତାରିଖ ଯାଏ ଖରିଫ ଧାନ ବିକ୍ରି ପାଇଁ ଚାଷୀମାନେ ନିଜର ନାମ ପଞ୍ଜୀକରଣ କରିପାରିବେ। ଏନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ ଓ ସମସ୍ତ ସମବାୟ ସମିତି ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

ଆସନ୍ତା ୩୧ ତାରିଖ ସୁଦ୍ଧା ଆବେଦନପତ୍ରଗୁଡ଼ିକୁ ଡିଜିଟାଇଜ କରିବାକୁ କୁହାଯାଇଛି। ସେହିପରି ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଚାଷୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଚାଷୀ ପଞ୍ଜୀକରଣ ସମୟ ବୃଦ୍ଧି ସମ୍ପର୍କରେ ପ୍ରାଥମିକ ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ସଂସ୍ଥା, ପାଣିପଞ୍ଚାୟତ ଏବଂ ଲ୍ୟାମ୍ପସଗୁଡ଼ିକ ନିଜ ନିଜ ଜିଲାରେ ବ୍ୟାପକ ପ୍ରଚାର କରିବାକୁ ପରାମର୍ଶ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ, ଚଳିତ ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ଅବଧି ଅଗଷ୍ଟ ୨୨ ତାରିଖ ଯାଏ ଧାର୍ଯ୍ୟ କରାଯାଇଥିଲା।

## ଡିଆଇଜି ବ୍ରିଜେଶ...

ପ୍ରଥମ ପୃଷ୍ଠାରୁ...

ବେଳେ ଏବେ ସେ ଦୁଇଟି ଯାକ ଗୋଡ଼ ହରାଇଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି। ଏହି ଘଟଣାରେ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ଏନ୍‌ଏଚଆର୍‌ସିରେ ମାମଲା ରୁଜୁ ହୋଇଛି। ଏପରି ଅମାନୁଷିକ କାଣ୍ଡ ପାଇଁ ଡିଆଇଜି ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତା ହୋମ୍‌ଗାର୍ଡଙ୍କୁ ୩୦ ଲକ୍ଷ କ୍ଷତିପୂରଣ ଦେବାକୁ ଆବେଦନରେ ଉଲ୍ଲେଖ କରାଯାଇଛି। କ୍ଷତିପୂରଣ ରାଶି ଡିଆଇଜିଙ୍କ ଦରମାରୁ କାଟିବା ପାଇଁ ଏଡଲାରେ ଦର୍ଶାଯାଇଛି। ହୋମ୍‌ଗାର୍ଡମାନଙ୍କୁ ସରକାରୀ କାମରେ ଲଗାଇବା ବଦଳରେ ଘରୋଇ କାମରେ ନିୟୋଜିତ କରାଯାଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ସ୍ୱଳ୍ପ ବେତନଭୋଗୀ ହୋମ୍‌ଗାର୍ଡମାନେ ଚାକିରି ବଞ୍ଚାଇବା ପାଇଁ ହାକିମଙ୍କ କାମ ବିନା ପ୍ରତିବାଦରେ କରୁଛନ୍ତି। ଚାକିରି ଚାଲିଯିବା ଭୟ ଥିବାରୁ ଅନେକେ ମୁହଁ ଖୋଲୁନାହାନ୍ତି। ଉଚ୍ଚ ପାହ୍ୟାର ଅଧିକାରୀଙ୍କ ଘରେ ବ୍ୟକ୍ତିଗତ କାମ ପାଇଁ ୨ରୁ ୪ ଜଣ ଲେଖାଏ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଉଛି। ଏଭଳି ପ୍ରଥାକୁ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଶେଷ କିଛି ମିନିଟ୍...

କରିବା ସହ ଏକାଧିକ କକ୍ଷପଥ ଓ ବେଗ ହ୍ରାସ କରାଯାଇଥିଲା। ମଙ୍ଗଳବାର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠଠାରୁ ୭୦ କିଲୋମିଟର ଦୂରତାରେ ରହିଛି। ବୁଧବାର ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠର ୨୫ କିଲୋମିଟର ଦୂରରେ ପହଞ୍ଚିବା ପରେ ସଫ୍ଟଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ ହେବ। ସେତେବେଳେ ଏହାର ବେଗ ସେକେଣ୍ଡ ପ୍ରତି ୧.୬୮ କିଲୋମିଟର ବା ଘଣ୍ଟା ପ୍ରତି ପାଖାପାଖି ୬,୦୪୮ କିଲୋମିଟର ଥିବ। ଏହା ପରେ ଲ୍ୟାଣ୍ଡରରେ ଥିବା ସମସ୍ତ ଇଞ୍ଜିନ୍‌କୁ ଷ୍ଟାର୍ଟ କରାଯାଇ ଏହାର ବେଗକୁ ହ୍ରାସ କରାଯିବ। ତଥାପି ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠ ସହ ସମାନ୍ତରାଳରେ ଥିବ। କେତେକ ମାନୋଭର ଜରିଆରେ ଏହାକୁ ଚନ୍ଦ୍ର ପୃଷ୍ଠ ସହ ଭୂଲମ୍ବ କରାଯିବ। ଚନ୍ଦ୍ରପୃଷ୍ଠଠାରୁ ୮୦୦ ମିଟର ଉଚ୍ଚତାରେ ଲ୍ୟାଣ୍ଡର ପହଞ୍ଚିବା ପରେ ଉଭୟ ସମାନ୍ତରାଳ ଏବଂ ଭୂଲମ୍ବ ବେଗ ଶୂନ ହୋଇଯିବ ଏବଂ ଚନ୍ଦ୍ର ପୃଷ୍ଠ ଉପରେ ଏହା ଭାସମାନ ଅବସ୍ଥାରେ ରହି ଲ୍ୟାଣ୍ଡିଂ ସ୍ଥାନର ସର୍ଭେ କରିବ। ଏହା ପରେ ୧୫୦ ମିଟର ଉଚ୍ଚତାରେ ପହଞ୍ଚିବା ପରେ ସବୁଠୁ ଲ୍ୟାଣ୍ଡିଂ ସ୍ଥାନ ଚିହ୍ନଟ କରିବ। ଶେଷରେ ମାତ୍ର ୨ଟି ଇଞ୍ଜିନ ଚାଲୁଥିବାବେଳେ ଏହା ଚନ୍ଦ୍ରପୃଷ୍ଠ ଛୁଇଁବ। ଏହାର ଲେଗ୍‌ଗୁଡ଼ିକୁ ଏଭଳି ଡିଜାଇନ କରାଯାଇଛି ଯାହା ସେକେଣ୍ଡ ପ୍ରତି ୩ ମିଟର ବେଗର ପ୍ରଭାବକୁ ଗ୍ରହଣ କରିପାରିବ। ଲେଗ୍‌ର ସେନ୍‌ସର ଚନ୍ଦ୍ରପୃଷ୍ଠ ଛୁଇଁବା ଅନୁଭବ କରିବା ପରେ ଏହାର ଇଞ୍ଜିନଗୁଡ଼ିକ ବନ୍ଦ ହୋଇଯିବ ଓ ୨୦ ମିନିଟ୍ ଉତ୍କଣ୍ଠାର ଅବସାନ ଘଟିବ।

## ଘର ନିର୍ମାଣ ଅନୁମତିରେ...

୨୧ ଲକ୍ଷ ଜମା ରହିଛି। ଏସବୁ ଜମାଟଙ୍କା ଜବତ କରାଯାଇଛି। ପୂଜକଙ୍କ ଜମାଖାତାକୁ ଲାଞ୍ଚ ଟଙ୍କା ଯାଉଥିଲା ବୋଲି ଏସ୍‌ପି କହିଥିଲେ। ସୂଚନାଯୋଗ୍ୟ, ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର ଅଗଷ୍ଟ ୧୮ରେ ତାଙ୍କ ଅଜାଣତରେ ଗୃହ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିବା ଜାଣିବା ପରେ କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ଗୋପାଳପାଲିର ସବିତା ବଘାରଙ୍କ ନାମରେ ଏହି ଅନୁମତି ଦିଆଯାଇଥିଲା। ଗୃହଋଣ ଦେଉଥିବା ବରେଇପାଲିର ଏକ ବ୍ୟାଙ୍କରୁ ପ୍ଲାନିଂ ଅଫିସରଙ୍କ ପାଖକୁ ଚିଠି ଆସିବା ପରେ ଏହା ଜଣାପଡ଼ିଥିଲା। ଏହି ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏସ୍‌ଡିଏର ଜଣେ ଅଧିକାରୀ ଅଭିଯୋଗ କରିବା ପରେ ପୋଲିସ ଓ ପ୍ରଶାସନ ତତ୍ପରତା ଦେଖାଇଥିଲା।

## ସ୍ୱାଧୀନତା ସଂଗ୍ରାମୀ...

ଥାନା ଇନ୍ସପେକ୍ଟର ସରୋଜ କୁମାର ସାହୁଙ୍କ ସମେତ ବହୁ ପୋଲିସ କର୍ମଚାରୀ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ମକରଙ୍କ ବଡ଼ ପୁଅ ପଞ୍ଚାନନ ମୁଖାଗ୍ନି ଦେଇଥିବା ବେଳେ ପୁଅ ରମେଶ ଓ ଦାମୋଦର ଉପସ୍ଥିତ ଥିଲେ।

୧୯୨୪ରେ ହାଟବାଣପୁର ଗାଁର ଆକୁଳି ମା' ପଦ୍ମାବତୀଙ୍କ କୋଳରୁ ଜନ୍ମ ନେଇ ପରେ ପାଳିତ ମାତାପିତା ମଣି ଓ ଜହ୍ନଙ୍କ ପାଖରେ ଲାଳନପାଳନ ହୋଇଥିଲେ। ୧୯୩୪ ମେ ୨୯ରେ କେନ୍ଦ୍ରାପଡ଼ା ଅଞ୍ଚଳକୁ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା ସମୟରେ ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ବଡ଼ସଲାରଠାରେ ଜାଗରଣ ସଭା ହୋଇଥିଲା। ମାତ୍ର ୧୦ ବର୍ଷରେ ମକର ଜାତୀୟତା ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଗାନ୍ଧୀଙ୍କ ନେତୃତ୍ୱରେ ବ୍ରିଟିଶ ସରକାର ବିରୋଧୀ ଆନ୍ଦୋଳନରେ ନିଜକୁ ଝାସ ଦେଇଥିଲେ। ଏହା ପରେ ମକର କେନ୍ଦ୍ରାପଡ଼ାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପୁରୁଷୋତ୍ତମ ନାୟକଙ୍କ ନେତୃତ୍ୱରେ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ଓ ସରକାରୀ ଆସବାବପତ୍ରକୁ ନଷ୍ଟ କରିବା ଅଭିଯୋଗରେ ମକର ୬ ମାସ ୮ ଦିନ କେନ୍ଦ୍ରାପଡ଼ା, କଟକ ଓ ବ୍ରହ୍ମପୁର ଜେଲ୍‌ରେ ନଂ. ୧୨୨୫୨ କଏଦୀ ଭାବେ କାରାଗାରରେ ଜୀବନ ବିତାଇ ଥିଲେ। ତେବେ ୧୯୪୩ରେ ମକର କାରାଗାରରୁ ମୁକ୍ତ ହେବା ପରେ ଚରଖାରେ ସୂତା କାଟିବା, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ଯୌତୁକ ପ୍ରଥା ବିରୋଧରେ ଆନ୍ଦୋଳନ ଇତ୍ୟାଦି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ।

### ବିଭିନ୍ନ ସମ୍ମାନର ଅଧିକାରୀ ଥିଲେ ମକର

୧୯୭୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ତାମ୍ର ଫଳକ ସମ୍ମାନ, ୧୯୮୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସମ୍ମାନ, ୧୯୮୬ରେ ରାଜ୍ୟପାଳ ବି.ଏନ୍.ପାଣ୍ଡେଙ୍କ ଦ୍ୱାରା ମକର ସମ୍ମାନିତ ହୋଇଥିଲେ। ୧୯୯୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ମକର ସମ୍ମାନିତ ହୋଇଥିବା ବେଳେ ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରାନ୍ତି ଦିବସ ଅଗଷ୍ଟ ୯ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଆଟ୍ ହୋମ୍ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିଲେ। ୨୦୨୦ରେ କରୋନା ସମୟରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ବୀର ସୈନିକ ସମ୍ମାନକୁ କେନ୍ଦ୍ରାପଡ଼ା ଜିଲାପାଳ ହାଟବାଣପୁରସ୍ଥିତ ବାସଭବନରେ ମକରଙ୍କୁ ପ୍ରଦାନ କରିଥିଲେ। ୨୦୨୩ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ରାଷ୍ଟ୍ରପତିଙ୍କଠାରୁ ଆସିଥିବା ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମକରଙ୍କୁ ସମ୍ମାନିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସକାଳୁ ସକାଳୁ କୌଣସି ଖବର ପାଇ ବିସ୍ମୟାଭିଭୂତ ହୋଇପାରନ୍ତି। ପ୍ରତ୍ୟେକ ଦିଗରୁ ବିଭିନ୍ନ ପ୍ରକାରର ନାସ୍ତିସୂଚକ କଥା ଶୁଣି ମାନସିକ ସ୍ଥିତି ଭଲ ରହିବ ନାହିଁ। ସମ୍ପର୍କୀୟ ବନ୍ଧୁମାନଙ୍କ ସାହାଯ୍ୟ ମିଳିଲେ ମଧ୍ୟ କାମ ହାସଲ ସକାଶେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ବୃଷ** – ଆଜି ଏକ ଭିନ୍ନ ପରିବେଶରେ କିମ୍ବା କର୍ମକ୍ଷେତ୍ରରୁ ଆପଣଙ୍କୁ ଅର୍ଥ ଓ ସମ୍ମାନ ମିଳିବ। କିନ୍ତୁ ସଭାସମିତିରେ ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ। ସାଂସ୍କୃତିକ କାର୍ଯ୍ୟ ଯଥାବିଧି ସମ୍ପନ୍ନ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** – ନିଜର ଦୂରଭିସନ୍ଧି ପୂରଣ କରିବା ସକାଶେ ମିତ୍ରମାନେ ଆପଣଙ୍କର ପ୍ରଶଂସା ଗାଇ ବୁଲିବେ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** – ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ପୁରୁଣା କଥାକୁ ବାରମ୍ବାର ଦୋହରାଇବା ଠିକ୍ ହେବନି। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥ ସଂଗ୍ରହ କରି ବାଣିଜ୍ୟରେ ବିନିଯୋଗ କରିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** – ଆତ୍ମୀୟମାନଙ୍କ ବେଖାତିର ମନୋଭାବରୁ ବ୍ୟଥିତ ହୋଇପାରନ୍ତି। ଅର୍ଥ ସଙ୍କଟରେ ପଡ଼ିଲେ ମଧ୍ୟ ସମସ୍ୟା ସମାଧାନ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ଆଲୋଚନାରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମନକୁ ସାନ୍ତ୍ୱନା ମିଳିବ।

**କନ୍ୟା** – ଆପଣଙ୍କ ତ୍ୟାଗ ଓ ପରୋପକାର ପ୍ରବୃତ୍ତି ଆଧାରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। କିନ୍ତୁ କର୍ମକ୍ଷେତ୍ରରେ ଭଲ କଲେ ମଧ୍ୟ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ପରିସ୍ଥିତି ଗମ୍ଭୀର ରହିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ କାର୍ଯ୍ୟରେ ଯୋଗଦେବେ।

**ତୁଳା** – ରାଜନୈତିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛୋଟବଡ଼ ସମସ୍ୟାକୁ ଛାଡ଼ିଦେଲେ ଦିନଟି ଭଲରେ କଟିବ।

**ବିଛା** – ଆଜି ଜଣେ ସାଧାରଣ ବ୍ୟକ୍ତିଙ୍କ ଅଭିଯୋଗ ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟବଡ କେତେକ ସମସ୍ୟା ସମାଧାନର ଚିନ୍ତା କରି ମନ ବିଭ୍ରାନ୍ତ ରହିବ। କାମ ସମ୍ପାଦନ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** – ମାନସିକ ଅସୁସ୍ଥତା କାରଣରୁ କୌଣସି କାମ ସକାଶେ ଉତ୍ସାହିତ ହୋଇପାରିବେ ନାହିଁ। ଏଣେ କାର୍ଯ୍ୟ ହାସଲ ସକାଶେ ମଧ୍ୟ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ତଥାପି ଆପଣଙ୍କର ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ସରକାରୀ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ମକର** – ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପିଲାଙ୍କ ସଫଳତାକୁ ନେଇ ଖୁସି ହେବେ।

**କୁମ୍ଭ** – ଶାରୀରିକ ସୁସ୍ଥତା ରହିଥିଲେ ମଧ୍ୟ ମାନସିକ ସ୍ଥିତି ତାହାର ଓଲଟା ରହିବ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଅନାହୂତ ସ୍ଥାନରେ ପଚାରିବା ପୂର୍ବରୁ କିଛି କହିବା ଦ୍ୱାରା ଉପହସିତ ହେବାକୁ ପଡ଼ିବ। ଭଲ୍ ସମ୍ପର୍କ ଥିବା ବନ୍ଧୁ ନିଜ ସୁବିଧା ହାସଲକୁ ନେଇ ଅସୁବିଧାରେ ପକାଇପାରନ୍ତି।

**ମୀନ** – ଯାହା କରୁଛନ୍ତି ଭଲରୂପେ ବିଚାରବିମର୍ଶ କରି କରନ୍ତୁ ଅନ୍ୟଥା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଦୂରଯାତ୍ରାରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ସପ୍ତମୀ ବୁଧବାର, ଅଗଷ୍ଟ ୨୩ ତାରିଖ, ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୦୮.୦୭ମି. ଗତେ ବିଶାଖା/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୨ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ. ୧୧.୪୯ମି. ଗତେ ଘ. ୦୧.୨୩ମି. ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

# ‘ଶାନ୍ତ, ସହନଶୀଳ ହେଲେ ଜ୍ଞାନ ବୃଦ୍ଧି ହୁଏ’

**କଟକ,୨୨।୮ (କାର୍ତ୍ତିକ ସାହୁ)**

ମଣିଷ ମଧ୍ୟରେ ଅନ୍ତର୍ନିହିତ ଚିନ୍ତାଶକ୍ତି ଭରି ରହିଛି। ଏହି ଚିନ୍ତାଶକ୍ତିର ବ୍ୟବହାର ପ୍ରତ୍ୟେକ ଦିନ କରାଯିବା ଆବଶ୍ୟକ। ପ୍ରତ୍ୟେକ ପିଲାଠାରେ ରହିଥିବା ଜାଣିବାର ଇଚ୍ଛା ଗୁଣ ଈଶ୍ୱରଦତ୍ତ। ତା’କୁ ମାତାପିତା ବାଧା ଦେବା ଉଚିତ୍ ନୁହେଁ। କାହିଁକି ନା ପ୍ରଶ୍ନ ପଚାରିବାର ଆଗ୍ରହ ରହିଲେ ପିଲାମାନେ ସବୁକିଛି ଜାଣିପାରିବେ। ଠିକ୍‌ଭୁଲ୍‌ର ବିଚାର କରିପାରିବେ ବୋଲି ‘ଧରିତ୍ରୀ’ର ୫୦ବର୍ଷ ପାଳନ ଉପଲକ୍ଷେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଛନ୍ତି।

ସତପଥୀ କହିଲେ, ଆମେ ଜ୍ଞାନକୁ ଏକ ଲକ୍ଷ୍ୟ ବୋଲି ଭାବୁ। ଜ୍ଞାନର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ। ସାଧାରଣ ମଣିଷ ମାନସିକ ଶକ୍ତିର ମାତ୍ର ୭.୩% ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟବହାର କରିଥାନ୍ତି। ଆଇନ୍‌ଷ୍ଟାଇନଙ୍କ ଭଳି ବୈଜ୍ଞାନିକ ମାନସିକ ଶକ୍ତିର ୨୩ରୁ ୨୭% ପର୍ଯ୍ୟନ୍ତ ବ୍ୟବହାର କରିଥାନ୍ତି। ଅଶାନ୍ତ ପରିସ୍ଥିତିରେ ଆମେ କିଛି ଶିଖିପାରିବା ନାହିଁ। ଯେତେବେଳେ ଜଣେ ସହନଶୀଳ ହୋଇଯିବ, ଆଗକୁ ଯିବା ସହଜ ହେବ। ତେଣୁ ଯୁବପିଢ଼ି ସର୍ବଦା ଶାନ୍ତ ରହିବା ଆବଶ୍ୟକ। ଶାନ୍ତ ଏବଂ ସହନଶୀଳ ରହିଲେ ପ୍ରଶ୍ନ କରିବାର ସାମର୍ଥ୍ୟ ଆସିବ। ବ୍ୟକ୍ତିଗତସ୍ତରରେ ମଧ୍ୟ ଉନ୍ନତି ହେବ। ଯୁବପିଢ଼ି ପ୍ରଶ୍ନ ପଚାରନ୍ତୁ, ଜ୍ଞାନବୃଦ୍ଧି କରନ୍ତୁ। ସେ ଆହୁରି ମଧ୍ୟ କହିଲେ ଯେ, ମାତୃଭାଷାକୁ ଗଭୀରତାର ସହ ଶିଖିଲେ ସବୁ ଭାଷା ଶିଖି ହୋଇଯିବ। ଓଡ଼ିଆ ଭାଷା ପାଲି ଭାଷାରୁ ଆସିଛି। ସେଥିପାଇଁ ଏହାର ଅକ୍ଷର ଉପରେ ଗାର ପଡ଼ିନାହିଁ। ସେଥିପାଇଁ ଆମ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଓ ଏହାକୁ ନେଇ ଆମେ ଗର୍ବ କରିବା ଉଚିତ୍। ଯୁବପିଢ଼ିଙ୍କ ପାଇଁ ପ୍ରଥମେ ମା’ବାପା, ଦ୍ୱିତୀୟରେ ଶିକ୍ଷୟିତ୍ରୀଶିକ୍ଷକ ଓ ତା’ପରେ ସମାଜ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଯୁବପିଢ଼ି ଦେଶର ଭବିଷ୍ୟତ। ସେମାନେ ସର୍ବଦା ଆଗକୁ ଆସନ୍ତୁ। ଦେଶ ପାଇଁ କିଛି କରିବାର ମନୋବୃତ୍ତି ସେମାନଙ୍କଠାରେ ରହୁ। ବରେଣ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ବର୍‌ସାର ଡ. ପ୍ରଶାନ୍ତ କୁମାର ସାମନ୍ତରାୟ କହିଲେ, ଗଣମାଧ୍ୟମରେ ଦୈନନ୍ଦିନ ଅନେକ ଶିକ୍ଷଣୀୟ ପ୍ରସଙ୍ଗ ରହୁଛି। ଯୁବପିଢ଼ି ସେସବୁ ଅଧ୍ୟୟନ କରିବା ଆବଶ୍ୟକ। ନିଜ ଜୀବନରେ ମାର୍ଗଦର୍ଶନ ପାଇଁ ଆଦର୍ଶକୁ ଅନୁସରଣ କରିବା ଉଚିତ।

ବିଚାରକ ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମୌସୁମୀ ପଟ୍ଟନାୟକ କହିଲେ, ସାମାଜିକ ଗଣମାଧ୍ୟମରେ ଆସୁଥିବା ଗଣମାଧ୍ୟମରେ ବ୍ୟବସାୟୀକରଣ ପାଇଁ ଅନେକ ସମୟରେ ମିଥ୍ୟା ଖବର ଆସୁଛି। ଯୁବପିଢ଼ି ଏଥିପ୍ରତି ସଜାଗ ରହିବା ଆବଶ୍ୟକ। ଗଣତନ୍ତ୍ରରେ ସୂଚନା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏହାକୁ ପାଇବା ଦିଗରେ ମୁଦ୍ରିତ ଗଣମାଧ୍ୟମ ହିଁ ନିର୍ଭରଯୋଗ୍ୟ। ସବୁଦିଗରୁ ଖବରର ସତ୍ୟତା ପରଖିବା ପରେ ତାହାକୁ ବିଶ୍ୱାସକୁ ନେବା ଉଚିତ୍। ବିଚାରକ ଭାବେ ଇମର୍ତ୍ତଦେବୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ମୋନିକା ନନ୍ଦ କହିଲେ, ବର୍ତ୍ତମାନ ଗଣମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରାଇବା ଭଳି ଅଧିକ ଉପାଦାନ ରହୁଛି। ପୂର୍ବଠାରୁ ବର୍ତ୍ତମାନର ଗଣମାଧ୍ୟମ ଅପେକ୍ଷାକୃତ ଅଧିକ କ୍ରିୟାଶୀଳ ହୋଇପାରିଛି। ଗଣମାଧ୍ୟମରେ ଯୁବପିଢ଼ି ନିଜର ମତ ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି, ଯାହାକି ସେମାନଙ୍କୁ ଦେଶ ତଥା ସମାଜ ପାଇଁ ଚିନ୍ତା କରିବାର ଅବକାଶ ଆଣିଦେଉଛି। ଅନ୍ୟତମ ବିଚାରକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ରିଡର୍ ଡ. ରାଜେନ୍ଦ୍ର କୁମାର କୁଅଁର କହିଲେ, ଗଣତାନ୍ତ୍ରିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଉଭୟ ଯୁବପିଢ଼ି ଓ ଗଣମାଧ୍ୟମର ଆବଶ୍ୟକତା ରହିଛି। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିର୍ଭିକ ଓ ବଳିଷ୍ଠ ଜନମତ ଗଢ଼ି ତୋଳିବାରେ ସହାୟକ ହେଉଛି। ଯୁବଶକ୍ତି ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାକୁ ଆଗେଇ ଆସିବା ଉଚିତ୍। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ନରେନ୍ଦ୍ର ନାଥ ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ. ସଞ୍ଜିତା ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଇମର୍ତ୍ତଦେବୀ ମହିଳା ମହାବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରୁ ୧୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସ୍ମିତା ସାହୁ ପ୍ରଥମ, ସୁଶ୍ରୀ ସଙ୍ଗୀତା ସାହୁ ଦ୍ୱିତୀୟ ଓ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ବେହେରା ତୃତୀୟ ବିଜେତା ଘୋଷିତ ହୋଇଥିଲେ। ଧରିତ୍ରୀ ପକ୍ଷରୁ ପି. କେ. ରଥ, କାର୍ତ୍ତିକ ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ, ରାଜକିଶୋର ମହାନ୍ତି, ପ୍ରସନ୍ନ କୁମାର ପାଢ଼ୀ, ବିଶ୍ୱଜିତ୍ ନାୟକ, ମାନସ କୁମାର ସାମଲ, ସତ୍ୟରଞ୍ଜନ ଦାସମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।






‘ଧରିତ୍ରୀ’ର ୫୦ ବର୍ଷ ପାଳନ ଅବସରରେ ମଙ୍ଗଳବାର କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଗାୟତ୍ରୀ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଏବଂ ବିଚାରକ ମଣ୍ଡଳୀ (ଉପର)। ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ବିଶିଷ୍ଟ ବ୍ୟକ୍ତିମାନେ (ତଳ)।

## ବିଜେତାଙ୍କ ମୁହଁରୁ

ସାମାଜିକ ଗଣମାଧ୍ୟମ ଭରସାଯୋଗ୍ୟ ନୁହେଁ। ବର୍ତ୍ତମାନର ଡିଜିଟାଲ ଯୁଗରେ ମୁଦ୍ରିତ ଗଣମାଧ୍ୟମର ଏକ ଦସ୍ତାବିଜ୍ ସଦୃଶ।



ସତ୍ୟର ପ୍ରତିଷ୍ଠା କ୍ଷେତ୍ରରେ ଯୁବପିଢ଼ି ସର୍ବଦା ଚେଷ୍ଟିତ ରହନ୍ତୁ। ହୀନ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଯୁବପିଢ଼ି ଗଣତନ୍ତ୍ରର ସୁରକ୍ଷା ପାଇଁ ନିଜକୁ ସାମିଲ କରନ୍ତୁ। ଗଣମାଧ୍ୟମରେ ଅଯଥା ଛୋଟ ପ୍ରସଙ୍ଗକୁ ବିରାଟ କରାନଯାଉ। ଏହାଦ୍ୱାରା ସମାଜ ଉପରେ କୁପ୍ରଭାବ ପଡୁଛି। ଧରିତ୍ରୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ।

**–ମଧୁସ୍ମିତା ସାହୁ,** ପ୍ରଥମ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ

ଆଜିକାଲି ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ଅଭାବ ଦେଖାଦେଇଛି। ଏଥିପାଇଁ ଯୁବପିଢ଼ି ପଦକ୍ଷେପ ନେବା ଆବଶ୍ୟକ। ଦେଶର ସଚେତନ ଯୁବପିଢ଼ି ହିସାବରେ ଆମେ ଅଧିକ ଦାୟିତ୍ୱବାନ ତଥା ଦକ୍ଷତାର ସହ କାର୍ଯ୍ୟ କରିପାରିବା। ଯୁବପିଢ଼ି ଯେପରି ଗଣମାଧ୍ୟମର ଟିଆର୍‌ପିରେ ଧ୍ୟାନ ନ ଦେଇ



ସାଧାରଣ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଖବର ଲୋକମାନଙ୍କ ପାଖରେ ପହଞ୍ଚିବା ଦରକାର। ସରକାରରେ ଥିବା ଶାସକ ଦଳ ଗଣତନ୍ତ୍ର ଦ୍ୱାରା ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥାକୁ ଚଳାଉଛନ୍ତି, ଉପଯୁକ୍ତ ସାମ୍ବାଦିକତା ମାଧ୍ୟମରେ ସେମାନଙ୍କ ଲୋକ ସମ୍ମୁଖରେ ଆସିପାରିବ।

**– ସୁଶ୍ରୀ ସଙ୍ଗୀତା ସାହୁ, ଦ୍ୱିତୀୟ,** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ

ଗଣତନ୍ତ୍ରକୁ ଆଗେଇ ନେବାରେ ଗଣମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ। ଗଣମାଧ୍ୟମ ଦ୍ୱାରା ଯୁବପିଢ଼ି ବହୁ



ଭାବେ ପ୍ରଭାବିତ ହୋଇଥାନ୍ତି। ଗଣମାଧ୍ୟମ ଦ୍ୱାରା ସମାଜରେ ହେଉଥିବା ଦୁର୍ନୀତି ଆଦିର ପର୍ଦ୍ଦାଫାଶ ହେଉଛି। ଲୋକେ ସଜାଗ ହୋଇପାରୁଛନ୍ତି। ତେଣୁ ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିକୁ ସଚେତନ କରାଇବାରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ଆଗାମୀ କାଲିର ଭବିଷ୍ୟତ ଭାବେ ରାଷ୍ଟ୍ର ନିର୍ମାଣରେ ଏବେଠୁ ଯୁବସମାଜ ଦୃଢ଼ ସଙ୍କଳ୍ପ ନେବାର ଆବଶ୍ୟକତା ରହିଛି।

**– ପ୍ରିୟଙ୍କା ବେହେରା, ତୃତୀୟ,** ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ


ପ୍ରାଚୀସ୍ମିତା ରାଉତ


ଗ୍ଲୋରି ବ୍ଲେସି ବେର୍


ଅମ୍ରିତା ମହାନ୍ତି


ମହେରା ଆରିଫ୍


ଗୀତାଞ୍ଜଳି ଦାସ


ସାହିନ୍ ନିସା


ଜ୍ୟୋତି ସାହୁ


ବିଶ୍ୱରୂପା ତପସ୍ୱିନୀ


ସ୍ୱାଗତିସା ସ୍ୱାଇଁ


ପ୍ରଜ୍ଞାପାରମିତା ରାଉତ


ପ୍ରିୟଦର୍ଶିନୀ ଦାସ


ଅନୁରାଧା କାମିଲା


ଦୀପ୍ତିଦର୍ଶିନୀ ବଡ଼ଜେନା


ରତୁ ମହାପାତ୍ର


ଲିପ୍ସାଲିନ୍ ରାଉତ


ମୋନାଲିସା ବେହେରା

# ଆଜି ଶ୍ରୀମନ୍ଦିରରେ ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୨୨।୮ (ଅଜିତ ମହାନ୍ତି)**

ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତାପତି ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ

**ମହାପ୍ରଭୁଙ୍କ ବନକ ଲାଗି ନୀତି**

କରିଥାନ୍ତି। ତେବେ ଏହା ଗୁପ୍ତନୀତି ହୋଇଥିବାରୁ ବୁଧବାର ସନ୍ଧ୍ୟା ୬ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ। ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**କର୍ମଚାରୀ ଆବଶ୍ୟକ**
Construction Office ଭୁବନେଶ୍ୱରରେ Tender କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ।
Contact:8144662274

**ଆବଶ୍ୟକ**
ଓଁ ଶ୍ରୀ ଆୟୁର୍ବେଦିକ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ରହିବା ଓ ଖାଇବାର ସୁବିଧା ଅଛି।
ଦରମା– ଟ.୧୦,୦୦୦/–
ଯୋଗାଯୋଗ:
8984728171/9861609921

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍ ଆଇଡି: crpd@sbi.co.in

**ଏସବିଆଇରେ ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଏବଂ ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଏବଂ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ବିଜ୍ଞାପନ ସଂ. | ଖାଲି ପଦବୀ |
|---|---|---|---|
| 1 | ଫ୍ୟାକଲ୍ଟି (କାର୍ଯ୍ୟନିର୍ବାହୀ ଶିକ୍ଷା) | CRPD/SCO/2023-24/15 | 1 |
| 2 | କ୍ରେଡିଟ୍ ଆର୍ଥିକ ବିଶ୍ଳେଷକ | CRPD/SCO/2023-24/16 | 3 |

(ନିୟମିତ ପଦବୀ: କ୍ର. ନଂ. 2) (ଚୁକ୍ତିଭିତ୍ତିକ ପଦବୀ: କ୍ର. ନଂ. 1)

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଦେଖି ନିଅନ୍ତୁ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.08.2023 ରୁ 29.08.2023 ପର୍ଯ୍ୟନ୍ତ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.08.2023
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

BOOM FLOWER®
NITROBENZENE 20% EW
A NEW GENERATION PLANT GROWTH REGULATOR
No. 1 Brand | 20 Years of Trust | NOW WE ARE BACK WITH CIB / GOVT REGN

A leading Agrochemical Manufacturing and Exporting Company with its Flagship product & Brand Leader **BOOM FLOWER** (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides & Bio Fertilizers having branches all over India are recruiting the following positions in their marketing expansion program.

**SALES OFFICERS** ODISHA STATE H.Q.
BHADRAK, BHARAMPUR, JAJPUR, JAIPUR, BHAWANI PATNA, BERGER, SUNDERGARH,
Qualification: Minimum 2-3 Years experience in Agriculture Business Sales for specifically in H.Q. location with B.Sc (Agri)/Diploma or equivalent.
**Competitive Salary and Attractive Incentive and Additional Perks will be given for the selected candidates.**
Please send your resume on the email or WhatsApp number.
Please also mention the name of H.Q. that you are applying for, on the top of application.

**DEVI CROPSCIENCE PVT LTD**
DEVI देवी
Corporate Office : 'Devi House', 281-4, Sivagangai Main Road, Gomathipuram, Madurai-625020, Tamilnadu.
Branch Office : No.540/2726, Gosala Road, Nayabazar, Madhupatna, Cuttack - 753004, Odisha
Email : pune@devicropscience.com | cuttack@devicropscience.com bkrout@devicropscience.com | WhatsApp No.-8327707879 / 8986192352
INTERESTED DEALERS AND DISTRIBUTORS PLEASE CONTACT US FOR BUSINESS
Sakshi COMMUNICATION

Explore Career Opportunities at
Rambha Palace, Odisha's Heritage Jewel
We Are Hiring!
POSITIONS OPEN FOR
HOD FOM/EHK
General Manager
Supervisor HK/FO/Engineering/Laundry & Kitchen/F&B/Finance
Associate HK/FO/F&B Services
Restaurant Manager/ Assistant Restaurant Manager
Junior Sous Chef/ Chef de partie/ Commi Chef
Technician
AM Finance
Spa & Gym Professionals
Location: Rambha, Odisha
Contact: wilfred.dsouza@claridges.com to Apply

# ନିଅଣ୍ଟିଆ ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

**୧୧ ଜିଲାରେ ମରୁଡ଼ି ଆଶଙ୍କା**

**ଭୁବନେଶ୍ୱର,୨୨।୮ (ଅନିଲ ଦାସ)**

ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିବା ପରଠାରୁ ୫ଟି ଲଘୁଚାପ ସୃଷ୍ଟି ହେଲାଣି। ଜୁଲାଇ ୩୦ ତାରିଖରେ ହୋଇଥିବା ଲଘୁଚାପକୁ ଛାଡ଼ିଦେଲେ ଅନ୍ୟ ୪ଟିରେ ବର୍ଷା ନାହିଁ। ରାଜ୍ୟର ୧୧ ଜିଲାରେ ଏବେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ସମସ୍ୟା ବଢାଇ ଦେଇଛି। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି। ବିଲରେ ଧାନତଳି ରୁଆ ହୋଇପାରିଲା ନାହିଁ। ଆକାଶକୁ ଚାହିଁ ବସିଛନ୍ତି ଚାଷୀ। ତେବେ ଯେଉଁ ଜିଲାରେ ଧାନ ରୁଆ ହୋଇଛି ସେଠାରେ ମଧ୍ୟ ଚାଷ ଅବସ୍ଥା ବେଳକୁବେଳ ବିଗିଡ଼ିବାରେ ଲାଗିଛି। ନିକଟରେ ରାଜ୍ୟକୁ ଆଉ ସେପରି ବଡ଼ ବର୍ଷାର କୌଣସି ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚାଷ କେମିତି ହେବ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ହିସାବ ଅନୁଯାୟୀ ଜୁନ୍ ପହିଲାରୁ ଅଗଷ୍ଟ ୨୨ ତାରିଖ ଯାଏ ରାଜ୍ୟରେ ୮୨୨.୯ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ୭୩୪.୮ ମିଲିମିଟର। ରାଜ୍ୟର ୧୧ଟ ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୫, ଗଞ୍ଜାମ ୩୨, କଳାହାଣ୍ଡି ୩୪, ରାୟଗଡ଼ା ୨୭, କୋରାପୁଟ ୨୨, ପୁରୀ ୨୨, ଯାଜପୁର ୨୫, ଜଗତ୍‌ସିଂହପୁର ୨୫, କଟକ ୨୧ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ଉକ୍ତ ଜିଲାଗୁଡ଼ିକର ଅଧିକାଂଶ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ରପଡ଼ା ଜିଲାର ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ନବରଙ୍ଗପୁର ବ୍ଲକର ପାପଡ଼ାହାଣ୍ଡି, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ତେନ୍ତୁଳଖୁଣ୍ଟି ଏବଂ ଗଞ୍ଜାମ ଜିଲାର ୮ରୁ ୧୦ଟି ବ୍ଲକରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ଅଗଷ୍ଟ, ୨୦୨୩



"ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । –ଶ୍ରୀଅରବିନ୍ଦ

# ଲାଭ କ୍ଷତି ନା ଧର୍ମ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବାର ୪ ବର୍ଷ ପୂରିଗଲାଣି । ପଦକ୍ଷେପ ସ୍ୱରୂପ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ପାହ୍ୟାକୁ ହଟାଇ ନିଆଯାଇ ଏହାକୁ ଭାଗିଁ ଜମ୍ମୁ-କଶ୍ମୀର ଓ ଲଦାଖ ୨ କେନ୍ଦ୍ର ଶାସିତ ଅଞ୍ଚଳ କରାଯାଇଛି । ତେବେ ସେତେବେଳେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୩୭୦ ଅନୁଚ୍ଛେଦ ଦ୍ୱାରା ଜମ୍ମୁ -କଶ୍ମୀର ଓ ଲଦାଖର ବିକାଶ ପଛାଇଯାଇଥିଲା ଓ ଏବେ ଏହି ସମସ୍ୟା ଦୂରହେବା ସହ ଏକ ନୂଆ ଯୁଗ ଆରମ୍ଭ ହେଲା । ସେ ମଧ୍ୟ ପ୍ରକାଶ କରିଥିଲେ ଯେ, ୩୭୦ ଅନୁଚ୍ଛେଦ ବିଚ୍ଛିନ୍ନତାବାଦ, ଉଗ୍ରବାଦ , ବଂଶବାଦ ଓ ଦୁର୍ନୀତିର ମୂଳ କାରଣ । ତେବେ ସରକାରଙ୍କ ଏହି ପଦକ୍ଷେପ ଉପରେ ସୁପ୍ରିମକୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଚଳିତ ବର୍ଷ ଜୁଲାଇ ୧୦ରେ କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲକରି କହିଥିଲେ ଯେ, ୩୭୦ ଉଚ୍ଛେଦ କରାଯିବା ପରେ ସେଠାରେ ଏକ ଅଭୂତପୂର୍ବ ପ୍ରଗତି ଓ ସ୍ଥିରତା ଆସିପାରିଛି । ସରକାରଙ୍କ ସଦ୍ୟତମ ରିପୋର୍ଟ ଦର୍ଶାଇଛି ଯେ, ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ଉଗ୍ରବାଦ କାର୍ଯ୍ୟକଳାପ ବୃଦ୍ଧି ପାଇଛି । କିନ୍ତୁ ସେହି ଦାବିକୁ ଏବେ ଖଣ୍ଡନକରି ବିପରୀତ ତଥ୍ୟ ପ୍ରକାଶ ପାଇଛି । କେବଳ ଏତିକି ନୁହେଁ, ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ବାହାରୁ କେତେଜଣ ଯାଇ ଜାଗା କିଣିଛନ୍ତି କିମ୍ବା କେତେଜଣ ପଣ୍ଡିତ ସେମାନଙ୍କ ଭିଟାମାଟିକୁ ଫେରିଛନ୍ତି ତାହା ଦେଶକୁ ଜଣାଇଦିଆଯାଉନାହିଁ । ଅପରପକ୍ଷରେ ସେଠାରେ ବସବାସ କରୁଥିବା ପଣ୍ଡିତମାନଙ୍କ ଉପରେ ଜୋର୍‌ଦାର ଆକ୍ରମଣ କରାଯାଉଛି ଏବଂ ଅନେକଙ୍କୁ ହତ୍ୟା କରାଯାଉଥିବାର ଖବର ପ୍ରକାଶ ପାଉଛି । ଉଲ୍ଲେଖଯୋଗ୍ୟ, ୫ ବର୍ଷ ହେଲା ସେଠାରେ ନିର୍ବାଚନ କରାଯାଇନାହିଁ । ନିର୍ବାଚନ କରା ନ ଯିବା ପରୋକ୍ଷରେ ଦର୍ଶାଉଛି ଯେ, ସେଠାରେ ଶାନ୍ତି ଓ ସ୍ଥିତି ବ୍ୟବସ୍ଥିତ ହୋଇପାରିନାହିଁ ।

ଦେଶ ସ୍ୱାଧୀନ ହେବା ପରେ ଜମ୍ମୁକଶ୍ମୀରରେ ୩୭୦ ଅନୁଚ୍ଛେଦ ଲାଗୁକରି ଜବାହରଲାଲ ସରକାର ଭୁଲ୍ କରିଥିଲେ ବୋଲି କୁହାଯାଉଛି । କିନ୍ତୁ ଏବେ ତାହାକୁ ଉଚ୍ଛେଦକରି ଦେଶକୁ କି ଲାଭ ମିଳିଲା ଓ ସରକାର ଭୁଲ୍ କି ଠିକ୍ କରିଛନ୍ତି ତାହା ବିଚାର କରିବା କଥା । ୩୭୦ ଉଚ୍ଛେଦ ହେବା ପରେ ସେଠାରେ ଅତ୍ୟଧିକ ସେନା ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ହେବା ଏବଂ ଉଗ୍ରବାଦ କାର୍ଯ୍ୟକଳାପ ବୃଦ୍ଧି ଯୋଗୁ ରାଜକୋଷର ବ୍ୟାପକ କ୍ଷତି ଘଟୁଥିବା ବିଷୟ ଜାଣିବା ଶୁଣିବା ସୂତ୍ରଗୁଡ଼ିକରୁ ଖବର ମିଳୁଛି । । ଅନ୍ୟପକ୍ଷରେ କଶ୍ମୀରର ଗଣତନ୍ତ୍ର ଓ ଲୋକଙ୍କ ଅଧିକାରକୁ ଚାପିଦିଆଯାଇଛି । ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ପାହ୍ୟା ହଟାଇ ଦିଆଯିବା ପରଠାରୁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଛଡ଼ାଇ ନିଆଯାଇଛି । ବିଶ୍ୱରେ ସବୁଠୁ ଅଧିକ ଥର ଇଣ୍ଟରନେଟ୍ ସେବା ବନ୍ଦ କଶ୍ମୀରରେ କରାଯାଇଛି ଓ ୧୮ ମାସ ଧରି ବନ୍ଦହେବା ବିଶ୍ୱରେ କୌଣସି ଗଣତନ୍ତ୍ରରେ ସବୁଠୁ ଲମ୍ବା ସମୟ । ଡିଜିଟାଲ ୱାଚ୍‌ଡଗ୍ ଆସେସ୍ ନାଓ ରିପୋର୍ଟ ମୁତାବକ, ୨୦୨୨ରେ ବିଶ୍ୱରେ ମୋଟ ୧୮୭ ଟି ଇଣ୍ଟନେଟ୍ ସେବା ବନ୍ଦ ଘଟଣା ମଧ୍ୟରୁ ୮୪ ଟି ଭାରତରେ ଘଟିଛି ଏବଂ ଏହାର ୫୦% କଶ୍ମୀରରେ ହୋଇଛି । ଏଠାରେ ମନେପକାଇ ଦିଆଯାଇପାରେ ଯେ, ଇଣ୍ଟରନେଟ୍ ସେବା ବନ୍ଦ ହେଲେ ସେହି ସବୁ ସ୍ଥାନରେ ବ୍ୟାଙ୍କ ସମେତ ଅନେକ ବ୍ୟବସାୟିକ, ପ୍ରଶାସନିକ ଓ ଦୈନନ୍ଦିନ କାର୍ଯ୍ୟ ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମଧ୍ୟ ବନ୍ଦ ହୋଇଯାଇଥାଏ । କୁହାଯାଉଛି ଯେ, ଅତୀତରେ କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ଚାଇନା ହାତକୁ ଭାରତର ଜମି ଟେକି ଦିଆଯାଇଛି । କିନ୍ତୁ ଦେଖାଯାଉଛି ୩୭୦ ଉଚ୍ଛେଦ ପରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରି ସରକାର ଚାଇନା ଲାଙ୍ଗୁଡ଼ରେ ହାତ ମାରିଛନ୍ତି । ଅକ୍ସସାଇ ଚୀନ୍ ସହିତ ଲଦାଖର ବହୁ ଅଞ୍ଚଳକୁ ଚାଇନା ତା'ର ବୋଲି ଦାବି କରୁଛି । ଫଳରେ ସେଠାରେ ଅତ୍ୟଧିକ ସୈନ୍ୟ ମୁତୟନ କରାଯାଇଛି ଓ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହୁଛି । ତେବେ ୫ ମେ ୨୦୨୦ରେ ଗଲ୍‌ୱାନ ଘାଟିରେ ଭାରତୀୟ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଭାରତର ୨୦ ଜଣ ଯବାନ ଶହୀଦ ହେବା ଘଟଣାକୁ ଭାରତବାସୀ ଭୁଲିପାରିନାହାନ୍ତି । କିନ୍ତୁ ଚାଇନାର ବାସ୍ତବରେ କେତେ ସୈନ୍ୟ ନିହତ ହୋଇଛନ୍ତି ତାହା ଚାଇନା ପ୍ରକାଶ କରିନାହିଁ, କେବଳ ଭାରତ ସରକାର ଏହି ସଂଖ୍ୟା ୪୦ ବୋଲି ଦର୍ଶାଇଛନ୍ତି । ଏବେସୁଦ୍ଧା ଭାରତ ମଧ୍ୟକୁ ଚାଇନା ପ୍ରବେଶକରି ଅନେକ କିଲୋମିଟର ଜାଗା ମାଡ଼ି ବସିଥିଲେ ବି ବାସ୍ତବ ସ୍ଥିତି ସମ୍ପର୍କରେ ସରକାର କୌଣସି ତଥ୍ୟ ଜଣାଉନାହାନ୍ତି ।

କଶ୍ମୀରରେ ଗଣତାନ୍ତ୍ରିକ ସରକାର ୫ ବର୍ଷ ହେଲା ନାହିଁ । ସେଠାରେ ସ୍ଥିତି ନିଶ୍ଚିତ ଭାବେ ଏବେ ମଧ୍ୟ ଅସ୍ୱାଭାବିକ ରହୁଛି ବୋଲି ନିର୍ବାଚନ କରାଯାଇପାରୁନାହିଁ । ଏହାର କାରଣ ହୋଇପାରେ ଯେ, କେନ୍ଦ୍ରରେ ଶାସନ କରୁଥିବା ଭାଜପା ତାହାର ସ୍ଥିତି କେଉଁଭଳି ହେବ ବୁଝିପାରୁ ନ ଥିବା ହେତୁ ଜମ୍ମୁ-କଶ୍ମୀରର ନାଗରିକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଏହା ସତ୍ୟ ଯେ, ମୁସଲମାନ ବିରୋଧୀ ଅନେକ ନାଗରିକଙ୍କ ପ୍ରବଳ ଇଚ୍ଛା ଜମ୍ମୁ-କଶ୍ମୀରକୁ ଦମନକରି ରଖିବା ପାଇଁ । ତେବେ ସେମାନେ ସମ୍ଭବତଃ ସ୍ୱୀକାର କରିବାକୁ ଅପ୍ରସ୍ତୁତ ଯେ, ଜମ୍ମୁ-କଶ୍ମୀର ଭଳି ପାହାଡ଼ ଅଞ୍ଚଳ ଯାହା ଦୁଇଟି ଭାରତ ବିରୋଧୀ ରାଷ୍ଟ୍ରଙ୍କ ମଝିରେ ରହିଛି ସେଠାରେ ଲୋକଙ୍କୁ ଦମନ କରି ରଖିବାକୁ ହେଲେ ପ୍ରତ୍ୟେକ ଦିନ ଅନେକ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ସେଥିପାଇଁ ଜମ୍ମୁ-କଶ୍ମୀରରେ ଯେତେ ଦୀର୍ଘ ପରିସ୍ଥିତି ସ୍ୱାଭାବିକ କରାଯାଇପାରିବ ତାହା ଭାରତ ପାଇଁ ସେତିକି ଲାଭଦାୟକ ହେବ । ଆଜିର ଲାଭକ୍ଷତି ପୃଥିବୀରେ ଧର୍ମର ସ୍ଥାନ ଅତ୍ୟନ୍ତ ନଗଣ୍ୟ । ଯେଉଁମାନେ ଧର୍ମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନେ ନିଜେ ଧନୀ ହୋଇ ସାରିଲେଣି ବୋଲି ଅନ୍ୟମାନଙ୍କୁ ଧର୍ମ ଖୁଆଇ ଗରିବ ରଖିବାକୁ ମସୁଧା କରୁଛନ୍ତି ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | | | | | 1 | | |
| | | | | 1 | | 3 | | |
| 7 | | 2 | | | | | | |
| | | 9 | | | | | | |
| | 3 | | | 7 | 4 | | 6 | |
| 8 | 7 | | 2 | | 1 | | | |
| | | 5 | | | | | 7 | |
| | 6 | | | | 3 | 9 | | 4 |
| | | | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 1 | 4 | 5 | 2 | 3 | 8 | 7 |
| 8 | 4 | 2 | 7 | 3 | 6 | 5 | 9 | 1 |
| 3 | 7 | 5 | 8 | 9 | 1 | 2 | 6 | 4 |
| 7 | 2 | 9 | 3 | 1 | 4 | 8 | 5 | 6 |
| 5 | 8 | 3 | 2 | 6 | 7 | 4 | 1 | 9 |
| 4 | 1 | 6 | 9 | 8 | 5 | 7 | 3 | 2 |
| 2 | 3 | 8 | 1 | 4 | 9 | 6 | 7 | 5 |
| 6 | 9 | 4 | 5 | 7 | 3 | 1 | 2 | 8 |
| 1 | 5 | 7 | 6 | 2 | 8 | 9 | 4 | 3 |

ଗତକାଲିର ଉତ୍ତର

# ଲେଖା, ଲେଖକ ଓ ପାଠକ



ଅକ୍ଷୟ କୁମାର ମିଶ୍ର

ସମାଜ ଓ ସଂସ୍କୃତିର ଆଧାର ତଥା ପ୍ରାଣ ସ୍ପନ୍ଦନ ହେଉଛି ସାହିତ୍ୟ । ଏହା ଏମିତି ଏକ ଦର୍ପଣ ଯେଉଁଥିରେ ମାନବ ସମାଜର ଅତୀତ ପ୍ରତିବିମ୍ବିତ ହୁଏ, ବର୍ତ୍ତମାନ ପ୍ରତିଭାତ ହୁଏ ଏବଂ ଭବିଷ୍ୟତ ନିମନ୍ତେ ଠିକ୍ ମାର୍ଗ ପ୍ରଦର୍ଶିତ ହୁଏ । ଧରାରେ ପରିବର୍ତ୍ତନର ଧାରା ବୁହାଇବାରେ ସାହିତ୍ୟ ଏକ ଧାରାବାହିକ ଉତ୍ସ । ଆମେ କେହି ଅସ୍ୱୀକାର କରିପାରିବା ନାହିଁ ଯେ ମସିର ଶକ୍ତି ଅସିର ଶକ୍ତିଠାରୁ ବେଶି । ଗୋଟିଏ ସୁନ୍ଦର ଲେଖା ନିଃସ୍ୱାର୍ଥପର ବନ୍ଧୁ ସହିତ ତୁଳନୀୟ । ଜଣେ ଆଦର୍ଶ ଶିକ୍ଷକଠାରୁ ଅଧିକ ଉପଯୋଗୀ । ସମାଜରେ ଏମିତି କିଛି ସକାରାତ୍ମକ ପରିବର୍ତ୍ତନ ହୋଇନାହିଁ ଯେଉଁଠି ଲେଖା ଓ ଲେଖକର ଭୂମିକା ନାହିଁ । ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ଲେଖକ ଲେଖନୀ ମାଧ୍ୟମରେ ଦେଶର ତତ୍କାଳୀନ ସାମାଜିକ ବ୍ୟବସ୍ଥାର ନିଖୁଣ ଛବି ଦେଶବାସୀଙ୍କ ସମ୍ମୁଖରେ ଟେକି ଧରୁଥିଲେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ,କବି ନଜରୁଲ, ଦେବୀ ଚୌଧୁରୀ, ମହମ୍ମଦ ଇକ୍‌ବାଲ, ମହମ୍ମଦ ଅଲ୍ଲୀ ଯୌହର ଏମିତି ବହୁ କବି, ଲେଖକ ସେମାନଙ୍କର ଲେଖା ମାଧ୍ୟମରେ ଲୋକଙ୍କ ଭିତରେ ଜାତୀୟତା ଭରି ଦେଇଥିଲେ ।

ଆମ ରାଜ୍ୟ ମଧ୍ୟ ପଛରେ ପଡ଼ି ନ ଥିଲା । ସନ୍ଥ କବି ଭୀମ ଭୋଇଙ୍କର ଅନନ୍ୟ ଆହ୍ୱାନ ''ମୋ ଜୀବନ ପଛେ....'' ବିଶ୍ୱ ସାହିତ୍ୟରେ ଶ୍ରେଷ୍ଠ କବିତା ପଂକ୍ତି ଭାବରେ ଆଜି ବି ମିଳିତ ଜାତିସଂଘର କାନ୍ଥରେ ଅଲିଭା ସ୍ୱାକ୍ଷର ଭାବେ ସ୍ଥାନିତ । ସଂକ୍ରାନ୍ତି ପୁରୁଷ ବିଶିଷ୍ଟ କଥାକାର ବ୍ୟାସକବି ଫକୀରମୋହନ ସେନାପତିଙ୍କଠାରୁ ଆରମ୍ଭ ହୋଇଥିଲା ଭିନ୍ନ ଏକ ଧାରା । ରାଜାରାଣୀ ଗଳ୍ପ ରାଜକୁମାରୀଙ୍କ ପ୍ରେମ କାହାଣୀ, ରାଜପୁତ୍ରଙ୍କ ଭ୍ରମଣ କାହାଣୀ, ସମ୍ରାଟଙ୍କ ଯୁଦ୍ଧ ବୃତ୍ତାନ୍ତକୁ ନେଇ କାବ୍ୟ କବିତା ରଚନା ହେବା ପରିବର୍ତ୍ତେ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ନେଇ ଗଳ୍ପ, କବିତା, ଉପନ୍ୟାସ, ନାଟକ ରଚନା ହେଲା । ଶୋଷଣ, କଷଣ, ଅଶିକ୍ଷା, ଅନ୍ଧବିଶ୍ୱାସ, କୁସଂସ୍କାର, ଅପସଂସ୍କୃତି ବିରୋଧରେ କବି, ଲେଖକ, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାରମାନେ ସେମାନଙ୍କର ଲେଖନୀ ଚାଳନା କଲେ । ଆଜି ଦିନରେ ମଧ୍ୟ ଅନେକ ଲେଖକ ଏହି ପଥରୁ ବିଚ୍ୟୁତ ହୋଇନାହାନ୍ତି । ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ କଲମ ଚଳାଇବା ଜାରି ରଖିଛନ୍ତି ।

ବିପରୀତ କ୍ରମେ ଅନେକ ଲେଖା ଦେଖିବାକୁ ମିଳୁଛି ଯେଉଁସବୁ ଲେଖା କୁସଂସ୍କାର ଓ ବିଭିନ୍ନ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି । ରକ୍ଷଣଶୀଳତାକୁ ସମର୍ଥନ କରି ସାହିତ୍ୟ ସୃଷ୍ଟି କରିବାକୁ ଅନେକ ଲେଖକ କୁଣ୍ଠାବୋଧ କରୁନାହାନ୍ତି । କେତେବେଳେ ମମତାମୟୀ ମାତୃରୂପିଣୀ ନାରୀର ଚରିତ୍ରକୁ କାଠଗଡାରେ ଛିଡ଼ା କରାଇ ଦେଇ ଲେଖକ



ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିବାକୁ ପ୍ରୟାସ କରୁଛି । ଆଉ କିଛି ଚାଟୁକାରୀ ଲେଖକ ସ୍ତୁତିଗାନରେ ବ୍ୟସ୍ତ ରହି ସାରସ୍ୱତ ସାଧନାରେ କଳଙ୍କ ଲେପନ କରୁଛନ୍ତି । ସାହିତ୍ୟରେ ସବୁଠାରୁ ବଡ଼ କଥା ହେଉଛି ଶବ୍ଦସଂଯୋଜନା । ଆଧୁନିକତା ନାମରେ ଅଶ୍ଳୀଳ ଶବ୍ଦ ବ୍ୟବହାର, ଅଶ୍ଳୀଳ ବିଷୟବସ୍ତୁକୁ ନେଇ କିଛି ରଚନା କରିବା ବୋଧହୁଏ ଅକ୍ଷମଣୀୟ ଅପରାଧ କହିଲେ ଭୁଲ ହେବନାହିଁ । ଏମିତି ଅରୁଚିକର ଲେଖା ପାଇଁ ଅନେକ ସମୟରେ ବହୁ ଲେଖକ ଜନସାଧାରଣଙ୍କ ରୋଷର ଶିକାର ହୋଇଛନ୍ତି । ଏପରି କି ସେହି ପୁସ୍ତକ ପୋଡିବା ପର୍ଯ୍ୟନ୍ତ କଥା ଯାଇଛି । ଲେଖକମାନେ ନିର୍ଭୀକ ଓ ନିରପେକ୍ଷତାର ସହିତ ସମାଜରେ ଘଟୁଥିବା ଘଟଣାବଳୀକୁ ନିଜର ସୃଷ୍ଟି ଜରିଆରେ ଲୋକଲୋଚନକୁ ଆଣିଛନ୍ତି । ସେମାନେ ମଧ୍ୟ ଆକ୍ରୋଶ ଓ ଆକ୍ରମଣର ଶିକାର ହୋଇଛନ୍ତି ।

ଯାହା ବି ହେଉନା କାହିଁକି ଜଣେ ସାରସ୍ୱତ ସାଧକର ସିଦ୍ଧି ଓ ସାଧନାର ସ୍ୱାକ୍ଷର ହେଉଛି ତା'ର ସୃଷ୍ଟି । ଏହି ସୃଷ୍ଟି ଭିତରେ ଲେଖକଙ୍କର ନିଜସ୍ୱ ଚେତନା ଓ ଭାବନା ପ୍ରତିଫଳିତ ହୋଇଥାଏ ସତ, ମାତ୍ର ଜନ୍ମଲାଭ ପରେ ଏହା ସମାଜର, ସମଗ୍ର ବିଶ୍ୱର, ସମୂହ ମାନବ ଜାତିର ସମ୍ପଦ ପାଲଟିଥାଏ । ଯଦି ଏହି ସୃଷ୍ଟି ସଂହତି, ସମନ୍ୱୟ,ସଂପ୍ରୀତି ସ୍ଥାପନରେ ସହାୟକ ହୁଏ ତେବେ ପାଠକକୁ ସମସ୍ତ ସଂକୀର୍ଣ୍ଣତାରୁ ମୁକ୍ତି ଦିଏ ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରେ । ଅପରପକ୍ଷରେ ଯଦି ଲେଖକଙ୍କ ମାନସପୁତ୍ରଟି ମାନସିକ ଭାବେ ବିକଳାଙ୍ଗ ହୋଇଥାଏ,ତା' ଭିତରେ ଅଶାଳୀନ, ବିଭ୍ରାନ୍ତିକର ମତ ଓ ମନ୍ତବ୍ୟ ଥାଏ ତେବେ ଏହାର ନକାରାତ୍ମକ ପ୍ରଭାବ ପାଠକ ଉପରେ ପଡ଼େ । ଗୋଟିଏ ଗଳ୍ପ, ଗୋଟିଏ କବିତା, ଗୋଟିଏ ନାଟକ, ଗୋଟିଏ ଉପନ୍ୟାସ ବହୁ ସାଧାରଣ ମଣିଷକୁ ଅସାଧାରଣରେ ପରିଣତ କରିଦେଇଥିବାର ଦୃଷ୍ଟାନ୍ତ ସମାଜରେ ରହିଛି । ନାଟକ ହରିଶ୍ଚନ୍ଦ୍ର ମହାତ୍ମା ଗାନ୍ଧୀଙ୍କୁ ଜଣେ ସତ୍ୟବାଦୀ ମଣିଷରେ ପରିଣତ କରିଦେଇଥିଲା । ମାକ୍ସିମ ଗର୍କୀଙ୍କ ରଚିତ 'ମଦର', ହେରିଏଟ ବିଚର ଷ୍ଟଙ୍କ 'ଅଙ୍କଲ ଟମସ କ୍ୟାବିନ', ଲିଓ ଟଲଷ୍ଟୟଙ୍କ 'ୱାର ଏଣ୍ଡ ପିସ୍', ଫକୀର ମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠର ପ୍ରଭାବ ଆଞ୍ଚଳିକରୁ ଅନ୍ତର୍ଜାତୀୟ ସ୍ତର ଯାଏ ପରିବ୍ୟାପ୍ତ । 'ରେବତୀ', 'ଅନ୍ଧାରୁଆ', 'ଶିକାର', 'ଏ ମଣିଷକୁ ପଥର କଲା କିଏ ' ଆଦି କ୍ଷୁଦ୍ରଗଳ୍ପ ଏବେ ବି ସମାଜରେ ପ୍ରାସଙ୍ଗିକତା ହରାଇ ନାହିଁ । ଏ ସବୁ ଗଳ୍ପର ଅନ୍ତଃସ୍ୱର ପାଠକଙ୍କ ଅନ୍ତରକୁ ସ୍ପର୍ଶ କରୁଥିବ ହିଁ କରୁଥିବା ।

ଏସବୁ ସତ୍ତ୍ୱେ ପାଠକ ହେଉଛନ୍ତି ଶ୍ରେଷ୍ଠ ବିଚାରକ । ଭଲ ଓ ମନ୍ଦ ଉଭୟ ପ୍ରକାର ଲେଖାକୁ ପଠନ ପୂର୍ବକ ସେହିପରି ଲେଖାଗୁଡ଼ିକୁ ସ୍ୱୀକୃତି ଦେବା ଉଚିତ, ଯେଉଁଥିରେ ସମାଜ ପାଇଁ ଏକ ସୁବାର୍ତ୍ତା ଥିବ । ନାରୀ ପୁରୁଷ ଆବାଳ ବୃଦ୍ଧବନିତା ସେଥିରୁ କିଛି ଶିକ୍ଷା ଲାଭ କରିବା ସହିତ ସଂହତିପୂର୍ଣ୍ଣ ଜୀବନ ବିତାଇବା ନିମନ୍ତେ ଖୋରାକ ପାଉଥିବେ । କିନ୍ତୁ ଆଲୋଚନା ହେଉଛି ପାଠକ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଛାତ୍ରୀଛାତ୍ରଙ୍କ ଉପରେ ପାଠର ବୋଝ ଓ ଭବିଷ୍ୟତ ଗଠନର ନିଶା ଏମିତି ସବାର ହୋଇଛି ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ବହି ପଢ଼ିବା ପ୍ରତି ସେମାନଙ୍କର ଆଗ୍ରହ ନାହିଁ । ଅନ୍ୟମାନଙ୍କ ହାତରେ ବେଳ କାହିଁ ବହି ପଢିବାକୁ ? କର୍ମମୟ ଜୀବନ ଭିତରୁ ଯଦି କିଛି ସମୟ ମିଳିଲା ତେବେ ମୋବାଇଲକୁ ନେଇ ବ୍ୟସ୍ତ । ଥରେ ଜଣେ ସମାଲୋଚକ କହିଲେ ''ଯଦି ତୁମ ଘରେ କାହାକୁ ନିଦ ହେଉନାହିଁ ତେବେ ତାଙ୍କୁ ନିଦ ଔଷଧ ଦେବା ଦରକାର ନାହିଁ । ଖଣ୍ଡିଏ ବହି ହାତରେ ଦେଇ ପଢିବାକୁ କୁହ । ତା'ପରେ କ'ଣ ହେଉଛି କହିବ ।'' ସତରେ ପଢ଼ିବା ଏକ ଅଭ୍ୟାସ । ଅଭ୍ୟାସ ନ ଥିଲେ ବହିଟି ଯେତେ ଭଲ ହୋଇଥିଲେ ମଧ୍ୟ ଧରୁ ଧରୁ ନିଦ ଆସିବ ।

ପାଠକଙ୍କ ସଂଖ୍ୟା କେତେ ହ୍ରାସ ପାଇଲାଣି ଯେକୌଣସି ପୁସ୍ତକ ମେଳାକୁ ଗଲେ ସହଜରେ ବୁଝିହେବ । ପ୍ରତ୍ୟେକ ବିଦ୍ୟାଳୟରେ ପାଠାଗାର ଅଛି । ସରକାର ମଧ୍ୟ ପୁସ୍ତକ କ୍ରୟ ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଦେଉଛନ୍ତି । ନୂଆ ନୂଆ ପୁସ୍ତକ କିଣାଯାଇ ପାଠାଗାର ସମୃଦ୍ଧ କରାଯାଉଛି । କିନ୍ତୁ ଏହି ପୁସ୍ତକ ସବୁ ଆଲମାରିର ଶୋଭାବର୍ଦ୍ଧନ କରୁଛି ନା କେହି ପଢୁଛନ୍ତି ତା'ର ସତ୍ୟତା ଅନୁସନ୍ଧାନ କଲେ କେତେ ନୂଆ ପାଠକ ଆମେ ତିଆରି କରୁଛୁ ତାହା ମଧ୍ୟ ଜାଣିହେବ ।

ଲେଖା, ଲେଖକ ଓ ପାଠକ ଗୋଟିଏ ସୂତାରେ ବନ୍ଧା । ପାଠକର ପ୍ରେରଣାଦାୟୀ ମନ୍ତବ୍ୟ ଲେଖକଙ୍କୁ ଉତ୍ସାହ ପ୍ରଦାନ କରେ ନୂତନ ସୃଷ୍ଟି ପାଇଁ । ପାଠକୀୟ ସମାଲୋଚନା ଲେଖକଙ୍କୁ ସଂଯତ କରାଏ । ପାଠକ ନ ଥିଲେ ଯେକୌଣସି ଲେଖା ଖୋଳପା ଭିତରେ ଥିବା ଶାଣଦିଆ ତରବାରି ପାଲଟି ଯିବ ଅଥବା ବନ୍ଦ ଫରୁଆରେ ଫଗୁ ହୋଇ ରହିଯିବ । ତଥାପି ସ୍ରଷ୍ଟା ତା'ର ସୃଷ୍ଟି ପାଇଁ ସମର୍ପିତ ହେଉ । ଆଜି ନ ହେଲେ କାଲି କେହି ତାଙ୍କୁ ଆବିଷ୍କୃତ କରିବ ଏବଂ ସମାଜ କଲ୍ୟାଣରେ ବିନିଯୋଗ ହେବ ।

ସଭାପତି (ଓଷ୍ଟା)
ମୋ:୭୦୦୮୦୭୩୫୯୯

# ନିରନ୍ତର ନା ପରିପୋଷଣୀୟ



ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ଜିଡିପି ବା ମୋଟ ଘରୋଇ ଉତ୍ପାଦକୁ ଭିତ୍ତିକରି ଆମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସୁଖ ସମୃଦ୍ଧିକୁ ନେଇ ବାଦବିବାଦ, ମତ ମତାନ୍ତର ଢେର ଆଗରୁ ତ ତିଷ୍ଠି ରହିଛି । ତେବେ ଖୁବ୍ ନିକଟରେ କେତେଜଣ ଗବେଷକ ଜିଡିପିକୁ ଏକ ନୂଆ ଢଙ୍ଗରେ ବିଚାର କରିବାକୁ ଆରମ୍ଭ କରିଛନ୍ତି । ସେମାନେ ପ୍ରଶ୍ନ ପଚାରିଛନ୍ତି, ନିରନ୍ତର ଅର୍ଥନେତିକ ଅଭିବୃଦ୍ଧି କ'ଣ ପରିପୋଷଣୀୟ ବିକାଶର ସମତୁଲ ? ସେମାନେ କୁହନ୍ତି, ମିଳିତ ଜାତିସଂଘର ପଣ୍ଡିତମାନେ ଅନ୍ତତଃ ସେଇଆ ଭାବିଥାନ୍ତି, କାରଣ ପରିପୋଷଣୀୟ ବିକାଶ ଲକ୍ଷ୍ୟ ବା ଏସ୍‌ଡିଜି ତାଲିକାରେ ଦର୍ଶାଯାଇଛି ଯେ ଉଭୟ ସମାନ । ଅନ୍ୟପକ୍ଷରେ ଯେଉଁମାନେ ଏହି ବିଚାରକୁ ବିରୋଧ କରୁଛନ୍ତି ସେମାନଙ୍କର ଯୁକ୍ତି ହେଉଛି ଅର୍ଥନେତିକ ଅଭିବୃଦ୍ଧି ନିରନ୍ତର ଜାରି ରହିବା ସମ୍ଭବ ନୁହେଁ । ଆଉ ଯଦି ଅଭିବୃଦ୍ଧି ଦୀର୍ଘ ସୂତ୍ରରେ ପରିପୋଷଣୀୟ ନ ହୁଏ ତେବେ ତା'ର ଅର୍ଥ ହିଁ ନାହିଁ ।

ଯଦି ପରିପୋଷଣୀୟ ବିକାଶ ଲକ୍ଷ୍ୟ ମିଳିତ ଜାତିସଂଘ ମାନଦଣ୍ଡରେ ଆମର ମୂଳ ପ୍ରସଙ୍ଗ ନ ହୁଏ ତେବେ ଯେକୌଣସି ଅଭିବୃଦ୍ଧି ହେବ ଅନ୍ତଃ ସାରଶୂନ୍ୟ । ଗଣିତ ଆତ୍ମାକୁ ଯେ ନିରନ୍ତର ଖାଦ୍ୟ ଯୋଗେଇପାରିବ ନାହିଁ । ପାଠକେ ଜାଣନ୍ତି ଯେ ଅନ୍ତତଃ କେତେ ଦଶନ୍ଧି ଧରି ପ୍ରସିଦ୍ଧ ଅର୍ଥଶାସ୍ତ୍ରୀ, ବଜାର ବିଶାରଦ, କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥା ମନେକରି ଆସିଛନ୍ତି ଯେ ଗୋଟିଏ ଅର୍ଥନୀତିର ଶ୍ରୀବୃଦ୍ଧି ତଉଲିବା ପାଇଁ ଯେକୌଣସି ପ୍ରକାର ମୋଟ ଘରୋଇ ଉତ୍ପାଦ ବୃଦ୍ଧି ହେବା ଦରକାର । କିନ୍ତୁ ସବୁ ସମୟରେ ଆଉ କେତେଜଣ ଅର୍ଥନୀତିଜ୍ଞ ଏବଂ ଚିନ୍ତକ ଏମାନଙ୍କୁ ରୀତିମତ ବିରୋଧ କରିଆସିଛନ୍ତି । ସେମାନେ ମନେକରନ୍ତି,ନିରନ୍ତର ଅଭିବୃଦ୍ଧି ଆମ ଗ୍ରହର ସ୍ୱାସ୍ଥ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ।

ପ୍ରାୟ ୫୦ ବର୍ଷ ତଳେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧିର ସମାଲୋଚକ ହର୍ମାନ୍ ଡାଲି ଲେଖିଥିଲେ, 'ଗ୍ରୋଥ୍' ଶବ୍ଦର ଉପଯୁକ୍ତ ବ୍ୟବହାର ହେଉନାହିଁ ବରଂ ଏହାର ସରଳ, ଅଭିଧାନସମ୍ମତ ଅର୍ଥ ଆମେ ହରେଇ ବସିଛୁ । କୁହାଯାଏ,ଡାଲି ଅନୁପ୍ରେରିତ କରିଥିଲେ ଗୋଟାଏ ପିଢ଼ି ଗବେଷକଙ୍କୁ ଯେଉଁମାନଙ୍କର କ୍ଷେତ୍ର ଥିଲା ପର୍ଯ୍ୟାବରଣ ଅର୍ଥନୀତି ଇକୋନୋମିକ୍ସ ଅଫ୍ ଇକୋଲୋଜି । ଏବେ ସେଇମାନେ ଏକ ନୂଆ ଆନ୍ଦୋଳନର ପ୍ରବକ୍ତା ଯେଉଁ ଆନ୍ଦୋଳନକୁ କୁହାଯାଉଛି 'ବିଅଣ୍ଡ ଜିଡିପି' । ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଛନ୍ତି ଯେ ସମୃଦ୍ଧିର ଆକଳନ ପାଇଁ ଗୋଟିଏ ସୂଚକାଙ୍କ ବା ଗୋଟିଏ ଫର୍ମୁଲା ବ୍ୟବହାର ନ ହେଉ । ଭଲ ଖବର ହେଉଛି କିଛି ଗୁରୁତ୍ୱପୂର୍ଣ୍ଣ ସଙ୍ଗଠନ ଯଥା ମିଳିତ ଜାତିସଂଘ ଏବଂ




ୟୁରୋପୀୟ ୟୁନିୟନ ଏମାନଙ୍କ କଥା ଶୁଣିଲେଣି । ଯୁକ୍ତି ଦର୍ଶାଯାଇଛି, ଅର୍ଥନୈତିକ ଅଭିବୃଦ୍ଧି କଥା ବିଚାରକୁ ନେଲାବେଳେ ସାମାଜିକ ଓ ଜଳବାୟୁ ନ୍ୟାୟ, କର୍ମ ଓ ଅର୍ଥନେତିକ କ୍ଷେତ୍ରରେ ସମାନତା ସହିତ ପରିପୋଷଣୀୟ ନୀତି ନିର୍ଦ୍ଧାରଣକୁ ଗୁରୁତ୍ୱ ଦିଆଯାଉ । ଏବେ ବି ଦୁର୍ବଳ ଅର୍ଥନୀତି ଗୁଡ଼ିକ ପାଇଁ ବାର୍ଷିକ ହାରାହାରି ୭ ପ୍ରତିଶତ ଜିଡିପି ଅଭିବୃଦ୍ଧି ଦୂରନ୍ତ ହୋଇ ରହିଛି । ଏ ବର୍ଷ ଅତିବେଶିରେ ତାହା ୪ ପ୍ରତିଶତ ହେବ । ଅନ୍ୟ ଅର୍ଥରେ ଉପଭୋକ୍ତାମାନଙ୍କ ବ୍ୟବହାର ପାଇଁ ଅଧିକ କଞ୍ଚାମାଲର ଉପଲବ୍ଧି, ବିଳାସ ସାମଗ୍ରୀ ପ୍ରସ୍ତୁତି ଓ ଉପଭୋଗ ପରିପୋଷଣୀୟ ବିକାଶର ନମୁନା ବିଲକୁଲ ନୁହେଁ । ଆମେ ଆଦୌ ଭୁଲିଯିବା ଉଚିତ ହେବ ନାହିଁ ଯେ ମାତ୍ରାଧିକ ଉପଭୋକ୍ତା ଆବଶ୍ୟକତା ବା ସାମଗ୍ରୀଗୁଡ଼ିକର ଉପଭୋଗ ହେଉଛି ଅଧିକ କାର୍ବନ ଫୁଟ୍‌ପ୍ରିଣ୍ଟ । ଅଧିକ ସବୁଜ ବାଷ୍ପ ଉତ୍ସର୍ଜନ ଏବଂ ଅଧିକ ପ୍ରଦୂଷଣ । ଅନେକ ରାଷ୍ଟ୍ରଙ୍କ କ୍ଷେତ୍ରରେ ଉଭୟ ଜନସଂଖ୍ୟା ଓ ଜିଡିପି ଅନୁପାତରେ କାର୍ବନ ଫୁଟ୍‌ପ୍ରିଣ୍ଟ ବଢ଼ିବଢ଼ି ଚାଲିଛି ।

ଏବେ ଗୁରୁତ୍ୱର ସହ ଚିନ୍ତା କରାଯାଉଛି ଯେ ଜିଡିପି କହିଲେ ସାଧାରଣ ଅର୍ଥରେ ଯାହା ବୁଝାଯାଉଛି ତାହା ହେଉଛି ମୋଟ ଉପଭୋକ୍ତା ଖର୍ଚ୍ଚ, ସରକାର ଏବଂ ବ୍ୟବସାୟ ସଂସ୍ଥାଗୁଡ଼ିକ ପୁଞ୍ଜିନିବେଶ ଓ ବ୍ୟୟ ଏବଂ ମୋଟ ରପ୍ତାନି ବିଯୁକ୍ତ ମୋଟ ଆମଦାନୀ । ଆଉ ଯଦି ପରିପୋଷଣୀୟ ବିକାଶ ଲକ୍ଷ୍ୟ (ନମ୍ବର-୮) ଅର୍ଥନୀତିର ନିରନ୍ତର ବୃଦ୍ଧିକୁ ଲକ୍ଷ୍ୟ ବୋଲି ବିଚାରକରେ ତେବେ ସବୁଜ ବାଷ୍ପ ଉତ୍ସର୍ଜନ ଓ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ ପାଇବ କେମିତି ? ପର୍ଯ୍ୟାବରଣ ବିରୋଧୀ ପ୍ରକ୍ରିୟାଗୁଡ଼ିକର ଜିଡିପି ଅଭିବୃଦ୍ଧି ସହ ସିଧାସଳଖ ସମ୍ପର୍କ ଅଛି । ଚିନ୍ତକମାନଙ୍କ ମତ ଯେ ଆମେ ଏବେ ଏମିତି ଏକ ମୋଡ଼ରେ ପହଞ୍ଚିଛେ ଯେଉଁଠି ଯେନତେନ ଘୁ ଘୁ ବଢୁଥିବା ଅର୍ଥନୀତି ଆମ ଗ୍ରହ ସ୍ୱାସ୍ଥ୍ୟର ପରିପନ୍ଥୀ । ବରଂ ଆମର ଲୋଡ଼ା ଏମିତି ଅର୍ଥନୈତିକ ବ୍ୟବସ୍ଥା ଯେଉଁଠି ଅର୍ଥନେତିକ ଅଭିବୃଦ୍ଧି ହାର କମ୍ ହେଲେ ହେଁ ଅଗ୍ରାଧିକାର ପାଇଥିବ ପରିପୋଷଣୀୟ ବିକାଶ । ପାଠକେ,ଏସ୍‌ଡିଜି-୮ ହାସଲରେ ଆମ ଦେଶ ଭାରତର ସ୍ଥାନ ତ ନିଶ୍ଚିତ ଭାବରେ ଭଲ । କାରଣ ୨୦୧୪-୨୦୧୯ ଭିତରେ ଆମ ଜିଡିପି ଅଭିବୃଦ୍ଧି ହାର ହାରାହାରି ୭.୫ ପ୍ରତିଶତ । ତେବେ ଗୁଣାତ୍ମକ ଅର୍ଥରେ ଆମ ସାମାଜିକ-ଅର୍ଥନେତିକ କାନ୍‌ଭାସରେ ବାରିହୋଇ ପଡୁଛି ସମାନ କାମ ପାଇଁ ସମାନ ମଜୁରି ନେଇ ଲିଙ୍ଗଗତ ବିଭେଦ, ଅଣସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କ ପାଇଁ ଅନେକ ଅନିଶ୍ଚିତତା ଓ ଶିଶୁ ଶ୍ରମିକ ପ୍ରଥା ।

ଆଉ ବାକି ରହିଲା ଆମ କାର୍ବନ ଫୁଟ୍‌ପ୍ରିଣ୍ଟ ? ୧୯୭୦ରେ ଏହା ମୁଣ୍ଡ ପିଛା ଥିଲା ୦.୩୯ ମେଟ୍ରିକ ଟନ ଯାହା ୨୦୨୧ ରେ ପହଞ୍ଚିଛି ୧.୯ ମେଟ୍ରିକ ଟନ୍‌ରେ । ଚାଇନା, ଯୁକ୍ତରାଷ୍ଟ୍ର ଏବଂ ୟୁରୋପୀୟ ୟୁନିୟନ ପଛରେ ପୃଥିବୀରେ ଚତୁର୍ଥ ବୃହତ୍ତମ କାର୍ବନ ଫୁଟ୍‌ପ୍ରିଣ୍ଟ ଭାରତର । ଆପଣ ଚିନ୍ତା କରିପାରନ୍ତି ।

ମୋ:୯୪୩୭୧୩୭୦୬୦

## ଏଇ ଭାରତରେ

କୌଣସି ମା' ପାଇଁ ନିଜ ପିଲାମାନଙ୍କଠାରୁ ବଡ଼ କିଛି ନାହିଁ । ମା' ନିଜ ପିଲାଙ୍କୁ ସୁରକ୍ଷା ଦେବାକୁ ଜୀବନ ସହ ବାଜି ଲଗାଇଦେଇଥାନ୍ତି । ଜଣେ ମା' ନିଜ ପିଲାମାନଙ୍କ ପ୍ରତି ସ୍ନେହ ଏବଂ ପ୍ରେମ ଆଚରଣ ପ୍ରଦର୍ଶନ କରିବା ସହିତ ସଙ୍କଟ ସମୟରେ ନିଜ ଜୀବନକୁ ତୁଚ୍ଛ ମଣିଥାନ୍ତି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବିହାରର ସାର୍ହସାରେ । ଏହି ମା' ଜଣକ ହେଉଛନ୍ତି ମୁନ୍ନି ଖାତୁନ । ଗୁଣ୍ଡାମାନେ ମୁନ୍ନି ଖାତୁନଙ୍କ ଦୁଇ ମହଲା ଘରେ ପଶି ତାଙ୍କ ପୁଅକୁ ଟାଣି ନେଇ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ସେ ଏହା ଦେଖି ତତ୍‌କ୍ଷଣାତ ନିଜ ଜୀବନକୁ ପାଣିଛଡ଼ାଇ ପୁଅକୁ ରକ୍ଷା କରିବା ପାଇଁ ଲଢ଼ିବା ଆରମ୍ଭ କରିଥିଲେ । ସେ ନିଜ ଓଢ଼ଣିରେ ଫାଶ ତିଆରି କରି ଗୁଣ୍ଡାଙ୍କଠାରୁ ପିସ୍ତଲ ମଧ୍ୟ ଛଡ଼ାଇ ନେଇଥିଲେ । ମା' ଜଣକ ଗୁଣ୍ଡାମାନଙ୍କ ସହିତ ଦୁର୍ଗା ଭଳି ଲଢ଼େଇ କରି ପୁଅକୁ ବଞ୍ଚାଇବାରେ ସଫଳ ହୋଇଥିଲେ । କେବଳ ସେତିକି ନୁହେଁ, ପଳାୟନ କରୁଥିବା ଗୁଣ୍ଡାଙ୍କ ମଧ୍ୟରୁ ଜଣଙ୍କୁ ମଧ୍ୟ ଧରିନେଇଥିଲେ । ଏବେ ତାଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳର ଲୋକେ ଏବଂ ପ୍ରଶାସନ ମୁନ୍ନିଙ୍କ ସାହସକୁ ପ୍ରଶଂସା କରିବାରେ ଲାଗିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୯୮

- ୧୮ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇ ଇଞ୍ଜିନ ବିଶିଷ୍ଟ ଏକ ଘରୋଇ ବିମାନ ନେପାଳର ଉତ୍ତର-ପଶ୍ଚିମାଞ୍ଚଳ ପାର୍ବତ୍ୟ ଇଲାକାରେ ନିଖୋଜ ।
- ଚୀନର ସୋଙ୍ଘୁଆ ଏବଂ ନେନ ନଦୀରେ ପ୍ରବଳ ବନ୍ୟା ଆସିବା ଫଳରେ ଉତ୍ତର-ପୂର୍ବ ଚାଇନାର ପ୍ରାୟ ଏକ ମିଲିୟନରୁ ଊର୍ଦ୍ଧ୍ୱ ଲୋକ ବାସହୀନ ।
- ପଣ୍ୟକର ଉଚ୍ଛେଦ ଦାବିରେ ଓଡ଼ିଶାବ୍ୟାପୀ ମହାସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ରାଜ୍ୟର ସମସ୍ତ ଛୋଟବଡ଼ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ।

## ପାଠକ ଶ୍ରେଷ୍ଠ ବିଚାରକ

### ମଣିପୁର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ କଡ଼ା ମନ୍ତବ୍ୟ

ମହାଶୟ,

ମଣିପୁର ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ କଠୋର ଶବ୍ଦ ରାଜ୍ୟ, କେନ୍ଦ୍ର ଓ ପୋଲିସ ଉପରେ ଝାଡ଼ିଛନ୍ତି । ସରକାର ଚାପିଦେଇଥିବା ଘଟଣାଟି ଜଣାପଡ଼ିଲା ଜୁଲାଇ ୧୯ରେ ଭିଡିଓ ପ୍ରଘଟ ପରେ । ଇତିମଧ୍ୟରେ ସମ୍ପୃକ୍ତ ଭିଡିଓର ପ୍ରସାର ଓ ପ୍ରସ୍ତୁତ କର୍ତ୍ତା ଗିରଫ ହେବା ଖବର ଗଣମାଧ୍ୟମରେ ଆସିଛି ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ଟିପ୍ପଣୀ ଦେଇନାହାନ୍ତି । ଦମନମୂଳକ ଶାସନ ଅଗଣତାନ୍ତ୍ରିକ । ମଣିପୁର ଘଟଣା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସିଧାସଳଖ ଦାୟୀ । ସେମାନେ ସାମ୍ବିଧାନିକ ସର୍ବନିମ୍ନ କର୍ତ୍ତବ୍ୟ ପାଳନ କରିନାହାନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଯଦି ପୋଲିସ ମୁଖ୍ୟ ଏବଂ ଘଟଣା ଅଞ୍ଚଳର ପୋଲିସ ଅଧିକାରୀଙ୍କୁ ଦଣ୍ଡିତ ଓ ବହିଷ୍କାର ପାଇଁ କଠୋର ନିଷ୍ପତ୍ତି ନ ନେବେ ଭାରତର ଜନସାଧାରଣଙ୍କ କାର୍ଯ୍ୟପାଳିକା ଉପରୁ ବିଶ୍ୱାସ ହଟିଯିବ, ନ୍ୟାୟାଳୟକୁ ମଧ୍ୟ ଲୋକେ ଦୋଷୀ କରିବେ । ସବୁଠୁ ଆଶ୍ଚର୍ଯ୍ୟର ବିଷୟ, ମଣିପୁରରେ କ'ଣ କେହି ସାମ୍ବାଦିକ କି ବୁଦ୍ଧିଜୀବୀ ନାହାନ୍ତି ଓ ସେମାନଙ୍କର କ'ଣ କିଛି କର୍ତ୍ତବ୍ୟ ନାହିଁ । ଏ ଦେଶ ପୁଣି ପ୍ରାଗ୍ ଐତିହାସିକ ହେବାକୁ ଯାଉଛି ନା ବିଶ୍ୱଗୁରୁ ବଦଳରେ ବିଶ୍ୱ ଲାଞ୍ଛିତ ଦେଶ ହେବାକୁ ଯାଉଛି । ଘର ବା ଦେଶ ଜଳୁଥିବା ବେଳେ ନୀରବ ଦର୍ଶକ ହେବା ଦ୍ୱାରା ଧୀରେ ଧୀରେ ଅନ୍ୟ ରାଜ୍ୟଗୁଡ଼ିକୁ ସାମ୍ପ୍ରଦାୟିକ ନିଆଁ ବ୍ୟାପିଲାଣି । କାର୍ଯ୍ୟପାଳିକାର ନୀରବତା ବିପଦକୁ ଡାକି ଆଣୁଛି । ମଣିପୁର ମଧ୍ୟ କଶ୍ମୀର ପରି ହେବାକୁ ଯାଉଛି ।

–ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା ଜୟପୁର, କଟକ

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଜେଙ୍ଗାବୁରୁ କର୍ସ'ରେ ଓଡ଼ିଆ କଳାକାର

ୱେବସିରିଜ୍ 'ଜେଙ୍ଗାବୁରୁ କର୍ସ' ଅଗଷ୍ଟ ୯ରୁ ସୋନି ଲାଇଭ୍‌ରେ ପ୍ରସାରିତ ହେଉଛି। ଓଡ଼ିଶାରେ ଏହି ୱେବସିରିଜ୍ ଶୁଟିଂ ହୋଇଥିବାବେଳେ ନୀଳମାଧବ ପଣ୍ଡା ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଭାରତର ପ୍ରଥମ କ୍ଲାଏ-ଫାଇ ଥ୍ରୀଲର ସିରିଜ। ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ଏହି ସିରିଜ୍ ପ୍ରସ୍ତୁତ ହୋଇଛି। ବିଶେଷକରି ମନୁଷ୍ୟର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରିଦେଉଛି ଏବଂ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟାରେ ପରିଗଣିତ ହୋଇଛି ତାହା ଉକ୍ତ ୱେବସିରିଜ ମାଧମରେ ଦର୍ଶାଯାଇଛି। ଏଥିରେ ବାହାର କଳାକାର ପ୍ରମୁଖ ଭୂମିକାରେ ଥିବାବେଳେ ଓଡ଼ିଶାର କେତେଜଣ କଳାକାର ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅଭିନେତା ହର ରଥ, ଶକ୍ତି ବରାଳ, ଶ୍ୱେତା ଆଚାର୍ଯ୍ୟ, ଉଦିତ ଗୁରୁ, ସତ୍ୟରଞ୍ଜନ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତ୍ରୀ ରିୟା ରଶମ୍ ବରୀ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ନିର୍ମିତ ହୋଇଥିବା ଏହି ସିରିଜ୍‌ରେ ବାହାରର କଳାକାରଙ୍କ ସହ ଓଡ଼ିଶାର କଳାକାରମାନେ ମିଶି କାମ କରିଥିଲେ। ଶୁଟିଂ ସମୟରେ ସେମାନଙ୍କର ଅନୁଭୂତିକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର




### 'ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ'



ମୋତେ ପ୍ରଥମେ ଡାକ୍ତର ଭୂମିକାରେ ଅଭିନୟ କରିବାକୁ କୁହାଯାଇଥିଲା। ତେବେ ପରେ ପୋଲିସ୍‌ର ଭୂମିକା ମିଳିଲା। ବଡ଼ ବଡ଼ ଆକ୍ଟରଙ୍କ ମାହୋଲରେ କେମିତି କ'ଣ ହେବ ଭାବି ମୁଁ ଅସୁରକ୍ଷିତ ମନେ କରୁଥିଲି। ତେବେ ଶୁଟିଂସେଟ୍‌କୁ ଯିବାବେଳଠାରୁ ରହିବା ପର୍ଯ୍ୟନ୍ତ ନେଇ ରାତିରେ ପ୍ଲାନିଂ, ଭୋର ୪ରୁ କାମ, ଭ୍ୟାନିଟି ଗାଡ଼ି (ଯାହା ଆମ ପାଇଁ ସ୍ୱପ୍ନ) ଭିତରକୁ ପଶିଲା ବେଳକୁ ଚୁଟିକେଟାଠୁ ସାଜସଜ୍ଜା ଯାଏ ସମସ୍ତେ କରିଦେଉଥାନ୍ତି। ଖାଲି ଯାହା ଶରୀର ଆଉ ସମୟଟା ତୁମେ ଦେବ। ବହୁତ ପ୍ରଫେଶନାଲିଜ୍ ଭଳି ଅନୁଭବ ହେଲା। ନିର୍ଦ୍ଦେଶକ ପଣ୍ଡା ଯେଭଳି ଟ୍ରିଟ୍ କଲେ ମୁଁ ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ। ଏତେ ବଡ଼ ପ୍ଲାଟଫର୍ମରେ ନିଜକୁ ଦେଖି ବହୁତ ଖୁସି ଲାଗୁଛି।

**–ହର ରଥ, ଅଭିନେତା**

### 'ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା'



ପ୍ରଥମ ଅଡିଶନ୍‌ରେ ହିଁ ସିଲେକ୍ଟ ହୋଇଥିଲି। ଓଡ଼ିଶାରେ ଏହି ୱେବ୍‌ସିରିଜ ଶୁଟିଂ ହେଉଥିବାରୁ ବହୁତ ସହଜ ହେଲା। କୁଆଡ଼େ ବେଶି ଯିବାକୁ ପଡ଼ିଲାନି। ବାହାରର କଳାକାରଙ୍କ ସହ କାମ କରି ବହୁତ ଭଲ ଲାଗିଲା। ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା। ନିର୍ଦ୍ଦେଶକ ସାର୍‌ଙ୍କୁ ଧନ୍ୟବାଦ ସେ ବାହାର କଳାକାରଙ୍କ ସହ କାମ କରିବାର ଏକ ସୁନ୍ଦର ଅନୁଭୂତି ଭେଟିଦେଲେ।

**–ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ**

### 'ବଡ଼ କଳାକାରଙ୍କ ମନରେ ଗର୍ବ ନ ଥିଲା'



କମ୍ ସମୟ ପାଇଁ ଅଭିନୟ କରିଛି, କିନ୍ତୁ ଅଧିକ ଅନୁଭୂତି ସାଉଁଟିଛି। ମୋତେ ଡାକ୍ତର ଚରିତ୍ର ମିଳିଥିଲା। ମାତ୍ର ଗୋଟିଏ ଦିନ ସମୟ ଦେଇପାରିଥିଲି। ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ୟୁନିଟ୍ ବହୁତ ବଡ଼ ଥିଲା। ମୁମ୍ବାଇରେ ଯେମିତି ଶୁଟିଂ ହୁଏ ଠିକ୍ ସେମିତି ବ୍ୟବସ୍ଥା ସବୁ ହୋଇଥିଲା। ୟୁନିଟ୍‌ରେ ୧୦/୧୨ଜଣ ଯୁବକ କାମ କରୁଥିଲେ, ଯେଉଁମାନେ ମୋ ପଛରେ ପୂରା ଲାଗିଥିଲେ। ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସଚ୍ଚୋଟତାର ସହ ସବୁ କାମ ହେଉଥିଲା। ବଡ଼ ବଡ଼ କଳାକାର କାମ କରୁଥିଲେ ବି କାହା ମନରେ ଗର୍ବ ନ ଥିଲା।

**–ମନୋଜ ପଟ୍ଟନାୟକ, ନାଟ୍ୟକାର**

### 'ବହୁତ କିଛି ଶିଖିବାକୁ ମିଳିଲା'



କେବଳ ଅଭିନୟ ନୁହେଁ, ପ୍ରି-ପ୍ରଡକ୍ସନଠୁ ନେଇ ପୋଷ୍ଟ ପ୍ରଡକ୍ସନ ପର୍ଯ୍ୟନ୍ତ ମୁଁ ପୂରା ସଂଶ୍ଳିଷ୍ଟ ଥିଲି। ବହୁତ କିଛି ଶିଖିବାକୁ ମିଳିଲା। ଆଦିବାସୀ ପରିବାରରେ କ'ଣ ହୁଏ ସେ ସବୁ ମୁଁ ସେମାନଙ୍କୁ କହୁଥିଲି। ବ୍ୟକ୍ତିଗତ ଭାବେ ମୁଁ ବହୁତ କନେକ୍ଟ ହୋଇପାରିଥିଲି। ଏତେବଡ଼ ଟିମ୍‌କୁ କେମିତି ମ୍ୟାନେଜ କରାଯାଉଛି, ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିଥିଲି।

**–ରିୟା ରେଶମ୍ ବରି, ଅଭିନେତ୍ରୀ**

### 'ଛୋଟ ଆର୍ଟିଷ୍ଟଙ୍କୁ ଗୁରୁତ୍ୱ ଦିଆଯାଉଥିଲା'



ଛୋଟରୁ ଛୋଟ ଜିନିଷ ପ୍ରତି ମଧ୍ୟ ସେମାନେ ଧ୍ୟାନ ଦିଅନ୍ତି। ପ୍ରାକ୍ ପ୍ରସ୍ତୁତି ବହୁତ ଥାଏ। କିଛି ସମୟ ପାଇଁ ଅଭିନୟ କରୁଥିବା ଆର୍ଟିଷ୍ଟଙ୍କ ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଉଥିଲା। ସେମାନଙ୍କ ସହ କାମ କରି ବହୁତ ଖୁସି ଲାଗିଲା। ଆମ ଓଡ଼ିଶାର କଳାକାରମାନେ ବି ବହୁତ ଭଲ ଅଭିନୟ କରିଛନ୍ତି। କିନ୍ତୁ ସେମାନଙ୍କର ଯେଭଳି ପରିବେଶ ରହିଛି ସେ ପରିବେଶରେ ପଡ଼ିଲେ ଅଭିନୟର ମାନ ଆହୁରି ଉନ୍ନତ ହୋଇପାରିବ।

**–ଶକ୍ତି ବରାଳ, ଅଭିନେତା**

### 'ଓଡ଼ିଆ ଶିଖାଇବାରେ ସାହାଯ୍ୟ କରିଛି'



ବହୁତ ଭଲ ଅନୁଭୂତି ଥିଲା। ଆମମାନଙ୍କ ସହ କାମ କରି ସେମାନେ ଭଲ ଅନୁଭୂତି ନେଇଛନ୍ତି ବୋଲି କହୁଥିଲେ। ମୋତେ କମ୍ ସମୟ ପାଇଁ ଅଭିନୟର ସୁଯୋଗ ମିଳିଥିଲା। କିନ୍ତୁ ଶୁଟିଂର ୨/୩ମାସ ପୂର୍ବରୁ ସେମାନଙ୍କ ସହ କଥା ହେବା, ଏଠିକା ବିଷୟରେ ଜଣାଇବା, ଏମିତି କି ଓଡ଼ିଆ ଶିଖାଇବାରେ ମଧ୍ୟ ସାହାଯ୍ୟ କରିଛି। ମୁଁ ବହୁତ ଦିନରୁ ଅପେକ୍ଷାରେ ଥିଲି କିଭଳି ଓଡ଼ିଶାରେ ଭଲ ପ୍ରୋଜେକ୍ଟ କରିପାରିବି। ତାହା ଏହି ସିରିଜ ମାଧମରେ କିଛିଟା ସଫଳ ହୋଇପାରିଛି।

**–ମଧୁମିତା ବାରିକ୍, ଅଭିନେତ୍ରୀ**

## ଡିସେମ୍ବର ୨୧ରୁ କୋଣାର୍କ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟୋତ୍ସବ

ଭୁବନେଶ୍ୱର,୨୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟୋତ୍ସବ ଡିସେମ୍ବର ୨୧ରୁ ୨୫ ପର୍ଯ୍ୟନ୍ତ କୋଣାର୍କ ଏୟାର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବ। ଦାସୀ କଲ୍‌ଚରାଲ ଭିଲେଜ୍, ଜୁଲାଜି ଇଣ୍ଟରନ୍ୟାଶନାଲ୍ ଏବଂ ୟୁଏସ୍‌ଏର ନୃତ୍ୟତାରା ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯିବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଆବେଦନ ଫର୍ମ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେବା ପରେ ଟଙ୍କା ଦେଇ ନୃତ୍ୟ କରିବାକୁ ଥିବା ବ୍ୟବସ୍ଥାକୁ ନେଇ ବିଶିଷ୍ଟ ଓଡ଼ିଶୀ ଗୁରୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଓଡ଼ିଶୀ ଆମର, ଏହାକୁ ଆମ ରାଜ୍ୟରେ ପରିବେଷଣ କରିବା ପାଇଁ ଟଙ୍କା କାହିଁକି ଦେବାକୁ ପଡ଼ିବ ବୋଲି ନୃତ୍ୟଗୁରୁମାନେ ପ୍ରଶ୍ନ କରିଛନ୍ତି। ପ୍ରଥମେ ଓଡ଼ିଶୀ ନୃତ୍ୟଗୁରୁ ପ୍ରଭାତ କୁମାର ସ୍ୱାଇଁ ସାମାଜିକ ଗଣମାଧ୍ୟମରେ ଏହି ଫର୍ମକୁ ପୋଷ୍ଟ କରି ଅଭିଯୋଗ ଆଣିଥିଲେ, ନୃତ୍ୟଶିଳ୍ପୀଙ୍କ ପେସା ହେଉଛି ନୃତ୍ୟ କରିବା। ନୃତ୍ୟ କରି ସେମାନେ ପଇସା ରୋଜଗାର କରନ୍ତି। କିନ୍ତୁ ଟଙ୍କା ଦେଇ ନୃତ୍ୟ କରିବା ଗ୍ରହଣୀୟ ନୁହେଁ ବୋଲି ଗୁରୁ ସ୍ୱାଇଁ କହିଛନ୍ତି। ଅପରପକ୍ଷେ ଏହି ଅଭିଯୋଗକୁ ଉତ୍ସବର ଆୟୋଜକ ଖଣ୍ଡନ କରିଛନ୍ତି। ଦାସୀ କଲ୍‌ଚରାଲ ଭିଲେଜର ବୁଦ୍ଧଦେବ ଦାସ କହିଛନ୍ତି, ଏହି କାର୍ଯ୍ୟକ୍ରମରେ କେବଳ ଅନ୍ତର୍ଜାତୀୟ ଓଡ଼ିଶୀ କଳାକାରମାନେ ଭାଗ ନେବେ। ଏଥିସହ କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଡିଟୋରିୟମ୍ ଭଡ଼ା, ଲାଇଟ୍ ଆଉ ଯାହା ବି ଖର୍ଚ୍ଚ ସବୁ ରହିଛି। ସରକାର କିମ୍ବା ଆଉ କାହାଠାରୁ କୌଣସି ଆର୍ଥିକ ସହାୟତା ଆମେ ମାଗିନାହୁଁ। ଯଦି ସେମାନେ ପଇସା ଦେଇ ନୃତ୍ୟ ପ୍ରଦର୍ଶନ କରିବାକୁ ରାଜି ଅଛନ୍ତି, ତାହେଲେ ଏଥିରେ ଅସୁବିଧା କେଉଁଠି। ତା'ଛଡ଼ା ଆମ ଐତିହ୍ୟର ପ୍ରଚାର ପ୍ରସାର ମଧ୍ୟ ହେବ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। କାହାଠୁ ଟଙ୍କାଟିଏ ବି ନିଆଯାଇନାହିଁ।

## ଅନନ୍ତବିହାର ଫେଜ୍-୩ ଅଞ୍ଚଳରେ ବେଆଇନ ଘର ଉଚ୍ଛେଦ

ଭୁବନେଶ୍ୱର, ୨୨।୮(ବନ୍ଦନା ସେଠୀ)

ସିଇଏମ୍‌ସି କାର୍ଯ୍ୟକ୍ରମ ଅନ୍ତର୍ଗତ ଏୟାରପୋର୍ଟ ଥାନା ଅଧୀନ ପୋଖରୀପୁଟସ୍ଥିତ ଅନନ୍ତ ବିହାର ଫେଜ୍-୩ ଅଞ୍ଚଳରେ ଥିବା ବେଆଇନ୍ ଘରକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ବିଡିଏ ହାଉସିଂ ପ୍ରୋଜେକ୍ଟ କରିଥିବାବେଳେ ସେଠାରେ ଏକ ଖୋଲାସ୍ଥାନ ଛଡ଼ାଯାଇଥିଲା। ମାତ୍ର ସମ୍ପୃକ୍ତ ସ୍ଥାନକୁ କିଛି ବ୍ୟକ୍ତି ନିଜ ଅକ୍ତିଆରରେ ରଖି ସେଠାରେ ଘର ନିର୍ମାଣ କରି ରହୁଥିଲେ। ମଙ୍ଗଳବାର ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ଅଧିକାରୀ ସମ୍ପୃକ୍ତ ସ୍ଥାନକୁ ଯାଇ ଉଚ୍ଛେଦ କାର୍ଯ୍ୟ କରିଥିଲେ। ଏଥିରେ ୧୭ଟି ଏସିସି ଶେଡ୍ ରୁମ୍, ପ୍ରାୟ ୭୦ ଫୁଟ ଲମ୍ବା ପଥର କାନ୍ଥ, ଗୋଟିଏ ଲୁହା ଫାଟକ, ବାଉଁଶ ପଲିଥିନ୍ ଶେଡ୍‌କୁ ଭଙ୍ଗାଯାଇଥିଲା। ଉଚ୍ଛେଦ ଦ୍ୱାରା ପ୍ରାୟ ୫ହଜାର ବର୍ଗଫୁଟ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇପାରିଛି। ଏଥିପାଇଁ ବିଡିଏର ଏକ ଜେସିବି ନିୟୋଜିତ ହୋଇଥିଲା। ସେହିପରି ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଓଏସ୍‌ଡି ଦେବରାଜ ସେଠୀ, ଲିଆସନ୍ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ବିଡିଏ ଜମି ବିଭାଗ ଅମିନ ବାବାଜୀ ପାତ୍ର ଏବଂ ଗୋପୀନାଥ ବେହେରା, ଏୟାରପୋର୍ଟ ଥାନା ଏଏସ୍‌ଆଇ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ ଜନଜାତି ଭାଷାର ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ




ଭୁବନେଶ୍ୱର, ୨୨।୮(ଅସମାପିକା ସାହୁ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାତୃଭାଷାରେ ଶିକ୍ଷାଦାନ ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭାଗ ତରଫରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ୨୧ଟି ଜନଜାତି ଭାଷାରେ ପ୍ରସ୍ତୁତ ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ ହୋଇସାରିଛି। ଏହା ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଖକୁ ପଠାଯିବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ କହିଛନ୍ତି। ମାତୃଭାଷାରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା କୌଶଳ ଉପରେ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଚିବ ସାହୁ ଅନୁସୂଚିତ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ବହୁଭାଷୀ ଶିକ୍ଷଣ ସଂକ୍ରାନ୍ତ ବିଶେଷ ତାଲିମ ପ୍ରଦାନ କରାଯିବା ସହ ଶିକ୍ଷକ ସାଥି ପୁସ୍ତିକା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲାସ୍ତରରେ ବହୁଭାଷୀ ଶିକ୍ଷଣ ପ୍ରୟୋଗଶାଳା ପ୍ରତିଷ୍ଠା, ମାତୃଭାଷା ଆଧାରିତ ଡିଜିଟାଲ ଶିକ୍ଷଣ ସାମଗ୍ରୀ, ମାତୃଭାଷା ଆଧାରିତ ଅତିରିକ୍ତ ପଠନ ପୁସ୍ତିକା ପ୍ରସ୍ତୁତ ସହ ମାତୃଭାଷାକୁ ଶିକ୍ଷାଦାନର ମାଧ୍ୟମ କରାଇବାରେ ପ୍ରାଥମିକ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ ତାଲିମ ଦେବା ଉପରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀକୁ ସଚିବ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ଅବିଭକ୍ତ କୋରାପୁଟ, ଅବିଭକ୍ତ ଗଞ୍ଜାମ, କନ୍ଧମାଳ ଜିଲାରୁ ୩୦ଜଣ ରିସୋର୍ସ ଟିଚର ଯୋଗଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ଏବଂ ଉପନିର୍ଦ୍ଦେଶକ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଲାଗିଲା ବିଜେଡି ପତାକା

ବାରଙ୍ଗ,୨୨।୮(ଲିଙ୍ଗରାଜ ରାଉତ)

କଂଗ୍ରେସ ସରକାର ସମୟରେ ମୁଣ୍ଡଳୀଠାରେ ମହାନଦୀ ଉପରେ ମୁଣ୍ଡଳି ବ୍ୟାରେଜ ନିର୍ମାଣ କରାଯାଇ ୧୯୯୬ ମସିହାରେ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇ ମୁଣ୍ଡଳି ବ୍ୟାରେଜର ଏକପାର୍ଶ୍ୱରେ ଉଦ୍‌ଘାଟନୀ ଫଳକକୁ ଲଗାଯାଇଥିଲା। କିନ୍ତୁ ମଙ୍ଗଳାବର ସନ୍ଧ୍ୟାରେ କେହି ଏହି ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଦେଇଥିବାର ଦେଖିବାକୁ ମିଳିଛି। ଫଳକ ଭଙ୍ଗାଯାଇ ଥିବା ସ୍ଥାନରେ ବିଜେଡିର ଏକ ପତାକା ଲଗାଯାଇଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ବାରଙ୍ଗ ରାଜନୀତିରେ ସରଗରମ ଆଲୋଚନା ଧରିଛି।

### କୋଇଲା ଚୁଲା ପାଇଁ ୧୧ ହୋଟେଲ ସିଲ୍

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)

କୋଇଲା ଚୁଲାରେ କେହି ରୋଷେଇ କରିବେ ନାହିଁ। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିବା ବେଳେ କୋଇଲା ଧୂଆଁ ଓ ଗୁଣ୍ଡ ଖାଦ୍ୟରେ ପଡ଼ିବାରୁ ତାହା ଖରାପ ହେଉଛି। ତେଣୁ କୌଣସି ବ୍ୟବସାୟୀ କୋଇଲାରେ ଖାଦ୍ୟ ରୋଷେଇ କରିବେ ନାହିଁ ବୋଲି ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ମାତ୍ର ଏହି ନିୟମକୁ ଅଧିକାଂଶ ଲୋକ ମାନୁନାହାନ୍ତି। ଫଳରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ହୋଟେଲଗୁଡ଼ିକୁ ଯାଞ୍ଚ କରି ସେଗୁଡ଼ିକର ମାଲିକ ଓ କର୍ମଚାରୀଙ୍କୁ ବିଏମ୍‌ସିର ଟିମ୍ 'ସାଇନ୍' ତାଗିଦ୍ କରୁଛି। ଏହି କ୍ରମରେ ମଙ୍ଗଳବାର ଭିଏସ୍‌ଏସ୍ ନଗର ଏବଂ ମଞ୍ଚେଶ୍ୱର ଅଞ୍ଚଳର ମୋଟ୍ ୧୧ଟି ହୋଟେଲ ଉପରେ ଚଢ଼ାଉ କରାଯାଇ ସେଗୁଡିକୁ ସିଲ୍ କରାଯାଇଛି। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସମ୍ପୃକ୍ତ ହୋଟେଲ ମାଲିକମାନେ କୋଇଲା ଆଞ୍ଚରେ ରୋଷେଇ କରିବା ସହ ଆଖପାଖ ଅଞ୍ଚଳକୁ ଅପରିଷ୍କାର କରିପକାଇଥିଲେ। ତେଣୁ ଟିମ୍ ସାଇନ୍ ସେଗୁଡିକୁ ସିଲ୍ କରିବା ସହ ତାଗିଦ୍ କରିଥିଲା।

## ବିଶ୍ୱ ଦକ୍ଷତା କେନ୍ଦ୍ରର ୩୮ ଜଣଙ୍କୁ 'ମେଘାଭି'ରେ ନିଯୁକ୍ତି



'ମେଘାଭି'ରେ ନିଯୁକ୍ତି ପାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ରମାନେ।

ଭୁବନେଶ୍ୱର, ୨୨।୮(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ଛାତ୍ରୀଛାତ୍ରମାନେ ତାଲିମ ନେଉଛନ୍ତି। ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏବେ କ୍ୟାମ୍ପସ ସିଲେକ୍ସନ କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ଭାରତର ପ୍ରମୁଖ ସ୍ପା' ସେବା ପ୍ରଦାନକାରୀ ସଂସ୍ଥା 'ମେଘାଭି' ୱେଲନେସ୍ କମ୍ପାନୀରେ ୩୮ ଜଣ ଛାତ୍ରୀଛାତ୍ର ନିଯୁକ୍ତି ସୁଯୋଗ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଜଣ ଛାତ୍ରୀ ଥିବା ବେଳେ ୮ ଜଣ ଛାତ୍ର ଅଛନ୍ତି। ଏହି ୩୮ଜଣଙ୍କ ମଧ୍ୟରେ 'ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା' ବିଷୟରୁ ୧୮ ଏବଂ 'ହେୟାର ଫ୍ୟାଶନ ଆଣ୍ଡ ଡିଜାଇନ'ରୁ ୨୦ ଜଣ ଅଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଯୁକ୍ତି ପାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ର 'ମେଘାଭି'ର ବିଭିନ୍ନ ଆଉଟ୍‌ଲେଟ୍‌ରେ କାମ କରିବା ସହ ଏହି କମ୍ପାନୀ ମାଧ୍ୟମରେ ଭାରତର ବିଭିନ୍ନ ସ୍ଥାନରେ ଥିବା ପ୍ରମୁଖ ହୋଟେଲ ଚେନରେ ମଧ୍ୟ କାର୍ଯ୍ୟ କରିପାରିବେ। ସୂଚନାଯୋଗ୍ୟ, ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ 'ମେଘାଭି' କମ୍ପାନୀ ବିଶ୍ୱ ଦକ୍ଷତା କେନ୍ଦ୍ରରୁ କ୍ୟାମ୍ପସ ସିଲେକ୍ସନ ଜରିଆରେ ଛାତ୍ରୀଛାତ୍ରଙ୍କୁ ଚୟନ କରି ଭାରତର ବିଭିନ୍ନ ସ୍ଥାନରେ ନିଯୁକ୍ତି ସୁଯୋଗ ଦେବ। ଏଥିପାଇଁ ନିକଟରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ 'ମେଘାଭି' ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

## ପାର୍ସଲ ସାମଗ୍ରୀ ଚୋରି କରି ୫ ଗିରଫ

ବାରଙ୍ଗ,୨୨।୮(ଲିଙ୍ଗରାଜ ରାଉତ)

ପାର୍ସଲ କମ୍ପାନୀରେ ଚାକିରି କରି କୌଶଳକ୍ରମେ ବର୍ଷକ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ କଟକସଦର ଥାନା ଅନ୍ତର୍ଗତ ସାବଳପୁରର ଦୀପକ କୁମାର ପରିଡା, କଣାସର ପବିତ୍ର ମୋହନ ଦାସ, ନଖରା ସାଇଁସୋରର ସରୋଜ ନନ୍ଦ ଦାସ, ସାନପାଟଣା ବ୍ରହ୍ମଗିରିର ରାଜା ନାୟକ ଓ ଗୋପର ପ୍ରକାଶଚନ୍ଦ୍ର ନାୟକ। ସେମାନଙ୍କଠାରୁ ୧୪ଟି ଦାମୀ ମୋବାଇଲ ଫୋନ,୨ଟି ଲାପ୍‌ଟପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ୫ଜଣ କଣ୍ଟାବାଡ଼ ଗାଁ ପାଖରେ ଥିବା ଏକ ପାର୍ସଲ କମ୍ପାନୀରେ କାମ କରୁଥିଲେ। କମ୍ପାନୀରେ କାମ କରିବା ସୁଯୋଗରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ କୌଶଳକ୍ରମେ ଚୋରି କରିନେଇଥିଲେ। ସେମାନଙ୍କ ଉପରେ ସନ୍ଦେହ ଆସିବାରୁ କମ୍ପାନୀ ପକ୍ଷରୁ ସୋମବାର ଚନ୍ଦକା ଥାନାରେ ଅଭିଯୋଗ କରାଯାଇଥିଲା।

## ଚାଲି ଚାଲି ଭାରତ ଭ୍ରମଣ କରୁଛନ୍ତି ସର୍ତ୍ତାମ

**ଗୋପ,୨୨।୮(ଭାରତୀ ଭୂଷଣ ଉପାଧ୍ୟାୟ):** 'ମୋ ଦେଶ ମୋ ଲାଗି ଗର୍ବ। ମୁଁ ଭାରତୀୟ ହୋଇଥିବାରୁ ଗର୍ବ ଅନୁଭବ କରୁଛି' ବୋଲି ମଧ୍ୟପ୍ରଦେଶ ଗବାଲିଆ ଜିଲାର କାଶିପୁର ଟ୍ୟାଗ୍ ନଗରର ଯୁବକ ସର୍ତ୍ତାମ କେଶେୱା କହିଛନ୍ତି। ସର୍ତ୍ତାମ 'ମେରା ଭାରତ ମହାନ୍' ନାରା ଦେଇ ଚାଲି ଚାଲି ଭାରତ ଭ୍ରମଣରେ ବାହାରିଛନ୍ତି। ସେ ୨୦ଟି ରାଜ୍ୟ ବୁଲି ମଙ୍ଗଳବାର ପୁରୀ ଜିଲାର ଗୋପଠାରେ ପହଞ୍ଚିଛନ୍ତି।



ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବାଘଶାହି ହାଇସ୍କୁଲର ୭୭ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ମୋହନ ଦାସ ନ୍ୟାୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନ ସମ୍ମୁଖରେ ବସିଥିବା ବେଳେ ପୋଲିସ ତାଙ୍କୁ ନେଇଯାଉଛି। (ଫଟୋ– ମନୋରଞ୍ଜନ)

## 'ମହିଳାମାନେ ପରିବାର, ସମ୍ପ୍ରଦାୟର ମେରୁଦଣ୍ଡ'

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

ମହିଳାମାନେ ପରିବାର ଏବଂ ସମ୍ପ୍ରଦାୟର ମେରୁଦଣ୍ଡ। ମହିଳାଙ୍କୁ ମଧ୍ୟ ହୃଦୟରୁ ଶକ୍ତିଶାଳୀ ହୋଇ ନିଜକୁ ସଶକ୍ତ କରିବାକୁ ପଡ଼ିବ। ମହିଳାମାନେ ଦୈନିକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତେଣୁ ସେମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରୀ। ମହିଳାଙ୍କ କିଛି ସମସ୍ୟା ଓ ତା'ର ସମାଧାନର ରାସ୍ତାକୁ ସରଳ କରିବା ନିମନ୍ତେ ଗ୍ୟାପ୍ ଏବଂ ଓଡ଼ିଶା ମମ୍ ଟ୍ରାଇବର ମିଳିତ ସହଯୋଗରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏଭଳି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସୁଶ୍ରୁତ ହସ୍ପିଟାଲର ସିଇଓ ଚିଦାତ୍ମିକା ଖଟୁଆ ଯୋଗ ଦେଇଥିଲେ। ସୂଚନାଥାଉ କି, ୪ଜଣ ଉତ୍ସର୍ଗୀକୃତ ମହିଳା ଗୁଞ୍ଜନ, ଆୟୁଷୀ, ପ୍ରୀତି ଏବଂ ସୁଷମାଙ୍କୁ ନେଇ ଗଠିତ ଅନୁଷ୍ଠାନ ଗ୍ୟାପ୍ ମହିଳାଙ୍କ ସାମଗ୍ରିକ ବିକାଶ ଦିଗରେ କାମ କରେ। ସେହିପରି ଓଡ଼ିଶା ମମ୍ ଟ୍ରାଇବ୍- ୨୦୨୦ରେ ପ୍ରତିଷ୍ଠିତ ହୋଇଥିଲା। କାର୍ଯ୍ୟରତ ମହିଳା ହୁଅନ୍ତୁ ବା ଗୃହିଣୀ, ବ୍ରାଣ୍ଡ ଏବଂ ମହିଳାଙ୍କୁ ଏକାଠି କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ଭାବେ ଏକ୍ସପର୍ଟମାନଙ୍କ ଦ୍ୱାରା ମହିଳାଙ୍କ ବିଭିନ୍ନ ଶାରୀରିକ ସମସ୍ୟା ଯେପରିକି ହରମୋନ କ୍ଷେତ୍ରରେ ଅସନ୍ତୁଳନ, ବ୍ୟାୟାମ, ନିତ୍ୟକର୍ମ, ମନଯୋଗୀ ଅଭ୍ୟାସ, ମାନସିକ ଚାପ ପରି ସମସ୍ୟା ଓ ତା'ର ସରଳ ସମାଧାନକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଚାରିଟେବୁଲ ଇଭେଣ୍ଟ ମାଧ୍ୟମରେ ଆଦାୟ ହେବାକୁ ଥିବା ଅର୍ଥରାଶି ଜନଜାତି ମହିଳାଙ୍କ ଶାରୀରିକ ଉନ୍ନତୀକରଣ, ତମାଖୁ ବର୍ଜନ ନିମିତ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଜନଜାତି ବସବାସ କରୁଥିବା ଅଞ୍ଚଳରେ ନିଃଶୁଳ୍କ କର୍କଟ ସ୍କ୍ରିନିଙ୍ଗ ଶିବିର ଓ ବିଶୁଦ୍ଧ ଜଳ ବ୍ୟବସ୍ଥା ଦିଗରେ ବ୍ୟୟ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଲାଗିଲା ବିଜେଡି ପତାକା

ବାରଙ୍ଗ,୨୨।୮(ଲିଙ୍ଗରାଜ ରାଉତ)

କଂଗ୍ରେସ ସରକାର ସମୟରେ ମୁଣ୍ଡଳୀଠାରେ ମହାନଦୀ ଉପରେ ମୁଣ୍ଡଳି ବ୍ୟାରେଜ ନିର୍ମାଣ କରାଯାଇ ୧୯୯୬ ମସିହାରେ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇ ମୁଣ୍ଡଳି ବ୍ୟାରେଜର ଏକପାର୍ଶ୍ୱରେ ଉଦ୍‌ଘାଟନୀ ଫଳକକୁ ଲଗାଯାଇଥିଲା। କିନ୍ତୁ ମଙ୍ଗଳବାର ସନ୍ଧ୍ୟାରେ କେହି ଏହି ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଦେଇଥିବାର ଦେଖିବାକୁ ମିଳିଛି। ଫଳକ ଭଙ୍ଗାଯାଇ ଥିବା ସ୍ଥାନରେ ବିଜେଡିର ଏକ ପତାକା ଲଗାଯାଇଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ବାରଙ୍ଗ ରାଜନୀତିରେ ସରଗରମ ଆଲୋଚନା ଧରିଛି।

### ଦର୍ଶନ ବ୍ୟବସ୍ଥାକୁ ନେଇ ମହିଳା ଭକ୍ତଙ୍କ କ୍ଷୋଭ

ପୁରୀ,୨୨।୮(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଜଣେ ମହିଳା ଭକ୍ତ। ମହିଳା ଭକ୍ତ ଜଣଙ୍କ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଭକ୍ତ ଜଣକ ହେଉଛନ୍ତି ରାଉରକେଲା ଅଞ୍ଚଳର ସୁସ୍ମିତା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ ଏବଂ ପରିଷ୍କାର ପରିଚ୍ଛନ୍ନତା ନ ଥିବାରୁ ଏହାକୁ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ମାର୍ଗ ପ୍ରକଳ୍ପରେ ଅବ୍ୟବସ୍ଥା। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ କୁଢକୁଢ ଆବର୍ଜନା ଜମା ହୋଇ ରହିଥିବା ଯୋଗୁ ଭକ୍ତଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଦୀର୍ଘ ସମୟ ଧରି ବ୍ୟାରିକେଡରେ ଅପେକ୍ଷା କରି ସିଂହଦ୍ୱାରରେ ପ୍ରବେଶ କରୁଥିବା ବେଳେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତ ହୋଇଥିବା ଝାଡୁଦାରଙ୍କ ଦ୍ୱାରା ବ୍ୟାରିକେଡ ଭିତର ସଫା ହେଉ ନଥିବାରୁ ଭକ୍ତଙ୍କ ଯାତାୟାତରେ କଷ୍ଟ ହେଉଛି। ଏନେଇ ସମ୍ପୃକ୍ତ ମହିଳା ଭକ୍ତ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ ଜଣାଇବାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିବାରୁ କୌଣସି ବରିଷ୍ଠ ଅଧିକାରୀଙ୍କୁ ସେ ସାକ୍ଷାତ କରି ନ ପାରି ନିରାଶ ହୋଇ ଫେରିଥିଲେ ମହିଳା ଭକ୍ତ। ତେବେ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ମହିଳା ଭକ୍ତ ଜଣକ ଦାବି କରିଛନ୍ତି।

# 'ଜେଙ୍ଗାବୁରୁ କର୍ସ'ରେ ଓଡ଼ିଆ କଳାକାର

**ୱେବସିରିଜ୍ 'ଜେଙ୍ଗାବୁରୁ କର୍ସ' ଅଗଷ୍ଟ ୯ରୁ ସୋନି ଲାଇଭ୍‌ରେ ପ୍ରସାରିତ ହେଉଛି। ଓଡ଼ିଶାରେ ଏହି ୱେବସିରିଜ୍ ଶୁଟିଂ ହୋଇଥିବାବେଳେ ନୀଳମାଧବ ପଣ୍ଡା ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଭାରତର ପ୍ରଥମ କ୍ଲାଏ-ଫାଇ ଥ୍ରୀଲର ସିରିଜ। ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ଏହି ସିରିଜ୍ ପ୍ରସ୍ତୁତ ହୋଇଛି। ବିଶେଷକରି ମନୁଷ୍ୟର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରିଦେଉଛି ଏବଂ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟାରେ ପରିଗଣିତ ହୋଇଛି ତାହା ଉକ୍ତ ୱେବସିରିଜ ମାଧମରେ ଦର୍ଶାଯାଇଛି। ଏଥିରେ ବାହାର କଳାକାର ପ୍ରମୁଖ ଭୂମିକାରେ ଥିବାବେଳେ ଓଡ଼ିଶାର କେତେଜଣ କଳାକାର ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅଭିନେତା ହର ରଥ, ଶକ୍ତି ବରାଳ, ଶ୍ୱେତା ଆଚାର୍ଯ୍ୟ, ଉଦିତ ଗୁରୁ, ସତ୍ୟରଞ୍ଜନ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତ୍ରୀ ରିୟା ରଶମ୍ ବରୀ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ନିର୍ମିତ ହୋଇଥିବା ଏହି ସିରିଜ୍‌ରେ ବାହାରର କଳାକାରଙ୍କ ସହ ଓଡ଼ିଶାର କଳାକାରମାନେ ମିଶି କାମ କରିଥିଲେ। ଶୁଟିଂ ସମୟରେ ସେମାନଙ୍କର ଅନୁଭୂତିକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର




### 'ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ'



ମୋତେ ପ୍ରଥମେ ଡାକ୍ତର ଭୂମିକାରେ ଅଭିନୟ କରିବାକୁ କୁହାଯାଇଥିଲା। ତେବେ ପରେ ପୋଲିସ୍‌ର ଭୂମିକା ମିଳିଲା। ବଡ଼ ବଡ଼ ଆକ୍ଟରଙ୍କ ମାହୋଲରେ କେମିତି କ'ଣ ହେବ ଭାବି ମୁଁ ଅସୁରକ୍ଷିତ ମନେ କରୁଥିଲି। ତେବେ ଶୁଟିଂସେଟ୍‌କୁ ଯିବାବେଳଠାରୁ ରହିବା ପର୍ଯ୍ୟନ୍ତ ନେଇ ରାତିରେ ପ୍ଲାନିଂ, ଭୋର ୪ରୁ କାମ, ଭ୍ୟାନିଟି ଗାଡ଼ି (ଯାହା ଆମ ପାଇଁ ସ୍ୱପ୍ନ) ଭିତରକୁ ପଶିଲା ବେଳକୁ ଚୁଟିକଟାଠୁ ସାଜସଜ୍ଜା ଯାଏ ସମସ୍ତେ କରିଦେଉଥାନ୍ତି। ଖାଲି ଯାହା ଶରୀର ଆଉ ସମୟଟା ତୁମେ ଦେବ। ବହୁତ ପ୍ରଫେଶନାଲିଜ୍ ଭଳି ଅନୁଭବ ହେଲା। ନିର୍ଦ୍ଦେଶକ ପଣ୍ଡା ଯେଭଳି ଟ୍ରିଟ୍ କଲେ ମୁଁ ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ। ଏତେ ବଡ଼ ପ୍ଲାଟଫର୍ମରେ ନିଜକୁ ଦେଖି ବହୁତ ଖୁସି ଲାଗୁଛି।

**–ହର ରଥ, ଅଭିନେତା**

### 'ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା'



ପ୍ରଥମ ଅଡିଶନ୍‌ରେ ହିଁ ସିଲେକ୍ଟ ହୋଇଥିଲି। ଓଡ଼ିଶାରେ ଏହି ୱେବ୍‌ସିରିଜ ଶୁଟିଂ ହେଉଥିବାରୁ ବହୁତ ସହଜ ହେଲା। କୁଆଡ଼େ ବେଶି ଯିବାକୁ ପଡ଼ିଲାନି। ବାହାରର କଳାକାରଙ୍କ ସହ କାମ କରି ବହୁତ ଭଲ ଲାଗିଲା। ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା। ନିର୍ଦ୍ଦେଶକ ସାର୍‌ଙ୍କୁ ଧନ୍ୟବାଦ ସେ ବାହାର କଳାକାରଙ୍କ ସହ କାମ କରିବାର ଏକ ସୁନ୍ଦର ଅନୁଭୂତି ଭେଟିଦେଲେ।

**–ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ**

### 'ବଡ଼ କଳାକାରଙ୍କ ମନରେ ଗର୍ବ ନ ଥିଲା'



କମ୍ ସମୟ ପାଇଁ ଅଭିନୟ କରିଛି, କିନ୍ତୁ ଅଧିକ ଅନୁଭୂତି ସାଉଁଟିଛି। ମୋତେ ଡାକ୍ତର ଚରିତ୍ର ମିଳିଥିଲା। ମାତ୍ର ଗୋଟିଏ ଦିନ ସମୟ ଦେଇପାରିଥିଲି। ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ୟୁନିଟ୍ ବହୁତ ବଡ଼ ଥିଲା। ମୁମ୍ବାଇରେ ଯେମିତି ଶୁଟିଂ ହୁଏ ଠିକ୍ ସେମିତି ବ୍ୟବସ୍ଥା ସବୁ ହୋଇଥିଲା। ୟୁନିଟ୍‌ରେ ୧୦/୧୨ଜଣ ଯୁବକ କାମ କରୁଥିଲେ, ଯେଉଁମାନେ ମୋ ପଛରେ ପୂରା ଲାଗିଥିଲେ। ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସଚ୍ଚୋଟତାର ସହ ସବୁ କାମ ହେଉଥିଲା। ବଡ଼ ବଡ଼ କଳାକାର କାମ କରୁଥିଲେ ବି କାହା ମନରେ ଗର୍ବ ନ ଥିଲା।

**–ମନୋଜ ପଟ୍ଟନାୟକ, ନାଟ୍ୟକାର**

### 'ବହୁତ କିଛି ଶିଖିବାକୁ ମିଳିଲା'



କେବଳ ଅଭିନୟ ନୁହେଁ, ପ୍ରି-ପ୍ରଡକ୍ସନଠୁ ନେଇ ପୋଷ୍ଟ ପ୍ରଡକ୍ସନ ପର୍ଯ୍ୟନ୍ତ ମୁଁ ପୂରା ସଂଶ୍ଲିଷ୍ଟ ଥିଲି। ବହୁତ କିଛି ଶିଖିବାକୁ ମିଳିଲା। ଆଦିବାସୀ ପରିବାରରେ କ'ଣ ହୁଏ ସେ ସବୁ ମୁଁ ସେମାନଙ୍କୁ କହୁଥିଲି। ବ୍ୟକ୍ତିଗତ ଭାବେ ମୁଁ ବହୁତ କନେକ୍ଟ ହୋଇପାରିଥିଲି। ଏତେବଡ଼ ଟିମ୍‌କୁ କେମିତି ମ୍ୟାନେଜ କରାଯାଉଛି, ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିଥିଲି।

**–ରିୟା ରେଶମ୍ ବରି, ଅଭିନେତ୍ରୀ**

### 'ଛୋଟ ଆର୍ଟିଷ୍ଟଙ୍କୁ ଗୁରୁତ୍ୱ ଦିଆଯାଉଥିଲା'



ଛୋଟରୁ ଛୋଟ ଜିନିଷ ପ୍ରତି ମଧ ସେମାନେ ଧ୍ୟାନ ଦିଅନ୍ତି। ପ୍ରାକ୍ ପ୍ରସ୍ତୁତି ବହୁତ ଥାଏ। କିଛି ସମୟ ପାଇଁ ଅଭିନୟ କରୁଥିବା ଆର୍ଟିଷ୍ଟଙ୍କ ପ୍ରତିମଧ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଉଥିଲା। ସେମାନଙ୍କ ସହ କାମ କରି ବହୁତ ଖୁସି ଲାଗିଲା। ଆମ ଓଡ଼ିଶାର କଳାକାରମାନେ ବି ବହୁତ ଭଲ ଅଭିନୟ କରିଛନ୍ତି। କିନ୍ତୁ ସେମାନଙ୍କର ଯେଭଳି ପରିବେଶ ରହିଛି ସେ ପରିବେଶରେ ପଡ଼ିଲେ ଅଭିନୟର ମାନ ଆହୁରି ଉନ୍ନତ ହୋଇପାରିବ।

**–ଶକ୍ତି ବରାଳ, ଅଭିନେତା**

### 'ଓଡ଼ିଆ ଶିଖାଇବାରେ ସାହାଯ୍ୟ କରିଛି'



ବହୁତ ଭଲ ଅନୁଭୂତି ଥିଲା। ଆମମାନଙ୍କ ସହ କାମ କରି ସେମାନେ ଭଲ ଅନୁଭୂତି ନେଇଛନ୍ତି ବୋଲି କହୁଥିଲେ। ମୋତେ କମ୍ ସମୟ ପାଇଁ ଅଭିନୟର ସୁଯୋଗ ମିଳିଥିଲା। କିନ୍ତୁ ଶୁଟିଂର ୨/୩ମାସ ପୂର୍ବରୁ ସେମାନଙ୍କ ସହ କଥା ହେବା, ଏଠିକା ବିଷୟରେ ଜଣାଇବା, ଏମିତି କି ଓଡ଼ିଆ ଶିଖାଇବାରେ ମଧ ସାହାଯ୍ୟ କରିଛି। ମୁଁ ବହୁତ ଦିନରୁ ଅପେକ୍ଷାରେ ଥିଲି କିଭଳି ଓଡ଼ିଶାରେ ଭଲ ପ୍ରୋଜେକ୍ଟ କରିପାରିବି। ତାହା ଏହି ସିରିଜ ମାଧମରେ କିଛିଟା ସଫଳ ହୋଇପାରିଛି।

**–ମଧୁମିତା ବାରିକ୍, ଅଭିନେତ୍ରୀ**

### ପାର୍ସଲ ସାମଗ୍ରୀ ଚୋରି କରି ୫ ଗିରଫ



ବାରଙ୍ଗ,୨୨।୮(ଲିଙ୍ଗରାଜ ରାଉତ)

ପାର୍ସଲ ଏକ ପାର୍ସଲ କମ୍ପାନୀରେ ଚାକିରି କରି କୌଶଳକ୍ରମେ ଏକ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ କଟକସଦର ଥାନା ଅନ୍ତର୍ଗତ ସାବଳପୁରର ଦୀପକ କୁମାର ପରିଡା, କଣାସର ପବିତ୍ର ମୋହନ ଦାସ, ନଖରା ସାଇଁସୋରର ସରୋଜ ନନ୍ଦ ଦାସ, ସାନପାଟଣା ବ୍ରହ୍ମଗିରିର ରାଜା ନାୟକ ଓ ଗୋପର ପ୍ରକାଶଚନ୍ଦ୍ର ନାୟକ। ସେମାନଙ୍କଠାରୁ ୧୪ଟି ଦାମୀ ମୋବାଇଲ ଫୋନ,୨ଟି ଲାପଟପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ୫ଜଣ କଣ୍ଡାବାଡ଼ ଗାଁ ପାଖରେ ଥିବା ଏକ ପାର୍ସଲ କମ୍ପାନୀରେ କାମ କରୁଥିଲେ। କମ୍ପାନୀରେ କାମ କରିବା ସୁଯୋଗରେ ଏକବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ କୌଶଳକ୍ରମେ ଚୋରି କରିନେଇଥିଲେ। ଏହି ୫ଜଣଙ୍କ ଉପରେ ସନ୍ଦେହ ଆସିବାରୁ କମ୍ପାନୀ ପକ୍ଷରୁ ସୋମବାର ଚନ୍ଦକା ଥାନାରେ ସେମାନଙ୍କ ନାମରେ ଅଭିଯୋଗ କରାଯାଇଥିଲା। ଏ ନେଇ ପୋଲିସ ନଂ.୨୭୨/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ୫ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବାପରେ ସେମାନେ ସବୁ ସତ ମାନି ଯାଇଥିଲେ। ପୋଲିସ ସେମାନଙ୍କଠାରୁ ମୋବାଇଲ ଫୋନ, ଲାପଟପ ଓ ଅନ୍ୟାନ୍ୟ ପାର୍ସଲ ସାମଗ୍ରୀ ଜବତ କରିଛି।



ଖୋର୍ଦ୍ଧା ବ୍ଲକ ମିଶନ ଶକ୍ତି କାଫେରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଏବଂ ମହିଳାମାନେ।

## କଳରାଭଜା ଖାଇ ଖୁସି ହେଲେ ୫-ଟି ସଚିବ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୨୨।୮

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ (୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ମଙ୍ଗଳବାର ଖୋର୍ଦ୍ଧା ଗସ୍ତରେ ଆସି ଅଭିଯୋଗପତ୍ର ଗ୍ରହଣ କରିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରେ ଖୋର୍ଦ୍ଧା ବ୍ଲକ ପରିସରରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ମିଶନ କାଫେରେ ମଧ୍ୟାହ୍ନ ଭୋଜନ କରିଥିଲେ। ଭାତ, ଡାଲି ସହ ୫ପ୍ରକାର ତରକାରୀ ପରସିଥିଲେ। କଳରଭଜା ଖାଇ ସଚିବ ଖୁସି ହୋଇଥିଲେ। ମିଶନ କାଫେରେ କାର୍ଯ୍ୟରତ ମହିଳାଙ୍କ ପ୍ରଂଶସା କରିଥିଲେ। ସେମାନଙ୍କ ସହ ଆଲୋଚନା କରିଥିଲେ। ଆହୁରି ଉନ୍ନତି ଆଣିବା ସହ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ଏନେଇ ମିଶନଶକ୍ତିର ମହିଳାମାନେ କହିଛନ୍ତି, ସଚିବଙ୍କ ସ୍ୱାଗତ ପାଇଁ ଦୁଇ ସପ୍ତାହ ହେବ ଅପେକ୍ଷା କରିଥିଲୁ। ଆମେ ବହୁତ ଖୁସି।

### ୧୨୪୨ଜଣଙ୍କଠାରୁ ଅଭିଯୋଗପତ୍ର ନେଲେ



ଆୟୋଜିତ ଜନଶୁଣାଣି ଶିବିରରେ ୫-ଟି ସଚିବ ଜନସାଧାରଣଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ବେଗୁନିଆରେ ୪୩୦, ଖୋର୍ଦ୍ଧାରେ ୪୧୦ ଏବଂ ବାଣପୁର ନାରୁଣୀ ଠାରେ ୪୦୨ ମୋଟ ୧୨୪୨ ଅଭିଯୋଗ ଗ୍ରହଣ କରିଥିଲେ। ବେଗୁନିଆଠାରେ ୨ଜଣ ଦିବ୍ୟାଙ୍ଗଙ୍କ ପାଖକୁ ଯାଇ ଅଭିଯୋଗ ନେଇଥିଲେ। ସେମାନଙ୍କ ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନକୁ କହିଥିଲେ।

### ୬୦ହଜାର ମହିଳାଙ୍କ ସମାଗମ, ପୁଷ୍ପବର୍ଷା



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ଖୋର୍ଦ୍ଧା ଜିଲା ଗସ୍ତର ପ୍ରଥମ ଦିନରେ ବେଗୁନିଆ, ଖୋର୍ଦ୍ଧା ଓ ନାରୁଣୀ ଠାରେ ଆୟୋଜିତ ସମାବେଶରେ ୬୦ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୋଇଥିଲା। ସଚିବଙ୍କ ସଭାସ୍ଥଳ ପ୍ରବେଶ ସମୟରେ ମହିଳାଙ୍କ ହୁଳହୁଳିରେ କମ୍ପିଥିଲା। ମିଶନଶକ୍ତି ମା'ମାନେ ସଚିବଙ୍କୁ ପୁଷ୍ପବର୍ଷା କରିଥିଲେ। ହାତରେ ରାଖୀ ବାନ୍ଧିବା ସହିତ ପଣତକାନିରେ ମୁହଁ ପୋଛିଦେଇଥିଲେ।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

ଡେଲାଙ୍ଗ,୨୨।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଡେଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଏହି କଥା ସେମାନେ ଅଭିଭାବକଙ୍କୁ ଜଣାଇବା ପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ଶିକ୍ଷକଙ୍କ ବଦଳିରେ ରୋକ ଲଗାଇବାକୁ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକଙ୍କୁ କିଛିଦିନ ତଳେ ଅଭିଯୋଗ କରିଥିଲେ। ହେଲେ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରି ନ କରିବାରୁ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସହ ମିଶି ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକକୁ ତାଲା ପକାଇ ସମ୍ମୁଖ ରାସ୍ତାରେ ଧାରଣା ଦେଇଥିଲେ। ଏହି ଧାରଣା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବସିଥିଲେ

**ଅଧିକାରୀ ନ ଆସିବାରୁ ତାତିଲେ ଅଭିଭାବକ**

ସୁଦ୍ଧା ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଫଳରେ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ପ୍ରକାଶ ପାଇଛି । ଏ ନେଇ ବୁଧବାର ଏକ ବିଶାଳ ପଦଯାତ୍ରା ଡେଲାଙ୍ଗ ହାଟ ବଜାରରେ କରିବା ସହିତ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ପଟ୍ଟନାୟିକିଆ-ଖୋର୍ଦ୍ଧା ରାସ୍ତା ଅବରୋଧ କରାଯିବ ବୋଲି ଅଭିଭାବକମାନେ ନିଷ୍ପତ୍ତି କରିଛନ୍ତି। ଖବରପାଇ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ ଧାରଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହୋଇ ବୁଝାଶୁଝା କରିଥିଲେ ମଧ ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ପାଇଁ ଅଡ଼ିବସିଥିଲେ।




## ବୈଷୟିକ ଶିକ୍ଷା ପରେ ନିଯୁକ୍ତି ପାଇ ଶୁକଦେବ ସମ୍ମାନିତ

ପୁରୀ,୨୨।୮ (ଅଜିତ୍ ମହାନ୍ତି)

ଜିଲାର ପ୍ରତାପ ରାମଚନ୍ଦ୍ରପୁର, ବାଲିସାହିର ପିତୃମାତୃହୀନ ଶୁକଦେବ ପ୍ରଧାନ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ପୁରୀରୁ ଇଲେକ୍ଟ୍ରୋନିକ୍ସ ମେକାନିକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇ ମାରୁତି ସୁଜୁକି ପ୍ରାଇଭେଟ କମ୍ପାନୀ ଅହମଦାବାଦରେ ନିଯୁକ୍ତି ପାଇଛନ୍ତି। କ୍ୟାମ୍ପସ ଚୟନ ମାଧ୍ୟମରେ ଶୁକଦେବ ନିଯୁକ୍ତି ପାଇବା ପରେ ତାଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଦେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସମ୍ବର୍ଦ୍ଧିତ କରିବା ସହ ଶୁକଦେବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ହେଉଛନ୍ତି ଉତ୍କଳ ବାଳାଶ୍ରମ, ପୁରୀର ଅନ୍ତେବାସୀ। ଏହା ପୂର୍ବରୁ ସେ ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳରେ ରହୁଥିଲେ। ସରକାରଙ୍କ ତରଫରୁ ପୃଷ୍ଠପୋଷାକ ସହାୟତା ପାଉଥିଲେ। ଏହି ସମ୍ବର୍ଦ୍ଧନାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଅରବିନ୍ଦ ଘୋଷ, ଜିଲା ସନ୍ତୋଷ ସେଠୀ, ଶୁଭ ନାରାୟଣ ଶତପଥୀ ଉପସ୍ଥିତ ଥିଲେ।

# ଦୟାନଦୀ ଶଯ୍ୟା ଖନନ ଦାବି

କଣାସ,୨୨।୮(ବିଭୂତି ଭୂଷଣ ତ୍ରିପାଠୀ)

କଥାରେ ଅଛି ଯେଉଁ ଅଞ୍ଚଳରେ ଯେତେ ନଦୀନାଳ, ସେ ଅଞ୍ଚଳ ସେତେ ଶସ୍ୟଶ୍ୟାମଳ। କିନ୍ତୁ ଆଜିର ଆଧୁନିକ ସମାଜରେ ଯେଉଁ ଅଞ୍ଚଳରେ ନଦୀନାଳ ଅଛି, ସେସବୁ ଅପରିଷ୍କାର ଓ ଦଳରେ ପରିପୂର୍ଣ୍ଣ ରହୁଥିବା ଦେଖିବାକୁ ମିଳୁଛି। ପୁରୀ ଜିଲାର କଣାସ ଅଞ୍ଚଳରେ ପ୍ରବାହିତ ଦୟାନଦୀ ଅପରିଷ୍କାର ଓ ଦଳରେ ଭର୍ତ୍ତି ଥିବାବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ ନଦୀର ଖନନ ପାଇଁ ବିଭିନ୍ନ ସଂଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଛି। ପ୍ରକାଶ ଯେ, ମହାନଦୀର ଶାଖା ନଦୀ କୁଆଖାଇରୁ ଭୁବନେଶ୍ୱର ନିକଟ ସରଦେଇପୁରଠାରୁ ଦୟାନଦୀ ବାହାରି ଧଉଳିପାଦଦେଶ ଦେଇ କଣ୍ଟି, ତିରିମଲ୍ଲ, ଘୋରଡିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ଗଡ଼ିଶାଗୋଦା, ବଡ଼ଗୋଠ ଦେଇ ୬୦କିମି ଅତିକ୍ରମ କରି ଚିଲିକାରେ ମିଶିଛି। ପୂର୍ବରୁ ଦୟାନଦୀ ଚିରସ୍ରୋତା ଥିବାବେଳେ ଦୟାନଦୀରୁ ତିରିମଲ୍ଲଠାରୁ ରାଜୁଆନଦୀ ବାହାରିବା ପରେ ରାଜୁଆନଦୀ ଚିରସ୍ରୋତା ହେବା ସହିତ ଦୟାନଦୀ ପୋତିହେବାରେ ଲାଗିଛି। ଧୀରେ ଧୀରେ ତିରିମଲ୍ଲଠାରୁ ନୂଆଦୋକନ୍ଦା ପର୍ଯ୍ୟନ୍ତ ଦୟାନଦୀର ଶଯ୍ୟାଗୁଡ଼ିକ ଦଳରେ ପୋତି ହୋଇପଡ଼ିଥିବାରୁ ବନ୍ୟା ସମୟରେ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟୁଛି। ନଦୀନାଳରେ ବନ୍ୟା ଜଳ ଜମି ରହୁଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜୁଆନଦୀ ଚିରସ୍ରୋତା ହେବାପରେ ଦୟାନଦୀ ପୋତି ହୋଇପଡ଼ିଥିବାରୁ ବର୍ଷକ ମଧ୍ୟରେ ୮ମାସ ଜମି ଶୁଖିଲା ପଡ଼ିରହୁଛି। ଦୟାନଦୀର ଉପକୂଳରେ ହେଉଥିବା ପନିପରିବା ଚାଷ ଆଦି ଦେଖିବାକୁ ମିଳୁ ନାହିଁ। ନଦୀ ଶଯ୍ୟା ପଟୁମାଟିରେ ପୋତିହେବା ସହ ଦଳ ଜମିରହି ନଦୀ ଶଯ୍ୟାଗୁଡ଼ିକ ଅଧିକ ପୋତି ହୋଇପଡୁଛି। ସେହିଭଳି ତିରିମଲ୍ଲଠାରୁ ଗଡବଳଭଦ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୨୫କିମି ନଦୀଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଥିବାରୁ ନଦୀର ଓସାର ୫ରୁ ୧୦ମିଟର ପର୍ଯ୍ୟନ୍ତ ନାଳ ରୂପଧାରଣ କରିଛି। ତେଣୁ ଦୟା ନଦୀର ଶଯ୍ୟାର ଖନନ କରିବା ପାଇଁ ପୂର୍ବରୁ ନୀଳାଚଳ କୃଷକ ମହାସଂଘ ଓ ଅନ୍ୟାନ୍ୟ କୃଷକ ମହାସଂଘ ବାରମ୍ବାର ଦାବି କରିଆସୁଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ତିରିମଲ୍ଲଠାରୁ ଗଡବଳଭଦ୍ରପୁର ପର୍ଯ୍ୟନ୍ତ ୨୫କିମି ନଦୀଶଯ୍ୟା ଖନନ କରିବା ପାଇଁ କଣାସ ଓ ଡେଲାଙ୍ଗ ଅଞ୍ଚଳବାସୀ ଦାବି କରିଛନ୍ତି।

# ‘ଜେଙ୍ଗାବୁରୁ କର୍ସ’ରେ ଓଡ଼ିଆ କଳାକାର

ୱେବସିରିଜ୍ ‘ଜେଙ୍ଗାବୁରୁ କର୍ସ’ ଅଗଷ୍ଟ ୯ରୁ ସୋନି ଲାଇଭ୍‌ରେ ପ୍ରସାରିତ ହେଉଛି। ଓଡ଼ିଶାରେ ଏହି ୱେବସିରିଜ୍ ଶୁଟିଂ ହୋଇଥିବାବେଳେ ନୀଳମାଧବ ପଣ୍ଡା ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଭାରତର ପ୍ରଥମ କ୍ଲାଏ-ଫାଇ ଥ୍ରୀଲର ସିରିଜ। ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ଏହି ସିରିଜ୍ ପ୍ରସ୍ତୁତ ହୋଇଛି। ବିଶେଷକରି ମନୁଷ୍ୟର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରିଦେଉଛି ଏବଂ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟାରେ ପରିଗଣିତ ହୋଇଛି ତାହା ଉକ୍ତ ୱେବସିରିଜ ମାଧ୍ୟମରେ ଦର୍ଶାଯାଇଛି। ଏଥିରେ ବାହାର କଳାକାର ପ୍ରମୁଖ ଭୂମିକାରେ ଥିବାବେଳେ ଓଡ଼ିଶାର କେତେଜଣ କଳାକାର ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅଭିନେତା ହର ରଥ, ଶକ୍ତି ବରାଳ, ଶ୍ୱେତା ଆଚାର୍ଯ୍ୟ, ଉଦିତ ଗୁରୁ, ସତ୍ୟରଞ୍ଜନ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତ୍ରୀ ରିୟା ରଶମ୍ ବରୀ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ନିର୍ମିତ ହୋଇଥିବା ଏହି ସିରିଜ୍‌ରେ ବାହାରର କଳାକାରଙ୍କ ସହ ଓଡ଼ିଶାର କଳାକାରମାନେ ମିଶି କାମ କରିଥିଲେ। ଶୁଟିଂ ସମୟରେ ସେମାନଙ୍କର ଅନୁଭୂତିକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର




### ‘ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ’



ମୋତେ ପ୍ରଥମେ ଡାକ୍ତର ଭୂମିକାରେ ଅଭିନୟ କରିବାକୁ କୁହାଯାଇଥିଲା। ତେବେ ପରେ ପୋଲିସ୍‌ର ଭୂମିକା ମିଳିଲା। ବଡ଼ ବଡ଼ ଆକ୍ଟରଙ୍କ ମାହୋଲରେ କେମିତି କ’ଣ ହେବ ଭାବି ମୁଁ ଅସୁରକ୍ଷିତ ମନେ କରୁଥିଲି। ତେବେ ଶୁଟିଂସେଟ୍‌କୁ ଯିବାବେଳଠାରୁ ରହିବା ପର୍ଯ୍ୟନ୍ତ ନେଇ ରାତିରେ ପ୍ଲାନିଂ, ଭୋର ୪ରୁ କାମ, ଭ୍ୟାନିଟି ଗାଡ଼ି (ଯାହା ଆମ ପାଇଁ ସ୍ୱପ୍ନ) ଭିତରକୁ ପଶିଲା ବେଳକୁ ଚୁଟିକଟାଠୁ ସାଜସଜ୍ଜା ଯାଏ ସମସ୍ତେ କରିଦେଉଥାନ୍ତି। ଖାଲି ଯାହା ଶରୀର ଆଉ ସମୟଟା ତୁମେ ଦେବ। ବହୁତ ପ୍ରଫେଶନାଲିଜ୍ ଭଳି ଅନୁଭବ ହେଲା। ନିର୍ଦ୍ଦେଶକ ପଣ୍ଡା ଯେଭଳି ଟ୍ରିଟ୍ କଲେ ମୁଁ ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ। ଏତେ ବଡ଼ ପ୍ଲାଟଫର୍ମରେ ନିଜକୁ ଦେଖି ବହୁତ ଖୁସି ଲାଗୁଛି।

**–ହର ରଥ, ଅଭିନେତା**

### ‘ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା’



ପ୍ରଥମ ଅଡିଶନ୍‌ରେ ହିଁ ସିଲେକ୍ଟ ହୋଇଥିଲି। ଓଡ଼ିଶାରେ ଏହି ୱେବ୍‌ସିରିଜ ଶୁଟିଂ ହେଉଥିବାରୁ ବହୁତ ସହଜ ହେଲା। କୁଆଡ଼େ ବେଶି ଯିବାକୁ ପଡ଼ିଲାନି। ବାହାରର କଳାକାରଙ୍କ ସହ କାମ କରି ବହୁତ ଭଲ ଲାଗିଲା। ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା। ନିର୍ଦ୍ଦେଶକ ସାର୍‌ଙ୍କୁ ଧନ୍ୟବାଦ ସେ ବାହାର କଳାକାରଙ୍କ ସହ କାମ କରିବାର ଏକ ସୁନ୍ଦର ଅନୁଭୂତି ଭେଟିଦେଲେ।

**–ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ**

### ‘ବଡ଼ କଳାକାରଙ୍କ ମନରେ ଗର୍ବ ନ ଥିଲା’



କମ୍ ସମୟ ପାଇଁ ଅଭିନୟ କରିଛି, କିନ୍ତୁ ଅଧିକ ଅନୁଭୂତି ସାଉଁଟିଛି। ମୋତେ ଡାକ୍ତର ଚରିତ୍ର ମିଳିଥିଲା। ମାତ୍ର ଗୋଟିଏ ଦିନ ସମୟ ଦେଇପାରିଥିଲି। ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ୟୁନିଟ୍ ବହୁତ ବଡ଼ ଥିଲା। ମୁମ୍ବାଇରେ ଯେମିତି ଶୁଟିଂ ହୁଏ ଠିକ୍ ସେମିତି ବ୍ୟବସ୍ଥା ସବୁ ହୋଇଥିଲା। ୟୁନିଟ୍‌ରେ ୧୦/୧୨ଜଣ ଯୁବକ କାମ କରୁଥିଲେ, ଯେଉଁମାନେ ମୋ ପଛରେ ପୂରା ଲାଗିଥିଲେ। ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସଚ୍ଚୋଟତାର ସହ ସବୁ କାମ ହେଉଥିଲା। ବଡ଼ ବଡ଼ କଳାକାର କାମ କରୁଥିଲେ ବି କାହା ମନରେ ଗର୍ବ ନ ଥିଲା।

**–ମନୋଜ ପଟ୍ଟନାୟକ, ନାଟ୍ୟକାର**

### ‘ବହୁତ କିଛି ଶିଖିବାକୁ ମିଳିଲା’



କେବଳ ଅଭିନୟ ନୁହେଁ, ପ୍ରି-ପ୍ରଡକ୍ସନଠୁ ନେଇ ପୋଷ୍ଟ ପ୍ରଡକ୍ସନ ପର୍ଯ୍ୟନ୍ତ ମୁଁ ପୂରା ସଂଶ୍ଳିଷ୍ଟ ଥିଲି। ବହୁତ କିଛି ଶିଖିବାକୁ ମିଳିଲା। ଆଦିବାସୀ ପରିବାରରେ କ’ଣ ହୁଏ ସେ ସବୁ ମୁଁ ସେମାନଙ୍କୁ କହୁଥିଲି। ବ୍ୟକ୍ତିଗତ ଭାବେ ମୁଁ ବହୁତ କନେକ୍ଟ ହୋଇପାରିଥିଲି। ଏତେବଡ଼ ଟିମ୍‌କୁ କେମିତି ମ୍ୟାନେଜ କରାଯାଉଛି, ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିଥିଲି।

**–ରିୟା ରେଶମ୍ ବରି, ଅଭିନେତ୍ରୀ**

### ‘ଛୋଟ ଆର୍ଟିଷ୍ଟଙ୍କୁ ଗୁରୁତ୍ୱ ଦିଆଯାଉଥିଲା’



ଛୋଟରୁ ଛୋଟ ଜିନିଷ ପ୍ରତି ମଧ୍ୟ ସେମାନେ ଧ୍ୟାନ ଦିଅନ୍ତି। ପ୍ରାକ୍ ପ୍ରସ୍ତୁତି ବହୁତ ଥାଏ। କିଛି ସମୟ ପାଇଁ ଅଭିନୟ କରୁଥିବା ଆର୍ଟିଷ୍ଟଙ୍କ ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଉଥିଲା। ସେମାନଙ୍କ ସହ କାମ କରି ବହୁତ ଖୁସି ଲାଗିଲା। ଆମ ଓଡ଼ିଶାର କଳାକାରମାନେ ବି ବହୁତ ଭଲ ଅଭିନୟ କରିଛନ୍ତି। କିନ୍ତୁ ସେମାନଙ୍କର ଯେଭଳି ପରିବେଶ ରହିଛି ସେ ପରିବେଶରେ ପଡ଼ିଲେ ଅଭିନୟର ମାନ ଆହୁରି ଉନ୍ନତ ହୋଇପାରିବ।

**–ଶକ୍ତି ବରାଳ, ଅଭିନେତା**

### ‘ଓଡ଼ିଆ ଶିଖାଇବାରେ ସାହାଯ୍ୟ କରିଛି’



ବହୁତ ଭଲ ଅନୁଭୂତି ଥିଲା। ଆମମାନଙ୍କ ସହ କାମ କରି ସେମାନେ ଭଲ ଅନୁଭୂତି ନେଇଛନ୍ତି ବୋଲି କହୁଥିଲେ। ମୋତେ କମ୍ ସମୟ ପାଇଁ ଅଭିନୟର ସୁଯୋଗ ମିଳିଥିଲା। କିନ୍ତୁ ଶୁଟିଂର ୨/୩ମାସ ପୂର୍ବରୁ ସେମାନଙ୍କ ସହ କଥା ହେବା, ଏଠିକା ବିଷୟରେ ଜଣାଇବା, ଏମିତି କି ଓଡ଼ିଆ ଶିଖାଇବାରେ ମଧ୍ୟ ସାହାଯ୍ୟ କରିଛି। ମୁଁ ବହୁତ ଦିନରୁ ଅପେକ୍ଷାରେ ଥିଲି କିଭଳି ଓଡ଼ିଶାରେ ଭଲ ପ୍ରୋଜେକ୍ଟ କରିପାରିବି। ତାହା ଏହି ସିରିଜ ମାଧ୍ୟମରେ କିଛିଟା ସଫଳ ହୋଇପାରିଛି।

**–ମଧୁମିତା ବାରିକ୍, ଅଭିନେତ୍ରୀ**

## ସଂକ୍ଷେପରେ

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ଅସ୍ତରଙ୍ଗ, ୨୨।୮ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମର ଭୋଳାନାଥ ବାରିକ (୯୨)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ କାର୍ଯ୍ୟସାରି ଅବସର ନେଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ ଓ ତାଙ୍କର କାର୍ଯ୍ୟ ଦକ୍ଷତା ଯୋଗୁ ବିଦ୍ୟାଳୟରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ତାଙ୍କ ମୃତ୍ୟୁ ନିକଟରେ ପୁଅ ମୁନା, ପି. ଅଭୟ କୁମାର, ପୁତ୍ରବଧୂ ରିଙ୍କୁ, ଟିଙ୍କୁନା, ଝିଅ ଝିଲ୍ଲୀ, ଡଲି, କଳ୍ପନା, ଲକ୍ଷ୍ମୀ, ଜ୍ୱାଇଁ ନାରଣ, କ୍ଷେତ୍ରମୋହନ, ଅନ୍ନଦା ପ୍ରସାଦ, ପ୍ରମୋଦ,ନାତି ସନ୍ତୁ, ଗଣେଶ, କାର୍ତ୍ତିକ, ଓମ୍, ନାତୁଣୀ ରୁପା, ମେଘା, ଖୁସି, ଜେସି, ପରିବାର, ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କର ଅନ୍ତିମ ସଂସ୍କାର ଗ୍ରାମ ଶ୍ମଶାନରେ ହୋଇଥିଲା। ପୁତ୍ର ମୁନା ମୁଖାଗ୍ନି ଦେଇଥିଲେ।

### ପାର୍ସଲ ସାମଗ୍ରୀ ଚୋରି କରି ୫ ଗିରଫ

ବାରଙ୍ଗ,୨୨।୮ (ଲିଙ୍ଗରାଜ ରାଉତ)

ଏକ ପାର୍ସଲ କମ୍ପାନୀରେ ଚାକିରି କରି କୌଶଳକ୍ରମେ ଏକ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକସଦର ଥାନା ଅନ୍ତର୍ଗତ ସାବଳପୁରର ଦୀପକ କୁମାର ପରିଡା, କଣାସର ପବିତ୍ର ମୋହନ ଦାସ, ନଖରା ସାଇଁସୋରର ସରୋଜ ନନ୍ଦ ଦାସ, ସାନପାଟଣା ବ୍ରହ୍ମଗିରିର ରାଜା ନାୟକ ଓ ଗୋପର ପ୍ରକାଶଚନ୍ଦ୍ର ନାୟକ। ସେମାନଙ୍କଠାରୁ ୧୪ଟି ଦାମୀ ମୋବାଇଲ ଫୋନ,୨ଟି ଲାପଟପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ୫ଜଣ କଣ୍ଟାବାଡ଼ ଗାଁ ପାଖରେ ଥିବା ଏକ ପାର୍ସଲ କମ୍ପାନୀରେ କାମ କରୁଥିଲେ। କମ୍ପାନୀରେ କାମ କରିବା ସୁଯୋଗରେ ଏକବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ କୌଶଳକ୍ରମେ ଚୋରି କରିନେଇଥିଲେ। ଏହି ୫ଜଣଙ୍କ ଉପରେ ସନ୍ଦେହ ଆସିବାରୁ କମ୍ପାନୀ ପକ୍ଷରୁ ସୋମବାର ଚନ୍ଦକା ଥାନାରେ ସେମାନଙ୍କ ନାମରେ ଅଭିଯୋଗ କରାଯାଇଥିଲା। ଏ ନେଇ ପୋଲିସ ନଂ.୨୭୨/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ୫ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବାପରେ ସେମାନେ ସବୁ ସତ ମାନି ଯାଇଥିଲେ। ପୋଲିସ ସେମାନଙ୍କଠାରୁ ମୋବାଇଲ ଫୋନ, ଲାପଟପ ଓ ଅନ୍ୟାନ୍ୟ ପାର୍ସଲ ସାମଗ୍ରୀ ଜବତ କରିଛି।

### ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ବୋଲଗଡ଼,୨୨।୮ (ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ପୋଲିସ, ଅବକାରୀ ବିଭାଗ ଓ ଏସ୍‌ଟିଏଫ୍ ପକ୍ଷରୁ ବାରମ୍ବାର ଚଢ଼ାଉ ହେଉଥିଲେ ମଧ୍ୟ ଏହି କାରବାର ଥମୁନାହିଁ। ମଙ୍ଗଳବାର ପୋଲିସ କେନ୍ଦୁପଲ୍ଲୀ ଗ୍ରାମଠାରେ ଚଢ଼ାଉ କରି ୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କାଉଁରୀପାଟଣା ଗ୍ରାମର ସର୍ଦ୍ଦାର ଇଶାକ ଖାନ ଓ ସାହିଲ ଖାଁ। ଏନେଇ ଥାନାରେ ଏକ ମାମଲା (ନଂ.୨୧୧/୨୩) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ଦର୍ଶନ ବ୍ୟବସ୍ଥାକୁ ନେଇ ମହିଳା ଭକ୍ତଙ୍କ କ୍ଷୋଭ

- ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପଡିରହିଛି ଆବର୍ଜନା
- ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅଭିଯୋଗ

ପୁରୀ,୨୨।୮ (ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଜଣେ ମହିଳା ଭକ୍ତ। ମହିଳା ଭକ୍ତ ଜଣଙ୍କ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଭକ୍ତ ଜଣକ ହେଉଛନ୍ତି ରାଉରକେଲା ଅଞ୍ଚଳର ସୁସ୍ମିତା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ ଏବଂ ପରିଷ୍କାର ପରିଚ୍ଛନ୍ନତା ନ ଥିବାରୁ ଏହାକୁ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ମାର୍ଗ ପ୍ରକଳ୍ପରେ ଅବ୍ୟବସ୍ଥା। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ କୁଢକୁଢ ଆବର୍ଜନା ଜମା ହୋଇ ରହିଥିବା ଯୋଗୁ ଭକ୍ତଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଦୀର୍ଘ ସମୟ ଧରି ବ୍ୟାରିକେଡରେ ଅପେକ୍ଷା କରି ସିଂହଦ୍ୱାରରେ ପ୍ରବେଶ କରୁଥିବା ବେଳେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତ ହୋଇଥିବା ଝାଡୁଦାରଙ୍କ ଦ୍ୱାରା ବ୍ୟାରିକେଡ ଭିତର ସଫା ହେଉ ନଥିବାରୁ ଭକ୍ତଙ୍କ ଯାତାୟାତରେ କଷ୍ଟ ହେଉଛି। ଏନେଇ ସମ୍ପୃକ୍ତ ମହିଳା ଭକ୍ତ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ ଜଣାଇବାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିବାରୁ କୌଣସି ବରିଷ୍ଠ ଅଧିକାରୀଙ୍କୁ ସେ ସାକ୍ଷାତ କରି ନ ପାରି ନିରାଶ ହୋଇ ଫେରିଥିଲେ ମହିଳା ଭକ୍ତ। ତେବେ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ମହିଳା ଭକ୍ତ ଜଣକ ଦାବି କରିଛନ୍ତି।

## ପୁରୀ ଆଇଟିଆଇରେ ଆପ୍ରେଣ୍ଟିଶିପ୍ ମେଳା




ପୁରୀ ଆଇଟିଆଇ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ଆପ୍ରେଣ୍ଟିଶିପ୍ ମେଳାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ପୁରୀ,୨୨।୮ (ଅଜିତ ମହାନ୍ତି)

ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ ମେଳା, ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନ(ଆଇଟିଆଇ) ପୁରୀ ଆନୁକୂଲ୍ୟରେ ଶିକ୍ଷାନୁଷ୍ଠାନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୁଖ୍ୟ ଅତିଥି ଭାବେ ଜିଲା କର୍ମନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ହେମନ୍ତ କୁମାର ନାୟକ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ତଥା ଆପ୍ରେଣ୍ଟିଶିପ୍ ପରବର୍ତ୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରିଥିଲେ। ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ.ଅରବିନ୍ଦ ଘୋଷ ସରକାରୀ ଆଇଟିଆଇରେ ଦିଆଯାଉଥିବା ଆଧୁନିକ ଦକ୍ଷତାଭିତ୍ତିକ ଜ୍ଞାନକୌଶଳ ଓ ନିଯୁକ୍ତି ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୧୨୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ଯୋଗଦେଇଥିବା ବିଭିନ୍ନ ସଂସ୍ଥା ଯଥା, ଭାରତୀୟ ପୂର୍ବତଟ ରେଳ ବିଭାଗ ଖୋର୍ଦ୍ଧା, ଟାଟା ପାୱାର, ହୋଟେଲ ମେ ଫେୟାର, ଷ୍ଟର୍ଲିଂ ହଲିଡେ ରିସର୍ଟ, କନ୍‌ସୋର୍ଟିୟମ ଅଟୋମୋବାଇଲ ପୁରୀ ପାଇଁ ଛାତ୍ରୀଛାତ୍ରଙ୍କୁ ଆପ୍ରେଣ୍ଟିଶିପ ନିମନ୍ତେ ଚୟନ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଆପ୍ରେଣ୍ଟିଶିପ ମେଳାଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଆପ୍ରେଣ୍ଟିଶିପ ଅଧିକାରୀ କୃତିଦୀପ୍ତ ସାହୁ ମେଳାର ପରିଚାଳନା କରିଥିଲେ।

## କଲେଜର ଚୋରି ସାମଗ୍ରୀ ଜବତ, ଛାତ୍ର ଗିରଫ

ବଳଙ୍ଗା, ୨୨।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା କଲେଜରୁ ସାମଗ୍ରୀ ଚୋରି କରିବା ଅଭିଯୋଗରେ ବଳଙ୍ଗା ଥାନା ପୋଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ ମର୍ତ୍ତଗଜପୁର ଗ୍ରାମର ରାକେଶ ବେହେରା(୧୯)। ସେ ଉକ୍ତ କଲେଜରେ ଯୁକ୍ତ୨ରେ ଅଧ୍ୟୟନ କରୁଥିବା ସୂଚନା ମିଳିଛି। ତାଙ୍କଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୬ତାରିଖ ବୁଧବାର ଦିନ ବଳଙ୍ଗା କଲେଜରୁ ସିସିଟିଭି, ସିଲିଂ ଫ୍ୟାନ ଓ ଏଲଇଡି ଟିଭି ସମେତ ଅନ୍ୟ କିଛି ସାମଗ୍ରୀ ଚୋରି ହୋଇଯାଇଥିଲା। ପରଦିନ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲକୁ ଆସିବାବେଳେ ସାମଗ୍ରୀ ସବୁ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ କଲେଜର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୪୭/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ରାକେଶ ଚୋରି କରିଥିବା ଜଣାପଡ଼ିବା ପରେ ପୋଲିସ ରାକେଶଙ୍କୁ ଥାନାକୁ ଡକାଇ ପଚରାଉଚରା ବେଳେ ଚୋରି କଥା ସ୍ୱୀକାର କରିଥିଲା। ପରେ ତାଙ୍କଠାରୁ ୩ଟି ସିସିଟିଭି, ୩ଟି ସିଲିଂ ଫ୍ୟାନ ଓ ଗୋଟିଏ ଏଲଇଡି ଟିଭି ଜବତ କରିଥିଲା। ଅନ୍ୟପଟେ ଏହି ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ କେତେଜଣ ଫେରାର ଥିବା ସୂଚନା ମିଳିଛି।

## ଗୋରୁ ବୋଝେଇ ଗାଡ଼ି ଜବତ



ପୋଲିସ ଜବତ କରିଥିବା ଗୋରୁ ବୋଝେଇ ଡାଲା ଅଟୋ।

ନିମାପଡ଼ା,୨୨।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଚାରିଛକ ଅଞ୍ଚଳରୁ ଏକ ଗୋରୁ ବୋଝେଇ ଗାଡ଼ିକୁ ଚାରିଛକ ଥାନା ପୋଲିସ ମଙ୍ଗଳବାର ଜବତ କରିଛି। ଏନେଇ ଗାଡ଼ି ଚାଳକଙ୍କୁ ପୋଲିସ ଅଟକ ରଖିଛି। ସେ ହେଲେ ଗୋପ ଅଞ୍ଚଳର ଶେକ ଜହୁର। ଏନେଇ ଗୋଚାଲାଣ ସମ୍ପର୍କରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ଚାରିଛକ ଥାନା ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମର ତାପସ ଗୋଛାୟତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ୮୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏକ ଡାଲା ଅଟୋରେ ଚାଲାଣ ହେଉଥିବା ୫ଟି ବାଛୁରୀକୁ ପୋଲିସ ବାଲିଘାଇସ୍ଥିତ ଗୋଶାଳାରେ ଛାଡ଼ି ଦେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ସୂଚନା ମୁତାବକ, କଟକ ଜିଲା ନିଆଳି ଅଞ୍ଚଳରୁ ପୁରୀ ଜିଲା କାକଟପୁର ଅଞ୍ଚଳକୁ ବେଧଡକ ଭାବେ ଗୋଚାଲାଣ ହେଉଛି। ତେବେ ମଙ୍ଗଳବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ଚାରିଛକ ବଜାରଠାରେ ଏକ ଗୋରୁ ବୋଝେଇ ଡାଲା ଅଟୋକୁ ଅଟକାଇ ଚାରିଛକ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିଥିଲା। ଚାରିଛକ ଅଞ୍ଚଳରୁ ବାହାର ଅଞ୍ଚଳକୁ ଗୋସମ୍ପଦ ଓ ଗୋମାଂସ ଚାଲାଣ ହେଉଥିବା ଘଟଣା, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ଓ କାର୍ଯ୍ୟକର୍ତ୍ତା ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ପଶୁ ଓ ଗୋସମ୍ପଦ ନିର୍ଯ୍ୟାତନା ଆଇନକୁ ଅତି କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଗୋସମ୍ପଦ ଓ ଗୋମାଂସ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭିନ୍ନ ମହଲରେ ପୋଲିସ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହେଉଛି।




ପୁରୀ ମଧୁବନ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଚାଲି ଚାଲି ଭାରତ ଭ୍ରମଣ କରୁଛନ୍ତି ସର୍ତ୍ତାମ

- ୮ ମାସରେ ବୁଲିଲେଣି ୨୦ ରାଜ୍ୟ
- ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

ଗୋପ,୨୨।୮
(ଭାରତୀ ଭୂଷଣ ଉପାଧ୍ୟାୟ)

‘ମୋ ଦେଶ ଭାରତ ମୋ ଲାଗି ଗର୍ବ। ମୁଁ ଜଣେ ଭାରତୀୟ ହୋଇଥିବାରୁ ମତେ ଗର୍ବ ଅନୁଭବ ହେଉଛି’ ବୋଲି ମଧ୍ୟପ୍ରଦେଶର ଗବାଲିଆ ଜିଲାର କାଶିପୁର ଟ୍ୟାଗ୍ ନଗରର ୨୨ ବର୍ଷୀୟ ଯୁବକ ସର୍ତ୍ତାମ କେଶୱା କହିଛନ୍ତି। ସର୍ତ୍ତାମ ‘ମେରା ଭାରତ ମହାନ୍’ ନାରା ଦେଇ ଚାଲି ଚାଲି ଭାରତ ଭ୍ରମଣରେ ବାହାରିଛନ୍ତି। ସେ ଲୋକଙ୍କୁ ଭେଟି ରାଜ୍ୟରେ ଥିବା ବିଭିନ୍ନ ପରମ୍ପରା, ସଂସ୍କୃତି, ଭାଇଚାରାକୁ ବୁଝୁଛନ୍ତି। ବର୍ତ୍ତମାନ ଯୁବଗୋଷ୍ଠୀ ପରମ୍ପରାଠାରୁ ଦୂରରେ ଯାଇ କେବଳ ଚାକିରିରେ ମନଯୋଗ ଦେଉଥିବାରୁ ସେମାନଙ୍କୁ ସଂସ୍କୃତି ନେଇ ସଚେତନ କରାଉଛନ୍ତି। ଦୀର୍ଘ ୮ ମାସ ହେବ ଭାରତର ୨୦ଟି ରାଜ୍ୟ ବୁଲି ମଙ୍ଗଳବାର ପୂର୍ବାହ୍ନରେ ଗୋପ- କୋଣାର୍କ ରାସ୍ତାରେ ପହଞ୍ଚିଥିଲେ। ସେ କୋଣାର୍କ ପରିଭ୍ରମଣ ପରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବେ ବୋଲି ଜଣାପଡ଼ିଛି। ସେ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିବାବେଳେ ଆଇଟିଆଇରେ ଡିପ୍ଲୋମା କରିଛନ୍ତି। କିନ୍ତୁ ଦିନକୁ ଦିନ ଦେଶରେ ଭାଇଚାରା



ଦିଗହରା, ସଂସ୍କୃତି ପରମ୍ପରା ବିଲୁପ୍ତ ହେଉଛି। ଲୋକଙ୍କୁ ପୁଣିଥରେ ପରମ୍ପରା, ଭାଇଚାରାକୁ ଉଜ୍ଜୀବିତ କରିବାକୁ ସେ ଏହି ଭ୍ରମଣ କରୁଥିବା କହିଥିଲେ। ବାଟରେ ଯିବାବେଳେ ସେ ବିଭିନ୍ନ ମଠ ମନ୍ଦିରରେ ପହଞ୍ଚି ସେଠାର ପରମ୍ପରାକୁ ବଜାୟ ରଖିବାକୁ ପରାମର୍ଶ ଦେଉଛନ୍ତି।

## ଚୌଦ୍ୱାରରେ ଡୁଡା ପିଡିଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,(ଆଶୁତୋଷ ଦାସ): କଟକ ଜିଲା ସହରାଞ୍ଚଳ ବିକାଶ ସଂସ୍ଥା(ଡୁଡା)ର ନବନିଯୁକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ସ୍ୱାଇଁ ମଙ୍ଗଳବାର ଚୌଦ୍ୱାର ଅଞ୍ଚଳ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ପୌରପାଳିକା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କ ସମେତ ପୌର କର୍ମଚାରୀମାନେ ସ୍ୱାଇଁଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଚୌଦ୍ୱାର ସହରାଞ୍ଚଳର ବିକାଶ ଦିଗରେ ସ୍ୱାଇଁଙ୍କୁ ପୂର୍ଣ୍ଣ ସହଯୋଗ କାମନା କରାଯାଇଥିଲା।

## ସଂକ୍ଷେପରେ

### ଡେଙ୍ଗୁ ପ୍ରତିରୋଧ ପାଇଁ ହର୍ ଘର୍ ଅଭିଯାନ କାର୍ଯ୍ୟକ୍ରମ

କଟକ,୨୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସହରରେ ଡେଙ୍ଗୁକୁ ପ୍ରତିରୋଧ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ 'ହର୍ ଘର୍ ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସିଏମ୍‌ସିର ଅଧିକାରୀ, କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରାଇବା ସହ ଘରର ଛାତ ଉପରେ ଜମୁଥିବା ପାଣି ଓ ଘର ପାର୍ଶ୍ୱରେ ଥିବା ଅନାବନା ବୁଦା ସଫା କରିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ମର୍କତନଗର ସେକ୍ଟର-୧୧ର ୧୦୦ରୁ ଅଧିକ ଘର ବୁଲି ଲୋକଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କୁ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ସ୍ଥାନୀୟ କର୍ପୋରେଟର, ସାନିଟାରୀ ଇନ୍ସପେକ୍ଟର, ପରିମଳ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

### ଆବାସ ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ସିଡିଏ ଅଧ୍ୟକ୍ଷ

କଟକ,୨୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ମଙ୍ଗଳବାର ତ୍ରିଶୂଳିଆ ନିକଟ ନରଣପୁରଠାରେ ଚାଲିଥିବା ସ୍ୱଳ୍ପ ଆୟକାରୀଙ୍କ ପାଇଁ ଉଦ୍ଦିଷ୍ଟ ଆବାସ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିଥିଲେ। ଏହି ଯୋଜନା ମାଧ୍ୟମରେ ନରଣପୁରଠାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ୫୫୦ଟି ଗୃହ ଏବଂ ସ୍ୱଳ୍ପ ଆୟକାରୀ ଶ୍ରେଣୀ ଲୋକଙ୍କ ପାଇଁ ୩୨୦ଟି ଗୃହ ନିର୍ମାଣ କରାଯାଉଛି। ସାମଲ ଏହି ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ସେପ୍ଟେମ୍ବର ୩୧ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଦାୟିତ୍ୱରେ ଥିବା ସଂସ୍ଥାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ସେହି ପରିସରରେ ପର୍ଯ୍ୟାପ୍ତ ପରିମାଣର ଚାରା ରୋପଣ ପାଇଁ ସେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଗୃହକୁ କଟକ ମହାନଗର ନିଗମ ଆବଣ୍ଟନ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲାବେଳେ ସ୍ୱଳ୍ପ ଆୟକାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୃହ ସିଡିଏ ଆବଣ୍ଟନ କରିବ।

### ପାର୍ସଲ ସାମଗ୍ରୀ ଚୋରି କରି ୫ ଗିରଫ



ବାରଙ୍ଗ,୨୨।୮(ଲିଙ୍ଗରାଜ ରାଉତ)

ଏକ ପାର୍ସଲ କମ୍ପାନୀରେ ଚାକିରି କରି କୌଶଳକ୍ରମେ ଏକ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ କଟକସଦର ଥାନା ଅନ୍ତର୍ଗତ ସାବଳପୁରର ଦୀପକ କୁମାର ପରିଡା, କଣାସର ପବିତ୍ର ମୋହନ ଦାସ, ନଖରା ସାଇଁସୋରର ସରୋଜ ନନ୍ଦ ଦାସ, ସାନପାଟଣା ବ୍ରହ୍ମଗିରିର ରାଜା ନାୟକ ଓ ଗୋପର ପ୍ରକାଶଚନ୍ଦ୍ର ନାୟକ। ସେମାନଙ୍କଠାରୁ ୧୪ଟି ଦାମୀ ମୋବାଇଲ ଫୋନ,୨ଟି ଲାପ୍‌ଟପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ୫ଜଣ କଣ୍ଟାବାଡ଼ ଗାଁ ପାଖରେ ଥିବା ଏକ ପାର୍ସଲ କମ୍ପାନୀରେ କାମ କରୁଥିଲେ। କମ୍ପାନୀରେ କାମ କରିବା ସୁଯୋଗରେ ଏକବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କାର ପାର୍ସଲ ସାମଗ୍ରୀ କୌଶଳକ୍ରମେ ଚୋରି କରିନେଇଥିଲେ। ଏହି ୫ଜଣଙ୍କ ଉପରେ ସନ୍ଦେହ ଆସିବାରୁ କମ୍ପାନୀ ପକ୍ଷରୁ ସୋମବାର ଚନ୍ଦକା ଥାନାରେ ସେମାନଙ୍କ ନାମରେ ଅଭିଯୋଗ କରାଯାଇଥିଲା। ଏ ନେଇ ପୋଲିସ ନଂ.୨୭୨/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ୫ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବାପରେ ସେମାନେ ସବୁ ସତ ମାନି ଯାଇଥିଲେ। ପୋଲିସ ସେମାନଙ୍କଠାରୁ ମୋବାଇଲ ଫୋନ, ଲାପଟପ ଓ ଅନ୍ୟାନ୍ୟ ପାର୍ସଲ ସାମଗ୍ରୀ ଜବତ କରିଛି।

# ମାଲଗୋଦାମରେ ତିଆରି ହେଉଥିଲା ନକଲି ମସଲା

■ ଜବରଦଖଲ ଉଚ୍ଛେଦ ବେଳେ ଗୋଦାମ ଠାବ

■ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ହଳଦୀ, ଲଙ୍କା ଓ ଜିରାଗୁଣ୍ଡ ଜବତ

କଟକ,୨୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମାଲ୍‌ଗୋଦାମ ଓଲ୍ଡ ଡକ୍‌ୟାର୍ଡରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ବେଳେ ନକଲି ମସଲା କମ୍ପାନୀର ଗୋଦାମ ଘର ଠାବ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଓ ପୋଲିସ ପକ୍ଷରୁ ଚାଲିଥିବା ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରାଯାଇ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଗୋଦାମ ଘରେ ଚଢାଉ କରାଯାଇଥିଲା। ସେଠାରୁ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ହଳଦୀ, ଜିରା, ଲଙ୍କାଗୁଣ୍ଡ ଜବତ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଚଢ଼ାଉବେଳେ ବ୍ରହ୍ମପୁରର ପାଣ୍ଡବ ନାମକ ବ୍ୟକ୍ତି ଏହି କାରବାର ଚଳାଉଥିବା ଜଣାପଡିଥିଲା। ପରେ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପକାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ମାଲଗୋଦାର ଓଲ୍ଡ ଡକୟାର୍ଡରେ ୧୫ରୁ ୨୦ ପରିବାର ଦୀର୍ଘଦିନ ଧରି ଜବରଦଖଲ କରି ରହୁଥିଲେ। ସେମାନଙ୍କୁ ସେଠାରୁ ହଟିଯିବା ପାଇଁ ବାରମ୍ବାର ନୋଟିସ୍ ଦିଆଯାଇଥିଲା। ହେଲେ ସେଠାରୁ ସେମାନେ ହଟି ନ ଥିଲେ। ଫଳରେ ମଙ୍ଗଳବାର ଡେପୁଟି କମିଶନର ତ୍ରିଶୂଳ ମାର୍ଦ୍ଦିଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ମଙ୍ଗଲ, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ସିଡିଇଏଫ୍‌ର ଦୁଇଟି ଦଳ ଓ ସ୍ଥାନୀୟ ପୋଲିସ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସମୟରେ ପାଣ୍ଡବ ସେଠାରେ ଇତସ୍ତତଃ ଭାବେ ବୁଲୁଥିବା ନେଇ ସନ୍ଦେହ ହେବାରୁ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ପଚରାଉଚରା କରିବାରୁ ନକଲି ମସଲା କାରବାର ସଂକ୍ରାନ୍ତ ତଥ୍ୟ ପଦାକୁ ଆସିଥିଲା। ଏ ସମ୍ପର୍କରେ ତୁରନ୍ତ ସିଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗକୁ ଜଣାଇ ଦିଆଯାଇଥିଲା। ପରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ଚଢ଼ାଉ କରିଥିଲେ। ଏଥିରେ ଖାଦ୍ୟର ମାନ ନିରୂପଣ ଅଧିକାରୀ ରଶ୍ମିତା ବେହେରା ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, କଟକ ସହର ନକଲି ଓ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛି। ପୂର୍ବରୁ ସହରର ବିଭିନ୍ନ କାରଖାନା ଓ ଗୋଦାମରେ ଚଢ଼ାଉ କରାଯାଇ ନକଲି ମସଲା ଗୁଣ୍ଡ, ସିମେଣ୍ଟ, ଘିଅ, ଚା'ପତି ଭଳି ଅନେକ ସାମଗ୍ରୀ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲ୍ ପଠାଯାଇଛି। ହେଲେ ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପରବର୍ତ୍ତୀ ସମୟରେ ନକଲି ଓ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଅପମିଶ୍ରିତ ସାମଗ୍ରୀ ଖାଇବା ଦ୍ୱାରା ଲୋକମାନେ ରୋଗର ଶିକାର ହେଉଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ତେଣୁ ଆଗାମୀ ଦିନରେ ଏଭଳି କାରବାର ରୋକିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହରବାସୀ ଦାବି କରିଛନ୍ତି।



ଜବତ ହୋଇଥିବା ନକଲି ସାମଗ୍ରୀ।



ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକ ରେଳଷ୍ଟେଶନଠାରୁ ପୁରୀଘାଟ ପର୍ଯ୍ୟନ୍ତ ରାସ୍ତାରେ ମଙ୍ଗଳବାର ର୍‍ୟାପିଡ୍ ଆକ୍ସନ ଫୋର୍ସ ୧୦୬ ବାଟାଲିୟନ୍ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

# ଚାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ହୁଏ




ଚାରାରୋପଣ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ ଓ ଅନ୍ୟମାନେ।

## ଖ୍ରୀଷ୍ଟ କଲେଜରେ ଚାରାରୋପଣ କାର୍ଯ୍ୟକ୍ରମ

କଟକ,୨୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ବନ ମହୋତ୍ସବ ଉପଲକ୍ଷେ ଖ୍ରୀଷ୍ଟ କଲେଜ ପରିସରରେ କଲେଜ ବୃକ୍ଷରୋପଣ କମିଟି, ଜାତୀୟ ସେବା ଯୋଜନା, ଇକୋ କ୍ଲବ ଓ କଟକ ମହାନଗର ନିଗମର ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଯୋଗଦେଇ ଚାରା ରୋପଣ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଏମ୍‌ସି ମେୟର ସୁବାସ ସିଂ ଚାରା ରୋପଣ କରି ଏହାର ଯତ୍ନ ନେବା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଖ୍ରୀଷ୍ଟିୟାନ ଏଜୁକେଶନ ବୋର୍ଡର ସଭାପତି ଡ. ବନ ବିହାରୀ ମହାପାତ୍ର, ପରିଚାଳନା ସମିତିର ସଭ୍ୟ ଶୁଭାଶିଷ ସାହୁ, ଚନ୍ଦନ ଦାସ, ବୃନ୍ଦାବନ ସାହୁ, ମୋନାଲିସା ଦାସ ଓ ସ୍ଥାନୀୟ କର୍ପୋରେଟର ବସନ୍ତ ବେହେରା ପ୍ରମୁଖ ଉପସ୍ଥିତଥିଲେ।

## ମଦ ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,୨୨।୮
(ସୁଶାନ୍ତ କୁମାର ଜେନା)

ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ସିଆର୍‌ଆର୍‌ଆଇ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମର ଭାରତ ଚନ୍ଦ୍ର ପରିଡା(୪୩)। ସୋମବାର ରାତିରେ ଅଭିଯୁକ୍ତ ଜଣଙ୍କ ଏକ ସ୍କୁଟିରେ ୧୧ ଲିଟରରୁ ଊର୍ଦ୍ଧ୍ୱ ପରିମାଣର ମଦ ନେଇ ଘରକୁ ଆସୁଥିବାବେଳେ କଟକ-ପାରାଦୀପ ରାସ୍ତାର ବିଦ୍ୟାଧରପୁର ନିକଟରେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୮/୨୩) ରୁଜୁ ହୋଇଛି।

## ବୋଲ୍‌ବମ୍ ସେବାକେନ୍ଦ୍ର ଉଦ୍‌ଘାଟିତ

କଟକ,୨୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ଯୁବ ପରିଷଦ ପକ୍ଷରୁ ସିଡିଏ ମଣ୍ଟେଶ୍ୱରୀ ସ୍କୁଲ ଗଡା ନିକଟରେ ବୋଲ୍‌ବମ୍ ସେବାକେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। କଟକ ମହାନଗର ଯୁବ ପରିଷଦର ଆବାହକ ମହମ୍ମଦ ସକିଲ ଅହମଦ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସ୍ୱାଇଁ, କାଳୀ ଚରଣ ପାଣିଗ୍ରାହୀ, ସୟଦ ସେଖାୱତ, ବିନୋଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ ।

# ଦରମା ନ ଦେଲେ ପାଣିପମ୍ପ ଅଚଳ କରାଯିବ

## ବିଡିଓଙ୍କୁ ଦାବିପତ୍ର ପ୍ରଦାନ

କଟକ ସଦର,୨୨।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ପାଣିପମ୍ପ ଚାଳକ ଓ ସ୍ୱାବଲମ୍ବୀ କାରିଗରମାନଙ୍କୁ ୬ ମାସ ହେବ ଦରମା ଦିଆ ନ ଯିବା ପ୍ରତିବାଦରେ ମଙ୍ଗଳବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ସଭାପତି ବାସୁଦେବ ପଣ୍ଡା ଓ ଉପସଭାପତି ମାନଗୋବିନ୍ଦ ପଣ୍ଡା କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଭେଟି ୨ ଦିନ ମଧ୍ୟରେ ଦରମା ଦିଆ ନ ଗଲେ ଆସନ୍ତା ୨୫ ତାରିଖରୁ ୪୩ଟି ପାଣିପମ୍ପକୁ ଅଚଳ କରିଦିଆଯିବ ବୋଲି ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଧର୍ମଘଟରେ ଥିବାରୁ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ପରିଡ଼ା କହିଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିର

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୧ ନଂ. ୱାର୍ଡ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ କ୍ଲବ୍‌ରେ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ୍ ଅନୁଷ୍ଠାନ, ରାଧା ମୋହନ ମନ୍ଦିର କମିଟି ଓ ଗୋପବନ୍ଧୁ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଭାସ୍କର ଚନ୍ଦ୍ର ରାଉତରାୟ, ଟୁକୁ ପ୍ରଧାନ, ଅଶ୍ୱିନୀ କୁମାର ଜେନା, ଜୟଦେବ ବେଉରିଆ, ଭୀମସେନ ବିଶ୍ୱାଳ, କାହ୍ନୁ ଚରଣ ଜେନା, ନରେନ୍ଦ୍ର ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ନଗର କଂଗ୍ରେସ ତରଫରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ




ବିଭିନ୍ନ ଦାବି ନେଇ ନଗର କଂଗ୍ରେସ ତରଫରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍, ବିଦ୍ୟୁତ୍ ଦେୟ ପାଇଁ ଗ୍ରାହକଙ୍କ ଉପରେ ଜୁଲୁମ୍, ଲୋ ଭୋଲ୍‌ଟେଜ୍ ସମସ୍ୟା, ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାର କର୍ମଚାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଚୌଦ୍ୱାର ନଗର କଂଗ୍ରେସ ଓ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଗର କଂଗ୍ରେସ ସଭାପତି ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ କର୍ମୀ ଏବଂ ଉପଭୋକ୍ତା ମଞ୍ଚର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ଉପଭୋକ୍ତା ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ପରେ ୧୦ଦଫା ସମ୍ବଳିତ ଦାବିପତ୍ର ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ସମୀର ରଞ୍ଜନ ପଢିହାରୀଙ୍କୁ ପ୍ରଦାନ କରାଯାଇଥିଲା। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ। ମୋନାଲିସା ଦାସ, ହରିହର ପରିଡ଼ା, ଧୀରେନ୍ଦ୍ର ଚୌଧୁରୀ, ଜୟନ୍ତୀ ନାଥ, ସେକ୍ ସମିମ, ବିଦ୍ୟୁତ ଉପଭୋକ୍ତା ମଞ୍ଚର ଜୟ ସିଂ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ୨୯ରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ

କଟକ,୨୨।୮(କାର୍ତ୍ତିକ ସାହୁ)

କଟକ ଜିଲାରେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ବକେୟା ଗ୍ରାଚ୍ୟୁଇଟି ଏବଂ ଭବିଷ୍ୟନିଧି ପାଣ୍ଠି ସମ୍ବନ୍ଧିତ ମାମଲାଗୁଡ଼ିକର ଫଇସଲା ପାଇଁ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଅଧ୍ୟକ୍ଷତା କରିବେ। ସମ୍ପୃକ୍ତ ସମସ୍ତ ଡିଡିଓ, ପିଏସ୍‌ଏ, କାର୍ଯ୍ୟାଳୟର ମୁଖ୍ୟ ଓ ଜିଲାସ୍ତରୀୟ ଅଧିକାରୀ ଜରୁରୀ କାଗଜପତ୍ର ଓ ରେକର୍ଡ ସହ ଅଦାଲତରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ପେନ୍‌ସନଧାରୀମାନେ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗର ତତ୍କାଳ ସମାଧାନ କରିପାରିବେ। ଅଭିଯୋଗକାରୀମାନେ ପେନ୍‌ସନ ଅଦାଲତର ସୁଯୋଗ ନେଇ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଅନୁରୋଧ କରାଯାଇଛି।

# ବଳଦେବଜୀଉଙ୍କ ପାଇଁ ପାଟରାଖୀ ପ୍ରସ୍ତୁତ

## ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦର ଗହ୍ମାପର୍ବ ପ୍ରସ୍ତୁତି

କଟକ,୨୨।୮ (କାର୍ତ୍ତିକ ସାହୁ)

ଗହ୍ମାପର୍ବ ଉପଲକ୍ଷେ କଟକ ନୂଆବଜାରସ୍ଥିତ ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ ପକ୍ଷରୁ ୨୦୦୮ ମସିହାରୁ ପ୍ରତିବର୍ଷ ପୃଥିବୀର ୩,୮୦୦ ଶ୍ରୀଜଗନ୍ନାଥ, ପତିତପାବନ, ମଦନମୋହନ ଓ ଦଧିବାମନ ମନ୍ଦିରକୁ ନିଃଶୁଳ୍କ ପାଟରାଖୀ ପ୍ରେରଣ କରାଯାଇଆସୁଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ପାଇଁ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ଉଦ୍ଦେଶ୍ୟରେ ଦେବୀ ସୁଭଦ୍ରାଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପାଟରାଖୀ ପ୍ରସ୍ତୁତି ଶେଷ ହୋଇଛି। ପାଟସେବକମାନେ ୩ ଦିନ ଧରି ଏହି ରାଖୀ ପ୍ରସ୍ତୁତ କରିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ମନ୍ଦିର ପାଇଁ ରାଖୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ପ୍ରେରଣ କରାଯିବ। ପରିଷଦର ସର୍ବଭାରତୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ସଦସ୍ୟ ବିଭୁପ୍ରସାଦ ପୃଷ୍ଟି ଓ ଶୁଭେନ୍ଦୁ ସ୍ୱାଇଁ ପ୍ରମୁଖ ରାଖୀ ପ୍ରେରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି।



# ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

## ଯୁବକଙ୍କୁ ହତ୍ୟା ପରେ ପୋତିଦେବା ମାମଲା

କଟକ,୨୨।୮ (କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ପରେ ପୋତିଦେବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ୩ୟ ଅତିରିକ୍ତ ଦୌରାଜଜ ଅଭିଜିତ୍ ପଲାଇ ଏହି ମାମଲାର ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଚାଉଳିଆଗଞ୍ଜର ବୁନୁ ଓରଫ ମଙ୍ଗଳଜ୍ୟୋତି ସାହୁ, ମଠସାହିର ପପୁନା ଓରଫ ନିଶିକର ବେହେରା, ଅପର୍ଣ୍ଣାନଗରର ବାପୁନା ଓରଫ ସଞ୍ଜୁଆ ଦଳେଇ, ମଠସାହିର କାହ୍ନା ନାୟକ ଓ ଚୌଦ୍ୱାର ଲେବର କଲୋନୀର ଧନଞ୍ଜୟ ରାଉଳ।

ମାମଲାର ବିବରଣୀ ଅନୁସାରେ, ଚାଉଳିଆଗଞ୍ଜ ଅଞ୍ଚଳରେ ନିତ୍ୟାନନ୍ଦ ପାତ୍ରଙ୍କ ଗାଡ଼ି ଡ୍ରାଇଭର ଭାବେ ହିରାମଣି ପାତ୍ର କାମ କରୁଥିଲେ। ହିରାମଣିଙ୍କ ନାଁରେ ଏକ ଅନୈତିକ ସମ୍ପର୍କ ଥିବା ଅଭିଯୋଗ ମିଳିବା ପରେ ନିତ୍ୟାନନ୍ଦ ତାଙ୍କୁ କାମରୁ ବାହାର କରିଦେଇଥିଲେ। ୨୦୧୬ ମାର୍ଚ୍ଚ ୧୭ରେ ହିରାମଣି ଚାଉଳିଆଗଞ୍ଜ ଶ୍ରୀକ୍ଷେତ୍ର ମଣ୍ଡପଠାରେ ଏକ ଦୋକାନକୁ ଚା'ପିଇବାକୁ ଯାଇଥିଲେ। ଏହି ସମୟରେ ନିତ୍ୟାନନ୍ଦଙ୍କ ପୁଅ ମଙ୍ଗଳଜ୍ୟୋତି ଓ ତାଙ୍କ ସହଯୋଗୀମାନେ ପୂର୍ବ ଯୋଜନା ମୁତାବକ ଦୁଇଟି ବାଇକ୍ ଯୋଗେ ଆସି ହିରାମଣିଙ୍କୁ ଉଠାଇ ନେଇଥିଲେ। ସେମାନେ ତାଙ୍କୁ କୁଞ୍ଜବିହାରୀ ମଠ ଲାଞ୍ଜିକୁଳ ଘାଟର ତାଳଦଣ୍ଡା କେନାଲ କୂଳକୁ ନେଇ ପଥରରେ ଛେଚି ହତ୍ୟା କରିଥିଲେ। ପରେ ଏକ କାର୍‌ରେ ମୃତଦେହ ନେଇ ଚୌଦ୍ୱାରା ଥାନା ଅଧୀନ ଓଟିଏମ କଲୋନୀ ପାଖ ବୋଧିପଡ଼ିଆ ମାଙ୍କଡା ପଥର ଖଣିରେ ଥିବା କ୍ରୋମ୍ ଗୁଣ୍ଡ ତଳେ ପୋତି ଦେଇଥିଲେ। ପରିବାର ଲୋକେ ବହୁ ଖୋଜିବା ପରେ ସେହିଦିନ ରାତିରେ ଲାଞ୍ଜିକୂଳ ଘାଟରେ ମୃତ ହିରାମଣିଙ୍କ ଘଣ୍ଟା, ଚପଲ ଓ ରକ୍ତଛିଟା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏପରି କି ରକ୍ତ ଛିଟାର ଘୋଷଡ଼ା ଦାଗ କେନାଲ ଭିତରକୁ ଯାଇଥିବା ଦେଖିଥିଲେ। ଏ ନେଇ ଚୌଦ୍ୱାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଉପରୋକ୍ତ ୫ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚୁରା କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ହିରାମଣିଙ୍କ ମୃତଦେହ ଉଦ୍ଧାର କରିବା ସହ ହତ୍ୟାରେ ବ୍ୟବହୃତ ଗାଡ଼ି ଜବତ କରିଥିଲା। ଏହି ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ମଧ୍ୟ ଧରିଥିଲା। ତାଙ୍କର ବିଚାର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଚାଲିଛି। ଅନ୍ୟ ୫ଜଣ ଅଭିଯୁକ୍ତଙ୍କ ନାମରେ ପୋଲିସ ଚାର୍ଜଶିଟ୍ ଦାଖଲ କରିବା ପରେ ୩ୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୧ଜଣ ସାକ୍ଷୀ ଓ ଆବଶ୍ୟକ ପ୍ରମାଣକୁ ଆଧାର କରି ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର(ପିପି) ଆଇନଜୀବୀ ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ଓଡ଼ିଶା ପକ୍ଷରୁ ରାଲି, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ସାପ ଉଦ୍ଧାର ଗାଇଡଲାଇନ ସମ୍ପର୍କରେ ସ୍ନେକ ହେଲ୍ପଲାଇନ ପକ୍ଷରୁ ସମ୍ବେଦୀକରଣ କର୍ମଶାଳା, ବୁଦ୍ଧ ମନ୍ଦିର, ୟୁନିଟ୍‌-୩, ପୂର୍ବାହ୍ନ ୧୧ଟା।
- 'ଇମେଜ୍ ଓ ଇମାଜିନେଶନ୍' ଫଟୋ ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ଓଁ ଶ୍ରୀ ଶ୍ରୀ ଲୋକନାଥ ମହାଦେବ ଏବଂ ଓଁ ଶ୍ରୀ ଶ୍ରୀ ସିଦ୍ଧ ମହାବୀରଙ୍କର ଅଷ୍ଟାଦଶ ଜନ୍ମ ବାର୍ଷିକ ଉତ୍ସବର କଳସ ଯାତ୍ରା, ପି ଆଣ୍ଡ୍ ଟି କଲୋନୀ ଏବଂ ଆର୍ ଟି ଟି ସି କଲୋନୀ, ବାଣୀବିହାର, ଅପରାହ୍ନ ୩ଟା।
- ମର୍ଡନ ଅର୍ଥୋ କ୍ଲିନିକ୍, କଳିଙ୍ଗ ଷ୍ଟାଡିୟମ୍, ଗେଟ୍ ନଂ. ୧ ପାଖରେ, ଅପରାହ୍ନ ୩ଟା ୩୦।
- 'ଶ୍ରୀକ୍ଷେତ୍ରର ମଠ ଇତିହାସ' ଗ୍ରନ୍ଥ ଉନ୍ମୋଚନ ଉତ୍ସବ ଓ ପୂଜ୍ୟ ମଠାଧୀଶମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ବୁଦ୍ଧ ମନ୍ଦିର ସଭାକକ୍ଷ, ଅପରାହ୍ନ ୫ଟା।
- ଶିକ୍ଷିକା ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଓଡ଼ିଶୀ ଆସର', ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୫-ଟି ସଚିବଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ଭିଙ୍ଗାରପୁର ଶ୍ରୀବକ୍ରେଶ୍ୱର ହାଇସ୍କୁଲ ଖେଳପଡ଼ିଆ, ଅପରାହ୍ନ ୩ଟା।

# ଶଯ୍ୟାଶାୟୀ ଶାଶୁଙ୍କୁ ହତ୍ୟା କରିଥିଲେ ବୋହୂ


ବୈଶାଖୀ ପଲେଇ

**ଅଭିଯୁକ୍ତା ବୈଶାଖୀ ଗିରଫ**

- ପରକୀୟା ପ୍ରୀତି କଥା ଜାଣିଦେଇଥିଲେ ଶାଶୁ
- ପରିବା କଟା ଛୁରିରେ ଶାଶୁଙ୍କ ବେକ କାଟିଥିଲେ

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରିବସ୍ତିରେ ଶଯ୍ୟାଶାୟୀ ବୃଦ୍ଧା ମାଦା ପଲେଇ (୬୦)ଙ୍କ ହତ୍ୟା ଘଟଣାର ରହସ୍ୟ କମିଶନରେଟ୍ ପୋଲିସ ମଙ୍ଗଳବାର ଉନ୍ମୋଚନ କରିଛି। ପରକୀୟା ପ୍ରୀତି ପାଇଁ ବୋହୂ ବୈଶାଖୀଙ୍କୁ ମାଦା ବାରଣ କରୁଥିଲେ। ମାଦାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଥିବା ଜାଣିବା ପରେ ବୈଶାଖୀ ତାଙ୍କୁ ପରିବା କଟା ଛୁରିରେ ହତ୍ୟା କରିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ବୈଶାଖୀ (୨୪)ଙ୍କୁ ପୋଲିସ ଗିରଫ କରିଛି। ସେ ଘରକୋଣରେ ଲୁଚାଇଥିବା ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି। ବୈଶାଖୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପୋଲିସକୁ ଭୁଲ ବୟାନ ଦେଇ ଭୁଆଁ ବୁଲାଉଥିଲେ ବୈଶାଖୀ

ବୈଶାଖୀ ଏହି ମାମଲାରେ ବାରମ୍ବାର ଭୁଲ ବୟାନ ଦେଇ ପୋଲିସକୁ ଭୁଆଁ ବୁଲାଉଥିଲେ। ଏମ୍ସରେ ବୈଶାଖୀ ଥିବାବେଳେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ବୈଶାଖୀ କହିଥିଲେ, ସେ ଉକ୍ତ ଦିନ ଘରେ ଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ବଳପୂର୍ବକ ପଶିଥିଲେ। ଜଣେ ଦୁର୍ବୃତ୍ତ ତାଙ୍କ ମୁହଁକୁ ଚାପି ଧରିବା ସହ ଆଉ ଜଣେ ଏକ ଚୁନିରେ ବେକକୁ ଭିଡ଼ି ଦେଇଥିଲେ। ଏହାପରେ ସେ କିଛି ଜାଣିପାରି ନ ଥିଲେ। ଚେତା ଫେରିବା ବେଳେ ସେ ହସ୍ପିଟାଲରେ ଥିବା ନେଇ ପୋଲିସକୁ କହି ବୈଶାଖୀ ଖସିଯିବାକୁ ନାଟକ ରଚିଥିଲେ।

### କେମିତି ପ୍ରମାଣ ପାଇଲା ପୋଲିସ

ବୈଶାଖୀ ତାଙ୍କ ଶାଶୁଙ୍କୁ ହତ୍ୟା କରିବା ପରେ ଅଚେତ୍ ଅବସ୍ଥାରେ ଅଭିନୟ କରି ତଳେ ପଡ଼ିଯାଇଥିଲେ। ମୃତଦେହ ଜବତ କରିବା ସମୟରେ କାନ୍ଥରେ ରକ୍ତଛିଟା ପଡ଼ିଥିବା ବେଳେ ଚଟାଣକୁ ପୋଛାଯାଇଥିବା ସାଇଣ୍ଟିଫିକ୍ ଟିମ୍ ଜାଣିବାକୁ ପାଇଥିଲା। ଅପରପକ୍ଷରେ ଉକ୍ତ ଦିନ ସନ୍ଧ୍ୟା ୫ଟା ୩୦ରେ ବୈଶାଖୀ ତାଙ୍କ ଛୋଟ ଝିଅଙ୍କୁ ଟିଉସନ୍‌ରେ ଜବରଦସ୍ତ ଭାବେ ଛାଡ଼ିଆସିଥିଲେ। ସେଠାରୁ ଆସି ପଡ଼ୋଶୀଙ୍କ ପାଖରେ ବସିଥିଲେ। ଏପରିକି ଝିଅକୁ ଛାଡ଼ିବା ବେଳେ ଦୁଇଜଣ ତାଙ୍କୁ ଅନାଉଥିବା ସେ ମିଛ କହିଥିଲେ। ୭ଟା ବେଳେ ଦିଅର ମଣ୍ଟୁ ବାହାରକୁ ଚାଲିଯିବା ପରେ ବୈଶାଖୀ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ପୋଲିସ ପଡ଼ୋଶୀଙ୍କୁ ପଚରାଉଚରା କରିବା ପରେ ୬ଟାରୁ ରାତି ୮ଟା ମଧ୍ୟରେ ଘରୁ କେହି ଯାଇ ନ ଥିଲେ କିମ୍ବା ଭିତରେ ପଶି ନ ଥିଲେ ବୋଲି ସେମାନେ କହିଥିଲେ। ଏପଟେ ଏମ୍ସ ଡାକ୍ତର ମଧ୍ୟ ବୈଶାଖୀ କୌଣସି ଆଘାତ ପାଇ ଅଚେତ ହୋଇ ନ ଥିଲେ ବୋଲି ପୋଲିସକୁ କହିଥିଲେ। ସାଇଣ୍ଟିଫିକ୍ ପ୍ରମାଣ, ପଡ଼ୋଶୀଙ୍କ ବୟାନ ଏବଂ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ବୈଶାଖୀ ହିଁ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା।

### ବୋହୂଙ୍କ ପରକୀୟା ପ୍ରୀତି ପାଇଁ ହେଉଥିଲା ଝଗଡ଼ା

ମୃତା ମାଦାଙ୍କ ସହ ବୋହୂ ବୈଶାଖୀ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ଼ରେ ରହୁଥିଲେ। ଏପଟେ ବଡ଼ ପୁଅ ରବୀନ୍ଦ୍ର ଓ ସାନ ପୁଅ ମଣ୍ଟୁ ଭୁବନେଶ୍ୱରରେ ରହୁଥିଲେ। ବୈଶାଖୀ ବିବାହ କରିବା ପରେ ଅନ୍ୟ ଯୁବକଙ୍କ ସହ କଥା ହେଉଥିବାରୁ ମାଦା ବିରୋଧ କରୁଥିଲେ। ଏପରିକି ପରକୀୟା ପ୍ରୀତି ପାଇଁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ଜୁଲାଇ ୧ ତାରିଖ ରାତିରେ ଜଣେ ଦୁର୍ବୃତ୍ତଙ୍କ ଆକ୍ରମଣରେ ମାଦା ଗୁରୁତର ହୋଇଥିଲେ। ଏନେଇ ବୈଶାଖୀ ସ୍ଥାନୀୟ ଥାନାରେ ଜଣାଇଥିଲେ। ଏହି ମାମଲାରେ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ବୈଶାଖୀ ତାଙ୍କ ସହ ସାମିଲ ଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ଗୁରୁତର ହୋଇଥିବା ମାଦାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସିତ ହୋଇ ଗତ ୮ତାରିଖରେ ଖଣ୍ଡଗିରି ବାରିବସ୍ତିସ୍ଥିତ ପୁଅ ଘରକୁ ମାଦା ଆସିଥିଲେ। ସେ ଶଯ୍ୟାଶାୟୀ ଅବସ୍ଥାରେ ରହୁଥିବାବେଳେ ବୈଶାଖୀ ତାଙ୍କ ପାଖରେ ରହୁଥିଲେ। ମାଦା ଧୀରେ ଧୀରେ ସୁସ୍ଥ ହେଉଥିବା ଜାଣିବା ପରେ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ବୈଶାଖୀ ଯୋଜନା କରିଥିଲେ। ଗତ ୧୫ ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ସେ ହତ୍ୟାକାଣ୍ଡ ଘଟାଇଥିଲେ।

## ନାଟକ 'ଅଭିଶପ୍ତ ଈଶ୍ୱର' ମଞ୍ଚସ୍ଥ


ନାଟକ 'ଅଭିଶପ୍ତ ଈଶ୍ୱର'ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ନାଟ୍ୟାନୁଷ୍ଠାନ 'ଉତ୍ତରପୁରୁଷ' ପକ୍ଷରୁ ରବୀନ୍ଦ୍ରମଣ୍ଡପ ପ୍ରେକ୍ଷାଳୟରେ ନାଟକ 'ଅଭିଶପ୍ତ ଈଶ୍ୱର' ମଞ୍ଚସ୍ଥ ହୋଇଯାଇଛି। କବି ହରପ୍ରସାଦ ଦାସଙ୍କ ଓଡ଼ିଆ କବିତା ସଂକଳନ 'ବଂଶ'ର ଆଧାରରେ ଏହି ନୂଆ ନାଟକ ପ୍ରସ୍ତୁତ କରାଯାଇଛି। ନାଟ୍ୟ ନିର୍ଦ୍ଦେଶକ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନା ସହ ଜ୍ଞାନୀ ଦେବାଶିଷ ଓ ସରୋଜ ବଳଙ୍କ ଗୀତ ଏହି ନାଟକକୁ ଅଧିକ ଲୋକାଦୃତ କରିଥିଲା। ପ୍ରସନ୍ନ, ଲକ୍ଷ୍ମୀନାରାୟଣ, ଦେବଦତ୍ତ ଚକ୍ର, ନିଶି, ଚନ୍ଦନ ରାକୋଙ୍କ ସମେତ ଅନ୍ୟ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ନାଟକର କାହାଣୀ ଅନୁସାରେ ମଣିଷ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ଚାହୁଁଥିବାବେଳେ ଈଶ୍ୱର ମଣିଷ ଉପରେ ଯୁଦ୍ଧର ଥୋପ ଲଦି ଦିଅନ୍ତି। ସାଧାରଣ ନାରୀମାନେ ଏପରି ଯୁଦ୍ଧରେ ପ୍ରିୟଜନଙ୍କୁ ହରାଇ ଈଶ୍ୱରଙ୍କୁ ଅଭିଶାପ ଦେଇଚାଲିଥାନ୍ତି। ଏଭଳି ସ୍ଥିତିରେ ଈଶ୍ୱର ଅଭିଶପ୍ତ ଈଶ୍ୱର ପାଲଟି ଯାଆନ୍ତି କି ନାହିଁ ତାହାର ଉତ୍ତର ଏହି ନାଟକରେ ଦର୍ଶକ ଦେଖିବାକୁ ପାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କଥାକାର ଗୌରହରି ଦାସ, ସୁବୋଧ ପଟ୍ଟନାୟକ, ସୁଧୀର ମିଶ୍ର ଯୋଗ ଦେଇଥିଲେ। ପବିତ୍ର ମୋହନ କର ସଭା ପରିଚାଳନା କରିଥିଲେ।

## କୁମାର ହସନ୍‌ଙ୍କ 'ସମ୍ବଲପୁରୀ ଲୋକସାହିତ୍ୟ' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖକର ପରିଚୟ କୌଣସି ବନ୍ଧନ ମଧ୍ୟରେ ସୀମିତ ନ ହେବା ଉଚିତ। ଲେଖକର ପରିଚୟ ଏହି ସଂକୀର୍ଣ୍ଣତାଠାରୁ ବହୁ ଊର୍ଦ୍ଧ୍ୱରେ। କୁମାର ହସନ ସେଭଳି ଜଣେ ବ୍ୟକ୍ତିତ୍ୱ ବୋଲି କବି ରାଜେନ୍ଦ୍ର କିଶୋର ପଣ୍ଡା କହିଛନ୍ତି। ପ୍ରକାଶନ ସଂସ୍ଥା ପେନ୍ ଇନ ବୁକ୍ସ ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ କୁମାର ହସନ୍‌ଙ୍କ 'ସମ୍ବଲପୁରୀ ଲୋକସାହିତ୍ୟ' ପୁସ୍ତକ ଉନ୍ମୋଚନ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ପଣ୍ଡା ଏଭଳି ମତ ରଖିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ ଯେ, ହସନ୍‌ଙ୍କ ଆଦର୍ଶ ହିଁ ତାଙ୍କ ଅବର୍ତ୍ତମାନରେ ତାଙ୍କୁ ଆମ ପାଖେପାଖେ ଠିଆ କରିଛି। ସେହି ଆଦର୍ଶ ଆମକୁ ସେପର୍ଯ୍ୟନ୍ତ ଅନୁପ୍ରାଣିତ କରୁଥିବ, ଯେପର୍ଯ୍ୟନ୍ତ ସେ ଆମ ଗହଣରେ ଉପସ୍ଥିତ ଥିବେ। ମୁଖ୍ୟବକ୍ତା ଭାବେ କବି କେଦାର ମିଶ୍ର ଯୋଗଦେଇ କହିଥିଲେ, କୁମାର ହସନ ଜୀବନରେ କେବେ ସାଲିସ କରିନାହାନ୍ତି। ଅଭାବ ଭିତରେ ବି ସେ କାହା ଆଗରେ ହାତ ପାତିନାହାନ୍ତି। ସମ୍ମାନିତ ଅତିଥି ଭାବେ କବି ବାସୁଦେବ ସୁନାନୀ ଯୋଗଦେଇ ହସନ୍‌ଙ୍କ କବିତା ପାଠ କରିବା ସହ ତାଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କବି ଗିରୀଶ ରଞ୍ଜନ ମଞ୍ଚ ପରିଚାଳନା କରିଥିଲେ।

## ସମୁଦ୍ରରୁ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୨।୮ (ଅଜିତ୍ ମହାନ୍ତି)

ସମୁଦ୍ରରେ ଗାଧୋଉଥିବାବେଳେ ଭାସି ଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡ ଉଦ୍ଧାର କରିଛି। ଉଦ୍ଧାର ପର୍ଯ୍ୟଟକ ଜଣଙ୍କ ହେଉଛନ୍ତି ଛତିଶଗଡ଼ ରାୟପୁର ବାରୁକା ଅଞ୍ଚଳର ରୁକୁମ୍ କୁମାର। ସୂଚନା ଅନୁଯାୟୀ, ରୁକୁମ୍ ନିଜ ପରିବାର ସହ ପୁରୀ ବୁଲିବାକୁ ଆସି ବେଳାଭୂମିର ୨ ନଂ. ସେକ୍ଟର ଅଞ୍ଚଳରେ ଗାଧୋଉଥିଲେ। ହଠାତ୍ ଏକ ବଡ଼ ଲହଡ଼ି ମାଡ଼ରେ ରୁକୁମ୍ ଭାସି ଯାଇଥିଲେ। ପରିବାର ଲୋକେ ଚିତ୍କାର କରିବାରୁ ଲାଇଫ ଗାର୍ଡ ସମୁଦ୍ରରୁ ରୁକୁମ୍‌ଙ୍କୁ ଉଦ୍ଧାର କରିଥିଲେ।

## ବୃକ୍ଷ ବାୟୁମଣ୍ଡଳର ସୁରକ୍ଷା କବଚ

ବାଲିପାଟଣା,୨୨।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବରାହି ଉଚ୍ଚ ବିଦ୍ୟାଳୟ, ନରିସ ଉଚ୍ଚ ବିଦ୍ୟାଳୟ ଓ ନରିସ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ଯୋଗଦେଇ କହିଥିଲେ, ବୃକ୍ଷ ବାୟୁମଣ୍ଡଳର ସୁରକ୍ଷା କବଚ। ଦୂଷିତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବାକୁ ହେଲେ ଅଧିକରୁ ଅଧିକ ଚାରାରୋପଣ କରି ତାର ସୁରକ୍ଷା କରିବାକୁ ପଡ଼ିବ। ଏଥିପ୍ରତି ବିଦ୍ୟାର୍ଥୀମାନଙ୍କୁ ଏବେଠୁ ସଚେତନ କରିବାକୁ ଉପସ୍ଥିତ ଶିକ୍ଷକମାନଙ୍କୁ କହିଥିଲେ। ଏହି ଅବସରରେ ପିଲାମାନଙ୍କୁ ବିଧାୟକ ପାଠ ପଢ଼ାଇଥିଲେ। ପରେ ନବମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଙ୍ଗଠନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ଆୟୋଜିତ ଗଣଦୌଡ଼।

## ଓସାକ୍ସ ପକ୍ଷରୁ ରାଜ୍ୟସ୍ତରୀୟ ଗଣଦୌଡ଼

ଭୁବନେଶ୍ୱର,୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଙ୍ଗଠନ (ନାକୋ) ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ରାଜ୍ୟସ୍ତରୀୟ ଗଣଦୌଡ଼ ପ୍ରତିଯୋଗିତା 'ରେଡ୍ ରନ୍' ଅନୁଷ୍ଠିତ ହୋଇଯାଇଛି। ଯୁବବର୍ଗଙ୍କ ମଧ୍ୟରେ ଏଚ୍‌ଆଇଭି ବିଷୟରେ ସଚେତନତା ବୃଦ୍ଧି କରିବା ସହ ଜନସାଧାରଣଙ୍କୁ ଏ ବିଷୟରେ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କଠାରୁ ଏହି ଗଣଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇ ଏକାମ୍ରହାଟ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଯୁବବର୍ଗ, ତୃତୀୟ ଲିଙ୍ଗ, ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା। ଏନ୍‌ଏସ୍‌ଏସ୍, ଏନ୍‌ସିସି, ଏନ୍‌ୱାଇକେଏସ୍ ଏବଂ ରେଡକ୍ରସ ସହଯୋଗରେ ଯୁବବର୍ଗ ଏଥିରେ ସାମିଲ ହୋଇଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର ଆଞ୍ଜେଲାର ସଦସ୍ୟମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କୁ ସଚେତନତାର ସନ୍ଦେଶ ଦେଇଥିଲେ। ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉର୍ମିଳା ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଡ. ଅଞ୍ଜନା ପଣ୍ଡା, ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ. ଡି. ଏସ୍. ଅରବିନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉକ୍ତ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବିଜୁ ପଟ୍ଟନାୟକ ପାର୍କ, ଶିଶୁଭବନ ଛକ, ମାଷ୍ଟରକ୍ୟାଣ୍ଟିନ, ରାମମନ୍ଦିର ମାର୍ଗ ଦେଇ ଗଣଦୌଡ଼ ଏକାମ୍ରହାଟରେ ପହଞ୍ଚିଥିଲା। ଏହି ଅବସରରେ ଜାତୀୟ ସ୍ତରରେ ଜାରି କରାଯାଇଥିବା ଏଡ୍‌ସ ସହାୟତା ପାଇଁ ନିଃଶୁଳ୍କ ନମ୍ବର ୧୦୯୭କୁ କଲ କରି ମନରେ ଥିବା ସବୁ ସନ୍ଦେହ ଦୂର କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗଣଦୌଡ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ବର୍ଗ ଯଥା- ପୁରୁଷ (ରେଡ୍ ବୁଲ୍), ମହିଳା (ରେଡ୍ ବଟରଫ୍ଲାଏ) ଏବଂ ତୃତୀୟ ଲିଙ୍ଗ (ରେଡ ଡିୟର)ଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଅନ୍ୟ ୭ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## 'ହେଲ୍ମେଟ'ର ସାଧାରଣ ସଭା

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)

'ହେଲ୍ମେଟ' ଅନୁଷ୍ଠାନର ସାଧାରଣ ସଭା ମଙ୍ଗଳବାର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଅଞ୍ଜଳି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭାରେ ସମ୍ପାଦିକା ନିବେଦିତା ଭଞ୍ଜ, ସହସମ୍ପାଦିକା ଲିନା ମିଶ୍ର ବର୍ଷସାରା ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧୀ ଜୟନ୍ତୀରେ ଜି-୨୦ ବିଷୟକୁ ନେଇ ରାଜ୍ୟସ୍ତରରେ ବିଦ୍ୟାଳୟରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଏବଂ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ ଗାନ୍ଧୀ ଭଜନ, ଗାନ୍ଧୀ କୁଇଜ, ଭାଗବତ ଗୀତାପାଠ, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, ଖଦି ଫେଶନ ଶୋ', ଗାନ୍ଧୀ ଗଳ୍ପ, ସ୍ୱଚ୍ଛ ପ୍ରତିଯୋଗିତା ଆଦି ଆୟୋଜନ କରାଯିବ। ଏହାବ୍ୟତୀତ 'ଗାନ୍ଧୀ ଶାନ୍ତିସୁଧା' ସମ୍ମାନ ପ୍ରଦାନ ସହ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ, 'ଓଡ଼ିଶା ଗସ୍ତରେ ଗାନ୍ଧୀ' ପ୍ରଦର୍ଶନୀ ଆଦି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।


'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସାମିଲ୍ କରିବା ଦାବିରେ ମଙ୍ଗଳବାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। (ମୌସମ ନନ୍ଦ)

## ଆଜି ବିଏମ୍‌ସି କର୍ପୋରେଶନ ବୈଠକ

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)

**ଡେଙ୍ଗୁ, ମାତ୍ରାଧିକ ଜରିମାନା ପ୍ରସଙ୍ଗ ଉଠିବ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ପୋରେଶନ ବୈଠକ ବୁଧବାର ଅନୁଷ୍ଠିତ ହେବ। ଏଥର ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ସରଗରମ ହେବ। ବିଶେଷକରି ରାଜଧାନୀରେ ଏବେ ଡେଙ୍ଗୁ ସଂକ୍ରମଣ ବେକାବୁ ହେବାରେ ଲାଗିଛି। ଏହାକୁ ରୋକିବାରେ ବିଏମ୍‌ସି ଏକପ୍ରକାର ବିଫଳ ହୋଇଥିବାବେଳେ ଏକାଧିକ ୱାର୍ଡରେ ଫଗିଙ୍ଗ କରାଯାଉନାହିଁ କି ମଶାତେଲ ପକାଯାଇ ନାହିଁ। ତେଣୁ ଏହାକୁ ନେଇ ଏକାଧିକ କର୍ପୋରେଟର ବିଏମ୍‌ସି ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବା ସହ ମେୟରଙ୍କୁ ଜବାବ ମାଗିବେ ବୋଲି ସୂଚନା ମିଳିଛି। ସେହିପରି ଅଗଷ୍ଟ ୧୫ରେ ପ୍ରଥମେ ୱାର୍ଡ ଅଫିସର ପତାକା ଉତ୍ତୋଳନ କରିବା ଏବଂ ପରେ ତାହାକୁ ସଂଶୋଧନ କରାଯିବା ଘଟଣା ମଧ୍ୟ ଉଠିପାରେ। ଏହାବାଦ୍ ବିରୋଧୀ କର୍ପୋରେଟର ଡ୍ରେନ, ବର୍ଜ୍ୟ ପରିଚାଳନା ସହ ଜାଗା ମିଶନରେ ପଟ୍ଟା ଆବଣ୍ଟନ ନେଇ ପ୍ରଶ୍ନ ଉଠାଇବେ। ବିଶେଷକରି ସଚେତନ କରାଇବା ନାଁରେ ବିଏମସିର କାର୍ଯ୍ୟାନୁଷ୍ଠାନ ଓ ମାତ୍ରାଧିକ ଜରିମାନା ଆଦାୟକୁ ନେଇ କମିଶନରଙ୍କୁ ପ୍ରଶ୍ନ କରାଯିବ ବୋଲି କେତେଜଣ ଭାଜପା କର୍ପୋରେଟର କହିଛନ୍ତି। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ମୁକ୍ତା କାମ, ରାସ୍ତା ମରାମତି ଏବଂ ଅନ୍ୟ ସମସ୍ୟା ନେଇ ମଧ୍ୟ ସରଗରମ ଆଲୋଚନା ହେବ। ବୁଧବାର ଅପରାହ୍ନରେ ବିଏମ୍‌ସି ମୁଖ୍ୟାଳୟର ଏକାମ୍ର ହଲରେ ବସିବାକୁ ଥିବା ଏହି ବୈଠକରେ ବିଗତ ଦିନରେ ମିଳିଥିବା ପ୍ରତିଶ୍ରୁତି ଓ ଆଗେଇ ପାରି ନ ଥିବା କାମକୁ ନେଇ ତୁମ୍ବିତୋଫାନ ହୋଇପାରେ।

## ଏବିଭିପି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ଛାତ୍ର ସଂସଦ ନିର୍ବାଚନ ତାରିଖ ତୁରନ୍ତ ଘୋଷଣା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରିଛି। ୨୦୧୯ରୁ ସରକାର ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଦେଇଛନ୍ତି। ଶିକ୍ଷା ବ୍ୟବସ୍ଥା ସଙ୍କଟାପନ୍ନ, କ୍ୟାମ୍ପସରେ ବିଦ୍ୟାର୍ଥୀ ଅସୁରକ୍ଷିତ, ଅଣଛାତ୍ର ପ୍ରବେଶ, କ୍ୟାମ୍ପସରେ ହିଂସାସ୍ଥିତି ଆଦି ବିଷୟକୁ ସରକାର ବାରମ୍ବାର ଅଣଦେଖା କରୁଛନ୍ତି ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ଅଭିଜିତ ପଟ୍ଟନାୟକ କହିଛନ୍ତି। ବିକ୍ଷୋଭରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଚଣ୍ଡୀ ପ୍ରସାଦ ସୁଆର, ରାଜ୍ୟ ସହସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ, ମହାନଗର ସମ୍ପାଦିକା ଜ୍ୱାଳଜାକ୍ଷି ସାହୁ, କ୍ଷେତ୍ରୀୟ ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ଦାଶ, ବିଶ୍ୱଜିତ ପାତ୍ର, ଅଳକା ଜେନା, ଭାଗୀରଥି ମଣ୍ଡଳ ପ୍ରମୁଖ ସାମିଲ ଥିଲେ।

## ମାଲଗୋଦାମରେ ପ୍ରସ୍ତୁତ ହେଉଥିଲା ନକଲି ମସଲା

କଟକ,୨୨।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

- ଜବରଦଖଲ ଉଚ୍ଛେଦ ବେଳେ ଗୋଦାମ ଠାବ
- ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ହଳଦୀ, ଲଙ୍କା ଓ ଜିରାଗୁଣ୍ଡ ଜବତ

କଟକ ମାଲ୍‌ଗୋଦାମ ଓଲ୍ଡ ଡକ୍‌ୟାର୍ଡରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ବେଳେ ନକଲି ମସଲା କମ୍ପାନୀର ଗୋଦାମ ଘର ଠାବ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଓ ପୋଲିସ ପକ୍ଷରୁ ଚାଲିଥିବା ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରାଯାଇ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଗୋଦାମ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ହଳଦୀ, ଜିରା, ଲଙ୍କାଗୁଣ୍ଡ ଜବତ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଚଢ଼ାଉବେଳେ ବ୍ରହ୍ମପୁରର ପାଣ୍ଡବ ନାମକ ବ୍ୟକ୍ତି ଏହି କାରବାର ଚଳାଉଥିବା ଜଣାପଡିଥିଲା। ପରେ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପକାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ମାଲଗୋଦାର ଓଲ୍ଡ ଡକୟାର୍ଡରେ ୧୫ରୁ ୨୦ ପରିବାର ଦୀର୍ଘଦିନ ଧରି ଜବରଦଖଲ କରି ରହୁଥିଲେ। ସେମାନଙ୍କୁ ସେଠାରୁ ହଟିଯିବା ପାଇଁ ବାରମ୍ବାର ନୋଟିସ୍ ଦିଆଯାଇଥିଲା। ହେଲେ ସେଠାରୁ ସେମାନେ ହଟି ନ ଥିଲେ। ଫଳରେ ମଙ୍ଗଳବାର ଡେପୁଟି କମିଶନର ତ୍ରିଶୂଳ ମାର୍ଦ୍ଦିଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ମଙ୍ଗଳ, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ସିଡିଇଏଫ୍‌ର ଦୁଇଟି ଦଳ ଓ ସ୍ଥାନୀୟ ପୋଲିସ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ପାଣ୍ଡବ ସେଠାରେ ଇତସ୍ତତଃ ଭାବେ ବୁଲୁଥିବା ନେଇ ସନ୍ଦେହ ହେବାରୁ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ପଚରାଉଚରା କରିବାରୁ ନକଲି ମସଲା କାରବାର ସଂକ୍ରାନ୍ତ ତଥ୍ୟ ପଦାକୁ ଆସିଥିଲା। ଏ ସମ୍ପର୍କରେ ତୁରନ୍ତ ସିଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗକୁ ଜଣାଇ ଦିଆଯାଇଥିଲା। ପରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ଚଢ଼ାଉ କରିଥିଲେ। ଏଥିରେ ଖାଦ୍ୟର ମାନ ନିରୂପଣ ଅଧିକାରୀ ରଶ୍ମିତା ବେହେରା ସହଯୋଗ କରିଥିଲେ।


ଜବତ ହୋଇଥିବା ନକଲି ସାମଗ୍ରୀ।

ସୂଚନାଯୋଗ୍ୟ, କଟକ ସହର ନକଲି ଓ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛି। ପୂର୍ବରୁ ସହରର ବିଭିନ୍ନ କାରଖାନା ଓ ଗୋଦାମରେ ଚଢ଼ାଉ କରାଯାଇ ନକଲି ମସଲା ଗୁଣ୍ଡ, ସିମେଣ୍ଟ, ଘିଅ, ଚା'ପତି ଭଳି ଅନେକ ସାମଗ୍ରୀ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲ୍ ପଠାଯାଇଛି। ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ଏହି କାରବାର ବଢ଼ିଚାଲିଛି। ତେଣୁ ଆଗାମୀ ଦିନରେ ଏଭଳି କାରବାର ରୋକିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହରବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଗଡ଼ଦାର ପାହାଡ଼ରେ ଚାରାରୋପଣ

ମାଣିଆବନ୍ଧ,୨୨।୮( ଅଖିଳ ସାହୁ)

ବଡ଼ମ୍ବା ବ୍ଲକ ଅଧୀନ କଙ୍କଡାଯୋଡ଼ି ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ଗଡ଼ଦାର ପାହାଡ଼ରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପରିଚାଳନା କମିଟି ସଭାପତି ରାଜୀବ ଲୋଚନ ସାହୁ ଓ ସାମାଜିକ କର୍ମୀ ରମେଶ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଦଳବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୀତା ଦାସ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଔଷଧୀୟ ଓ ଫଳ ପ୍ରଦାନକାରୀ ବୃକ୍ଷର ଚାରାରୋପଣ କରାଯିବା ସହ ପରିବେଶ ଓ ପ୍ରକୃତିକୁ ସୁରକ୍ଷା ଦେବାକୁ ମୁଖ୍ୟ ଅତିଥି କହିଥିଲେ। ଏଥିରେ ଗ୍ରାମ ପରିଚାଳନା କମିଟି ଉପଦେଷ୍ଟା ଲକ୍ଷ୍ମୀଧର ବସ୍ତି, ବିଶ୍ୱନାଥ ସାହୁ, ସୌରଭ ସାହୁ, ଗୋଲକ ସାହୁ, ଶ୍ରୀବସ୍ତ ପ୍ରଧାନ, ଯୁଗଳ ନାୟକ, ୱାର୍ଡ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ୫-ଟି ଶିକ୍ଷଣ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ବଡ଼ମ୍ବା,୨୨।୮(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅଧୀନ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟଠାରେ ଏକ ବ୍ଲକସ୍ତରୀୟ ୫-ଟି ଶିକ୍ଷଣ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାମରାଜ ସାହୁ, ସହ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ ଓ ନିର୍ମଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅଶୋକ ଧଳ, ଅର୍ଚ୍ଚନା ଷଣ୍ଢ, ପଙ୍କଜିନୀ ଭୋଇ, ଜନ୍ମେଜୟ ରାଉତ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ବ୍ଲକର ୫-ଟି ଅନ୍ତର୍ଗତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ପୂର୍ବରୁ ସାମିଲ ହୋଇ ନ ଥିବାରୁ ସେମାନଙ୍କ ପାଇଁ ଉକ୍ତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ତେବେ ବଡ଼ମ୍ବା ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉକ୍ତ ତାଲିମ ଶିବିରରେ ବିଭିନ୍ନ ବିଦ୍ୟାଳୟର ୪୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ଏହି ଶିବିର ୫ ଦିନ ଧରି ଚାଲିବ ବୋଲି ଶିକ୍ଷକ ଅଶୋକ ଧଳ କହିଛନ୍ତି।

### ଟିଗିରିଆ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଟିଗିରିଆ,୨୨।୮(ଜାଫର ଖାଁ)

ଟିଗିରିଆ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜ୍ଞାନ ରଞ୍ଜନ ସାମଲ ମଙ୍ଗଳବାର ଯୋଗଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଟିଗିରିଆ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା, ମହିଳା, ବରିଷ୍ଠ ନାଗରିକଙ୍କ ସହାୟତା, କଳାବଜାରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ନିଶା କାରବାରକୁ ଦୃଢ଼ ଭାବରେ ଦମନ କରିବେ ବୋଲି କହିଥିଲେ। ପୂର୍ବରୁ କାର୍ଯ୍ୟରତ ଆଇଆଇସି ସୁଚିତ୍ରା ଜେନାଙ୍କ ଜୁଲାଇ ୬ରେ ବଦଳି ପରେ ଏହି ପଦବୀ ଖାଲି ପଡିଥିଲା।

### ଡ୍ରୋନରେ ସାର, କୀଟନାଶକ ସିଞ୍ଚନ ପାଇଁ କର୍ମଶାଳା

ମାହାଙ୍ଗା ,୨୨।୮(ଯଯାତି ସିଂହ)

କଟକ ଜିଲ୍ଲା ପ୍ରଦ୍ୟୁମ୍ନସର କମ୍ପାନୀ ମିଳିତ ଆନୁକୂଲ୍ୟରେ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତରେ ଡ୍ରୋନ ସାହାଯ୍ୟରେ କ୍ଷେତ ମଧ୍ୟକୁ ନ ଯାଇ ସାର ଓ କୀଟନାଶକ ଜମିରେ ସିଞ୍ଚନ କରାଯାଇପାରିବ, ସେ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କିପରି ଜମିରେ ଚାଷୀମାନେ ସାର ପ୍ରୟୋଗ କରିବେ ସେ ନେଇ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଟେକନିକାଲ ଆସିଷ୍ଟାଣ୍ଟ ସୁଶାନ୍ତ ତ୍ରିପାଠୀ, ଏକ୍ରାମ ପ୍ରଧାନ, ତାପସ ବେହେରା ଓ ବୈଜ୍ଞାନିକ ଅସିତ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। କଟକ ଫୋର ଏସ ଫୋର ଆରସିଡ ଫାରମର ପ୍ରଦ୍ୟୁମ୍ନସର କମ୍ପାନୀ ପକ୍ଷରୁ ବରିଷ୍ଠ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ବଳବନ୍ତରାୟ, ଗଙ୍ଗାଧର ସାହୁ, କମଳଲୋଚନ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ହରିହର ବିଶ୍ୱାଳ, ତ୍ରୈଲୋକ୍ୟ ବିହାରୀ ଦାସ, କପିଳ ଚନ୍ଦ୍ର ରଣା, ଉମେଶ ସାହୁ, ଅରୁଣ ଲେଙ୍କା, ଯଦୁନାଥ ପ୍ରଧାନ, କାର୍ତ୍ତିକ ମହାରଣା, ନିରଞ୍ଜନ ଓଝା, ସଂଗ୍ରାମ ସାମଲଙ୍କ ସମେତ ବହୁ ଚାଷୀ ଭାଗ ନେଇଥିଲେ।

# 'ଜେଙ୍ଗାବୁରୁ କର୍ସ'ରେ ଓଡ଼ିଆ କଳାକାର

**ୱେବସିରିଜ୍ 'ଜେଙ୍ଗାବୁରୁ କର୍ସ' ଅଗଷ୍ଟ ୯ରୁ ସୋନି ଲାଇଭ୍‌ରେ ପ୍ରସାରିତ ହେଉଛି। ଓଡ଼ିଶାରେ ଏହି ୱେବସିରିଜ୍ ଶୁଟିଂ ହୋଇଥିବାବେଳେ ନୀଳମାଧବ ପଣ୍ଡା ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଭାରତର ପ୍ରଥମ କ୍ଲାଏ-ଫାଇ ଥ୍ରୀଲର ସିରିଜ। ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ଏହି ସିରିଜ୍ ପ୍ରସ୍ତୁତ ହୋଇଛି। ବିଶେଷକରି ମନୁଷ୍ୟର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରିଦେଉଛି ଏବଂ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟାରେ ପରିଗଣିତ ହୋଇଛି ତାହା ଉକ୍ତ ୱେବସିରିଜ ମାଧମରେ ଦର୍ଶାଯାଇଛି। ଏଥିରେ ବାହାର କଳାକାର ପ୍ରମୁଖ ଭୂମିକାରେ ଥିବାବେଳେ ଓଡ଼ିଶାର କେତେଜଣ କଳାକାର ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅଭିନେତା ହର ରଥ, ଶକ୍ତି ବରାଳ, ଶ୍ୱେତା ଆଚାର୍ଯ୍ୟ, ଉଦିତ ଗୁରୁ, ସତ୍ୟରଞ୍ଜନ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତ୍ରୀ ରିୟା ରଶମ୍ ବରୀ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ନିର୍ମିତ ହୋଇଥିବା ଏହି ସିରିଜ୍‌ରେ ବାହାରର କଳାକାରଙ୍କ ସହ ଓଡ଼ିଶାର କଳାକାରମାନେ ମିଶି କାମ କରିଥିଲେ। ଶୁଟିଂ ସମୟରେ ସେମାନଙ୍କର ଅନୁଭୂତିକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର




### 'ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ'



ମୋତେ ପ୍ରଥମେ ଡାକ୍ତର ଭୂମିକାରେ ଅଭିନୟ କରିବାକୁ କୁହାଯାଇଥିଲା। ତେବେ ପରେ ପୋଲିସ୍‌ର ଭୂମିକା ମିଳିଲା। ବଡ଼ ବଡ଼ ଆକ୍ଟରଙ୍କ ମାହୋଲରେ କେମିତି କ'ଣ ହେବ ଭାବି ମୁଁ ଅସୁରକ୍ଷିତ ମନେ କରୁଥିଲି। ତେବେ ଶୁଟିଂସେଟ୍‌କୁ ଯିବାବେଳଠାରୁ ରହିବା ପର୍ଯ୍ୟନ୍ତ ନେଇ ରାତିରେ ପ୍ଲାନିଂ, ଭୋର ୪ରୁ କାମ, ଭ୍ୟାନିଟି ଗାଡ଼ି (ଯାହା ଆମ ପାଇଁ ସ୍ୱପ୍ନ) ଭିତରକୁ ପଶିଲା ବେଳକୁ ଚୁଟିକଟାଠୁ ସାଜସଜ୍ଜା ଯାଏ ସମସ୍ତେ କରିଦେଉଥାନ୍ତି। ଖାଲି ଯାହା ଶରୀର ଆଉ ସମୟଟା ତୁମେ ଦେବ। ବହୁତ ପ୍ରଫେଶନାଲିଜ୍ ଭଳି ଅନୁଭବ ହେଲା। ନିର୍ଦ୍ଦେଶକ ପଣ୍ଡା ଯେଭଳି ଟ୍ରିଟ୍ କଲେ ମୁଁ ନିଜକୁ ଆଞ୍ଚଳିକ ଅଭିନେତା ବୋଲି ମନେକଲି ନାହିଁ। ଏତେ ବଡ଼ ପ୍ଲାଟଫର୍ମରେ ନିଜକୁ ଦେଖି ବହୁତ ଖୁସି ଲାଗୁଛି।

-ହର ରଥ, ଅଭିନେତା

### 'ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା'



ପ୍ରଥମ ଅଡିଶନ୍‌ରେ ହିଁ ସିଲେକ୍ଟ ହୋଇଥିଲି। ଓଡ଼ିଶାରେ ଏହି ୱେବ୍‌ସିରିଜ ଶୁଟିଂ ହେଉଥିବାରୁ ବହୁତ ସହଜ ହେଲା। କୁଆଡ଼େ ବେଶି ଯିବାକୁ ପଡ଼ିଲାନି। ବାହାରର କଳାକାରଙ୍କ ସହ କାମ କରି ବହୁତ ଭଲ ଲାଗିଲା। ଓଡ଼ିଶାର କଳାକାରଙ୍କୁ ବହୁତ ସୁଯୋଗ ମିଳିଲା। ନିର୍ଦ୍ଦେଶକ ସାର୍‌ଙ୍କୁ ଧନ୍ୟବାଦ ସେ ବାହାର କଳାକାରଙ୍କ ସହ କାମ କରିବାର ଏକ ସୁନ୍ଦର ଅନୁଭୂତି ଭେଟିଦେଲେ।

-ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ

### 'ବଡ଼ କଳାକାରଙ୍କ ମନରେ ଗର୍ବ ନ ଥିଲା'



କମ୍ ସମୟ ପାଇଁ ଅଭିନୟ କରିଛି, କିନ୍ତୁ ଅଧିକ ଅନୁଭୂତି ସାଉଁଟିଛି। ମୋତେ ଡାକ୍ତର ଚରିତ୍ର ମିଳିଥିଲା। ମାତ୍ର ଗୋଟିଏ ଦିନ ସମୟ ଦେଇପାରିଥିଲି। ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ୟୁନିଟ୍ ବହୁତ ବଡ଼ ଥିଲା। ମୁମ୍ବାଇରେ ଯେମିତି ଶୁଟିଂ ହୁଏ ଠିକ୍ ସେମିତି ବ୍ୟବସ୍ଥା ସବୁ ହୋଇଥିଲା। ୟୁନିଟ୍‌ରେ ୧୦/୧୨ଜଣ ଯୁବକ କାମ କରୁଥିଲେ, ଯେଉଁମାନେ ମୋ ପଛରେ ପୂରା ଲାଗିଥିଲେ। ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସଚ୍ଚୋଟତାର ସହ ସବୁ କାମ ହେଉଥିଲା। ବଡ଼ ବଡ଼ କଳାକାର କାମ କରୁଥିଲେ ବି କାହା ମନରେ ଗର୍ବ ନ ଥିଲା।

-ମନୋଜ ପଟ୍ଟନାୟକ, ନାଟ୍ୟକାର

### 'ବହୁତ କିଛି ଶିଖିବାକୁ ମିଳିଲା'



କେବଳ ଅଭିନୟ ନୁହେଁ, ପ୍ରି-ପ୍ରଡକ୍ସନଠୁ ନେଇ ପୋଷ୍ଟ ପ୍ରଡକ୍ସନ ପର୍ଯ୍ୟନ୍ତ ମୁଁ ପୂରା ସଂଶ୍ଳିଷ୍ଟ ଥିଲି। ବହୁତ କିଛି ଶିଖିବାକୁ ମିଳିଲା। ଆଦିବାସୀ ପରିବାରରେ କ'ଣ ହୁଏ ସେ ସବୁ ମୁଁ ସେମାନଙ୍କୁ କହୁଥିଲି। ବ୍ୟକ୍ତିଗତ ଭାବେ ମୁଁ ବହୁତ କନେକ୍ଟ ହୋଇପାରିଥିଲି। ଏତେବଡ଼ ଟିମ୍‌କୁ କେମିତି ମ୍ୟାନେଜ କରାଯାଉଛି, ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିଥିଲି।

-ରିୟା ରେଶମ୍ ବରି, ଅଭିନେତ୍ରୀ

### 'ଛୋଟ ଆର୍ଟିଷ୍ଟଙ୍କୁ ଗୁରୁତ୍ୱ ଦିଆଯାଉଥିଲା'



ଛୋଟରୁ ଛୋଟ ଜିନିଷ ପ୍ରତି ମଧ୍ୟ ସେମାନେ ଧ୍ୟାନ ଦିଅନ୍ତି। ପ୍ରାକ୍ ପ୍ରସ୍ତୁତି ବହୁତ ଥାଏ। କିଛି ସମୟ ପାଇଁ ଅଭିନୟ କରୁଥିବା ଆର୍ଟିଷ୍ଟଙ୍କ ପ୍ରତିମଧ୍ୟ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଉଥିଲା। ସେମାନଙ୍କ ସହ କାମ କରି ବହୁତ ଖୁସି ଲାଗିଲା। ଆମ ଓଡ଼ିଶାର କଳାକାରମାନେ ବି ବହୁତ ଭଲ ଅଭିନୟ କରିଛନ୍ତି। କିନ୍ତୁ ସେମାନଙ୍କର ଯେଭଳି ପରିବେଶ ରହିଛି ସେ ପରିବେଶରେ ପଡ଼ିଲେ ଅଭିନୟର ମାନ ଆହୁରି ଉନ୍ନତ ହୋଇପାରିବ।

-ଶକ୍ତି ବରାଳ, ଅଭିନେତା

### 'ଓଡ଼ିଆ ଶିଖାଇବାରେ ସାହାଯ୍ୟ କରିଛି'



ବହୁତ ଭଲ ଅନୁଭୂତି ଥିଲା। ଆମମାନଙ୍କ ସହ କାମ କରି ସେମାନେ ଭଲ ଅନୁଭୂତି ନେଇଛନ୍ତି ବୋଲି କହୁଥିଲେ। ମୋତେ କମ୍ ସମୟ ପାଇଁ ଅଭିନୟର ସୁଯୋଗ ମିଳିଥିଲା। କିନ୍ତୁ ଶୁଟିଂର ୨/୩ମାସ ପୂର୍ବରୁ ସେମାନଙ୍କ ସହ କଥା ହେବା, ଏଠିକା ବିଷୟରେ ଜଣାଇବା, ଏମିତି କି ଓଡ଼ିଆ ଶିଖାଇବାରେ ମଧ୍ୟ ସାହାଯ୍ୟ କରିଛି। ମୁଁ ବହୁତ ଦିନରୁ ଅପେକ୍ଷାରେ ଥିଲି କିଭଳି ଓଡ଼ିଶାରେ ଭଲ ପ୍ରୋଜେକ୍ଟ କରିପାରିବି। ତାହା ଏହି ସିରିଜ ମାଧମରେ କିଛିଟା ସଫଳ ହୋଇପାରିଛି।

-ମଧୁମିତା ବାରିକ୍, ଅଭିନେତ୍ରୀ

### ମାଛ ବ୍ୟବସାୟୀ ନିଖୋଜ: ନଦୀରେ ବୁଡ଼ିଯାଇଥିବା ଆଶଙ୍କା

ଦମକଳ ବାହିନୀ, ଓଡ୍ରାଫ୍ ଟିମର ଛାନ୍‌ଭିନ

ନିଶ୍ଚିନ୍ତକୋଇଲି, ୨୨।୮ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଖାଡ଼େଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଗ୍ରାମର ମାଛ ବ୍ୟବସାୟୀ ସୁଧାକର ମାହାଳି (୬୦) ମଙ୍ଗଳବାର ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ସେ ଚିତ୍ରୋତ୍ପଳା ନଦୀରେ ବୁଡ଼ିଯାଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ପହଞ୍ଚି ଖୋଜାଖୋଜି କରିଛି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ମାହାଳି ନଗସପୁର ପଞ୍ଚାୟତ ଚାରିରକବା ନିକଟରେ ଥିବା ଚିତ୍ରୋତ୍ପଳା ନଦୀବନ୍ଧରେ ସୁଧାକର ସକାଳେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଛନ୍ତି। ମାତ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମଧ୍ୟାହ୍ନରେ ଚାରିରକବାଠାରେ ଚିତ୍ରୋତ୍ପଳା ନଦୀରେ ନବ ନିର୍ମିତ ବିଜୁ ସେତୁ ନିକଟରେ ମାହାଳିଙ୍କ ଚପଲ ଓ ଶାର୍ଟ ପଡ଼ିଥିବା ଦେଖି ଲୋକେ ପରିବାରକୁ ଖବର ଦେଇଥିଲେ। ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସେଗୁଡ଼ିକୁ ଚିହ୍ନଟ କରିବା ପରେ ଓଡ୍ରାଫ୍ ଓ ଦମକଳ ବାହିନୀକୁ ଖବର ଦିଆଯାଇଥିଲା।

### କୂଅରୁ ବାର୍‌ହା ଉଦ୍ଧାର

ବାଙ୍କୀ,୨୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଏନ୍‌ଏସି ରଣପର ଗ୍ରାମର ୧୩ନଂ. ୱାର୍ଡରେ ଏକ କୂଅରେ ସୋମବାର ବିଳମ୍ବିତ ରାତିରେ ଏକ ଜଙ୍ଗଲି ବାର୍‌ହା ଖସି ପଡ଼ିଥିଲା। ମଙ୍ଗଳବାର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ବାର୍‌ହାକୁ ଉଦ୍ଧାର କରିଛନ୍ତି। ଏହି ସମୟରେ ବନବିଭାଗ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଦ୍ଧାର ବାର୍‌ହାକୁ ବନ ବିଭାଗ ଡମପଡ଼ା ଅଭୟାରଣ୍ୟରେ ଛାଡି ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ବାଙ୍କୀ ଉପଖଣ୍ଡରେ ବାର୍‌ହାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସେମାନେ ଚାଷୀଙ୍କ ପରିବା ଚାଷଠାରୁ ଆରମ୍ଭ କରି ଧାନ ଫସଲ ପର୍ଯ୍ୟନ୍ତ ସବୁ ନଷ୍ଟ କରି ଦେଉଛନ୍ତି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

## ଜନ୍ମଦିନରେ ବଳଦେବଜୀଉ ପିନ୍ଧିବେ ଅହିଂସା ଖଣ୍ଡୁଆପାଟ

ଟିଗିରିଆ, ୨୨।୮(ଜାଫର ଖାଁ)

କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ନଂ.୧ ନୂଆପାଟଣା ତନ୍ତୁବାୟ ସମିତି ଦ୍ୱାରା ସ୍ୱତନ୍ତ୍ର ଭାବେ ଅହିଂସା ପାଟ ସୂତାରେ ବୁଣା ଯାଉଥିବା ଖଣ୍ଡୁଆ ପାଟ ବସ୍ତ୍ରକୁ ଚଳିତବର୍ଷ କେନ୍ଦ୍ରାପଡ଼ାସ୍ଥିତ ଶ୍ରୀବଳଦେବଜୀଉ ତାଙ୍କ ଜନ୍ମଦିନ ତଥା ରକ୍ଷା ବନ୍ଧନ ଦିବସରେ ପରିଧାନ କରିବେ। ଏନେଇ ସମିତିର ସଭାପତି କେଶବ ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥଙ୍କ ପାଇଁ ଯେଉଁ ଅଙ୍ଗ ବସ୍ତ୍ର ବୁଣାଯାଉଛି ପାଟ ସୂତା ପାଇଁ କୋଷାକୁ ଗରମ ପାଣିରେ ସିଝା ଯାଇ ମାରିବା ପରେ ସୂତାକୁ ବାହାର କରାଯାଏ। କିନ୍ତୁ ସ୍ୱତନ୍ତ୍ର ଭାବେ ଶ୍ରୀବଳଦେବଜୀଉଙ୍କ ପାଇଁ ଯେଉଁ ଖଣ୍ଡୁଆ ପାଟ ସୂତା ପ୍ରସ୍ତୁତ ହେଉଛି ଏରି ପୋକ କୋଷା ଭିତରେ ସୂତା ତିଆରି କରିବା ପରେ ତା' ଭିତରୁ ବାହାରି ପଳାଇବା ପରେ ଉକ୍ତ ପାଟ ସୂତାକୁ ପ୍ରସ୍ତୁତ କରାଯାଉଛି। ତାକୁ ଅହିଂସା ପାଟ ସୂତାରେ ତିଆରି ଖଣ୍ଡୁଆ ପାଟ ବୋଲି କୁହାଯାଏ। ଏହାକୁ ରାଜ୍ୟ ସରକାରଙ୍କ ବୟନ ବିଭାଗ ପକ୍ଷରୁ ପ୍ରଥମ ଥର ଚଳିତବର୍ଷ ଶ୍ରୀବଳଦେବ ଜୀଉଙ୍କ ଜନ୍ମଦିନରେ ପରିଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଉକ୍ତ ବସ୍ତ୍ର ବୁଣା ପାଇଁ ନୂଆପାଟଣା ନଂ. ୧ ବୁଣାକାର ସମିତି ପକ୍ଷରୁ ଏକ ୭ ଜଣିଆ ଟିମ ଗଠନ କରାଯାଇଛି। ଉକ୍ତ କାମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ଅର୍ଜୁନ ପାଳ, ବେଣୁଧର ବେହେରା, ବସନ୍ତ ଦାସ, ନିରଞ୍ଜନ ପରମାଣିକ, ମନୋରଞ୍ଜନ ତୋଷ, ରମାକାନ୍ତ ତୋଷ ଓ ଶରତ ବେହେରା ସାମିଲ ଅଛନ୍ତି। ଖଣ୍ଡୁଆ ପାଟ ବସ୍ତ୍ର ପ୍ରସ୍ତୁତ ହୋଇସାରିଲା ପରେ ରାଜ୍ୟ ବୟନ ମନ୍ତ୍ରୀ ରିତା ସାହୁଙ୍କ ମାଧ୍ୟମରେ ବୟନ ନିର୍ଦ୍ଦେଶକ ସୋଭେନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରୀବଳଦେବ ଜୀଉଙ୍କ ପ୍ରଦାନ କରାଯିବ। ଏଥିପାଇଁ ବୁଣାକାରମାନେ ନିଷ୍ଠାର ସହ ବୁଣା କାମ ଚାଲିଛି। ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥଙ୍କ ପାଇଁ ଅହିଂସା ଖଣ୍ଡୁଆ ବସ୍ତ୍ର ନିର୍ମାଣ କରି ଭଲ ଅର୍ଥ ରୋଜଗାର କରାଯିବ ବୋଲି ବୁଣାକାରମାନେ କହିଛନ୍ତି।



ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅହିଂସା ଖଣ୍ଡୁଆପାଟ।

## ପୂର୍ବତନ ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଦୁଲଣାପୁର ପଞ୍ଚାୟତ

ବାଙ୍କୀ,୨୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଦୁଲଣାପୁର ପଞ୍ଚାୟତରେ ଦୁର୍ନୀତି ଓ ଆୟବର୍ହିଭୂତ ସମ୍ପତ୍ତି ଅଭିଯୋଗରେ ପୂର୍ବତନ ସରପଞ୍ଚ ସୁନୀଲ କୁମାର ସାହୁଙ୍କ ଘର ସମେତ ୩ଟି ସ୍ଥାନରେ ମଙ୍ଗଳବାର କଟକ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଅବସରରେ ୬ ଜଣିଆ ଭିଜିଲାନ୍ସ ଟିମ୍ ସୁନୀଲଙ୍କ ଦୁଲଣାପୁରସ୍ଥିତ ବାସଭବନ, ତୁଳସୀପୁରସ୍ଥିତ ଶ୍ୱଶୁରଘର ସମେତ ସେଠାରେ ଥିବା ପେଟ୍ରୋଲ ଟାଙ୍କିରେ ଚଢ଼ାଉ କରିଛି। ଏଥିସହ ସୁନୀଲଙ୍କ ବ୍ୟାଙ୍କ ଆକାଉଣ୍ଟ, ଗହଣା ଓ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜ ଯାଞ୍ଚ କରାଯାଇଛି। ସେ ୨୦୧୭-୨୦୨୨ ପର୍ଯ୍ୟନ୍ତ ଏହି ପଞ୍ଚାୟତରେ ସରପଞ୍ଚ ଥିଲେ। ଏହି ସମୟରେ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଲୋକପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ସତ୍ୟଭାମାପୁର କରାଟେ ଶିକ୍ଷାନୁଷ୍ଠାନର ୩୨ଜଣ ଛାତ୍ରୀଛାତ୍ରଙ୍କ କୃତିତ୍ୱ



କରାଟେରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ।

ସାଲେପୁର,୨୨।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକର ଉତ୍କଳ ଗୌରବଙ୍କ ଜନ୍ମପୀଠ ସତ୍ୟଭାମାପୁର କଲ୍ୟାଣ ମଣ୍ଡପରେ ୨ଦିନିଆ ୧୭ତମ ରାଜ୍ୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ସେଥିରେ ସତ୍ୟଭାମାପୁର କରାଟେ ଶିକ୍ଷାନୁଷ୍ଠାନର ୩୨ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ପ୍ରଶିକ୍ଷକ ବ୍ଲାକ୍ ବେଲ୍ଟ ମଗ୍ନଜିତ୍ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଉ ଟ୍ରାଡିସିନାଲ ସୋତୋକୋନ୍ କରାଟେ ସ୍କୁଲର ୩୨ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଭୟ କାତା ଓ କୁମୁତେ ୨ଟି ବିଭାଗରେ ଖେଳାଳି ଉଚ୍ଚକୋଟୀର କ୍ରୀଡ଼ା ପ୍ରଦର୍ଶନ କରି ସେଥିମଧ୍ୟରୁ ୧୧ଜଣ ସ୍ୱର୍ଣ୍ଣପଦକ ପାଇଥିବାବେଳେ ୧୦ଜଣ ରୌପ୍ୟ ଓ ୧୮ଜଣ କାଂସ୍ୟ ପଦକ ହାସଲ କରିଛନ୍ତି। କେତେକ କ୍ରୀଡ଼ାବିତ୍ ୨ଟି ଲେଖାଏଁ ପଦକ ମଧ୍ୟ ହାସଲ କରିଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ପ୍ରଶିକ୍ଷକ ମଗ୍ନଜିତ୍ ସାହୁଙ୍କ ଉଦ୍ୟମ ଓ ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ପ୍ରଶଂସା କରାଯାଇଛି।

## ଘାଟି ରାସ୍ତାରେ ଓଲଟିଲା ଯାତ୍ରୀବାହୀ ଅଟୋ : ୪ ଗୁରୁତର

- ୧୦ରୁ ଉର୍ଦ୍ଧ୍ୱ ଯାଉଥିଲେ
- ଭାରସାମ୍ୟ ହରାଇବାରୁ ଦୁର୍ଘଟଣା

ନରସିଂହପୁର,୨୨।୮ (ନିରଞ୍ଜନ ଦେବକୁମାର)

ନରସିଂହପୁର ବ୍ଲକର ଓଲବ ଘାଟିରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଫଳରେ ୪ ଜଣ ଗୁରୁତର ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଗୁରୁତରମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତମାନେ ପ୍ରାଥମିକ ଚିକିତ୍ସିତ ହେବାପରେ ଘରକୁ ଫେରିଛନ୍ତି।

ପାହାଡ଼ ପର୍ବତ ଓ ବଣଜଙ୍ଗଲ ଘେରା ଓଲବ ପଞ୍ଚାୟତର ଗ୍ରାମବାସୀ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ପାଇଁ ଚମ୍ପେଶ୍ୱର ସାପ୍ତାହିକ ହାଟ ଉପରେ ନିର୍ଭରଶୀଳ। ହାଟକୁ ଯିବା ପାଇଁ ଅନ୍ୟ କୌଣସି ରାସ୍ତା ନାହିଁ। ଏନେଇ ସବୁଦିନ ଭଳି ମଙ୍ଗଳବାର ସାପ୍ତାହିକ ହାଟକୁ ଏକ ଯାତ୍ରୀବାହୀ ଅଟୋରେ ୧୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆସୁଥିଲେ। ଅଟୋଟି ଓଲବର ଶେଷ ଘାଟି ରାସ୍ତାରେ ତଳକୁ ଖସୁଥିବାବେଳେ ଭାରସାମ୍ୟ ହରାଇ ବାମପଟକୁ ଓଲଟି ପଡିଥିଲା। ଖବରପାଇ ନିକଟରେ ଥିବା ଗୋଡିବନ୍ଧ ଗ୍ରାମର କେତେଜଣ ଲୋକ ଓ ରାସ୍ତାରେ ଯାଉଥିବା ପଥଚାରୀ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇବାସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ।

## ସରକାରୀ ଜାଗା ଚିହ୍ନଟ ଉପରେ ଗୁରୁତ୍ୱ

**ଏନ୍‌ଏସିରେ ସମୀକ୍ଷା କଲେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ**

ବାଙ୍କୀ,୨୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ବାଙ୍କୀ ଏନ୍‌ଏସି କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ଷ୍ଟ୍ରିଟ୍ ଲାଇଟ୍, ଆବାସ ଯୋଜନା, ଆହାର କେନ୍ଦ୍ର, ଜାଗା ମିଶନ, ମୁକ୍ତା ଯୋଜନା ଓ ପରିଷଦର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପୁରୁଣା ଅନୁଦାନରେ ଚାଲିଥିବା ସମସ୍ତ ପୁରୁଣା କାର୍ଯ୍ୟର ତୁରନ୍ତ ସମାଧାନ କରି ୟୁ.ସି ଦେବାପାଇଁ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜାଗାର ଅଭାବ ଥିବାରୁ ଉପସ୍ଥିତ ଥିବା ବାଙ୍କୀ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟିଙ୍କୁ ସରକାରୀ ଜମି ଚିହ୍ନଟ କରି ତୁରନ୍ତ ଦେବାପାଇଁ କହିଥିଲେ। ପ୍ରତ୍ୟେକ ୱାର୍ଡର ମିଶନ୍ ଶକ୍ତି ଗୃହ , ଅଙ୍ଗନୱାଡି କେନ୍ଦ୍ର ପାଇଁ ଜାଗା ବ୍ୟବସ୍ଥା କରିବା ପାଇଁ ମଧ୍ୟ କହିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ବିଶ୍ୱପ୍ରତାପ ବଡଜେନା ୨ ଗୋଟି ବହୁମୁଖୀ ସମ୍ମିଳନୀ ଗୃହ ପାଇଁ ଟେଣ୍ଡର ହୋଇଥିବା କହିଥିଲେ। ଏନେଇ ତୁରନ୍ତ ଜାଗା ଯୋଗାଇ ଦେଲେ କାର୍ଯ୍ୟ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ସରକାରୀ ଜାଗାର ଅଭାବ ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ନଗରପାଳ ମାଣିକ ସାହୁ ପ୍ରକାଶ କରିଥିଲେ। ପରିଷଦର ନିଷ୍ପତ୍ତି ଅନୁସାରେ ଏନ୍‌ଏସିରେ ଅବସ୍ଥିତ କୃଷି ବିଭାଗ ଫାର୍ମର ଅବ୍ୟବହୃତ ଜମି ଏନ୍‌ଏସିକୁ ଦେବାପାଇଁ ସରକାରଙ୍କୁ ଜିଲାପାଳଙ୍କ ଜରିଆରେ ଅନୁରୋଧ କରାଯାଇଛି। ସେ ଦିଗରେ ପଦକ୍ଷେପ ନେବାପାଇଁ ନଗରପାଳ ସାହୁ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା, ପୌରଯନ୍ତ୍ରୀ ସତ୍ୟନାରାୟଣ ରଥ, କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପନଗରପାଳ ରଣା ଧନ୍ୟବାଦ ଦେଇଥିଲେ।



ସମୀକ୍ଷା ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

## ସଂକ୍ଷେପରେ

### ମଧୁବାବୁ ପେନ୍‌ସନ ଯୋଜନାରୁ ବଞ୍ଚିତ ବୃଦ୍ଧ

ନିରାକାରପୁର,୨୨।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଲେଣ୍ଡୋ ପଞ୍ଚାୟତ ଅଞ୍ଚଳର ଜଣେ ୭୨ ବର୍ଷୀୟ ବ୍ୟକ୍ତି ମଧୁବାବୁ ପେନ୍‌ସନ ଯୋଜନା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୃଦ୍ଧ ଜଣଙ୍କ ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୨୦୨୦ ମସିହାରୁ ଆବେଦନ କରିଆସୁଥିଲେ ମଧ ଏହା ଭୁଲ ଆବେଦନ ଦର୍ଶାଇ ବାରମ୍ବାର ରିଜେକ୍ଟ ହୋଇଯାଉଥିଲା। ତେବେ ସେ ମଙ୍ଗଳବାର ନିରାକାରପୁର ପଞ୍ଚାୟତରେ ଥିବା ମୋ ସେବା କେନ୍ଦ୍ରକୁ ଯାଇ ଦେଖାଇବା ପରେ ତାଙ୍କ ଆକାଉଣ୍ଟରେ ଜଣେ ମହିଳାଙ୍କ ଆକାଉଣ୍ଟ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଅଭିଜ୍ଞତା ନ ଥିବା ଜଣେ ବ୍ୟକ୍ତିଙ୍କ ଅନଲାଇନ ସେଣ୍ଟରରୁ ସେ ଏହି ଆବେଦନ କରିଥିଲେ ବୋଲି ବୃଦ୍ଧ ଜଣଙ୍କ କହି ନୂତନଭାବେ ଆବେଦନ କରିଥିବା ଜଣାପଡିଛି । ତେବେ ଏହି ସବୁ ସେଣ୍ଟର ଉପରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଉଥିବାରୁ ବାରମ୍ବାର ଏଭଳି ସମସ୍ୟା ଉପୁଜୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

### ଗ୍ରାମୀଣ ଉଦ୍ୟାନରେ ଚାରାରୋପଣ

କୃଷ୍ଣପ୍ରସାଦ, ୨୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଡିଛିଣି ଗ୍ରାମୀଣ ଉଦ୍ୟାନରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିଲିକା ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡିଛିଣି ଗ୍ରାମ୍ୟ କମିଟି ସଭାପତି କେଦାର ନାଥ ସାହୁ ଯୋଗଦେଇଥିଲେ। ଉଦ୍ୟାନ ପରିସରରେ ପିଜୁଳି, ପାଚୁଲି,ବେଲ, ଅଁଳା, କରଞ୍ଜ ଆଦି ବିଭିନ୍ନ ପ୍ରକାର ୭୫ଟି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ମୀନା କୁମାରୀ ନାୟକ, ଶିକ୍ଷାବିତ୍ କୁମର ସାହୁ, ସୁବାସ ଚନ୍ଦ୍ର ଜେନା, ଅମୀନ ଦାସ, ଡିଛିଣି ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ ସାହୁ, ପରିବେଶ ପ୍ରେମୀ ଗୋପାଳ କୃଷ୍ଣ ସାହୁ, ଶର୍ଙ୍କର୍ଷଣ ମାଝୀଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

### ୫–ଟି ସଚିବଙ୍କ ଜଟଣୀ ଗସ୍ତ ଆଜି

ଜଟଣୀ,୨୨।୮(ରବୀନ୍ଦ୍ର ନାଥ ମହାକୁଡ଼)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ(୫–ଟି) ସଚିବ ଭି. କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଏହିକ୍ରମରେ ବୁଧବାର ୫–ଟି ସଚିବ ଜଟଣୀ ଗସ୍ତ କରିବେ। ବଡ଼ନୂଆଗାଁ ମୌଜାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ସମ୍ମୁଖ ଖେଳପଡିଆରେ ହେବାକୁ ଥିବା ସମାବେଶରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବେ। ତେବେ ୫–ଟି ସଚିବଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜୋନ–୩ ଏସିପି ପ୍ରଦୀପ ରାଉତ କହିଛନ୍ତି।

### ବ୍ରାଉନ୍‌ସୁଗାର ଜବତ, ୨ ଗିରଫ



ବୋଲଗଡ଼,୨୨।୮(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ପୋଲିସ, ଅବକାରୀ ବିଭାଗ ଓ ଏସ୍‌ଟିଏଫ୍ ପକ୍ଷରୁ ବାରମ୍ବାର ଚଢ଼ାଉ ହେଉଥିଲେ ମଧ ଏହି କାରବାର ଥମୁନାହିଁ। ମଙ୍ଗଳବାର ପୋଲିସ କେନ୍ଦୁପଲ୍ଲୀ ଗ୍ରାମଠାରେ ଚଢ଼ାଉ କରି ୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କାଉଁରୀପାଟଣା ଗ୍ରାମର ସର୍ଦ୍ଦାର ଇଶାକ ଖାନ ଓ ସାହିଲ ଖାଁ। ଏନେଇ ଥାନାରେ ଏକ ମାମଲା (ନଂ.୨୧୧/୨୩) ରୁଜୁ ପରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# ଶଯ୍ୟାଶାୟୀ ଶାଶୁଙ୍କୁ ହତ୍ୟା କରିଥିଲେ ବୋହୂ



ବୈଶାଖୀ ପଲେଇ

**ଅଭିଯୁକ୍ତା ବୈଶାଖୀ ଗିରଫ**

- ପରକୀୟା ପ୍ରୀତି କଥା ଜାଣିଦେଇଥିଲେ ଶାଶୁ
- ପରିବା କଟା ଛୁରିରେ ଶାଶୁଙ୍କ ବେକ କାଟିଥିଲେ

ଭୁବନେଶ୍ୱର,୨୨।୮(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରିବସ୍ତିରେ ଶଯ୍ୟାଶାୟୀ ବୃଦ୍ଧା ମାଦା ପଲେଇ (୬୦)ଙ୍କ ହତ୍ୟା ଘଟଣାର ରହସ୍ୟ କମିଶନରେଟ୍ ପୋଲିସ ମଙ୍ଗଳବାର ଉନ୍ମୋଚନ କରିଛି। ପରକୀୟା ପ୍ରୀତି ପାଇଁ ବୋହୂ ବୈଶାଖୀଙ୍କୁ ମାଦା ବାରଣ କରୁଥିଲେ। ମାଦାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସୁଥିବା ଜାଣିବା ପରେ ବୈଶାଖୀ ତାଙ୍କୁ ପରିବା କଟା ଛୁରିରେ ହତ୍ୟା କରିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ବୈଶାଖୀ (୨୪)ଙ୍କୁ ପୋଲିସ ଗିରଫ କରିଛି। ସେ ଘରକୋଣରେ ଲୁଚାଇଥିବା ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି। ବୈଶାଖୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପୋଲିସକୁ ଭୁଲ୍ ବୟାନ ଦେଇ ଭୁଆଁ ବୁଲାଉଥିଲେ ବୈଶାଖୀ

ବୈଶାଖୀ ଏହି ମାମଲାରେ ବାରମ୍ବାର ଭୁଲ ବୟାନ ଦେଇ ପୋଲିସକୁ ଭୁଆଁ ବୁଲାଉଥିଲେ। ଏମ୍‌ସରେ ବୈଶାଖୀ ଥିବାବେଳେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ବୈଶାଖୀ କହିଥିଲେ, ସେ ଉକ୍ତ ଦିନ ଘରେ ଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ବଳପୂର୍ବକ ପଶିଥିଲେ। ଜଣେ ଦୁର୍ବୃତ୍ତ ତାଙ୍କ ମୁହଁକୁ ଚାପି ଧରିବା ସହ ଆଉ ଜଣେ ଏକ ଚୁନିରେ ବେକକୁ ଭିଡ଼ି ଦେଇଥିଲେ। ଏହାପରେ ସେ କିଛି ଜାଣିପାରି ନ ଥିଲେ। ଚେତା ଫେରିବା ବେଳେ ସେ ହସ୍ପିଟାଲରେ ଥିବା ନେଇ ପୋଲିସକୁ କହି ବୈଶାଖୀ ଖସିଯିବାକୁ ନାଟକ ରଚିଥିଲେ।

### କେମିତି ପ୍ରମାଣ ପାଇଲା ପୋଲିସ

ବୈଶାଖୀ ତାଙ୍କ ଶାଶୁଙ୍କୁ ହତ୍ୟା କରିବା ପରେ ଅଚେତ୍ ଅବସ୍ଥାରେ ଅଭିନୟ କରି ତଳେ ପଡ଼ିଯାଇଥିଲେ। ମୃତଦେହ ଜବତ କରିବା ସମୟରେ କାନ୍ଥରେ ରକ୍ତଛିଟା ପଡ଼ିଥିବା ବେଳେ ଚଟାଣକୁ ପୋଛାଯାଇଥିବା ସାଇଣ୍ଟିଫିକ୍ ଟିମ୍ ଜାଣିବାକୁ ପାଇଥିଲା। ଅପରପକ୍ଷରେ ଉକ୍ତ ଦିନ ସନ୍ଧ୍ୟା ୫ଟା ୩୦ରେ ବୈଶାଖୀ ତାଙ୍କ ଛୋଟ ଝିଅଙ୍କୁ ଟିଉସନ୍‌ରେ ଜବରଦସ୍ତ ଭାବେ ଛାଡ଼ିଆସିଥିଲେ। ସେଠାରୁ ଆସି ପଡ଼ୋଶୀଙ୍କ ପାଖରେ ବସିଥିଲେ। ଏପରିକି ଝିଅକୁ ଛାଡ଼ିବା ବେଳେ ଦୁଇଜଣ ତାଙ୍କୁ ଅନାଉଥିବା ସେ ମିଛ କହିଥିଲେ। ୭ଟା ବେଳେ ଦିଅର ମଣ୍ଟୁ ବାହାରକୁ ଚାଲିଯିବା ପରେ ବୈଶାଖୀ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ପୋଲିସ ପଡ଼ୋଶୀଙ୍କୁ ପଚରାଉଚରା କରିବା ପରେ ୬ଟାରୁ ରାତି ୮ଟା ମଧ୍ୟରେ ଘରୁ କେହି ଯାଇ ନ ଥିଲେ କିମ୍ବା ଭିତରେ ପଶି ନ ଥିଲେ ବୋଲି ସେମାନେ କହିଥିଲେ। ଏପଟେ ଏମ୍‌ସ ଡାକ୍ତର ମଧ ବୈଶାଖୀ କୌଣସି ଆଘାତ ପାଇ ଅଚେତ ହୋଇ ନ ଥିଲେ ବୋଲି ପୋଲିସକୁ କହିଥିଲେ। ସାଇଣ୍ଟିଫିକ୍ ପ୍ରମାଣ, ପଡ଼ୋଶୀଙ୍କ ବୟାନ ଏବଂ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ବୈଶାଖୀ ହିଁ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା।

### ବୋହୂଙ୍କ ପରକୀୟା ପ୍ରୀତି ପାଇଁ ହେଉଥିଲା ଝଗଡ଼ା

ମୃତା ମାଦାଙ୍କ ସହ ବୋହୂ ବୈଶାଖୀ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ଼ରେ ରହୁଥିଲେ। ଏପଟେ ବଡ଼ ପୁଅ ରବୀନ୍ଦ୍ର ଓ ସାନ ପୁଅ ମଣ୍ଟୁ ଭୁବନେଶ୍ୱରରେ ରହୁଥିଲେ। ବୈଶାଖୀ ବିବାହ କରିବା ପରେ ଅନ୍ୟ ଯୁବକଙ୍କ ସହ କଥା ହେଉଥିବାରୁ ମାଦା ବିରୋଧ କରୁଥିଲେ। ଏପରିକି ପରକୀୟା ପ୍ରୀତି ପାଇଁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ଜୁଲାଇ ୧ ତାରିଖ ରାତିରେ ଜଣେ ଦୁର୍ବୃତ୍ତଙ୍କ ଆକ୍ରମଣରେ ମାଦା ଗୁରୁତର ହୋଇଥିଲେ। ଏନେଇ ବୈଶାଖୀ ସ୍ଥାନୀୟ ଥାନାରେ ଜଣାଇଥିଲେ। ଏହି ମାମଲାରେ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ବୈଶାଖୀ ତାଙ୍କ ସହ ସାମିଲ ଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ଗୁରୁତର ହୋଇଥିବା ମାଦାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସିତ ହୋଇ ଗତ ୮ତାରିଖରେ ଖଣ୍ଡଗିରି ବାରିବସ୍ତିସ୍ଥିତ ପୁଅ ଘରକୁ ମାଦା ଆସିଥିଲେ। ସେ ଶଯ୍ୟାଶାୟୀ ଅବସ୍ଥାରେ ରହୁଥିବାବେଳେ ବୈଶାଖୀ ତାଙ୍କ ପାଖରେ ରହୁଥିଲେ। ମାଦା ଧୀରେ ଧୀରେ ସୁସ୍ଥ ହେଉଥିବା ଜାଣିବା ପରେ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ବୈଶାଖୀ ଯୋଜନା କରିଥିଲେ। ଗତ ୧୫ ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ସେ ହତ୍ୟାକାଣ୍ଡ ଘଟାଇଥିଲେ।



କୃଷ୍ଣପ୍ରସାଦ: ମା' ସରସ୍ୱତୀ ପାଲା ପରିଷଦ କଳାକାର ପୋଷଣର ପଞ୍ଚସୂତ୍ର ସମ୍ପର୍କରେ ଅଭିନୟ ମାଧମରେ ସଚେତନତା ସୃଷ୍ଟି କରୁଛନ୍ତି।

### ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୨।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଚିଲିକା ନୂଆପଡ଼ା ଦଶଦୋଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମା' ସରସ୍ୱତୀ ପାଲା ପରିଷଦ କୃଷ୍ଣପ୍ରସାଦର କଳାକାରମାନେ ପୋଷଣର ପଞ୍ଚସୂତ୍ରକୁ ଆପଣେଇଲେ ଦେଶ କିଭଳି କୁପୋଷଣ ମୁକ୍ତ ହୋଇପାରିବ ସେ ଦିଗରେ ଅଭିନୟ ମାଧମରେ ସଚେତନ କରାଇଥିଲେ। ସିଡିପିଓ ମନୋରମା ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ଅଙ୍ଗନଓ୍ୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଗର୍ଭବତୀ ଓ ପ୍ରସୂତି ମା', ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ସୂଚନାଥାଉ କି, ୨୧ ତାରିଖରେ ୫ଟି ସେକ୍ଟରର ବିଭିନ୍ନ ସ୍ଥାନରେ ଏହି ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ଜଟଣୀ,୨୨।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ଷଣ୍ଢପୁର ମୌଜାସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷା ଅନୁଷ୍ଠାନ ନିକଟରୁ ମୁମୂର୍ଷୁ ଅବସ୍ଥାରେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବୃଦ୍ଧଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୮୦ ବର୍ଷ ହେବ। ମୃତଦେହ ଚିହ୍ନଟ ପାଇଁ କ୍ୟାପିଟାଲ ହସ୍ପିଟାଲର ଶବାଗୃହରେ ରଖାଯାଇଥିବା ଜଣାପଡ଼ିଛି।

## ଛତୁଚାଷ ପ୍ରଶିକ୍ଷଣ ନେଲେ ୧୬୦ ମହିଳା



ଛତୁ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଦସ୍ୟ।

ଜଟଣୀ,୨୨।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଣପାଞ୍ଜରୀ, ପଞ୍ଚୁପଲି, ଜାମୁକୋଳି ପଞ୍ଚାୟତର ମହିଳାମାନଙ୍କୁ ନେଇ ଏକ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧା ଆଇସିଆର(ସିଫା) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଶିବିରରେ ଉକ୍ତ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ୧୬୦ଜଣ ମହିଳା ଛତୁ ଚାଷ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଶିବିରକୁ ଗୋପବନ୍ଧୁ ମହିଳା ଚାଷୀ ଉତ୍ପାଦକ କମ୍ପାନୀ ଲି.ପଦନପୁର ସହଯୋଗ କରିଥିବା ବେଳେ ପ୍ରତିଶ୍ରୁତି ଅନୁଷ୍ଠାନର ସଦସ୍ୟ ପରିଚାଳନା କରିଥିଲେ।

## 'ବ୍ୟାଙ୍କ ଓ ଗ୍ରାହକ ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ସମ୍ଭବ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ,୨୨।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା ପକ୍ଷରୁ ମଙ୍ଗଳବାର ଗ୍ରାହକ ଦିବସ ପାଳିତ ହୋଇଯାଇଛି। ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ରମାମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାଧର ଦାଶ ଯୋଗଦେଇଥିଲେ। ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ବ୍ୟାଙ୍କ ଅଫିସର ରାଜାରାମ ପାଢ଼ୀ, କୋଷାଧ୍ୟକ୍ଷ ସତ୍ୟବ୍ରତ ଦୋରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କ ସଞ୍ଚିତ ଅର୍ଥକୁ ସଦାସର୍ବଦା ସୁରକ୍ଷିତ ରଖିବା ଦିଗରେ ବ୍ୟାଙ୍କ ଯଥେଷ୍ଟ ସହାୟକ ହୋଇଥାଏ। ଦାରିଦ୍ର୍ୟ ଦୂରୀକରଣ, ଲୋକଙ୍କ ସଶକ୍ତୀକରଣ ଏବଂ ଗ୍ରାହକ ଓ ବ୍ୟାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବାରେ ବ୍ୟାଙ୍କଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଅତିଥି ଦାଶ କହିଥିଲେ। ଆର୍ଥିକ ପ୍ରଗତି ଓ ବିକାଶ ନିମନ୍ତେ ଗ୍ରାମାଞ୍ଚଳରେ ଏହି ବ୍ୟାଙ୍କ ସେବା ଯୋଗାଇ ଦେଇଛି। ଗ୍ରାହକ ଭାବେ ଅନ୍ତର୍ଭୁକ୍ତ ହୋଇ ସମସ୍ତ ସ୍କିମ୍‌ର ଫାଇଦା ଉଠାଇବା ପାଇଁ ଅଧିକାରୀ ପାଢ଼ୀ ନିବେଦନ କରିଥିଲେ। ସଭାର ପ୍ରାରମ୍ଭରେ ଚିନ୍ତାମଣି ଦାଶଶର୍ମା ବେଦ ପାଠ କରିଥିଲେ। ସୁବାସ ମହାପାତ୍ର, ନରସିଂହ ପାଣିଗ୍ରାହୀ, ପ୍ରସନ୍ନ ମହାପାତ୍ର ଓ ଗଗନ ବେହେରା ପ୍ରମୁଖ ଗ୍ରାହକ ଭାବେ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଖିଳେଶ ମହାପାତ୍ର ସଂଯୋଜନା କରିଥିବା ବେଳେ ବ୍ୟାଙ୍କମିତ୍ର ରଘୁନାଥ ରାଉତରାୟ, ସିଦ୍ଧେଶ୍ୱର ବେହେରା, ସୌଭାଗ୍ୟ ଘଡେଇ ଓ ସହଯୋଗୀ ଅନିଲ କୁମାର ପଣ୍ଡା ସହଯୋଗ କରିଥିଲେ।

## ଯାଁଳାରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ଯାଁଳା,୨୨।୮(ବୁଲା ବାରିକ )

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଏହାର ଉପକଣ୍ଠ ଯାଁଳା ଅଞ୍ଚଳ ବାଦ୍ ପଡିନାହିଁ। ଏହି ଅଞ୍ଚଳର ବହୁ ଲୋକେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭଲ ହୋଇଥିବା ବେଳେ ଆଉ କେତେଜଣ ବର୍ତ୍ତମାନ ଚିକିତ୍ସିତ ଅଛନ୍ତି। ପ୍ରତିବର୍ଷ ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ କଲ୍ୟାଣ ସମିତି ତରଫରୁ ଅଙ୍ଗନଓ୍ୱାଡି ଦ୍ୱାରା ପ୍ରତି ଗାଁ ଦାଣ୍ଡ ସଫା ସୁତରା ରଖିବା ସଙ୍ଗେ ସଙ୍ଗେ ଜନ ସଚେତନତା କରାଯାଏ। କିନ୍ତୁ ଏବେ କୌଣସି କୌଣସି କାରଣରୁ ବନ୍ଦ ହୋଇଥିବାରୁ କାର୍ଯ୍ୟ ଠପ୍ ହୋଇଯାଇଛି। ଗ୍ରାମର ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ବୃକ୍ଷ ଲତା ବଢ଼ିବା ସହ ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଯୋଗୁ ମଶାଙ୍କ ବଂଶ ବୃଦ୍ଧି ପାଉଛି। ଚଳିତ ବର୍ଷ ଯାଁଳା, ମଦନପୁର, ଛତାବର, ଗଙ୍ଗପଡା ଆଦି ଅଞ୍ଚଳରେ ଏହି ଜ୍ୱର ଦେଖିବାକୁ ମିଳିଛି। ଯାଁଳା ପଞ୍ଚାୟତର ଓଗାଳପଡା, ପାଟଣାସାହି, ଫାଣ୍ଡି ନିକଟ, ପୋଷ୍ଟ ଅଫିସ୍ ଛକ, ଗ୍ରାମେଶ୍ୱର ନଗରର ପୁଅ ବୋହୂ ମନ୍ଦିର ନିକଟ, ପେଟ୍ରୋଲ୍ ପମ୍ପ ଅଞ୍ଚଳରେ ବହୁ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ଖବର ନାହିଁ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

## ଚିଲିକାରେ ଯାତ୍ରୀ ପରିବହନରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

**ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି**

କୃଷ୍ଣପ୍ରସାଦ,୨୨।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ବାଲୁଗାଁଠାରୁ ଚିଲିକାର ଜଳରାଶି ମଧ ଦେଇ ଲଞ୍ଚ ଯୋଗେ ଦୈନିକ ଶତାଧିକ ଯାତ୍ରୀ କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରାଜ୍ୟ ସରକାରଙ୍କ ଅନ୍ତର୍ଦେଶୀୟ ଜଳପଥ ପରିବହନ ସେବା ପକ୍ଷରୁ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଲଞ୍ଚ ଚଳାଚଳର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ସକାଳ ୭ଟା ୧୫ ଏବଂ ଅପରାହ୍ନ ୧ଟା ୩୦ରେ ବାଲୁଗାଁଠାରୁ ଦୁଇଟି ଲଞ୍ଚ କୃଷ୍ଣପ୍ରସାଦ ଅଭିମୁଖେ ଚଳାଚଳ କରୁଛି। ଅପରାହ୍ନ ୩ଟା ୧୫ରେ ବାଲୁଗାଁ ଠାରୁ ଏକ ଲଞ୍ଚ ବାହାରି କୃଷ୍ଣପ୍ରସାଦ ଘିମୁଦା ଜେଟିରେ ୪ଟା ୪୫ରେ ପହଞ୍ଚିଥାଏ। ପରଦିନ ସକାଳ ୭ଟା ୧୫ରେ ବାଲୁଗାଁ ଅଭିମୁଖେ ଯାତ୍ରା କରିଥାଏ। ବାରମ୍ବାର ଅଞ୍ଚଳବାସଙ୍କ ଦାବି ପରେ ଉକ୍ତ ଲଞ୍ଚଟି ଦୀର୍ଘ ୩ ବର୍ଷ ଧରି ଯାତାୟାତ କରୁଥିବା ବେଳେ କର୍ତ୍ତୃପକ୍ଷ ଉକ୍ତ ଲଞ୍ଚ ଚଳାଚଳ ବନ୍ଦ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାଲୁଗାଁ ଜେଟି କୂଳରେ ଲଞ୍ଚ ଗୁଡ଼ିକ ଚିଲିକା ଜଳରେ ପଡ଼ି ରହି ଖତ ଖାଉଥିଲେ ମଧ ଏଗୁଡ଼ିକର ଆନୁଷଙ୍ଗିକ ମରାମତି ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ଆଗାମୀ ଦିନରେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ଆନ୍ଦୋଳନ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ପୂର୍ବପରି ଅପରାହ୍ନ ୩ଟା ୪୫ ରେ ବାଲୁଗାଁ – କୃଷ୍ଣପ୍ରସାଦ ମଧ୍ୟରେ ପୁନଃ ଲଞ୍ଚ ଚଳାଚଳ କରିବାକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ୍ଡୁ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ଯୁବନେତା ଲକ୍ଷ୍ମୀକାନ୍ତ ସିଂହ, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

## ଶହୀଦ ଶିକ୍ଷକ ଭବନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**୩ ଲକ୍ଷ ଟଙ୍କା ମଞ୍ଜୁର କଲେ ଏମ୍‌ପି**

ବୋଲଗଡ଼,୨୨।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଟିକାତଳ ଗ୍ରାମ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶହୀଦ ଶିକ୍ଷକ ସ୍ମୃତିସ୍ତମ୍ଭ ନିକଟରେ ଏକ ଶହୀଦ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ସହ ଏହି ସ୍ଥାନକୁ ଆଲୋକୀକରଣ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏମପି ଷଡ଼ଙ୍ଗୀ। ସୋମବାର ସାନପଦର ଗ୍ରାମଠାରେ ରେଳ ପାସେଞ୍ଜର ହଲ୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଯିବା ସମୟରେ ଏହି ସ୍ଥାନରେ ଶିକ୍ଷକ ନେତା ବୈକୁଣ୍ଠ ମହାରଣାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଅଟକିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ଓ ସେବତି ପରିଡା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ପାଛୋଟି ଆଣିବା ସହ ଶିକ୍ଷକନେତା ସୁମନ୍ତ ଛୋଟରାୟ ଏମ୍‌ପିଙ୍କୁ ଶହୀଦ ଶିକ୍ଷକମାନଙ୍କ ସମ୍ପର୍କରେ ବୁଝାଇଥିଲେ। ୧୯୭୮ ମାର୍ଚ୍ଚ ୯ରେ ଶିକ୍ଷକ ମହାସଂଘ ଡାକରାରେ ଭୁବନେଶ୍ୱରର ଏକ ଆନ୍ଦୋଳନରେ ଯୋଗଦେବାକୁ ଯାଉଥିବା ଗୋଟିଏ ବସ ଏଠାରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସେଥିରେ ଥିବା ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ସ୍ମୃତିରେ ଏଠାରେ ଶିକ୍ଷକ ଶହୀଦ ସ୍ତମ୍ଭ ନିର୍ମାଣ ସହ ପ୍ରତ୍ୟେକ ବର୍ଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏହି ଅବସରରେ ଏମପି ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦିବାକର ପରମଗୁରୁ, ଅର୍ଜ୍ଜୁନ ମହାନ୍ତି, ଯୋଗୀନାଥ ନାୟକ, ବସନ୍ତ ଖୁଣ୍ଟିଆ, ଡ.ସୁକାନ୍ତ ବେହେରା, ରତ୍ନାକର ପାଣି, ସୁରେନ୍ଦ୍ର ପଣ୍ଡା, ମନୋଜ ଗୁମାନସିଂ, ହରିବନ୍ଧୁ ଦେଓ, ନବ ଗୁମାନସିଂ, ବାସୁଦେବବରାଡ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାଲରେ ଡବ୍ଲ୍ୟୁ ୱାରିୟର୍ସ-ଗୁରୁ ୟୁନାଇଟେଡ୍

ବୋଲଗଡ଼,୨୨।୮(ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ବୋଲଗଡ଼ ଫୁଟ୍‌ବଲ ପ୍ରିମିୟର ଲିଗ୍**

ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ୫ମ ବୋଲଗଡ଼ ଫୁଟ୍‌ବଲ ପ୍ରିମିୟର ଲିଗର ମଙ୍ଗଳବାର ଅନୁଷ୍ଠିତ ଷଷ୍ଠ ମ୍ୟାଚ ଦୁଇ ଫ୍ରାଞ୍ଚାଇଜ ଦଳ ରୁଦ୍ର ୱାରିୟର୍ସ ଓ ଡବ୍ଲ୍ୟୁ ୱାରିୟର୍ସ ମଧ୍ୟରେ ହୋଇଥିଲା। ଡବ୍ଲ୍ୟୁ ୱାରିୟର୍ସ ଟିମର ଖେଳାଳି ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ରୁଦ୍ର ୱାରିୟର୍ସ ଟିମର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ଫଳରେ ଡବ୍ଲ୍ୟୁ ୱାରିୟର୍ସ ୨–୧ ଗୋଲରେ ବିଜୟୀ ହୋଇଥିଲା। ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଏହି ମ୍ୟାଚରେ ମୁଖ୍ୟ ରେଫରି ଭାବେ ଲକ୍ଷ୍ମୀଧର ଚୌଧୁରି, ସହାୟକଭାବେ ଭଞ୍ଜକିଶୋର ଯତି ଏବଂ ବୈକୁଣ୍ଠ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ସୋମବାର ଅନୁଷ୍ଠିତ ପଞ୍ଚମ ଲିଗ ମ୍ୟାଚ ଗୁରୁ ୟୁନାଇଟେଡ ଓ ସାଇ ଇଲେଭେନ ମଧ୍ୟରେ ହୋଇଥିଲା ।ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହରିକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଗୁରୁ ୟୁନାଇଟେଡର ଖେଳାଳି ଗୋଟିଏ ଗୋଲ ଦେବା ସହିତ ବିଜୟୀ ହୋଇଥିଲେ। ଏହି ମ୍ୟାଚକୁ ମୁଖ୍ୟ ରେଫରି ଏମ୍.ଏସ.ବେଗ, ଲାଇନସରେ ଭଞ୍ଜ କିଶୋର ଯତି ଓ ସୌମ୍ୟରଞ୍ଜନ ଜେନା ପରିଚାଳନା କରିଥିଲେ। ତେବେ ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଶନିବାର ଫାଇନାଲ ମ୍ୟାଚ୍ ଡବ୍ଲ୍ୟୁ ୱାରିୟର୍ସ ଓ ଗୁରୁ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ।




୨୨|୮|୨୦୨୩

| | |
|---|---|
| ୪,୦୮,୧୫୫ ଟଙ୍କା | |
| ସୁନା | ୩୭୦ ମିଲିଗ୍ରାମ୍ |
| ରୁପା | ୪୩.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ସମୁଦ୍ରରୁ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୨।୮(ଅଜିତ୍ ମହାନ୍ତି)

ସମୁଦ୍ରରେ ଗାଧୋଉଥିବାବେଳେ ଭାସି ଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡ ଉଦ୍ଧାର କରିଛି। ଉଦ୍ଧାର ପର୍ଯ୍ୟଟକ ଜଣଙ୍କ ହେଉଛନ୍ତି ଛତିଶଗଡ଼ ରାୟପୁର ବାରୁକା ଅଞ୍ଚଳର ରୁକୁମ୍ କୁମାର। ବେଳାଭୂମିର ୨ ନଂ. ସେକ୍ଟର ଅଞ୍ଚଳରେ ଗୋଧୋଉଥିବାବେଳେ ରୁକୁମ୍ ଲହଡି ମାଡ଼ରେ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ସୂଚନା ଅନୁଯାୟୀ, ରୁକୁମ୍ ନିଜ ପରିବାର ସହ ପୁରୀ ବୁଲିବାକୁ ଆସି ସମୁଦ୍ରରେ ସ୍ନାନ କରୁଥିଲେ। ତେବେ ସ୍ନାନ କରିବାବେଳେ ହଠାତ୍ ଏକ ବଡ଼ ଲହଡ଼ି ମାଡ଼ରେ ରୁକୁମ୍ ସମୁଦ୍ରକୁ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ପରିବାର ଲୋକେ ଚିତ୍କାର କରିବାରୁ ଲାଇଫ ଗାର୍ଡ ସମୁଦ୍ର ମଧ୍ୟରୁ ରୁକୁମ୍‌ଙ୍କୁ ଉଦ୍ଧାର କରିଥିଲେ। ତେବେ ସୁରକ୍ଷିତ ସମୁଦ୍ର ସ୍ନାନ ନେଇ ପ୍ରଶାସନ ପକ୍ଷରୁ କୌଣସି ସାଇନ୍ ବୋର୍ଡ ଲାଗି ନ ଥିବା ଏବଂ ପର୍ଯ୍ୟଟକଙ୍କ ଅସାବଧାନତା ଯୋଗୁ ପ୍ରତିଦିନ ସମୁଦ୍ର ସ୍ନାନବେଳେ ଏଭଳି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

### ୩ ଜଣ ଫେରାର ଅଭିଯୁକ୍ତ ଗିରଫ

ନିମାପଡ଼ା,୨୨।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରେ ବିଭିନ୍ନ ଅପରାଧ ଘଟଣାରେ ସମ୍ପୃକ୍ତ ଥାଇ ଦୀର୍ଘ ଦିନ ହେଲା ଫେରାର ଥିବା ୩ ଜଣ ଫେରାର ଅଭିଯୁକ୍ତ(ୱାରେଣ୍ଟି)ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ସାତପୁରୀ ଗ୍ରାମର ସାଗର ଭୋଇ, ପାଟପୁର ଦଳିତ ସାହିର ହେମନ୍ତ ଭୋଇ, ବାହାଦୁର ଭୋଇ। ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ତଅପୋଇ ନାୟକ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ଏଏସ୍‌ଆଇ ଶିଶିର ମହାନ୍ତି, ସବିତାରାଣୀ ମାର୍ଥା, ଇନ୍ଦୁଲତା ମିଶ୍ର ପ୍ରମୁଖ ୩ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ସେମାନଙ୍କୁ କାବୁ କରିଥିଲେ।

### ତାଳଗଛ ବୀଜ ସଂଗ୍ରହ

ପୁରୀ,୨୨।୮(ଅଜିତ୍ ମହାନ୍ତି)

ସୋସିଆଲ ଡେଭେଲପମେଣ୍ଟ ସର୍ଭିସ, ପୁରୀ ଆନୁକୂଲ୍ୟରେ ବ୍ରହ୍ମଗିରି ଘଟକୁଦି ପଞ୍ଚାୟତରେ ତାଳଗଛ ବୀଜ ସଂଗ୍ରହ କରାଯାଉଛି। ଏଥିସହିତ ୨ହଜାରରୁ ଅଧିକ ତାଳଗଛ ନଈପଠା ଓ ସରକାରୀ ଅନାବାଦୀ ସ୍ଥାନରେ ସରପଞ୍ଚ ଆଲୋକ କୁମାର ବିଶ୍ୱାଳଙ୍କ ସହଯୋଗରେ ଲଗାଯାଇଛି। ସମୟକ୍ରମେ ତାଳଗଛର ଅବକ୍ଷୟକୁ ଗୁରୁତ୍ୱ ନେଇ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ତାଳଗଛ ବୀଜ ସଂଗ୍ରହ ଓ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

## ଅଧିକାରୀ ନ ଆସିବାରୁ ତାତିଲେ ଅଭିଭାବକ

ଡେଲାଙ୍ଗ,୨୨।୮(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

ଡେଲାଙ୍ଗ ବ୍ଲକର ଡେଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଏହି କଥା ସେମାନେ ଅଭିଭାବକଙ୍କୁ ଜଣାଇବା ପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ଶିକ୍ଷକଙ୍କ ବଦଳିରେ ରୋକ ଲଗାଇବାକୁ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକଙ୍କୁ କିଛିଦିନ ତଳେ ଅଭିଯୋଗ କରିଥିଲେ। ହେଲେ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରି ନ କରିବାରୁ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସହ ମିଶି ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକକୁ ତାଲା ପକାଇ ସମ୍ମୁଖ ରାସ୍ତାରେ ଧାରଣା ଦେଇଥିଲେ। ଏହି ଧାରଣା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବସିଥିଲେ ସୁଦ୍ଧା ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଫଳରେ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ପ୍ରକାଶ ପାଇଛି । ଏ ନେଇ ବୁଧବାର ଏକ ବିଶାଳ ପଦଯାତ୍ରା ଡେଲାଙ୍ଗ ହାଟ ବଜାରରେ କରିବା ସହିତ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ପଟ୍ଟନାୟିକିଆ-ଖୋର୍ଦ୍ଧା ରାସ୍ତା ଅବରୋଧ କରାଯିବ ବୋଲି ଅଭିଭାବକମାନେ ନିଷ୍ପତ୍ତି କରିଛନ୍ତି। ଖବରପାଇ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ ଧାରଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହୋଇ ବୁଝାଶୁଝା କରିଥିଲେ ମଧ୍ୟ ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ପାଇଁ ଅଡ଼ିବସିଥିଲେ।

ସୂଚନା ଥାଉକି, ପୁରୁଣା ଡେଲାଙ୍ଗ ଗ୍ରାମରେ ଅବସ୍ଥିତ ଏହି ବିଦ୍ୟାଳୟଟିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ବିଦ୍ୟାଳୟରେ ମୋଟ ୭୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୫ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକଙ୍କୁ ବେରବୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି । ଆଉ ଜଣେ ଶିକ୍ଷକ ୪ ମାସ ପରେ ଅବସର ଗ୍ରହଣ କରିବେ। ତେବେ ୩ଜଣ ଶିକ୍ଷକ ୮ଟି ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ କିପରି ପାଠ ପଢ଼ାଇବେ। ଏ ବିଷୟରେ ଛାତ୍ରୀଛାତ୍ରମାନେ ଅଭିଭାବକଙ୍କୁ ଜଣାଇବା ପରେ ସେମାନେ ଶିକ୍ଷକଙ୍କ ବଦଳିକୁ ରୋକିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ଗତ ୧୯ତାରିଖରେ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଶିକ୍ଷାଧିକାରୀ ଏହାକୁ ଗୁରୁତ୍ୱ ନ ଦେବାରୁ ଶେଷରେ ଏହି ଧାରଣା କରାଯାଇଥିଲା। ଶିକ୍ଷକ ବଦଳି ବାତିଲ କରାଯାଉ ନଚେତ ନୂତନ ଶିକ୍ଷକ ନିଯୁକ୍ତି କରାଯିବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ସରକାର ଗୁଣାତ୍ମକ ଶିକ୍ଷା ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବା ପାଇଁ କହୁଥିବା ବେଳେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ଚିନ୍ତାର ବିଷୟ ପାଲଟିଛି। ଶିକ୍ଷକ ଅଭାବ ଯୋଗୁ ବିଦ୍ୟାଳୟରେ ଶିକ୍ଷାଦାନରେ ସମସ୍ୟା ଉପୁଜୁଥିବା ନେଇ ସିପିଆଇଏମ୍ ଏଲ୍ ନେତା ଅଶୋକ ପ୍ରଧାନ କହିଥିଲେ। ଏହି ଧାରଣାରେ ଅଭିଭାବକ ନିର୍ମଳ ପରିଡା, ବସନ୍ତ ବେହେରା, ନିଶିକାନ୍ତ ମହାପାତ୍ର, ଦିବାକର ମାଟି, ପରିଚାଳନା କମିଟି ସଭାପତି ମନୋରଞ୍ଜନ ବେହେରା, ସସ୍ମିତା ଦାସ, ସୁଦର୍ଶନ ବାରିକ ପ୍ରମୁଖଙ୍କ ସହିତ ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ।

# ନ୍ୟାୟ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

## ବ୍ରହ୍ମଗିରିର ୨ ଯୁବତୀଙ୍କୁ ଆକ୍ରମଣ ଘଟଣା

ପୁରୀ,୨୨।୮(ଅଜିତ ମହାନ୍ତି)

ବ୍ରହ୍ମଗିରି ଥାନା ଅଧୀନ ମାଛିଆଦାଆଣ୍ଡି ଗ୍ରାମର ୨ ଯୁବତୀଙ୍କୁ କୌଣସି କାରଣକୁ ନେଇ କେତେଜଣ ଦୁର୍ବୃତ୍ତ ଅସଦାଚରଣ କରି କାଠଫାଳିଆରେ ମାଡ଼ ମାରିଥିଲେ। ଏପରିକି ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ନୀରବଦ୍ରଷ୍ଟା ସାଜିବାରୁ ପୀଡ଼ିତାଙ୍କ ପରିବାର ଏସ୍‌ପିଙ୍କୁ ଜଣାଇବା ସହ ନ୍ୟାୟ ପାଇଁ ଲଢ଼େଇ ପରିବାର ଅନୁଷ୍ଠାନର ଦ୍ୱାରସ୍ଥ ହୋଇଥିଲେ। ତେବେ ଉକ୍ତ ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଉକ୍ତ ଘଟଣାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ନମ୍ବର ୧୩୭୭୫/୨୦୨୩ ରେ କେଶ ଦାଏର କରିଛନ୍ତି। ଅନୁଷ୍ଠାନର ରାଜ୍ୟ ସଭାପତି ଦାଶଙ୍କ କହିବା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଧୀନ ମାଛିଆଦାଆଣ୍ଡି ଗ୍ରାମର ପ୍ରିୟନାଥ ବରାଳଙ୍କ ୨ ଝିଅ ରଶ୍ମିତା ଏବଂ ସସ୍ମିତାଙ୍କୁ କେତେଜଣ ଦୁର୍ବୃତ୍ତ କାଠ ଫାଳିଆରେ ମାଡ଼ ମାରିବା ଯୋଗୁ ୨ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଦୀର୍ଘ ୬ ଦିନ ହେଲା ଚିକିତ୍ସା ହେଉଛନ୍ତି । ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ କେବଳ ଏକ ମାମଲା(ନଂ. ୧୬୬/୨୩) ରୁଜୁ କରି ଚୁପ ବସିଛି। ଘଟଣାକୁ ୧୭ ଦିନ ବିତିଗଲା ପରେ ବି ପୋଲିସ ଅଭିଯୁକ୍ତମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଅଭିଯୁକ୍ତମାନେ ଖୁଲମଖୋଲା ଗ୍ରାମରେ ବୁଲୁଥିବା ନେଇ ପୀଡ଼ିତାଙ୍କ ପିରବାର ଅଭିଯୋଗ କଲାପରେ ବ୍ରହ୍ମଗିରି ଥାନା ଅଧିକାରୀ ଶୁଣୁ ନ ଥିବା କହିଛନ୍ତି। ଏ ଘଟଣାକୁ ନେଇ ପୀଡ଼ିତା ଏସ୍‌ପି ପୁରୀଙ୍କୁ ଅଭିଯୋଗ କରିଛନ୍ତି। ତେଣୁ କମିଶନଙ୍କ ନିକଟରେ ଘଟଣାରେ କମିଶନଙ୍କ ଟିମ୍ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଦାସ ତାଙ୍କ କେସ୍‌ରେ ଅନୁରୋଧ କରିଛନ୍ତି।

# ପିପିଲି ଏନ୍‌ଏସି ଅଞ୍ଚଳ ପାଣି ଘେରରେ


ବର୍ଷା ଜଳରେ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି ।

ପିପିଲି,୨୨।୮(ଦୁର୍ଗା ମାଧବ ମିଶ୍ର)

ଅସରାଏ ବର୍ଷା ହେଲେ ପିପିଲି ଏନ୍‌ଏସି ଅଧୀନ ବିଭିନ୍ନ ଗ୍ରାମ ଜଳମଗ୍ନ ହୋଇଯାଉଛି। ରାସ୍ତାଘାଟ ବୁଡିଯିବା ଦ୍ୱାରା ସ୍କୁଲ ପିଲା, ଗ୍ରାମବାସୀ, ବୟସ୍କ ବ୍ୟକ୍ତି ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଦୈନନ୍ଦିନ ସାମଗ୍ରୀ ପାଇଁ ବଜାର ହାଟ ଯିବା ଦୁର୍ବିଷହ ହୋଇପଡୁଛି। ଏହା ଉପାନ୍ତ ଅଞ୍ଚଳଠାରୁ ବଳିଯାଉଛି। ନିର୍ବାଚନ ସମୟ ଆସିଲେ ବଡ଼ ବଡ଼ ମନ୍ତ୍ରୀ, ନେତା, କୁଜିନେତା ଏ ସମସ୍ୟା ସମାଧାନର ସ୍ୱପ୍ନ ଦେଖାଇ ପରେ ଭୋଟ ପାଇବା ପରେ ତାହା ସ୍ୱପ୍ନରେ ରହିଯାଉଥିଲା। ଏନ୍‌ଏସିର ୪ନଂ. ୱାର୍ଡରେ ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷାରେ ବର୍ଷାପାଣି ଲହଡି ମାରୁଛି। ଏହି ୱାର୍ଡରେ ଥିବା ଏକ ବେସରକାରୀ ସ୍କୁଲକୁ ଛାତ୍ରୀଛାତ୍ର ଆଣ୍ଠୁଏ ପାଣିରେ ଯିବାଆସିବା କରୁଛନ୍ତି। ଏଥିପ୍ରତି ସ୍ଥାନୀୟ ବିଧାୟକ, ଏନ୍‌ଏସି ଅଧ୍ୟକ୍ଷ ସ୍ଥାୟୀ ସମାଧାନ ପାଇଁ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଦାବି ହୋଇଛି।


ପୁରୀ ଶ୍ୟାମକୁଞ୍ଜ ଗଳି ରାଧାଶ୍ୟାମ ମଠରେ ଝୁଲଣ ପର୍ବ ପାଇଁ କୁଞ୍ଜ ପ୍ରସ୍ତୁତ କରାଯାଉଛି।

# ଚିକିତ୍ସା ସହାୟତା ପାଇଁ ସହଯୋଗ

ପୁରୀ ୨୨।୮( ଅଜିତ ମହାନ୍ତି)

ଚିକିତ୍ସା ସହାୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୧୦,୦୦୦ ଟଙ୍କା ସହାୟତା କରାଯାଇଛି। ଚନ୍ଦନପୁର ଚାଳିଶି ବାଟିଆ ପଞ୍ଚାୟତ ପିତେଇପୁର ଗ୍ରାମର ନିଆଳୀ ମାଣ୍ଡିଆଙ୍କ ପୁତ୍ର ରମେଶ ଦୁରାରୋଗ୍ୟ କ୍ୟାନ୍ସରରେ ପୀଡ଼ିତ ଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ରମେଶଙ୍କ ଅବସ୍ଥା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ତତ୍‌ସହିତ ତାଙ୍କ ନାବାଳକ ପିଲାମାନଙ୍କୁ ପାଠ ପଢିବାର ବ୍ୟବସ୍ଥା କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ନେଇ ରୋଗୀ ଅସନ୍ତୋଷ

କଣାସ,୨୨।୮(ବିଭୂତି ଭୂଷଣ ତ୍ରିପାଠୀ)




କଣାସ ବ୍ଲକର ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଏବଂ ୧୦୮ପଡା ଗ୍ରାମର ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ କଣାସଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ମନ୍ଦାରବସ୍ତ, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା, ବୀରକେଶରପୁରଠାରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ କିପରି ଉତ୍ତମ ସେବା ଯୋଗାଇଦିଆଯାଇପାରିବ ସେଥିପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କଣାସରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଠିକ୍ ଭାବେ ଖୋଲୁ ନ ଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶରେ ଫେରିବା ସହ ଗାଁ ଗହଳିରେ ଥିବା କ୍ୱାକ୍‌ମାନଙ୍କ ନିକଟରେ ଚିକିତ୍ସା କରୁଛନ୍ତି। ବିଶେଷକରି ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ନିଯୁକ୍ତ ଥିବା ଡାକ୍ତର ଓ କର୍ମଚାରୀ ସରକାରୀ ନିୟମ ଅନୁଯାୟୀ ନିୟମିତ ଆସୁ ନାହାନ୍ତି। ଫଳରେ ବେଳେବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଥିଲେ ମଧ୍ୟ ଡାକ୍ତର ନ ଥିବାରୁ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଛି। ମଙ୍ଗଳବାର ଅପରାହ୍ଣ ୩ଟା ୩୦ମିନିଟ୍ ସମୟରେ ବୀରକେଶରପୁରଠାରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ନ ଥିବାରୁ ରୋଗୀମାନେ ଅସନ୍ତୋଷ ହୋଇ ଫେରୁଥିବା ଦେଖିବାକୁ ମିଳୁଥିଲା। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା କୁହନ୍ତି, ବାରମ୍ବାର ସେଠାରେ ଥିବା ଡାକ୍ତରଙ୍କୁ ଅବଗତ କରାଇଛି। କାହିଁକି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇନି ପଚାରି ବୁଝିବି। ଆଗକୁ ଯେପରି ଏପରି ନ ହୁଏ, ଏଥିପ୍ରତି ନିର୍ଦ୍ଦେଶ ଦେବି। ଅପରପକ୍ଷେ ବ୍ଲକର ଅଧିକାଂଶ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସମାନ ଅବସ୍ଥା ହେଉଥିବାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହେଉଛି।

# ଶ୍ରୀଜଗନ୍ନାଥ କଲେଜରେ ଆନାଟୋମି ପ୍ରଦର୍ଶନୀ

ପୁରୀ,୨୨।୮( ଅଜିତ୍ ମହାନ୍ତି)

ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ହସ୍ପିଟାଲର ଆନାଟୋମି ଆଣ୍ଡ୍ ଛାତ୍ର ଏକାଡେମିକ ସୋସାଇଟି ପକ୍ଷରୁ ଆନାଟୋମି ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଡିନ୍ ଡ.ପ୍ରଫେସର ମାୟା ପାଢୀ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଆନାଟୋମିର ଏଚ୍‌ଓଡି ଡ.ଲଲାଟେନ୍ଦୁ ସ୍ୱାଇଁ ଓ ଛାତ୍ର ଏକାଡେମିକ ସୋସାଇଟିର ସୁମନ ମିଶ୍ର ଯୋଗଦେଇଥିଲେ। ପ୍ରଦର୍ଶନୀରେ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଦର୍ଶିତ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ଛାତ୍ରୀମାନେ ଶରୀରର ଅଙ୍ଗ ବିଷୟରେ ଜଣେ ଛାତ୍ରଙ୍କୁ ବୁଝାଉଛନ୍ତି ।

# ବୈଷୟିକ ଶିକ୍ଷା ପରେ ନିଯୁକ୍ତି ପାଇ ଶୁକଦେବ ସମ୍ମାନିତ

ପୁରୀ,୨୨।୮ (ଅଜିତ୍ ମହାନ୍ତି)

ଜିଲାର ପ୍ରତାପ ରାମଚନ୍ଦ୍ରପୁର, ବାଲିସାହିର ପିତୃମାତୃହୀନ ଶୁକଦେବ ପ୍ରଧାନ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ପୁରୀରୁ ଇଲେକ୍ଟ୍ରୋନିକ୍ସ ମେକାନିକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇ ମାରୁତି ସୁଜୁକି ପ୍ରାଇଭେଟ କମ୍ପାନୀ ଅହମଦାବାଦରେ ନିଯୁକ୍ତି ପାଇଛନ୍ତି। କ୍ୟାମ୍ପସ ଚୟନ ମାଧ୍ୟମରେ ଶୁକଦେବ ନିଯୁକ୍ତି ପାଇବା ପରେ ତାଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଦେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସମ୍ବର୍ଦ୍ଧିତ କରିବା ସହ ଶୁକଦେବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ହେଉଛନ୍ତି ଉତ୍କଳ ବାଳାଶ୍ରମ, ପୁରୀର ଅନ୍ତେବାସୀ। ଏହା ପୂର୍ବରୁ ସେ ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳରେ ରହୁଥିଲେ। ସରକାରଙ୍କ ତରଫରୁ ପୃଷ୍ଠପୋଷାକ ସହାୟତା ପାଉଥିଲେ। ଏହି ସମ୍ବର୍ଦ୍ଧନାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀର ଅଧ୍ୟକ୍ଷ ଅରବିନ୍ଦ ଘୋଷ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଇତିମଧ୍ୟରେ ଦ୍ରୌପଦୀ ମହିଳା ସମିତିର ଅନ୍ତେବାସୀ ବୁଧୁରାଇ ଟୁଡୁ ଓ ଉତ୍କଳ ବାଳାଶ୍ରମର ଶାନ୍ତିଲତା ବେହେରା ବିଜୁ ପଟ୍ଟନାୟକ ବୈଷୟିକ ପ୍ରତିଷ୍ଠାନରୁ ଡିପ୍ଲୋମା ଇଞ୍ଜିନିୟରିଂ ସମାପ୍ତ କରି କ୍ୟାମ୍ପସ ଚୟନ ମାଧ୍ୟମରେ ଚେନ୍ନାଇରେ କାର୍ଯ୍ୟରତ ହୋଇଛନ୍ତି।


ନିଯୁକ୍ତି ପାଇଥିବା ବାଲିସାହିର ଶୁକଦେବ ପ୍ରଧାନଙ୍କୁ ଅଧିକାରୀମାନେ ସମ୍ମାନିତ କରୁଛନ୍ତି ।

# ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୨।୮(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଚିଲିକା ନୂଆପଡ଼ା ଦଶଦୋଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମା’ ସରସ୍ୱତୀ ପାଲା ପରିଷଦ କୃଷ୍ଣପ୍ରସାଦର କଳାକାରମାନେ ପୋଷଣର ପଞ୍ଚସୂତ୍ରକୁ ଆପଣେଇଲେ ଦେଶ କିଭଳି କୁପୋଷଣ ମୁକ୍ତ ହୋଇପାରିବ ସେ ଦିଗରେ ଅଭିନୟ ମାଧ୍ୟମରେ ସଚେତନ କରାଇଥିଲେ। ସିଡିପିଓ ମନୋରମା ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଗର୍ଭବତୀ ଓ ପ୍ରସୂତି ମା’, ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ସୂଚନାଥାଉ କି, ୨୧ ତାରିଖରେ ୫ଟି ସେକ୍ଟରର ବିଭିନ୍ନ ସ୍ଥାନରେ ଏହି ପୋଷଣ ଅଭିଯାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

# ଦୟାନଦୀ ଶଯ୍ୟା ଖନନ ପାଇଁ ଦାବି

କଣାସ,୨୨।୮(ବିଭୂତି ଭୂଷଣ ତ୍ରିପାଠୀ)

କଥାରେ ଅଛି ଯେଉଁ ଅଞ୍ଚଳରେ ଯେତେ ନଦୀନାଳ, ସେ ଅଞ୍ଚଳ ସେତେ ଶସ୍ୟଶ୍ୟାମଳ। କିନ୍ତୁ ଆଜିର ଆଧୁନିକ ସମାଜରେ ଯେଉଁ ଅଞ୍ଚଳରେ ନଦୀନାଳ ଅଛି, ସେସବୁ ଅପରିଷ୍କାର ଓ ଦଳରେ ପରିପୂର୍ଣ୍ଣ ରହୁଥିବା ଦେଖିବାକୁ ମିଳୁଛି। ପୁରୀ ଜିଲାର କଣାସ ଅଞ୍ଚଳରେ ପ୍ରବାହିତ ଦୟାନଦୀ ଅପରିଷ୍କାର ଓ ଦଳରେ ଭର୍ତ୍ତି ଥିବାବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ ନଦୀର ଖନନ ପାଇଁ ବିଭିନ୍ନ ସଂଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଛି। ପ୍ରକାଶ ଯେ, ମହାନଦୀର ଶାଖା ନଦୀ କୁଆଖାଇରୁ ଭୁବନେଶ୍ୱର ନିକଟ ସରଦେଇପୁରଠାରୁ ଦୟାନଦୀ ବାହାରି ଧଉଳିପାଦଦେଶ ଦେଇ କଣ୍ଟି, ତିରିମଲ୍ଲ, ଘୋରଡିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ଗଡ଼ିଶାଗୋଦା, ବଡ଼ଗୋଠ ଦେଇ ୬୦କିମି ଅତିକ୍ରମ କରି ଚିଲିକାରେ ମିଶିଛି। ପୂର୍ବରୁ ଦୟାନଦୀ ଚିରସ୍ରୋତା ଥିବାବେଳେ ଦୟାନଦୀରୁ ତିରିମଲ୍ଲଠାରୁ ରାଜୁଆନଦୀ ବାହାରିବା ପରେ ରାଜୁଆନଦୀ ଚିରସ୍ରୋତା ହେବା ସହିତ ଦୟାନଦୀ ପୋତିହେବାରେ ଲାଗିଛି। ଧୀରେ ଧୀରେ ତିରିମଲ୍ଲଠାରୁ ନୂଆଦୋକନ୍ଦା ପର୍ଯ୍ୟନ୍ତ ଦୟାନଦୀର ଶଯ୍ୟାଗୁଡ଼ିକ ଦଳରେ ପୋତି ହୋଇପଡ଼ିଥିବାରୁ ବନ୍ୟା ସମୟରେ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟୁଛି। ନଦୀନାଳରେ ବନ୍ୟା ଜଳ ଜମି ରହୁଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜୁଆନଦୀ ଚିରସ୍ରୋତା ହେବାପରେ ଦୟାନଦୀ ପୋତି ହୋଇପଡ଼ିଥିବାରୁ ବର୍ଷକ ମଧ୍ୟରେ ୮ମାସ ଜମି ଶୁଖିଲା ପଡ଼ିରହୁଛି। ଦୟାନଦୀର ଉପକୂଳରେ ହେଉଥିବା ପନିପରିବା ଚାଷ ଆଦି ଦେଖିବାକୁ ମିଳୁ ନାହିଁ। ନଦୀ ଶଯ୍ୟା ପଟୁମାଟିରେ ପୋତିହେବା ସହ ଦଳ ଜମିରହି ନଦୀ ଶଯ୍ୟାଗୁଡ଼ିକ ଅଧିକ ପୋତି ହୋଇପଡୁଛି। ସେହିଭଳି ତିରିମଲ୍ଲଠାରୁ ଗଡବଳଭଦ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୨୫କିମି ନଦୀଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଥିବାରୁ ନଦୀର ଓସାର ୫ରୁ ୧୦ମିଟର ପର୍ଯ୍ୟନ୍ତ ନାଳ ରୂପଧାରଣ କରିଛି। ତେଣୁ ଦୟା ନଦୀର ଶଯ୍ୟାର ଖନନ କରିବା ପାଇଁ ପୂର୍ବରୁ ନୀଳାଚଳ କୃଷକ ମହାସଂଘ ଓ ଅନ୍ୟାନ୍ୟ କୃଷକ ମହାସଂଘ ବାରମ୍ବାର ଦାବି କରିଆସୁଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ତିରିମଲ୍ଲଠାରୁ ଗଡବଳଭଦ୍ରପୁର ପର୍ଯ୍ୟନ୍ତ ୨୫କିମି ନଦୀଶଯ୍ୟା ଖନନ କରିବା ପାଇଁ କଣାସ ଓ ଡେଲାଙ୍ଗ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅକ୍ଟୋବରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସରିବ

## ଅବଢ଼ା ଯୋଜନା ସମୀକ୍ଷା ବୈଠକ

- ୨ ସ୍ଥାନରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ନିର୍ମାଣ
- ଏମାର ମଠରେ ରଘୁନନ୍ଦନ ଲାଇବ୍ରେରି ନିର୍ମାଣ

ପୁରୀ,୨୨।୮(ଅଜିତ ମହାନ୍ତି)


ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅବଢ଼ା ଯୋଜନା ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇ ଅନେକ ନିଷ୍ପତ୍ତି ନିଆଯାଇଛି। ଯାତ୍ରୀ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରି ଭକ୍ତଙ୍କ ପାଇଁ ବ୍ୟବହାର ଉପଯୋଗୀ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି। ସେହିପରି ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ଅକ୍ଟୋବର ସୁଦ୍ଧା ସାରିବା ଓ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ତେବେ ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଓବିସିସି ଅଧୀନରେ ଅବଢ଼ା ଯୋଜନାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ହୋଇଛି। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ସଦସ୍ୟ ଏବଂ ଓବିସିସିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ, ସେବାୟତ ଆବାସ ଯୋଜନା, ଅଭ୍ୟର୍ଥନା କକ୍ଷ, ରଘୁନନ୍ଦନ ଲାଇବ୍ରେରି ଉପରେ ବିଶେଷ ଆଲୋଚନା ହୋଇଛି। ଏହାସହ ମାର୍କଣ୍ଡେଶ୍ୱର ସାହିରେ ନିର୍ମାଣ କରାଯାଉଥିବା ଷ୍ଟାଫ୍ ରୁମ୍, ହରଚଣ୍ଡୀ ସାହିରେ ହେଉଥିବା ସେବାୟତ ଆବାସ ଯୋଜନାର ସମୀକ୍ଷା କରାଯାଇଛି। ଶ୍ରୀମନ୍ଦିର ପରିସର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଲାଗୁଥିବା ସିସିଟିଭି କାର୍ଯ୍ୟର ସମୀକ୍ଷା କରାଯାଇଛି। ଅପରପକ୍ଷେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା କରାଯାଇ ଯେଉଁଠି ସମସ୍ୟା ରହିଛି, ସେଗୁଡ଼ିକୁ ସମାଧାନ ପାଇଁ ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦୋଳମଣ୍ଡପ ସାହିରେ ଥିବା ନାରାୟଣୀ ମନ୍ଦିର ଏବଂ ବାଲିସାହିରେ ଥିବା ଗୋପାଳତୀର୍ଥ ମଠର ପୁନରୁଦ୍ଧାର, ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ(ଜେଟିପି)ମାନଙ୍କ ପାଇଁ ବାରାକ୍ ନିର୍ମାଣ ନେଇ ଆଲୋଚନା କରାଯାଇଛି। ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ଦୁଇଟି ସ୍ଥାନରେ( ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ, ଅନ୍ୟଟି ଏମାର ମଠ)ଠାରେ ନିର୍ମାଣ କରାଯିବ। ତେବେ ୨ଟି ଅଭ୍ୟର୍ଥନା ଗୃହରେ ପ୍ରାୟ ୩ହଜାର ଭକ୍ତ ରହିପାରିବେ। ଅନ୍ୟପଟେ ଯାତ୍ରୀ ପରିକ୍ରମା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ୧୮ଟି ମଠ ଓ ୨ଟି ମନ୍ଦିରର ବିକାଶ କରାଯିବ। ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନେଇ ଏକ ସେଣ୍ଟ୍ରାଲ ଟିମ୍ ଆସି ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲେ, ଯାହାକୁ ସୋମବାର ଏଏସ୍ଆଇ ସହ ଆଲୋଚନା କରାଯାଇଥିଲା। ଏଏସ୍ଆଇ ନିର୍ଦ୍ଦେଶକ ଶ୍ରୀମନ୍ଦିର ବୁଲି ଦେଖିଛନ୍ତି। ଅକ୍ଟୋବରରେ ଉତ୍ତରଦ୍ୱାରରେ ର୍ୟାମ୍ପ ନିର୍ମାଣ କରାଯିବ। ଅପରପକ୍ଷେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅକ୍ଟୋବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରୀମନ୍ଦିର ପରିସରରେ ଭକ୍ତମାନେ ଯେପରି ଭଲ ପିଇବା ପାଣି ପାଇବେ, ସେନେଇ ଏକ ଏଜେନ୍ସିକୁ ଡାକି ଆଲୋଚନା ହୋଇଛି। ରଘୁନନ୍ଦନ ଲାଇବ୍ରେରି ଏମାରମଠରେ ହେବାକୁ ଥିବା ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ପଛପାର୍ଶ୍ୱରେ ନିର୍ମାଣ କରାଯିବ। ପ୍ରକଳ୍ପ ପାଇଁ ଟେଣ୍ଡର ସରିଥିବାବେଳେ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଦାସ କହିଛନ୍ତି।

ଓବିସିସି ମ୍ୟାନେଜର ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି, ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ପରିକ୍ରମା ମାର୍ଗ କାର୍ଯ୍ୟ ଅକ୍ଟୋବର ସୁଦ୍ଧା ସାରିବାକୁ ନିଷ୍ପତ୍ତି ନେଇଛୁ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଏବଂ ଏମାର ମଠ ନିକଟରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ନିର୍ମାଣ କରାଯିବ। ସେହିପରି ରଘୁନନ୍ଦନ ଲାଇବ୍ରେରି ମଧ୍ୟ ଏମାରମଠ ନିକଟରେ କରାଯିବ। ୩ଟି କାର୍ଯ୍ୟ ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସର୍ଭେ କାର୍ଯ୍ୟ ସାରି ଡିଜାଇନ କାର୍ଯ୍ୟ ଏବେ ଚାଲିଛି। ସମସ୍ତ କାର୍ଯ୍ୟ ବର୍ଷେ ମଧ୍ୟରେ ସାରିବା ପାଇଁ ଲକ୍ଷ୍ୟ ରହିଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର କହିଛନ୍ତି, ଅବଢ଼ା ଯୋଜନାରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ସହ ଶ୍ରୀମନ୍ଦିର ସହ ଜଡ଼ିତ ୧୫ଟି ବିଷୟ ଉପରେ ଆଲୋଚନା କରାଯାଇଛି। କାର୍ଯ୍ୟର ଅଗ୍ରଗତି, ସ୍ଥିତି ଆଦି ବିଷୟରେ ଆଲୋଚନା କରାଗଲା। ଶ୍ରୀକ୍ଷେତ୍ରର ୪ ଆଶ୍ରମ, ନାରାୟଣୀ ମନ୍ଦିର, ଗୋପାଳତୀର୍ଥ ମଠ, ପଞ୍ଚତୀର୍ଥ ପୁଷ୍କରିଣୀ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ପୂର୍ବଭଳି ଭକ୍ତମାନେ ଯେପରି ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେନେଇ ଆଲୋଚନା କରାଯାଇଛି। ତେବେ ପରିକ୍ରମା ମାର୍ଗରେ ୯ଟି ପଏଣ୍ଟ ରହିଛି, ଯେଉଁବାଟ ଦେଇ ଭକ୍ତମାନେ ଶ୍ରୀମନ୍ଦିର ନିକଟକୁ ଯାଇପାରିବେ। ତେଣୁ ୯ଟି ପଏଣ୍ଟରୁ ୪ଟି ପଏଣ୍ଟ ବା ପ୍ରବେଶ ପଥରେ ଚେକିଂ କରାଯାଇ ଭକ୍ତଙ୍କୁ ଛାଡ଼ିବା ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ଦାସ ମହାପାତ୍ର କହିଛନ୍ତି।

## ନିବେଶ ଆଳରେ ଠକେଇ

# ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

### ମୋବାଇଲ, ୬ ଡେବିଟ୍ କାର୍ଡ ଜବତ

**ଭୁବନେଶ୍ୱର,୨୨।୮(ସତ୍ୟଜିତ୍ ରାଉତ):** ନିବେଶ ଆଳରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ୩୩.୧୧ ଲକ୍ଷ ଠକେଇ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ବାଲେଶ୍ୱରରୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଯାଜପୁର ରୋଡ ଥାନା ଅଞ୍ଚଳର ଦୁଷ୍ମନ୍ତ ରାଉତ (୩୯)। ତାଙ୍କଠାରୁ ଗୋଟିଏ ମୋବାଇଲ ଓ ୬ଟି ଡେବିଟ୍ କାର୍ଡ ଜବତ ହୋଇଛି। ଦୁଷ୍ମନ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଦୁଷ୍ମନ୍ତ କିଛିବର୍ଷ ତଳେ ନୟାପଲ୍ଲୀ ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଏଚ୍ଆର୍ ଭାବେ କାମ କରୁଥିଲେ। ସେହି ସମୟରେ ଦୁଷ୍ମନ୍ତ ନିବେଶ ଆଳରେ ତାଙ୍କ ସାଙ୍ଗ ଓ ନିକଟ ସମ୍ପର୍କୀୟଙ୍କ ଠାରୁ ବହୁ ପରିମାଣର ଟଙ୍କା ଆଦାୟ କରିଥିଲେ। ମାସିକିଆ ହିସାବରେ ସେମାନଙ୍କୁ ଲାଭ ଦେବାକୁ ଦୁଷ୍ମନ୍ତ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ କିଛି ପରିମାଣର ଟଙ୍କା ଦେବା ପରେ ଠକେଇ କରିଥିଲେ। ସୁବ୍ରତ କୁମାର ସାହୁ ନାମକ ଜଣେ ଯୁବକ ୧୦ ଲକ୍ଷ ୪୫ ହଜାର ଟଙ୍କା ତାଙ୍କ ପାଖରେ ନିବେଶ କରି ଠକିଥିବା ନେଇ ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ଗତ ଜାନୁୟାରୀ ୧୮ରେ ପୋଲିସ ଏକ ମାମଲା (ନଂ.୨୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତ ବେଳେ ଜଣାପଡ଼ିଥିଲା, ଦୁଷ୍ମନ୍ତ ଏଭଳି ଭୁବନେଶ୍ୱର ଓ କଟକର ବିଭିନ୍ନ ଲୋକଙ୍କଠାରୁ ସର୍ବମୋଟ୍ ୩୩ ଲକ୍ଷ ୧୧ ହଜାର ଟଙ୍କା ଠକେଇ କରିଥିଲେ। ଏହାପରେ ଗତବର୍ଷ ସେ ଭୁବନେଶ୍ୱର ଛାଡ଼ି ଫେରାର ହୋଇଯାଇଥିଲେ।

# ୫ଜଣଙ୍କୁ ଫଟୋବନ୍ଧୁ ସମ୍ମାନ

## ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍ଯାପିତ


ଅତିଥିମାନେ ଫଟୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ସାମାଜିକ କର୍ମୀ ବନ୍ଦନା ଶ୍ରୀଚନ୍ଦନ, ଆୟୋଜକ ନବୀନ ସୂତ୍ରଧର ଟ୍ରଷ୍ଟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଯୋଗଦେଇଥିଲେ। ଏହି ଅବସରରେ ସୂର୍ଯ୍ୟ ମହାନ୍ତି, ମାନସ ବସ୍ତିଆ, ଅଭିଲାଷ ପଣ୍ଡା, ୟାଶିର ନୱାଜ, ପାର୍ଥ ସାରଥୀ ମୁଦୁଲିଙ୍କୁ ଫଟୋବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଗ୍ରାମ୍ୟ ଜୀବନ, ପ୍ରକୃତି ଓ ବନ୍ୟପ୍ରାଣୀ ଭାବଭଙ୍ଗୀ ଉପରେ ଆଧାରିତ ଏହି ଫଟୋ ପ୍ରଦର୍ଶନୀରେ ରାଜ୍ୟର ୮୦ ଜଣ ପ୍ରତିଯୋଗୀଙ୍କ ୨୫୩ଟି ଫଟୋ ପ୍ରଦର୍ଶିତ ହୋଇଥିଲା। ଉଚ୍ଚକୋଟିର ଫଟୋ ପାଇଁ ଶ୍ରେଷ୍ଠ ୩ଜଣ ଫଟୋଗ୍ରାଫର ଅଜିତ ପାଢ଼ୀ, ବୈଦ୍ୟନାଥ ନାୟକ ଓ ସତ୍ୟଜିତ ଦାସଙ୍କୁ ସମ୍ମାନିତ କରାଯାଇଛି। ଏଥିସହିତ ୩ ଫଟୋଗ୍ରାଫର ସନ୍ଦୀପ ପ୍ରିୟଦର୍ଶୀ, କଳ୍ପନା ରଥ ଓ ଆଶୁତୋଷ ପାଢ଼ୀଙ୍କୁ ଦୃଷ୍ଟି ଆକର୍ଷଣକାରୀ ଫଟୋ ପାଇଁ ବିଶେଷ ସମ୍ବର୍ଦ୍ଧନା ଦିଆଯାଇଛି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

## ଧୁକୁଡ଼ି ଦ୍ୱାରଠାରେ ରକ୍ତଛିଟା

ପୁରୀ,୨୨।୮(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହୋଇଥିଲା। ସୂଚନା ଅନୁଯାୟୀ, ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ପରେ ଭକ୍ତମାନେ ଶ୍ରୀମନ୍ଦିର ଭିତର କାଠ ନିକଟରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ଧୁକୁଡ଼ି ଦ୍ୱାରଠାରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ରକ୍ତ ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଧୁଆ ହୋଇ ଚୂନପାଣି ପଡ଼ିବା ପରେ ମହାସ୍ନାନ ନୀତି କରାଯାଇଥିଲା। ସନ୍ଧ୍ୟା ୭ଟା ୨୦ ମିନିଟ୍‌ରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଶେଷ ହୋଇଥିଲା। ବଡ଼ ମହାସ୍ନାନ ନୀତି ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ହୋଇଥିଲା। ଏହାପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

# ଭୁବନେଶ୍ୱରର ୪ ୟୁପିଏଚ୍‌ସିରେ ହେବ ଡେଙ୍ଗୁ ୱାର୍ଡ

## ରାଜ୍ୟରେ ୨୫୦୦ ଛୁଇଁଲାଣି ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର,୨୨।୮(ଅସମାପିକା ସାହୁ)

ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ରାଜ୍ୟରେ ସୋମବାର ସୁଦ୍ଧା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୫୦୦ ପାଖାପାଖି ଥିବାବେଳେ ଭୁବନେଶ୍ୱରରେ ଏହି ସଂଖ୍ୟା ୧,୩୩୭ ରହିଥିବା ଜଣାପଡ଼ିଛି। ରାଜଧାନୀରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ କ୍ୟାପିଟାଲ ହସ୍ପିଟାଲ ଉପରେ ଚାପ ବଢ଼ୁଛି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଏବଂ କ୍ୟାପିଟାଲ ହସ୍ପିଟାଲ ଉପରୁ ଚାପ କମାଇବାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ସମସ୍ତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି)ରେ ଡେଙ୍ଗୁ ୱାର୍ଡ ଖୋଲିବାକୁ ନିର୍ଦ୍ଦେଶାଳୟ ନିଷ୍ପତ୍ତି ନେଇଛି। ପଟିଆ, ୟୁନିଟ୍-୪, ବିଏମ୍‌ସି ଓ ଡୁମ୍‌ଡୁମାରେ ଥିବା ୟୁପିଏଚ୍‌ସିରେ ୧୦ ଶଯ୍ୟା ବିଶିଷ୍ଟ ଡେଙ୍ଗୁ ୱାର୍ଡ ଖୋଲିବାକୁ ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି। ସେପଟେ ମଙ୍ଗଳବାରଠାରୁ କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଟେଷ୍ଟିଂ ବ୍ୟବସ୍ଥା ଆରମ୍ଭ ହୋଇଛି।

ଅନ୍ୟପଟେ ରାଜ୍ୟରେ ଡେଙ୍ଗୁ ମୃତ୍ୟୁ ନେଇ ରାଜନୀତି ତେଜିବାରେ ଲାଗିଛି। ସରକାର ଡେଙ୍ଗୁ ମୃତ୍ୟୁ ଲୁଚାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଭାଜପା କହିଛି ଯେ, ରାଜ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିସାରିଲାଣି। କିନ୍ତୁ ସରକାର ମୃତ୍ୟୁ ତଥ୍ୟ ଲୁଚାଉଛନ୍ତି। ଭୁବନେଶ୍ୱରରେ ପ୍ରତି ଘରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ସ୍ଥିତି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବା କଂଗ୍ରେସ କହିଛି। ଅନ୍ୟପକ୍ଷରେ ଡେଙ୍ଗୁ ବୃଦ୍ଧି ନେଇ ଲୋକଙ୍କ ଉପରେ ଦୋଷ ଦେଇଛନ୍ତି ମେୟର। ଡେଙ୍ଗୁ କମାଇବାକୁ ବିଏମ୍‌ସି ଚେଷ୍ଟା ଜାରି ରଖିଛି, କିନ୍ତୁ ଲୋକଙ୍କ ଅସାବଧାନତା ଯୋଗୁ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ମେୟର କହୁଛନ୍ତି। ତେବେ ଏଯାଏ ଡେଙ୍ଗୁ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ। ସବୁ ଜିଲାରେ ଗଠନ ହୋଇଥିବା ବିଶେଷଜ୍ଞ କମିଟିର ରିପୋର୍ଟ ଆଧାରରେ ହିଁ ଡେଙ୍ଗୁ ମୃତ୍ୟୁ ସଂଖ୍ୟା ପ୍ରକାଶ ପାଇବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି।


ଆସନ୍ତା ଝୁଲଣ ପର୍ବ ପାଇଁ ପୁରୀ ଜଗନ୍ନାଥ ବଲ୍ଲଭ ମଠ ପରିସରରେ କୁଞ୍ଜ ପ୍ରସ୍ତୁତି ପାଇଁ ଶିଳ୍ପୀମାନେ ବିଭିନ୍ନ କଣ୍ଢେଇ ପ୍ରସ୍ତୁତ କରୁଛନ୍ତି।



ଚନ୍ଦ୍ରୟାନ-୩ର ସଫଳତା କାମନା କରି ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଛାତ୍ରୀଛାତ୍ରମାନେ ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକା କଳା ଦ୍ୱାରା ଶୁଭକାମନା କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆତିଶ୍


@ ଆଶୁତୋଷ


@ ସତ୍ୟସିଂ


@ ଶ୍ରୀତମ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଚିକିତ୍ସାଧୀନ ଅବସ୍ଥାରେ କଏଦୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୨।୮
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ବଡ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଗ୍ରାମର ରଞ୍ଜନ କୁମାର ସାହୁ ଓରଫ ବାଜ(୫୫)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ହୃଷୀକେଶ ସାହୁ ନିଶ୍ଚିନ୍ତକୋଇଲି ସାପ୍ତାହିକ ଆଦର୍ଶ ହାଟରେ ପରିବା ବିକ୍ରି କରୁଥିଲେ। ହାଟ ସରିବା ପରେ ରଞ୍ଜନ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ହୃଷୀକେଶଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ରଞ୍ଜନଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଥିଲା। ଗତ ୧୮ ତାରିଖରେ ରଞ୍ଜନଙ୍କ ସ୍ୱାସ୍ଥ୍ୟଅବସ୍ଥା ଖରାପ ହୋଇଯାଇଥିଲା। ଜେଲ କର୍ତ୍ତୃପକ୍ଷ ଚିକିତ୍ସା ନିମନ୍ତେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ୨୦ ତାରିଖରେ ରଞ୍ଜନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏସମ୍ପର୍କରେ ଶିଶୁଆ ଜେଲ ଉପକାରାଗାର ଅଧିକାରୀ କୋଶଳା ପଦ୍ମିନୀଦଳ ବେହେରା କୁହନ୍ତି, ଗତ ଜୁନ୍ ୬ରେ ସେ ଏହି ଜେଲ୍‌କୁ ଆସିଥିଲେ। ଆସିବା ଦିନଠାରୁ ଜ୍ୱରରେ ପୀଡ଼ିତ ଥିଲେ।

**ଘଟଗାଁ ତାରିଣୀ ମନ୍ଦିର: ଆଳତି ଦର୍ଶନ ବେଳେ ଟଳିପଡ଼ିଲେ ମହିଳା ଭକ୍ତ**

ଘଟଗାଁ: ମାନସିକ ପୂଜା ପାଇଁ ୧୦୮ ନଡ଼ିଆ ନେଇ ଆଳତି ଦର୍ଶନ କରିବାବେଳେ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ମଙ୍ଗଳବାର ଜଣେ ମହିଳା ଭକ୍ତଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ପୁଣ୍ୟ କାର୍ଯ୍ୟ କରିଥିବାରୁ ମା'ଙ୍କ ପ୍ରିୟ ମଙ୍ଗଳବାରରେ ଆଳତି ଦର୍ଶନବେଳେ ମା'ଙ୍କ ଚରଣ ତଳେ ତାଙ୍କର ଜୀବନ ଗଲା ବୋଲି ଅନେକ ଶ୍ରଦ୍ଧାଳୁ କହିଛନ୍ତି। ମୃତା ମହିଳା ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ସରସ୍ୱତୀ ବେହେରା(୭୮)। ସରସ୍ୱତୀ ତାଙ୍କ ଝିଅ ଓ ନାତୁଣୀନାତିଙ୍କ ସହ ସୋମବାର ରାତିରେ ଘଟଗାଁ ଆସିଥିଲେ। ସକାଳୁ ଆଳତି ଚାଲିଥିବା ବେଳେ ସରସ୍ୱତୀ ହଠାତ୍ ବସିଥିବା ଅବସ୍ଥାରେ ଟଳି ପଡ଼ିଥିଲେ।

# ପାଠକ ବାପ, ପୁଅଙ୍କ ବିରୋଧରେ ୫ହଜାର ପୃଷ୍ଠାର ଚାର୍ଜଶିଟ୍

ଭୁବନେଶ୍ୱର,୨୨।୮
(ସତ୍ୟଜିତ୍ ରାଉତ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କ ବିରୋଧରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଭିଜିଲାନ୍ସ ପକ୍ଷରୁ ୫ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରାଯାଇଛି। ଅଭିଯୁକ୍ତ ବାପ, ପୁଅଙ୍କଠାରୁ ୧୪ କୋଟି ୨୫ ଲକ୍ଷ ୪୬ ହଜାର ୯୦୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିବା ସୂଚନା ଦେଇଛି। ତେବେ ଏହି ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ପରବର୍ତ୍ତୀ ସମୟରେ କୋର୍ଟ ଅଭିଯୁକ୍ତଦ୍ୱୟଙ୍କ ନାମରେ ଚାର୍ଜଫ୍ରେମ୍ କରିବେ। ଏହାପରେ ଏହି ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ।

ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୨୦ ନଭେମ୍ବର ୨୫ରେ ଭିଜିଲାନ୍ସ ପକ୍ଷରୁ ଅଭୟକାନ୍ତଙ୍କ ଘର, କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଓଡ଼ିଶାର ୭, ବିହାରର ୨, ମୁମ୍ବାଇ ଓ ପୁଣେର ୬ ଏବଂ ରାଜସ୍ଥାନର ଗୋଟିଏ ସ୍ଥାନ ସମେତ ମୋଟ ୧୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ରାଜ୍ୟ ଭିଜିଲାନ୍ସର ୧୫୦ରୁ ଊର୍ଦ୍ଧ୍ୱ ଅଫିସର ନିୟୋଜିତ ହୋଇଥିଲେ। ଯାଞ୍ଚରୁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ସୁନା ଅଳଙ୍କାର, ବ୍ୟାଙ୍କ ଜମା ସମେତ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଏପରିକି ବାପ ଓ ପୁଅଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧୦ କୋଟିର ଜମା ଓ ୫ କୋଟିର ଟ୍ରାନ୍ସଫର୍ ଅର୍ଥରାଶି ସମ୍ପର୍କରେ ଭିଜିଲାନ୍ସ ଟିମ୍ ତଥ୍ୟ ପାଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୬/୨୦୨୦) ରୁଜୁ କରାଯାଇ ଅଭୟକାନ୍ତ ଏବଂ ପୁଅ ଆକାଶଙ୍କୁ ଗିରଫ କରାଯାଇଥିଲା। ଘଟଣାର ଅଧିକ ତଦନ୍ତ ପାଇଁ ୨୦ ଜଣିଆ ସଦସ୍ୟଙ୍କୁ ନେଇ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍ଆଇଟି) ମଧ୍ୟ ଗଠନ ହୋଇଥିଲା। ପରେ ଉଭୟ ବାପ-ପୁଅଙ୍କୁ ଭିଜିଲାନ୍ସ ଟିମ୍ ରିମାଣ୍ଡରେ ଆଣି ବହୁ ତଥ୍ୟ ହାସଲ କରିଥିଲା। ତେବେ ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଉକ୍ତ ବର୍ଷ ଡିସେମ୍ବର ୧୭ରେ ଅଭୟକାନ୍ତଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଅପରପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ମାମଲାର ବେଆଇନ ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଇଡି ପକ୍ଷରୁ ଗତ ସପ୍ତାହରେ ଅଭୟକାନ୍ତ ଓ ଆକାଶଙ୍କ ବିରୋଧରେ ୩୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ ହୋଇଥିବା ସୂଚନା ମିଳିଛି।

# ପୂର୍ବତନ ସରପଞ୍ଚଙ୍କୁ ଅପହରଣ କରି ମାଡ଼ ମାରିଲେ ମାଓବାଦୀ

ମାଲକାନଗିରି, ୨୨।୮(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଅଞ୍ଚଳରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମଙ୍ଗଳବାର ମାଓବାଦୀମାନେ ଅପହରଣ କରି ନିସ୍ତୁକ ମାଡ଼ ମାରିବା ସହ ଗୁରୁତର ଅବସ୍ଥାରେ ଛାଡ଼ିଦେଇଛନ୍ତି। ଖବରରୁ ଜଣାପଡ଼ିଛି, ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ତଥା ପୂର୍ବତନ ସରପଞ୍ଚ ମହେଶ ଗୋଟାଙ୍କ ସମେତ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଚିକଟରାଜ ଅଞ୍ଚଳରୁ ମାଓବାଦୀମାନେ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ପରେ ଜଙ୍ଗଲରେ ମାଓବାଦୀମାନେ ମହେଶଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଛାଡ଼ି ଦେଇଥିଲେ। ମହେଶଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର ଅବସ୍ଥାରେ ସୋମାନପଲ୍ଲୀ ନିକଟରେ ଛାଡ଼ି ଦେଇଥିଲେ। ସେଠାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମହେଶଙ୍କ ଚିକିତ୍ସା ଜାରି ରହିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୋଲିସ-ମାଓବାଦୀ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

ମାଲକାନଗିରି, ୨୨।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଅଞ୍ଚଳରେ ମଙ୍ଗଳବାର ପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡ଼ିଛି, ନାରାୟଣପୁରର ଭଟବେଡ଼ା ଜଙ୍ଗଲରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିଲା। ତେବେ ଏହି ସମୟରେ ଜଙ୍ଗଲରେ ପୋଲିସ ଟିମ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଫଳରେ ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଲୁଚି ପଳାଇଥିଲେ। ପରେ ପୋଲିସ ଆଖପାଖ ଅଞ୍ଚଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ପାଇଥିଲା। ଏଥିସହ ଦୁଇଟି ବନ୍ଧୁକ ସମେତ ବହୁ ମାଓବାଦୀ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି। ଏହି ଗୁଳି ବିନିମୟରେ ଅନେକ ମାଓବାଦୀ ଆହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଖବର ଲେଖାହେବା ଯାଏ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

# ପ୍ରଧାନଶିକ୍ଷକ, ୩ ସହକାରୀ ଶିକ୍ଷକ ନିଲମ୍ବିତ

ଖଡ଼ିଆଳ/ବୋଡେନ,୨୨।୮
(ସୁଜିତ କୁମାର ପ୍ରଧାନ/ଟିକେଶ୍ୱର ନାଗ)

**ସ୍କୁଲ ସମୟରେ ତୃତୀୟ ଶ୍ରେଣୀ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ଘଟଣା**

**୪ ଶିକ୍ଷକ ସ୍କୁଲ୍‌କୁ ଡେପୁଟେଶନରେ ଆସିଲେ**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବୁଢ଼ାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲର ତୃତୀୟ ଶ୍ରେଣୀଛାତ୍ର କେଶବ ଜଗତ(୯)ର ସୋମବାର ମଧ୍ୟାହ୍ନଭୋଜନ ବିରତିରେ କ୍ୟାମ୍ପସ ବାହାର ନାଳରେ ବୁଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲା ଶିକ୍ଷା ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଅବହେଳା କାରଣରୁ ଜଣେ ଛାତ୍ରର ଜୀବନ ଗଲା ବୋଲି ଅଭିହିତ କରି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଯୋଶୀ ଓ ଅନ୍ୟ ୩ଜଣ ସହକାରୀ ଶିକ୍ଷକ କିଶୋର ସାହୁ, ହିଙ୍ଗୁଳା ମାଝି ଏବଂ ଲୋଚନ ବେହେରାଙ୍କୁ ମଙ୍ଗଳବାର ନିଲମ୍ବିତ କରିଛନ୍ତି। ଏଥିସହ ୪ଜଣ ଶିକ୍ଷକଙ୍କୁ ଏହି ସ୍କୁଲରେ ଡେପୁଟେଶନରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ମଙ୍ଗଳବାର ବ୍ୟବଚ୍ଛେଦ ପରେ ଛାତ୍ରଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେବଳ ନିଲମ୍ବନ ନୁହେଁ, ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଶିକ୍ଷକମାନଙ୍କୁ କଠୋର ଦଣ୍ଡ ସହ ମୃତ ଛାତ୍ରଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ ବୁଢ଼ାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲ କ୍ୟାମ୍ପସରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ରହିଛି। ସୋମବାର ଏହି ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ତଥା ବୁଢ଼ାପଡ଼ାର ଜଗତ ମଧ୍ୟାହ୍ନଭୋଜନ ସମୟରେ ଅନ୍ୟ କେତେଜଣ ସାଥୀଙ୍କ ସହ କ୍ୟାମ୍ପସ୍ ବାହାରେ ଥିବା ନାଳ ପାଖକୁ ଚାଲି ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ଜଗତ ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଗ୍ରାମର ବହୁ ଲୋକ ସ୍କୁଲ ସମ୍ମୁଖକୁ ଆସି ପାଟିତୁଣ୍ଡ କରିଥିଲେ। ଦାୟିତ୍ୱରେ ଅବହେଳା ଅଭିଯୋଗ କରି ସେମାନେ ସ୍କୁଲର ୪ଜଣ ଶିକ୍ଷକଙ୍କୁ ତାଲା ପକାଇ ଦେଇଥିଲେ। ଶିକ୍ଷକଙ୍କ ନିଲମ୍ବନ, ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ମୃତ ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦାବି କରି ଉତ୍ତେଜିତ ଲୋକେ ନାରାବାଜି କରିଥିଲେ। ଖବର ପାଇ ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଖଡିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଓ ବୋଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ବନ୍ଦ କୋଠରିରୁ ଶିକ୍ଷକମାନଙ୍କୁ ପୋଲିସ ଉଦ୍ଧାର କରିଥିଲା। ମଙ୍ଗଳବାର ସିଆର୍‌ସିସି ନବବସନ୍ତ ଯୋଶୀ ସ୍କୁଲକୁ ଆସି ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ଏହାପରେ ଶିକ୍ଷାଧିକାରୀ ଏହି ପଦକ୍ଷେପ ନେଇଛନ୍ତି।


**OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR**
Phone No. (06683) 223418 (Off), e-mail: eemipad@yahoo.co.in
**'e' Procurement Notice**
Bid Reference No. SE-MID-PDP-02/2023-24
No. 1920 // MID // Date: 21.08.2023
**No. A-468: The Bid Reference No. SE-MID-PDP-02/2023-24 is hereby CANCELLED due to unavoidable circumstances.**
Sd./- S.K. Mohanty
Superintending Engineer
M.I. Division, Padampur
OIPR-32037/11/0002/2324

Ref. No: SO/I/2022-23/244/2094 Date: 22.08.2023
Startup Odisha — 2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)
**TENDER CALL NOTICE FOR PROVIDING DIFFERENT VEHICLES ON DAILY RENT BASIS**
**No.CAD-1794:** Sealed quotations are invited from reputed travel Agencies/Tour Operators having valid GST registration number for providing vehicles of different categories on daily rent basis. The last date of submission of bids is 01.09.2023 by 11.30 A.M. The tender document with all details may be downloaded from www.startupodisha.gov.in and bidders are further advised to keep referring Startup Odisha website for any updates with reference to this advertisement.
Sd/-Chief Administrative Officer
OIPR-43007/11/0019/2324

**OFFICE OF THE SUPERINTENDING ENGINEER RWS&S DIVISION, BHANJANAGAR - 761126**
Phone No.: 06821-241026(O)/241079(R), Fax No.: 06821-241026/240056
No. O-724 email: eerwss_bnj@nic.in<eerwssbnj2009@gmail.com>
**Govt. of Orissa "e" Procurement Notice**
**Bid Identification No. S.E._RWS&S_10/2023-24**
1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate tender in Single Cover System according to the norm of "e" Procurement System in online mode for different PWS Schemes in Ganjam District from the eligible contractors as per DTCN.
2. Nature of Work : Construction of 40KL capacity RCC ESR and Construction of RCC Collection well of different diameter for PWS to different Villages under RWS&S Division, Bhanjanagar in Ganjam District.
3. No. of Tender : 12 Nos.
4. Tender Paper Cost : Rs.6000/-
5. Tender Cost : 16.46 lakhs to 31.88 lakhs
6. Class of Contractor : D, C & B
7. Date and time of availability of bid document in the portal : Dt.24.08.2023 at 11.00 A.M. to 04.09.2023 upto 5.00 P.M.
8. Date of Opening of Bid : Dt.05.09.2023 at 11.00 A.M.
9. Period of Completion : 90 to 120 Days
10. The bidders have to participate in online bidding only. Further details can be seen from the website **https://tendersorissa.gov.in**.

Sd./- Additional Chief Engineer
RWS&S Division, Bhanjanagar
OIPR-25021/11/0001/2324

**OFFICE OF THE NOTIFIED AREA COUNCIL, G.UDAYAGIRI**
No.1938 Date:21.08.2023
**"e" Tender Notice**
**BID Identification No. GUDGR-NAC-06/2023-24**
**No.C-1158:** Bid Documents consisting of work, Estimated Cost of Tender Paper, EMD, time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Name of the works : As per DTCN
2. No. of works : 30 Nos.
3. Estimated Cost : Rs.1.93 Lakh to 18.43 Lakhs
4. Period of Completion : 30 Days to 45 Days
5. Date & time of availability of bid documents in the portal : Dt.22.08.2023 at 04.00 PM to Dt.01.09.2023 upto 5.00 PM
6. Last date & time for submitting online Bid : Dt.01.09.2023 upto 5.00 PM
7. Bids shall be opened on : Dt.02.09.2023 at 10.00 AM
8. Name and address of the officer inviting Bid : Executive Officer, N.A.C., G.Udayagiri

Further details can be seen from the procurement portal i.e. www.tendersodisha.gov.in
**Sd./- Executive Officer, N.A.C., G.Udayagiri**
OIPR-13066/11/0010/2324

**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
eerwrairangpur@yahoo.com
**CORRIGENDUM**
Office Order No.3520, Date:16.08.2023
**No.O-729:** In continuation to e-procurement Notice No.3476, dt.11.08.2023 Bid Identification No.RWDRRP-03 of 2023-24 the estimated cost of Sl.No.1 for the work **Construction of 2 Nos. D type qtrs at Tiring Tahasil in the district of Mayurbhanj for the year 2023-24** is hereby modified to amounting Rs.73.65 lakhs instead of Rs.76.63 lakhs.
Superintending Engineer
Rural Works Division, Rairangpur
OIPR-25107/11/0006/2324

**GOVERNMENT OF ODISHA** No. O-723
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
**e-Procurement NOTICE for Road Works in Odisha**
**Bid Identification No. Road Online AGL - 17/2023-24**
No. 2051 Dt.21.08.2023
1. Name of the work : Road Work
2. Total No. of Work : 25 Nos.
3. Estimated Cost : Rs.244.02 to Rs.1403.96 lakhs
4. Class of Contractor : 'B', 'A' & Special Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-17/2023-24 | 02.09.2023 at 10.00 A.M. | 16.09.2023 upto 5.00 P.M. | 14.09.2023 upto 1.00 P.M. | 18.09.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.
OIPR-25180/11/0020/2324 Sd./- Chief Construction Engineer, Rural Works Circle, Angul

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)
No. e-Tender//4012//RWC//BAM//Dated: 22.08.2023
**1st Corrigendum to Bid Identification No. Online Tender/29-2023-24/BPR**
No. O-725: The partial modification of Road works under Special Assistant to States Capital Investment (SACI) vide above identification has been made as follows:

| | | | |
|---|---|---|---|
| 1 | Last date of availability of tender | : | 05.09.2023 upto 3.00 P.M. instead of 28.08.2023 at 3.00 P.M. |
| 2 | Last date & time of seeking tender clarification | : | 02.09.2023 at 2.00 P.M. instead of 25.08.2023 at 2.00 P.M. |
| 3 | Date of opening of Technical Bid | : | 07.09.2023 at 11.00 A.M. instead of 29.08.2023 at 11.00 A.M. |
| 4 | Date of Opening of Financial Bid | : | Will be intimated later on |

All other contents will remain unchanged.
OIPR-25071/11/0041/2324 Sd./- Chief Construction Engineer, R.W. Circle, Berhampur

**CUTTACK MUNICIPAL CORPORATION, CUTTACK**
**QUOTATION CALL NOTICE**
**No. 8538** **Dt.22.08.2023**
No. C-1149: Quotations are invited from registered licenced, pharmaceutical & surgical firms/agencies for supplying medicines, surgical, equipment, vaccine and other related items for Animal Birth Control Programme of Cuttack Municipal Corporation, Cuttack for One year. Interested Firms/Agencies can download the details from official website of CMC **www.cmccuttack.gov.in**. Last date of receipt of quotation is 11.09.2023.
**OIPR-13031/11/0051/2324** **Sd./- Commissioner**

**GOVERNMENT OF ODISHA**
**OFFICE OF THE PANCHAYAT SAMITI BHOGRAI**
Email-ori-bhogarai@nic.in
**NOTICE INVITING TENDERS FOR THE WORK**
**NATIONAL COMPETITIVE BIDDING THROUGH**
**e-Tendering Identification No- 02/Bhograi/2023-24**
**No.i-328:** The **OFFICE OF THE PANCHAYAT SAMITI, Bhograi, Odisha** on behalf of Governor of Odisha invites **percentage Rate Bids** through e-Tendering in conformity with the terms and conditions of the Detailed Tender Call Notice (DTCN) in Single Bid system from Class of Contractors as mentioned In Col.6 of table registered with the State Governments and contractors of equivalent Grade/Class registered with Central Government/MES/Rallways for execution of Civil Works requirements given in the DTCN on percentage Rate Bids to be eventually drawn up in the standard **P1 Contract Form**. The bid should be submitted on-line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| Sl. No. | Name of the Work | Estimated Civil Cost (in Rs.) | Cost of Tender Paper (in Rs.) | EMD (in Rs.) | Class of Contractor | Time of Completion | Grant |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Renovation of Class rooms (4nos), Science lab (3nos), Library and Construction of Toilet of RIHS College, Bhograi in Balasore District | 36,74,000/- | 6,000/- | 36,740/- | B & C | 90 days | CM-Special Assistance |

2. Mode of Submission of tender: Tender should be submitted online in www.tendersodisha.gov.in.
3. The bidders desirous to participate in bidding must possess compatible Digital Signature Certificate of Class-II or Class-III and should follow the changes / modifications / addendum to DTCN if any.
4. a) The bidder should be made payment through online receipt towards Tender Paper Cost. No offline receipt of Tender Paper Cost will be allowed in e-Tendering portal of Government of Odisha.
b) The bidder should be made payment through online receipt towards EMD. No offline receipt of EMD will be allowed in e-Tendering portal of Government of Odisha.
c) The scanned copy of Bid Security Declaration, Registration certificate, GST, PAN, EPF or undertaking for EPF & affidavit including all required papers uploaded through website should be produced in original to the BLOCK DEVELOPMENT OFFICER, BHOGRAI BLOCK for verification within six days of opening of Bid, otherwise the tender will be rejected.
5. **Critical Dates:-**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders online | : | From 10.00 Hrs. of 24.08.2023 to 17.00 Hrs. of 07.09.2023 |
| (ii) | Last date & time of seeking clarification | : | UPTO 17.00 Hrs. of 04.09.2023 |
| (iii) | Last date & time of bidding on-line | : | UPTO 17.00 Hrs. of 07.09.2023 |
| (iv) | Data & time of opening of Bid | : | 11.00 AM of 08.09.2023 |

6. The bid for the work shall remain open for acceptance for a period of 30(Thirty) days from the date of opening of bids. If any Bidder / Tenderer withdraws his bid/ tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersodisha.gov.in.**
8. Subsequent corrigendum if required shall be appeared in the website.
9. Authority reserves the right to reject any or all the tenders without assigning any reason thereof.

OIPR-19140/11/0006/2324 **Sd./- Block Development Officer, Bhograi**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
No. O-717
**"e" Procurement Notice for Road Work**
Identification No. - Online Tender - Road N.C.B. No. 303 for 2023-24
Letter No. 3989 Date: 21.08.2023
1. Name of the Work : Periodical Maintenance Work for Financial Year 2023-24 (Road Work)
2. Total No. of Work : 02 Nos. (Two)
3. Estimated Cost : Rs.178.53 lakhs to Rs.304.59 lakhs (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 303 | Dt.25.08.2023 at 11.00 A.M. | Dt.08.09.2023 upto 5.00 P.M. | Dt.07.09.2023 upto 5.00 P.M. | Dt.11.09.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0029/2324 Sd./- Chief Construction Engineer, R.W. Circle, Baripada

**ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା**
**OFFICE OF THE NOTIFIED AREA COUNCIL,KUCHINDA**
Email:kuchinda_nac@yahoo.com,Website:www.nackuchinda.in
**E-Procurement Notice**
No.886/NAC, Date:21.08.2023
Bid Identification No.KCDA/NAC-4/2023-24
**No.C-1140:** Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app.**
1. Name of the Work : Construction of Pavered Roads works as mentioned in DTCN
2. No. of Works : 37 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 10.00 AM of 22.08.2023 to 5.30 PM of 25.08.2023.
6. Last date and time for receipt : 01.09.2023 upto 5.30 PM
7. Bids received online shall be opened on : 02.09.2023 from 10.00 AM onwards
8. Name and address of the Officer inviting Bid : Executive Officer, Notified Area Council Kuchinda

Further details can be seen from the e-Procurement portal i.e. **https://tendersodisha.gov.in./nicgep/app.**
OIPR-13121/11/0004/2324

**GOVERNMENT OF ODISHA**
**"e" PROCUREMENT NOTICE** No. B-737
Bid Identification No. E.E. GTN (R&B) - 14/2023-24
E-mail address: eeghatagaon2015@gmail.com
Letter No. 5406 Dt.17.08.2023
1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Double Cover/ Single Cover** System in Online mode from the eligible contractor for composite Building Works as mentioned below.
2. Nature of the Work : Building Works (Composite)
3. Numbers of Work : 02 (Two) Nos.
4. Estimated Cost : Rs.83.40 & 20.85 Lakhs (Approx.)
5. Period of Completion : 04 (Four) - 02 (Two) Calendar Months
6. Date & Time of availability of bid document in the portal : From 11.30 A.M. of Dt.24.08.2023 to 05.00 P.M. of Dt.07.09.2023
7. Last Date/time for receipt of bids in the portal : 05.00 P.M. of Dt.07.09.2023
8. Date of Opening of Bid : 11.00 A.M. of Dt.08.09.2023
9. Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.

Sd./- Executive Engineer
Ghatagaon (R&B) Division
OIPR-34140/11/0009/2324

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**
Letter No.3326/23 **ADVERTISEMENT** Date:21.08.23
**No.n-167:** Applications are invited from the eligible candidates for filling up the following different posts of KGBVs and Residential Schools of Malkangiri District. The engagement is purely on contractual and temporary in nature and is renewable after 11 months subject to satisfactory performance. The selection will be made as per following criteria.

**Post to be filled up**

KGBV

| Sl. No. | Name of the Post | No.of vacant post to be filled up | Gender/Age (in years on the date of advt.) | Qualification | Monthly Remuneration (Consolidated) |
|---|---|---|---|---|---|
| 1 | Warden | 01 | **Female** (30-50 yrs.) | BA/BSC with B.Ed. Preference shall be given to widow/destitute or divorcee. She should have at least 2 years of experience in a academic institution. (only female candidate) | Rs.21 175/- (including EPF share of Employee & Employer) |
| 2 | Accountant | 01 | **Female** (18-35 yrs.) | B.Com with DCA | Rs.13750/- (including EPF share of Employee & Employer) |
| 3 | Part Time Teacher (English) | 02 | **Female** (18-35 yrs.) | BA + B.Ed, and in case of non availability of trained Arts Graduates, untrained Arts Graduates having English as (Hons.) will be preferred. In case of non- availability of candidates, candidates secured highest mark in English as subject will be considered | Rs.7500/- (including EPF share of Employee & Employer) |
| 4 | Part Time Teacher (Math/ Science) | 02 | **Female** (18-35 yrs.) | BSc + B.Ed, and in.case of non availability of trained Science Graduates, untrained Science Graduates will be considered | Rs.7500/- (including EPF share of Employee & Employer) |
| 5 | Part Time Teacher (Sanskrit) | 02 | **Female** (18-35 yrs.) | BA with Sanskrit or Sahitya Acharya | Rs.7500/- (including EPF share of Employee & Employer) |

RESIDENTIAL SCHOOL

| Sl. No. | Name of the Post | No.of vacant post to be filled up | Gender/Age | Qualification | Monthly Remuneration |
|---|---|---|---|---|---|
| 1 | Part Time Teacher (Sanskrit) | 01 | **Male/Female** (18-35 yrs.) | BA with Sanskrit or Sahitya Acharya | Rs.6000/- for trained and Rs.5000/- for Untrained (including EPF share) |
| 2 | Part Time Teacher (Math/ Science) | 01 | **Male/Female** (18-35 yrs.) | BSc + BEd and in case of non-availability of trained Science Graduates, untrained Science Graduates will be considered | Rs.6000/- for trained and Rs.5000/- for Untrained (including EPF share) |
| 3 | Peon-cum-Attendant | 01 | **Male/Female** (18-35 yrs.) | HSC Pass- Preferably Local Candidate | Rs.6000/- (including EPF share) |
| 4 | Asst.Cook | 2 | **Male/Female** (18-35 yrs.) | Local Candidate having cooking experience in any institution | Rs.5400/-(including EPF share) |

NB:- The application form along with all required documents and testimonial should be submitted to the Office of the District Project Coordinator, SS, Malkangiri by **07.09.2023 up to 5.00 PM through registered post / courier.** The application form can be downloaded from www.malkangiri.nic.in.The application received after due date shall not be entertained. On the Top of the Envelop, the applied post must be mentioned **(Application for the post of ......of KGBV/Residential School).** One candidate can apply for the post of KGBV and Residential School separately in two envelope.
**By the Order of Collector-cum-Chairman**
OIPR-27058/11/0001/2324 **Sd./- District Project Coordinator, Samagra Shiksha, Malkangiri**

# ଭାରତ ଏନ୍‌ସିଏପିର ଶୁଭାରମ୍ଭ କଲେ ଗଡ଼କରୀ

**ଅକ୍ଟୋବର ପହିଲାରୁ ଲାଗୁହେବ ମୂଲ୍ୟାୟନ କାର୍ଯ୍ୟକ୍ରମ**



ନୂଆଦିଲ୍ଲୀଠାରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ଆନୁଷ୍ଠାନିକ ଭାବେ ଭାରତ ଏନ୍‌ସିଏପିର ଶୁଭାରମ୍ଭ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ସଚିବ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୨।୮(ଅଭୟ ଦାଶ)

ବର୍ତ୍ତମାନ ପରିସ୍ଥିତିରେ ସଡ଼କ ଦୁର୍ଘଟଣା ଏକ ଉଦ୍‌ବେଗଜନକ ଘଟଣା ହୋଇଛି। ତେବେ ଦୁର୍ଘଟଣା ହ୍ରାସ ସହିତ ସୁରକ୍ଷା ମାନ ବୃଦ୍ଧି ଓ ସଡ଼କ ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତ ସରକାର ନୂତନ ଯୋଜନା 'ଭାରତ ନୂତନ କାର୍ ମୂଲ୍ୟାୟନ କାର୍ଯ୍ୟକ୍ରମ' (ଭାରତ ଏନ୍‌ସିଏପି)ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ଏନ୍‌ସିଏପିର ଶୁଭାରମ୍ଭ କରିଛନ୍ତି। ବିଶେଷକରି ଭାରତରେ ୩.୫ଟନ୍ ଓଜନ ବିଶିଷ୍ଟ ଯାନର ସୁରକ୍ଷା ମାନ ବୃଦ୍ଧି ସହିତ ସଡ଼କ ନିରାପତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ଗଡ଼କରୀ କହିଥିଲେ, ସୁରକ୍ଷିତ କାର୍ କିଣିବା ପାଇଁ ଶ୍ରେଷ୍ଠ ବାହନ ଚୟନ କରିବାରେ ସକ୍ଷମ ହେବା ପାଇଁ ଗ୍ରାହକମାନଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଭାରତ ଏନ୍‌ସିଏପି ଦେଶରେ ଯାନର ନିରାପତ୍ତା ଏବଂ ଗୁଣବତ୍ତାକୁ ମଧ୍ୟ ବ୍ୟାପକ ପ୍ରୋତ୍ସାହିତ କରିବ। ଏହା ସହ ସୁରକ୍ଷିତ ଯାନ ନିର୍ମାଣ ପାଇଁ ମୂଳ ସରଞ୍ଜାମ ନିର୍ମାତା ଓଇଏମ୍‌ଗୁଡ଼ିକ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତାକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିପରି ଉକ୍ତ କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୧ରୁ ଆରମ୍ଭ ହେବ ଏବଂ ଅଟୋମୋଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ (ଏଆଇଏସ୍)୧୯୭ ଉପରେ ଆଧାରିତ ହେବ। ବିଶେଷକରି ପ୍ରତିଯୋଗିତାମୂଳକ ନିରାପତ୍ତା ବୃଦ୍ଧିର ଇକୋସିଷ୍ଟମ ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଆଶା କରାଯାଉଛି, ଯାହାକି ଉପଭୋକ୍ତାଙ୍କ ମଧ୍ୟରେ ବାହନ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି କରିବ। ଉକ୍ତ କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ନିରାପତ୍ତା ମାନ ଥିବା ଯାନ ନିର୍ମାଣ ସହ ଓଇଏମ୍‌ମାନଙ୍କ ପାଇଁ ସୁଯୋଗ ଆଣିଛି। ଉଲ୍ଲେଖଯୋଗ୍ୟ, ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ (ସିଆଇଆର୍‌ଟି) ଦ୍ୱାରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯିବ। ଏପରିକି ଭାରତ ଏନ୍‌ସିଏପି କାର୍ଯ୍ୟକ୍ରମ ଅଂଶୀଦାରଙ୍କ ପରାମର୍ଶକୁ ଆଧାରକରି ଏହା ବିକଶିତ ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୨।୮

କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ମଙ୍ଗଳବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪ (୩.୯୪) ପଏଣ୍ଟ ବଢ଼ି ୬୫,୨୨୦(୬୫,୨୨୦.୦୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩ (୨.୮୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୯୬ (୧୯,୩୯୬.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଆଶା ଓ ଆଶଙ୍କା ମଧ୍ୟରେ ବଜାର କାରବାର ବନ୍ଦ ହେଉଥିବାବେଳେ ନିବେଶକମାନେ ମଧ୍ୟ ବଜାର ଉପରେ ନଜର ରଖିଛନ୍ତି।

## ନାକ୍ ପକ୍ଷରୁ ସିୟୁଟିଏମ୍‌କୁ ଏ+ ମାନ୍ୟତା




ଭୁବନେଶ୍ୱର,୨୨।୮

ଜାତୀୟ ମୂଲ୍ୟାଙ୍କନ ଓ ସ୍ୱୀକୃତି ପରିଷଦ (ନାକ୍) ପକ୍ଷରୁ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) କୁ ଏ+(୩.୩୭ ସ୍କୋର) ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷାଦାନ ପ୍ରକ୍ରିୟା, ଅନୁସନ୍ଧାନ, ସୁଶାସନ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାରକରି ନାକ୍ ଉପରୋକ୍ତ ମାନ୍ୟତା ପ୍ରଦାନ କରିଥାଏ। ଅପରପକ୍ଷରେ ସିୟୁଟିଏମ୍‌କୁ ଦିଆଯାଇଥିବା ଉକ୍ତ ମାନ୍ୟତା ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାଦାନର ଏକ ବଳିଷ୍ଠ ପ୍ରମାଣ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଉଛି। ସେହିଭଳି ଉକ୍ତ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ବିଭାଗ, ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ, ଶିଳ୍ପ ସହଯୋଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ହେଉଛି, ରାଜ୍ୟର ଏକ ପ୍ରମୁଖ ଘରୋଇ ଦକ୍ଷତା ବିଶ୍ୱବିଦ୍ୟାଳୟ, ଯାହା ସ୍କୁଲରୁ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବଢ଼ାଉଥିବା ବେଳେ କ୍ୟାରିୟରରେ ଆଗକୁ ବଢ଼ିବା ଲାଗି ସେମାନଙ୍କୁ ବିଶ୍ୱବିଦ୍ୟାଳୟ ସକ୍ଷମ କରୁଛି। ଏହା ରାଜ୍ୟ ସରକାରଙ୍କ ଏକ ସ୍ୱୀକୃତିପ୍ରାପ୍ତ ଦକ୍ଷତା ବିଶ୍ୱବିଦ୍ୟାଳୟ ଏବଂ ଏହାକୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟର ସ୍ୱୀକୃତି ମଧ୍ୟ ମିଳିଛି। ଏହା ହେଉଛି ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ଯାହାର ୬ଟିରୁ ୩ଟି କ୍ୟାମ୍ପସ୍ ଆଦିବାସୀ ଅଞ୍ଚଳରେ ରହିଛି।

## ବମିଖାଲରେ ଏସ୍‌ବିଆଇର ନୂଆ ଶାଖା



ଭୁବନେଶ୍ୱର,୨୨।୮

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା (ବମିଖାଲ ଶାଖା) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶର୍ମା କହିଥିଲେ, ଉକ୍ତ ଶାଖା ଜରିଆରେ ଏସ୍‌ବିଆଇର ସମସ୍ତ ବ୍ୟାଙ୍କିଙ୍ଗ୍ ସେବା ଓ ସୁବିଧା ସାଙ୍ଗକୁ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦିଆଯିବ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ ପୁନମ୍‌ବାଲାମ୍ ମୁରୁଗାନ୍, ଉପ-ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଉପ-ମହାପ୍ରବନ୍ଧକ ମନୋଜ କୁମାର ସିଂ, ଆଞ୍ଚଳିକ ପ୍ରବନ୍ଧକ ରାଜେନ୍ଦ୍ର ନାରାୟଣ ସାହୁ, ଏସ୍‌ବିଆଇଓଏର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ, ଏସ୍‌ବିଆଇଏସ୍‌ଏର ସାଧାରଣ ସମ୍ପାଦକ ଚିରଞ୍ଜନ ପଣ୍ଡା, ବମିଖାଲ ଶାଖାର ଶାଖା ପ୍ରବନ୍ଧକ ହିମାଂଶୁ ଭୂଷଣ ସାହୁ, ଝାରପଡ଼ା କର୍ପୋରେଟର ଶ୍ରୀଧର ଜେନା, ବମିଖାଲ କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର, ଷ୍ଟେଟ୍ କୋ-ଅପରେଟିଭ ୟୁନିୟନ୍‌ର ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ, ଝାରପଡ଼ା ପୂଜା କମିଟିର ପ୍ରେସିଡେଣ୍ଟ ଶିଖର ଚନ୍ଦ୍ର ଜେନା, ଝାରପଡ଼ା ପୂଜା କମିଟିର ସେକ୍ରେଟାରି ଧରଣୀଧର ଜେନା ଏବଂ ବମିଖାଲ ଦୁର୍ଗାପୂଜା କମିଟିର ପ୍ରେସିଡେଣ୍ଟ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ।

## ଭିଆଇଟିର ୩୮ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୨।୮

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ୩୮ତମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଭି.କେ.ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜୀବନରେ କେବେ ବି ଶର୍ଟକଟ୍ ରାସ୍ତାରେ ସଫଳତା ହାସଲ କରିବାକୁ ପ୍ରୟାସ ନ କରି କଠିନ ପରିଶ୍ରମ ବଳରେ ସଫଳତା ଅର୍ଜନ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ଭିଆଇଟିର ପ୍ରତିଷ୍ଠାତା ତଥା କୁଳପତି ଡ. ଜି.ବିଶ୍ୱନାଥନ ଭିଆଇଟିର ସଫଳତା ଓ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ସମାବର୍ତ୍ତନ ଉତ୍ସବର ଆଭିମୁଖ୍ୟ ଏବଂ କୃତୀ ଛାତ୍ରୀଛାତ୍ରମାନଙ୍କୁ ଜୀବନର ମାନଦଣ୍ଡ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି। ଉକ୍ତ ଉତ୍ସବରେ ୱିପ୍ରୋର ଗ୍ଲୋବାଲ ବିଜ୍‌ନେସ୍ ହେଡ୍ ସଞ୍ଜୀବ ଜୈନଙ୍କ ସମେତ ଭିଆଇଟିର ଉପସଭାପତି ଶଙ୍କର ବିଶ୍ୱନାଥନ, ଡ.ଜି.ଭି.ସେଲଭାମ ଏବଂ ସହକାରୀ ଉପସଭାପତି କାଦମ୍ବରୀ ଏସ୍. ବିଶ୍ୱନାଥନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସମାବର୍ତ୍ତନ ଉତ୍ସବରେ ମୋଟ ୮,୬୧୯ ୟୁଜି ଏବଂ ପିଜି ଛାତ୍ରୀଛାତ୍ରଙ୍କ ସମେତ ୨୭୮ ରସର୍ଚ୍ଚ ସ୍କଲାର ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।



ଭିଆଇଟିର ୩୮ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଙ୍କଠାରୁ କୃତୀ ଛାତ୍ର ମାନପତ୍ର ଗ୍ରହଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଭିଆଇଟିର କୁଳପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଟାଟା ଷ୍ଟିଲ୍ ମାଇନିଂକୁ ଏକ୍ସଲେନ୍ସ ପୁରସ୍କାର



ଭୁବନେଶ୍ୱର,୨୨।୮

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ତଥା ପୁରସ୍କାର ଦିଆଯାଇଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ପୂର୍ବାଞ୍ଚଳ ୟୁନିଟ୍ ପକ୍ଷରୁ କୋଲକାତାଠାରେ ଆୟୋଜିତ ୧୭ତମ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିସନ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମାଇନିଂର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ସମ୍ମାନଜନକ ସିଆଇଆଇ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଏକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଲାଗି ରହିଥିବା ପ୍ରତିବଦ୍ଧତା ପାଇଁ କମ୍ପାନୀ ଉପରୋକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଖଣି କ୍ଷେତ୍ରରେ ଟାଟା ଷ୍ଟିଲ୍ ମାଇନିଂକୁ ଆଞ୍ଚଳିକସ୍ତରର ବିଜେତା ଭାବେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ କମ୍ପାନୀର ସହକାରୀ ମହାପ୍ରବନ୍ଧକ (ଏସ୍‌ଏଚ୍‌ଇ) ଠାକୁର ଅଜୟ କୁମାର, ବିଶ୍ୱମ୍ଭର ନାଥ, ଡିଭିଜନାଲ ମ୍ୟାନେଜର (ପ୍ଲାଣ୍ଟ) ଶୁଭେନ୍ଦୁ ନସ୍କର ଓ ପ୍ରବନ୍ଧକ (ଖଣି) ମହମ୍ମଦ ମୁଜାହିଦ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଆମ ଶ୍ରମଶକ୍ତିର ଉନ୍ନତି ସହିତ ପରିବେଶ ଉପରେ ପ୍ରଭାବ କମ୍ କରିବା ଲାଗି ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ।

**ଜାତୀୟ/ଅନ୍ତର୍ଜାତୀୟ**

# ରାଷ୍ଟ୍ରପତିଙ୍କୁ ଭେଟିଲେ ଓଡ଼ିଶାର ୪୦ ଛାତ୍ରୀଛାତ୍ର



ନୂଆଦିଲ୍ଲୀ,୨୨।୮(କୁଳଦୀପ ସିଂ)

ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲର ୪୦ ଜଣ ଛାତ୍ରୀଛାତ୍ର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ମଙ୍ଗଳବାର ସକାଳେ ଛାତ୍ରୀଛାତ୍ରମାନେ ରାଷ୍ଟ୍ରପତି ଭବନ ଯାଇଥିଲେ। ମୟୂରଭଞ୍ଜର ୨ଜଣ ଛାତ୍ରୀଛାତ୍ର ରାଷ୍ଟ୍ରପତିଙ୍କୁ ୩ଟି ଉପହାର ପ୍ରଦାନ କରିଥିଲେ। ରାଷ୍ଟ୍ରପତି ଛାତ୍ରୀଛାତ୍ରଙ୍କ ସହିତ ସେମାନଙ୍କ ପାଠପଢ଼ା ସମ୍ପର୍କରେ ଆଲୋଚନା କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଆଶୀର୍ବାଦ କାମନା କରିଥିଲେ। ବଲାଙ୍ଗୀର ଜିଲାରୁ ୧୭ଜଣ ଛାତ୍ରୀଛାତ୍ର ରହିଥିବାବେଳେ ଅନ୍ୟମାନେ ରାୟଗଡ଼ା, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର ଏବଂ ଯାଜପୁର ଜିଲାର ଥିଲେ।

ସୂଚନାଯୋଗ୍ୟ, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟ ଶିକ୍ଷା ସମାଜ (ଏନ୍‌ଇଏସ୍‌ଟିଏସ)ପକ୍ଷରୁ ଆୟୋଜିତ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମର ଏହା ହେଉଛି ଏକ ଅଂଶବିଶେଷ। ଏଥିରେ ୬ ରାଜ୍ୟର ୫ଶହ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଓଡ଼ିଶା, ରାଜସ୍ଥାନ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ପିଲାମାନେ ଆମ୍ବେଡ୍‌କର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଆୟୋଜିତ ସମ୍ମିଳନୀରେ ସାମିଲ ହୋଇଥିଲେ। ଶିକ୍ଷା, କ୍ୟାରିୟର ଓ ସ୍କଲାରଶିପ୍ ସ୍କିମ୍ ସମ୍ପର୍କିତ ବିଷୟଗୁଡିକ ଉପରେ ଭାବର ଆଦାନ ପ୍ରଦାନ ଏବଂ ଅଭିଜ୍ଞତା ଶେୟାର କରିବା ପାଇଁ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ମଞ୍ଚ ଯୋଗାଇଦେବା ଏହାର ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜଷ୍ଟିସ୍ ଶ୍ରୀବାସ୍ତବ ଏନ୍‌ଜିଟିର ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨।୮(ପି.ଟି)



କାଲକାଟା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେ ବୁଧବାର ନୂଆ ଦାୟିତ୍ୱ ଗ୍ରହଣ କରିବେ। ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲ ଅବସର ନେବା ପରେ ଜୁଲାଇ ୬ରେ କେନ୍ଦ୍ର ସରକାର ଜଷ୍ଟିସ୍ ଶେଓ କୁମାର ସିଂଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦେଇଥିଲେ। ସୋମବାର ଜଷ୍ଟିସ୍ ଶ୍ରୀବାସ୍ତବଙ୍କୁ ଅଧ୍ୟକ୍ଷ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେ ୨୦୨୧ ଅକ୍ଟୋବର ୧୧ରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ କାଲକାଟା ହାଇକୋର୍ଟ ମୁଖ୍ୟ ବିଚାରପତି ରୂପେ ଦାୟିତ୍ୱ ତୁଲାଇଥିଲେ। ୧୯୬୧ ମାର୍ଚ୍ଚ ୩୧ରେ ଜନ୍ମିତ ଜଷ୍ଟିସ୍ ଶ୍ରୀବାସ୍ତବ ୧୯୮୭ ଫେବୃୟାରୀ ୨ରେ ଓକିଲାତି କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ସୁପ୍ରିମକୋର୍ଟରେ ଓକିଲାତି କରି ୨୦୦୮ ଜାନୁୟାରୀ ୧୮ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ।

## ପ୍ରତିରକ୍ଷା ଗୁପ୍ତଚରଗିରି: କାନାଡା ବ୍ୟବସାୟୀ ଗିରଫ

ନୂଆଦିଲ୍ଲୀ,୨୨।୮(ପି.ଟି.)

ପ୍ରତିରକ୍ଷା ଗୁପ୍ତଚରଗିରି ମାମଲାରେ ସିବିଆଇ କାନାଡ଼ା ବ୍ୟବସାୟୀଙ୍କୁ ଗିରଫ କରିଛି। ୨୦୧୯ରେ କାନାଡ଼ାର ସ୍ଥାୟୀ ବାସିନ୍ଦା ହୋଇଥିବା ରାହୁଲ ଗଗଲ୍ ସୋମବାର ନୂଆଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସ୍ୱତନ୍ତ୍ର ଅଦାଲତ ତାଙ୍କୁ ୪ ଦିନ ପାଇଁ ସିବିଆଇ ହାଜତକୁ ପଠାଇଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଖବରଦାତା ବିବେକ ରଘୁବଂଶୀ ଓ ନୌସେନାର ପୂର୍ବତନ କମାଣ୍ଡର ଆଶିଷ ପାଠକ ଗିରଫ ହୋଇଥିଲେ।

## ୭ରେ ଭାରତ ଆସିବେ ବାଇଡେନ୍

ୱାଶିଂଟନ୍,୨୨।୮(ପି.ଟି)



ଭାରତ ଅଧ୍ୟକ୍ଷତା କରୁଥିବା ଜି-୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେପ୍ଟେମ୍ବର ୭ରେ ଆସିବେ। ସେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏଠାରେ ଅବସ୍ଥାନ କରିବେ। ଏହି ଅବସରରେ ବାଇଡେନ୍ ଅନ୍ୟ ନେତାମାନଙ୍କ ସହ ୟୁକ୍ରେନ ଯୁଦ୍ଧ ସମେତ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ମଙ୍ଗଳବାର ହ୍ୱାଇଟ୍‌ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ଡିସେମ୍ବର ୧ରେ ଇଣ୍ଡୋନେସିଆଠାରୁ ଭାରତ ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ରାଷ୍ଟ୍ରପତି ବାଇଡେନ୍ ଭାରତ ଗସ୍ତରେ ଆସୁଛନ୍ତି। ଜି-୨୦ ବିଶ୍ୱନେତାଙ୍କ ସମ୍ମିଳନୀ ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଚାଲିବ। ଭାରତରେ ଏହି ସମ୍ମିଳନୀ ବିଶ୍ୱ ନେତାମାନଙ୍କ ସହ ଅନ୍ୟତମ ବୃହତ୍ ମଞ୍ଚ ପାଲଟିବା ଆଶା କରାଯାଉଛି। ରାଷ୍ଟ୍ରପତି ବାଇଡେନ୍ ଏବଂ ଜି-୨୦ ରାଷ୍ଟ୍ର ସମୂହର ପ୍ରତିନିଧିମାନେ ସ୍ୱଚ୍ଛ ଶକ୍ତି ଅବସ୍ଥାନ୍ତର, ଜଳବାୟୁ ପରିବର୍ତ୍ତନ ମୁକାବିଲା, ବୈଶ୍ୱିକ ଅର୍ଥନୀତି ଉପରେ ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କ୍ୟାରିନ୍-ଜିନ୍-ପିଏରେ ଏକ ବିବୃତିରେ କହିଛନ୍ତି।

## ରାଜସ୍ଥାନ ଅର୍ଥନୀତି ୩୫.୭୧ ଲକ୍ଷ କୋଟିରେ ପହଞ୍ଚାଇବା ଲକ୍ଷ୍ୟ

**ମିଶନ ୨୦୩୦ ପାଇଁ କୋଟିଏ ଲୋକଙ୍କଠାରୁ ପ୍ରସ୍ତାବ ଗ୍ରହଣ କରିବେ ସରକାର**

ଜୟପୁର,୨୨।୮



ଅଶୋକ ଗେହଲଟ

ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱରେ ରାଜସ୍ଥାନ ସରକାର କ୍ରମାଗତ ଭାବେ ବିକାଶର ନୂଆ ଦିଗ ଉନ୍ମୋଚନ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଏହାକୁ ଦେଶର ଏକ ମଡେଲ ରାଜ୍ୟରେ ପରିଣତ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଜନମଙ୍ଗଳ ଯୋଜନା ଜରିଆରେ ଆର୍ଥିକ ପରିଚାଳନାକୁ ସୁନିଶ୍ଚିତ କରି ସରକାର ସବୁ ବର୍ଗଙ୍କୁ ଉପକୃତ କରିଛନ୍ତି। ରାଜସ୍ଥାନକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଲାଗି ସ୍ୱାଧୀନତା ଦିବସ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ 'ମିଶନ ୨୦୩୦' ସଂକଳ୍ପ ସମ୍ପର୍କରେ କହିଥିଲେ। ସେ କହିଥିଲେ, ୨୦୧୮-୧୯ ବର୍ଷରେ ରାଜ୍ୟର ଅର୍ଥନୀତି ୯ ଲକ୍ଷ ୧୧ ହଜାର କୋଟି ଟଙ୍କା ଥିଲା। ଆଜି ଏହା ୧୪.୧୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୩୦ ସୁଦ୍ଧା ଏହାକୁ ୩୫.୭୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିପାଇଁ 'ରାଜସ୍ଥାନ-ମିଶନ ୨୦୩୦' ଅଭିଯାନ ରାଜ୍ୟରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଏହି କ୍ୟାମ୍ପେନ୍‌ରେ ଅର୍ଥନୀତିଜ୍ଞ, ଲେଖକ, ସାମ୍ବାଦିକ, ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ଆଇନଜୀବୀ, କୃଷକ, ଶ୍ରମିକ, ମହିଳା, ଯୁବବର୍ଗ, ବୁଦ୍ଧିଜୀବୀ ଏବଂ କ୍ରୀଡ଼ାବିତ୍‌ଙ୍କ ସମେତ କୋଟିଏରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏଥିପାଇଁ ରହିଥିବା ୱେବ୍‌ସାଇଟ୍‌ରେ ଲୋକମାନଙ୍କଠାରୁ ଅନ୍‌ଲାଇନରେ ପ୍ରସ୍ତାବ ଗ୍ରହଣ କରାଯିବ। ଏହା ବ୍ୟତୀତ ପ୍ରତ୍ୟକ୍ଷ ସାକ୍ଷାତ୍ କରାଯାଇ ଏବଂ ଆଇଭିଆର୍ ସର୍ଭେ ଜରିଆରେ ମଧ୍ୟ ପ୍ରସ୍ତାବ ସଂଗ୍ରହ କରାଯିବ। ମିଶନ ୨୦୩୦ ଉପରେ ସମସ୍ତ ସ୍କୁଲ୍ ଓ କଲେଜରେ ପ୍ରବନ୍ଧ ପ୍ରତିଯୋଗିତା ହେବ। ସେଗୁଡ଼ିକୁ ଏକାଠି କରି ମିଶନ ୨୦୩୦ ଉପରେ ଭିଜନ ଡକ୍ୟୁମେଣ୍ଟ ଜାରି କରାଯିବ।

ମିଶନ ୨୦୩୦ ଉପରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ସବୁ ବର୍ଗର ପ୍ରତିନିଧି, ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବ ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ବିଭାଗୀୟ ମୁଖ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ଜୟପୁରର ବିର୍ଲା ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ସବୁ ଜିଲାରୁ ବହୁସଂଖ୍ୟାରେ ଯୁବତୀଯୁବକ ଭିଡିଓ କନ୍‌ଫରେନ୍ସ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିବ ଭାରତ

ଡବଲିନ୍, ୨୨।୮ (ପି.ଟି.)

ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌କୁ ଭାରତ ଜିତି ସାରିଥିବା ବେଳେ ବୁଧବାର ଖେଳାଯିବାକୁ ଥିବା ଅନ୍ତିମ ଟି୨୦ରେ ଦଳ ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିପାରେ। ନିକଟରେ ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ଦୁଇଟି ମ୍ୟାଚରେ ୮ ଓଭର ବୋଲିଂ କରିଥିବା ବେଳେ କ୍ରମାଗତ ତୃତୀୟ ମ୍ୟାଚ ଖେଳିବେ କି ବିଶ୍ରାମ ନେବେ ତାହା ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଇଁ ମଧ୍ୟ ପରିସ୍ଥିତି ସମାନ ରହିବ। ଉଭୟ ଖେଳାଳି ଏସିଆ କପ୍‌ରେ ସ୍ଥାନ ପାଇଥିବାରୁ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ପାଇଁ ପ୍ରୟାସ କରିବେ। ଏହି ସିରିଜ୍‌ରେ ଆଭେଶ୍ ଖାନ୍, ଜିତେଶ ଶର୍ମା ଓ ଶାହବାଜ ଅହମଦଙ୍କ ପରି ଖେଳାଳି ସୁଯୋଗ ପାଇ ନ ଥିବା

## ଅନ୍ତିମ ଟି୨୦


ଜିତେଶ ଶର୍ମା

ବେଳେ ଅନ୍ତିମ ମ୍ୟାଚରେ ଏହି ୩ ଖେଳାଳିଙ୍କୁ ଏକ ସୁଯୋଗ ମିଳିପାରେ। ଏପରିକି ୱେଷ୍ଟଇଣ୍ଡିଜ୍ ଗସ୍ତରେ ରହିଥିବା ଭାରତୀୟ ଦଳରେ ଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ପାଇ ନ ଥିଲେ ଆଭେଶ ଖାନ୍। ବ୍ୟାଟିଂ କ୍ରମରେ କୌଣସି ବଡ ପରିବର୍ତ୍ତନର ଆଶଙ୍କା ନ ଥିଲେ ମଧ୍ୟ ସଞ୍ଜୁ ସାମସନଙ୍କ ସ୍ଥାନରେ

**ମ୍ୟାଚ୍ ସ୍ଥାନ: ଡବ୍‌ଲିନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

ଜିତେଶ ଶର୍ମାଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି। ତେବେ ବିଶ୍ୱକପ୍ ଚୟନ ଲାଇନରେ ଥିବାରୁ ସାମସନ୍ ମଧ୍ୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିବେ। ତେଣୁ ଜିତେଶଙ୍କ ଖେଳିବାର ସମ୍ଭାବନା କମ୍ ରହିଛି। ଅନ୍ୟପକ୍ଷରେ ଦ୍ୱିତୀୟ ଟି୨୦ରେ ୨୬ ବଲ୍‌ରୁ ୪୦ ରନ୍ ସ୍କୋର କରିଥିଲେ ସାମସନ୍। ସେ ଅନ୍ତିମ ଟି୨୦ରେ ସମାନ୍ ଫର୍ମ ବଜାୟ ରଖିବାକୁ ଚାହିଁବେ।

କ୍ରମାଗତ ସୁଯୋଗ ପାଇଥିବା ଅର୍ଶଦୀପ ସିଂଙ୍କୁ ଦଳ ବିଶ୍ରାମ ଦେଇ ଆଭେଶ୍ ଖାନ୍ ଅଥବା ମୁକେଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ଦେଇପାରେ। ଅନ୍ତର୍ଜାତୀୟ ଟି୨୦ରେ ସମ୍ପୂର୍ଣ୍ଣ ଷ୍ଟାଇଲରେ ପ୍ରବେଶ କରିଥିବା ରିଙ୍କୁ ସିଂ ନିଜ ଫର୍ମ ବଜାୟ ରଖିବାକୁ ଚାହିଁବେ। ୨୧ ବଲ୍‌ରୁ ୩୮ ରନ୍ ସ୍କୋର କରିଥିବା ରିଙ୍କୁଙ୍କୁ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ପରେ ଦ୍ୱିତୀୟ ଫିନିଶର ଭାବରେ ବ୍ୟବହାର କରିପାରିବ। ରିଙ୍କୁ ସିଂ, ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡଙ୍କ ପରି ଖେଳାଳି ଏହି ମ୍ୟାଚ୍‌ରେ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିବା ନେଇ ଆଶା କରାଯାଏ।

# ୟୁଏସ୍ ଓପନରୁ ବାଦ୍ ପଡ଼ିଲେ ହାଲେପ୍

ନ୍ୟୁୟର୍କ, ୨୨।୮ (ଏପି)

ଡୋପିଙ୍ଗ ପାଇଁ ସାମୟିକ ସସ୍‌ପେଣ୍ଡ ହୋଇଥିବାରୁ ସିମୋନା ହାଲେପ୍ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ହାଲେପ ହେଉଛନ୍ତି ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଏବଂ ପୂର୍ବତନ ନମ୍ବର ୱାନ ଖେଳାଳି। ସସ୍‌ପେଣ୍ଡ ହୋଇଥିବାରୁ ତାଙ୍କୁ ସ୍ୱାଭାବିକ ଟୁର୍ନାମେଣ୍ଟର କ୍ୱାଲିଫାଇଂ ଡ୍ର'ରୁ ପ୍ରତ୍ୟାହାର କରିନିଆଯାଇଥିବା ୟୁଏସ୍ ଟେନିସ ଆସୋସିଏଶନ ପ୍ରକାଶ କରିଛି। ଫ୍ଲସ୍ ମିଡୋଜ୍‌ରେ ମହିଳା ସିଙ୍ଗଲ୍ସ ଟୁର୍ନାମେଣ୍ଟ ପାଇଁ ହୋଇଥିବା ମୁଖ୍ୟ ମୁଖ୍ୟ ଡ୍ର'ରେ ହାଲେପ୍‌ଙ୍କ ସ୍ଥାନ ନେଇଛନ୍ତି ଟେଲର ଟାଉନ୍‌ସେଣ୍ଡ। ଖେଳ ଅଗଷ୍ଟ ୨୮ରେ ଆରମ୍ଭ ହେବ। ସାମୟିକ ସସ୍‌ପେଣ୍ଡ ସମୟରେ ଜଣେ ଖେଳାଳି କୌଣସି ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟରେ ଭାଗ ନେଇ ପାରିବେ ନାହିଁ। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସିର ସୂଚନା ଅନୁସାରେ ହାଲେପ୍ ଗତବର୍ଷର ୟୁଏସ୍ ଓପନ୍ ବେଳେ

## ଡୋପିଙ୍ଗ ମାମଲା


ସିମୋନା ହାଲେପ୍

ନିଷିଦ୍ଧ ଉପାଦାନ ରୋକ୍ସାଡଷ୍ଟାଟ୍ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ରୋକ୍ସାଡଷ୍ଟାଟ୍ ୟୁରୋପିଆନ ୟୁନିୟନରେ ଡାକ୍ତରୀ ବ୍ୟବହାର ପାଇଁ ଏକ ଅନୁମୋଦିତ ଔଷଧ। କ୍ରୋନିକ୍ କିଡ୍‌ନୀ ବିଫଳତା ପାଇଁ ଶରୀରରେ ରକ୍ତହୀନତା ଲକ୍ଷଣ ଦେଖା ଦେଲେ ତାହାକୁ ବ୍ୟବହାର କରାଯାଇଥାଏ। ୟୁରୋପିଆନ ୟୁନିୟନ ମେଡିସିନ ଏଜେନ୍ସିର କହିବା ଅନୁସାରେ ଏହି ଔଷଧ ଶରୀରକୁ ପ୍ରାକୃତିକ ହରମୋନ ଏରିଥ୍ରୋପୋଟିନ୍ କିମ୍ବା ଇପିଓ ଉତ୍ପାଦନ କରିବାକୁ ଉତ୍ସାହିତ କରିଥାଏ, ଯାହାକୁ ସାଇକ୍ଲିଷ୍ଟ ଏବଂ ଡିଷ୍ଟାନ୍ସ ରନରମାନଙ୍କ ଲାଗି ଏକ ଡୋପିଙ୍ଗ ଉତ୍ପାଦ ରହି ଆସିଥିଲା। ଆଥଲେଟ୍ ବାୟୋଲୋଜିକାଲ ପାସ୍‌ପୋର୍ଟରେ ଅନିୟମିତତା ପାଇଁ ହାଲେପ୍‌ଙ୍କ ବିରୋଧରେ ଦ୍ୱିତୀୟ ଡୋପିଂ ଅପରାଧ ଅଭିଯୋଗ ମେ' ମାସରେ ହୋଇଥିଲା। ୨୦୨୨ରେ ନ୍ୟୁୟର୍କରେ ତାଙ୍କୁ ୭ମ ସିଡ୍ ମାନ୍ୟତା ମିଳିଥିଲା। ସେ ପ୍ରଥମ ରାଉଣ୍ଡରେ ୟୁକ୍ରେନ୍‌ର ଡାରିଆ ସ୍ନିଗୁରଙ୍କଠାରୁ ହାରିଯାଇଥିଲେ। ସୂଚନାଯୋଗ୍ୟ, ରୋମାନିଆର ୩୧ ବର୍ଷୀୟା ହାଲେପ୍ ୨୦୧୭ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ଅଧିକାର କରିଥିଲେ। ୨୦୧୮ ଫାଇନାଲରେ ସ୍ଲୋଏନ୍ ଷ୍ଟିଫେନ୍ସଙ୍କୁ ହରାଇ ସେ ଫ୍ରେଞ୍ଚ ଓପନ ଜିତିଥିଲେ। ୨୦୧୯ରେ ଟାଇଟଲ ମ୍ୟାଚରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ସେ ୱିମ୍ବଲଡନ ଜିତିଥିଲେ।

# ବିଶ୍ୱ ବ୍ୟାଡ୍‌ମିଣ୍ଟନ: ସେନ୍, ପ୍ରଣୟ ଜିତିଲେ, ସିନ୍ଧୁ ହାରିଲେ

କୋପେନ୍‌ହାଗେନ୍, ୨୨।୮ (ପି.ଟି.)

ଭାରତର ଲକ୍ଷ୍ୟ ସେନ୍ ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ମହିଳା ସିଙ୍ଗଲ୍ସରେ ପି.ଭି ସିନ୍ଧୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ପ୍ରତିଯୋଗିତାର ୨୦୨୧ ସଂସ୍କରଣ ବ୍ରୋଞ୍ଜ ବିଜେତା ସେନ୍ ୨୧-୧୧,୨୧-୧୨ରେ ବିଶ୍ୱର ୫୧ ନମ୍ବର ଖେଳାଳି କୋରିଆର ଜିଅନ୍ ହିଅକ୍ ଜିନ୍‌ଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ସେ ମାତ୍ର ଥରେ ୨୦୨୨ରେ ଏସିଆ ଟିମ୍ ଚାମ୍ପିୟନଶିପ୍‌ରେ କୋରିଆର ଏହି ଖେଳାଳିଙ୍କୁ ଭେଟିଥିଲେ ଏବଂ ପରାଜିତ ହୋଇଥିଲେ। ଏଠାରେ ଏକାଦଶତମ ସିଡ୍ ମାନ୍ୟତାପ୍ରାପ୍ତ ସେନ୍ ପରବର୍ତ୍ତୀ ରାଉଣ୍ଡରେ ଥାଇଲାଣ୍ଡର କୁନ୍‌ଲାଭଟ୍ ଭିଦିତଶରନଙ୍କୁ ଭେଟିବେ। ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁଙ୍କ ଖରାପ ସମୟ ଜାରି ରହିଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ସବୁଠାରୁ ସଫଳ ଭାରତୀୟ ଭାବେ ୫ ପଦକ ହାସଲ କରିଥିବା ଏହି ଖେଳାଳି ତାଙ୍କ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଜାପାନର ନୋଜୋମି ଓକୁହାରାଙ୍କଠାରୁ ୧୪-୨୧, ୧୪-୨୧ରେ ପରାଜିତ ହୋଇଛନ୍ତି। ଓକୁହରା ହେଉଛନ୍ତି ୨୦୧୭ ସ୍ୱର୍ଣ୍ଣ ଏବଂ ୨୦୧୯ ରୌପ୍ୟ ବିଜେତା। ଏଠାରେ ୧୬ତମ ସିଡ୍ ମାନ୍ୟତାପ୍ରାପ୍ତ ସିନ୍ଧୁ ତାଙ୍କ କ୍ୟାରିୟରରେ ପ୍ରଥମ ଥର ଏହି ସମ୍ମାନଜନକ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।

ଅନ୍ୟପକ୍ଷରେ ବିଶ୍ୱର ୯ ନମ୍ବର ଖେଳାଳି ପ୍ରଣୟ ୨୧-୯, ୨୧-୧୪ରେ ଇଣ୍ଡୋନେସିଆର ଚିକୋ ଆଓରା ଦ୍ୱି ୱାରଡୋୟୋଙ୍କୁ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ୨୦୨୧ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଉଙ୍କୁ ଭେଟିବେ।


ଭାରତୀୟ ବାୟୁସେନାର ଏୟାର କମାଣ୍ଡ କୋର୍ସର ପାସିଂ ଆଉଟ୍ ଶିବିରରେ ଏୟାର ଚିଫ୍ ମାର୍ଶାଲ ଭି. ଆର୍. ଚୌଧାରୀଙ୍କ ସହ କ୍ରିକେଟ କିମ୍ବଦନ୍ତୀ ତଥା ଗ୍ରୁପ୍ କ୍ୟାପ୍‌ଟେନ୍ ସଚିନ୍ ତେନ୍ଦୁଲକର।

# ଲୟଲା ଓଡ଼ିଆ ସ୍କୁଲର ପ୍ରଥମ ବିଜୟ

ଭୁବନେଶ୍ୱର, ୨୨।୮ (ବିଜୟ ରଣା)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ଲୟଲା ଓଡ଼ିଆ ସ୍କୁଲ ୪-୦ ଗୋଲ୍‌ରେ ଏସ୍‌ଜିଓ ନୟାପଲ୍ଲୀକୁ ହରାଇଦେଇଛି। ଦଳ ପକ୍ଷରୁ ଚନ୍ଦନ ନାୟକ (୧୮ତମ, ୩୨ତମ ଓ ୫୫ତମ ମିନିଟ୍) ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିବା ବେଳେ ୬୫ତମ ମିନିଟ୍‌ରେ ଅସୀମ ଡୁଙ୍ଗ୍‌ଡୁଙ୍ଗ୍ ପାତ୍ର ଗୋଟିଏ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ପ୍ରତିଯୋଗିତାରେ ଲୟଲା ଦଳ ଏହାର ପ୍ରଥମ ବିଜୟ ହାସଲ କରିବା ସହ ୨ ପଏଣ୍ଟ ଅର୍ଜନ କରିଛି। ଅନ୍ୟପକ୍ଷରେ ନୟାପଲ୍ଲୀ ଦଳ ଖେଳିଥିବା ଦୁଇଟି ମ୍ୟାଚ ହାରି ପଏଣ୍ଟ ଖାତା ଖୋଲି ପାରି ନାହିଁ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବିଜୟୀ ଦଳର ଅସୀମ ଡୁଙ୍ଗ୍‌ଡୁଙ୍ଗ୍ ଭୁବନେଶ୍ୱର


ଅସୀମ ଡୁଙ୍ଗ୍‌ଡୁଙ୍ଗ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଆଥଲେଟିକ୍ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଜୟ ମଙ୍ଗରାଜ ଖେଳ ପରିଚାଳନା କରିଥିଲେ। ତାଙ୍କୁ ସହାୟତା କରିଥିଲେ ସକାଓତ୍ ଖାନ୍ ଓ ଆଲୋକ ଦେହୁରୀ। ଶିବ ସାମନ୍ତରାୟ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ବୁଧବାର ମ୍ୟାଚ ଆର୍‌ଡୋର ଫୁଟ୍‌ବଲ ଏକାଡେମୀ (ଜୁନିୟର) ଏବଂ ନୀଳକମଳ କ୍ଲବ ମଧ୍ୟରେ ହେବ।

## ଫୁରସତ୍


ଅମିତାଭ ବଚ୍ଚନ

# ପୁଅଙ୍କୁ ବନ୍ଧୁ ଭାବନ୍ତି ବିଗ୍ ବି

**ମୁମ୍ବାଇ:** ଟିଭିର ସବୁଠାରୁ ଲୋକପ୍ରିୟ କୁଇଜ୍ ଶୋ 'କୌନ ବନେଗା କରୋଡପତି' ପୁଣି ଥରେ ଆରମ୍ଭ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପ୍ରତିଯୋଗୀ ଉପସ୍ଥାପକ ବିଗ୍ ବି ଅମିତାଭ ବଚ୍ଚନଙ୍କ ପ୍ରଶ୍ନର ଠିକ ଉତ୍ତର ଦେଇ ଲକ୍ଷ ଲକ୍ଷ ଟଙ୍କା ଜିତୁଛନ୍ତି। ତେବେ ଶୋ'ରେ ବିଗ୍ ବି ଅନେକ କଥା ହୋଇଥାନ୍ତି। ଏହା ମଧ୍ୟରେ ବିଗ୍ ବି ପୁଅ ତଥା ଅଭିନେତା ଅଭିଷେକ ବଚ୍ଚନଙ୍କ ସହ ତାଙ୍କ ସମ୍ପର୍କ ବାବଦରେ କହିଥିଲେ। ନିକଟରେ ଶୋ'ରେ ଗୁଜରାଟରୁ ପ୍ରତିଯୋଗୀ ଭାବେ ଯୁବ ପୋଲିସ ସବ୍-ଇନ୍ସପେକ୍ଟର କୁନାଲ ସିଂ ଡୋଡିଆ ଖେଳିଥିଲେ। କୁନାଲ ଶୋ'କୁ ଆସିବା ପଛର କାରଣରେ, ସେ ଜଣେ ଦାୟିତ୍ୱବାନ ପୋଲିସ ଅଧିକାରୀ ହୋଇଥିବାବେଳେ ସେ ଘର କାମରେ ସାହାଯ୍ୟ କରୁ ନ ଥିବାରୁ ତାଙ୍କ ବାପା ତାଙ୍କୁ ଦାୟିତ୍ୱବାନ ପୁଅ ବୋଲି ଭାବନ୍ତିନି ବୋଲି କହିଥିଲେ। ଏଥିସହ ସେ ବିଗ୍ ବିଙ୍କୁ ଅଭିଷେକ୍‌ଙ୍କ ସହ ସମ୍ପର୍କ ବାବଦରେ ପଚାରିଥିଲେ। ଏହାର ଜବାବରେ, ସେ ଅଭିଷେକ୍‌ଙ୍କୁ ତାଙ୍କ ବନ୍ଧୁ ଭାବେ ବିବେଚନା କରୁଥିବା କହିଥିଲେ। ସେମାନେ ଦୁହେଁ ପରସ୍ପର ସହ ଖୋଲାଖୋଲି ଭାବେ କଥା ହୋଇଥାନ୍ତି। ଦୁହିଁଙ୍କର କୌଣସି ସମସ୍ୟା ହେଲେ ପରସ୍ପର ମଧ୍ୟରେ ଆଲୋଚନା କରୁଥିବା ବିଗ୍ ବି କହିଥିଲେ। ତେବେ ବିଗ୍ ବି ୧୯୬୯ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟ ଜରିଆରେ ପ୍ରଶଂସକଙ୍କ ମନ ଜିତିପାରିଛନ୍ତି। ତେବେ ତାଙ୍କୁ ଶେଷ ଥର ପାଇଁ ୨୦୦୮ରେ ଫିଲ୍ମ 'ସରକାର ରାଜ'ରେ ଦେଖିବାକୁ ମିଳିଥିଲା।

# ୬୦୦ ଫୁଟ ତଳେ ଅଜ୍ଞାତ ଦୁନିଆ

ବେଜିଂ

ଦୁନିଆରେ ଏପରି କିଛି ଜାଗା ରହିଛି, ଯାହା ବାବଦରେ ଏହି ଆଧୁନିକ ଯୁଗରେ ମଣିଷ ଏବେ ବି ଅଜ୍ଞ। ସେହି ସବୁ ଜାଗା ପ୍ରକୃତିର ଶକ୍ତିଶାଳୀ ଜାଗା ମଧ୍ୟରୁ ଗୋଟେ। ଏପରି ଏକ ପ୍ରକୃତିର ଚମତ୍କାର ଚାଇନାରେ ଦେଖିବାକୁ ମିଳିଛି। ସେଠାରେ ଏକ ଗର୍ତ୍ତ ଥିବା ଜଣାପଡିଛି; ଯାହାର ଗଭୀର ୬୦୦ ଫୁଟରୁ ଅଧିକ। ତେବେ ସେହି ଗର୍ତ୍ତକୁ ଦେଖି ଏହା ଜଣାପଡିଛି କି, ତା' ଭିତରେ ଅନ୍ୟ ଏକ ଦୁନିଆ ରହିଛି। ରିପୋର୍ଟ ମୁତାବକ, ୬୩୦ ଫୁଟର ଏହି ଗର୍ତ୍ତରେ ବିଶାଳ ପ୍ରାଚୀନ ଜଙ୍ଗଲ ଥିବା ଜଣାପଡ଼ିଛି। ଗତବର୍ଷ ମେ'ରେ ବୈଜ୍ଞାନିକଙ୍କ ଏକ ଗୁମ୍ଫା ଅନ୍ୱେଷଣ ଟିମ୍‌କୁ ଚାଇନିଜ୍ ଜିଓପାର୍କରେ ଏକ ଭୂମିଗତ ରହସ୍ୟ ଜଣାପଡିଥିଲା। ଏହି ଗର୍ତ୍ତକୁ 'ଟିଆନକେଙ୍ଗ' ଏବଂ 'ସ୍ୱର୍ଗୀୟ ଗର୍ତ୍ତ' ବୋଲି କୁହାଯାଉଛି। ଏହା ଦକ୍ଷିଣ-ପଶ୍ଚିମ ଚାଇନାର ଜୁଆଙ୍ଗଜି ଜୁଆଙ୍ଗ ଅଟୋନମଶ ଅଞ୍ଚଳରେ ଥିବା ଲେୟେ ଫେଙ୍ଗସାନ ୟୁନେସ୍କୋ ଗ୍ଲୋବାଲ ଜିଓପାର୍କରେ ରହିଛି। ଏହି ଗୁମ୍ଫା ଦୁନିଆର ସବୁଠୁ ଲମ୍ବା ପ୍ରାକୃତିକ ପୋଲ ଭାବେ



ଜଣାଶୁଣା। ଅନୁସନ୍ଧାନକାରୀମାନେ କହିଛନ୍ତି, ଏହି ଗୁମ୍ଫାରେ ଥିବା ପ୍ରାଚୀନ ଜଙ୍ଗଲ ପୂର୍ବରୁ ଅଜ୍ଞାତ ଗଛ ଏବଂ ଜୀବଜନ୍ତୁଙ୍କ ଘର ହୋଇଥାଇପାରେ। ଚାଇନାରେ ଏପରି ଗୁମ୍ଫା ମିଳିବା ପ୍ରଥମ ନୁହେଁ। ଚାଇନା ସରକାରଙ୍କ ନ୍ୟୁଜ୍ ଏଜେନ୍ସି ମୁତାବକ, ଏଠାରେ ଆଗରୁ ୩୦ ଗୁମ୍ଫା ମିଳି ସାରିଛି। ଚାଇନା ଜିଓଲୋଜିକାଲ ସର୍ଭେର ଇନ୍‌ଷ୍ଟିଚ୍ୟୁଟ୍ ଅଫ କାର୍ଷ୍ଟ ଜିଓଲୋଜିର ବରିଷ୍ଠ ଇଞ୍ଜିନିୟର ଝାଙ୍ଗ ୟୁଆନହାଇ କହିଛନ୍ତି, ଗୁମ୍ଫାରେ ଏକ ଭଲ ସଂରକ୍ଷିତ ଜଙ୍ଗଲ ରହିଛି। ତା' ଭିତରେ ଆଉ ୩ ଗୁମ୍ଫା ରହିଛି। ଗୁମ୍ଫାର ଦୈର୍ଘ୍ୟ ୩୦୩ ମିଟର, ପ୍ରସ୍ଥ ୧୫୦ ମିଟର ଏବଂ ଗଭୀର ୧୯୨ ମିଟର। ଏହା ୫ ମିଲିୟନ କ୍ୟୁବିକ୍ ଅଞ୍ଚଳରେ ପରିବ୍ୟାପ୍ତ। ଏହାକୁ ସବୁଠୁ ବଡ଼ ଗୁମ୍ଫା ଭାବେ ବର୍ଗୀକରଣ କରାଯାଇପାରିବ। ରିପୋର୍ଟ ମୁତାବକ, ଗୁମ୍ଫାରେ ଥିବା ଗଛର ଉଚ୍ଚତା ୪୦ ମିଟର। ଏହି ଗର୍ତ୍ତ କାରଣରୁ ତଳେ ଜଙ୍ଗଲ ବୃଦ୍ଧି ହେବା ସ୍ୱାଭାବିକ।

# ମେଶିନ ସାହାଯ୍ୟରେ ଚୁଟିକଟା

ୱାଶିଂଟନ

ଭଲ ପୋଷାକ ପିନ୍ଧିବା ସହ ଭଲ ବେଶଭୂଷାରେ ରହିବାକୁ ସମସ୍ତେ ପସନ୍ଦ କରନ୍ତି। ସେଥିପାଇଁ ଅନେକେ ପାର୍ଲର ଯାଇ ସେଠାରେ ନିଜ ଚୁଟିକୁ ମଧ୍ୟ ବିଭିନ୍ନ ଷ୍ଟାଇଲରେ କାଟିଥାନ୍ତି। ହେଲେ ନିକଟରେ ଜଣେ ବ୍ୟକ୍ତି ନିଜ ପାଇଁ ଏକ ବିଶେଷ ପ୍ରକାରର ମେଶିନ ପ୍ରସ୍ତୁତ କରିଛନ୍ତି; ଯେଉଁଥିରେ ସେ ଘରେ ହିଁ ନିଜ ଚୁଟି କାଟୁଛନ୍ତି। ସେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଲୋକେ ରୋବଟର ଚୁଟି କାଟିବା ପ୍ରଣାଳୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ଆମେରିକାର ଇଞ୍ଜିନିୟର ସେନ୍ ୱିଙ୍ଗଟନ୍ ଏହି ରୋବଟକୁ ନିଜେ ପ୍ରସ୍ତୁତ କରିଛନ୍ତି। ସେନ୍ ଭିଡିଓର କ୍ୟାପ୍ସନରେ ଲେଖିଛନ୍ତି, ଏଭଳି ମେଶିନର ସମ୍ଭାବନା ଅଧିକ ରହିଛି, ହେଲେ ସବୁଠୁ ମଜାଦାର କଥା ହେଉଛି, ଏଥିରେ ଚୁଟି କାଟିବା; ଯାହା କୌଣସି ମଣିଷ ପାଇଁ ବହୁତ



କଷ୍ଟକର। ସେନ୍ ଏହାକୁ ପ୍ରଥମ ଜେନେରେଶନର ମେଶିନ ବୋଲି କଳନା କରନ୍ତି। ଏଥିସହ ସେ ଚୁଟି କାଟିବାର ଅନ୍ୟ ପ୍ରଣାଳୀ ଆପଣାଉଥିବା ଅନ୍ୟ ଏକ ମେଶିନ ପ୍ରସ୍ତୁତି ପାଇଁ ଆଶା ରଖିଛନ୍ତି। ତାଙ୍କର ଜଣେ ସହକର୍ମୀ ତାଙ୍କୁ ଏପରି ଏକ ମେଶିନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲେ; ଯାହା ଫଳରେ ସେ ଏହି ଉପକରଣ ତିଆରି କରିଥିଲେ।

# ଦାଗହୀନ ବିରଳ ଜିରାଫ

ନାସଭିଲେ

ଜିରାଫ କହିଲେ ଆମେ ଲମ୍ବା ବେକ ସହ ଦେହରେ ଛୋଟ ଛୋଟ ଦାଗ ଥିବା ଜନ୍ତୁକୁ ବୁଝିଥାଉ। ହେଲେ ନିକଟରେ ଏପରି ଏକ ଜିରାଫ ଜନ୍ମ ହୋଇଛି, ଯାହା ଦୁନିଆର ସବୁଠୁ ବିରଳ ଜିରାଫ। ତା' ଦେହରେ ଜିରାଫଙ୍କ ଭଳି କୌଣସି ଦାଗ ନାହିଁ। ଟେନେସିଇ ଲାଇମଷ୍ଟୋନର ବ୍ରାଇଟ୍ସ ପ୍ରାଣୀ ଉଦ୍ୟାନରେ ଗତ ଜୁଲାଇ ୩୧ରେ ଏପରି ଏକ ମାଈ ଜିରାଫ ଜନ୍ମ ହୋଇଛି। ତା'ର ରଙ୍ଗ ମାଟିଆ ହୋଇଥିବାବେଳେ ତା' ଦେହରେ କୌଣସି ଦାଗ ନାହିଁ; ଯାହା ଦୁନିଆର ଏକମାତ୍ର ଗୋଟିଏ ରଙ୍ଗ ବିଶିଷ୍ଟ ଜିରାଫ। ନବଜାତ ଜିରାଫଟି



ରେଟିକ୍ୟୁଲେଟଡ୍ ଜିରାଫ, ଏକ ବିଲୁପ୍ତ ପ୍ରଜାତି। ଯାହା ୨୦୧୮ରେ ପ୍ରକୃତି ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସଂଘ (ଆଇୟୁସିଏନ୍)ର ରେଡ୍ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲା। ଗତ ୩ ଦଶନ୍ଧି ମଧ୍ୟରେ ୪୦ ପ୍ରତିଶତ ବଣୁଆ ଜିରାଫଙ୍କ ସଂଖ୍ୟା ହ୍ରାସ ପାଇବା ସହ ବନ୍ୟ ଜିରାଫଙ୍କ ସଂଖ୍ୟା ବିଲୁପ୍ତ ହେବାକୁ ଯାଉଛି ବୋଲି ବ୍ରାଇଟ୍ସ ପ୍ରାଣୀ ଉଦ୍ୟାନର ପ୍ରତିଷ୍ଠାତା ଟୋନି ବ୍ରାଇଟ୍ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଏହି ବିରଳ ମାଈ ଜିରାଫର ନାମକରଣ ପାଇଁ ସୋସିଆଲ ମିଡିଆରେ ଅନୁରୋଧ କରାଯାଇଛି। ଯେଉଁମାନଙ୍କ ଦେହରେ ଗୋଟିଏ ରଙ୍ଗ(ମାଟିଆ)ର ଦାଗ ସମଗ୍ର ଶରୀରରେ ରହିଥିବ, ସେମାନଙ୍କ ପ୍ରଜାତିକୁ ରେଟିକ୍ୟୁଲେଟଡ୍ ଜିରାଫ କୁହାଯାଏ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ରବି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କେସିଆର୍‌ଙ୍କୁ ଉଚିତ ଜବାବ ଦେବେ ଭୋଟର: ଜାଭଡେକର

**ତେଲଙ୍ଗାନା ବିଧାନସଭା ନିର୍ବାଚନ**

**ହାଇଦ୍ରାବାଦ,୨୨।୮ :** ଭାଜପା ନେତା ପ୍ରକାଶ ଜାଭଡେକର ମଙ୍ଗଳବାର କହିଛନ୍ତି ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଆରଏସ୍ ସୁପ୍ରିମୋ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଘୋଷଣା କରିଥିବା ପ୍ରାର୍ଥୀଙ୍କ ତାଲିକା ପରାଜୟର ଆଗୁଆ ସୂଚନା। ବିଆରଏସ୍ ସରକାର ଏବଂ ବିଧାୟକଙ୍କ ଦ୍ୱାରା ରାଜ୍ୟରେ ହୋଇଥିବା ଲୁଣ୍ଠନ ନେଇ ଭୋଟରମାନେ ଉଚିତ ଶିକ୍ଷା ଦେବେ ବୋଲି ସେ କହିଛନ୍ତି।

# ଦଳ ଛାଡ଼ିବେନି ଆମ ବିଧାୟକ: କୁମାରସ୍ୱାମୀ


ଏଚ୍‌ଡି କୁମାରସ୍ୱାମୀ

**କଂଗ୍ରେସରେ ୧୨ ଜେଡିଏସ୍ ବିଧାୟକ ସାମିଲ ନେଇ ଚର୍ଚ୍ଚା**

**ବେଙ୍ଗାଲୁରୁ,୨୨।୮:** ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କର୍ଣାଟକ କଂଗ୍ରେସ ଜନତା ଦଳ ଧର୍ମନିରପେକ୍ଷ (ଜେଡିଏସ୍)ର ୧୨ ବିଧାୟକଙ୍କ ସହ ଯୋଗାଯୋଗରେ ଅଛି ଏବଂ ସେମାନଙ୍କୁ ଦଳକୁ ଆଣିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ରାଜ୍ୟରାଜନୀତି ସରଗରମ ହୋଇଛି। ଅପରପକ୍ଷେ ଏ ସମ୍ପର୍କରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍‌ଡି କୁମାରସ୍ୱାମୀ କହିଛନ୍ତି କୌଣସି ଜେଡିଏସ୍ ବିଧାୟକ କଂଗ୍ରେସରେ ଯୋଗଦେବେ ନାହିଁ। କଂଗ୍ରେସ ଭାଜପା ଓ ଜେଡିଏସ୍ କର୍ମୀଙ୍କୁ ଧମକ ଦେଉଛି ଏବଂ ସେମାନଙ୍କୁ ନିଜ ପଟକୁ ନେବାକୁ ଚେଷ୍ଟା କରୁଛି। ମୋତେ ଯାହା ଜଣାଅଛି କୌଣସି ବିଧାୟକ ଆମ ଦଳ ଛାଡିବେ ନାହିଁ। ନିଜର ବିଫଳତାକୁ ଲୁଚାଇବା ପାଇଁ କଂଗ୍ରେସ ଏଭଳି କାହାଣୀ ପ୍ରଚାର କରୁଛି। ସେମାନଙ୍କର ବିଫଳତା ଯୋଗୁ ପ୍ରାୟ ୨୦-୩୦ କଂଗ୍ରେସ ବିଧାୟକ କଂଗ୍ରେସ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ଲୁଚାଇ ସାଧାରଣ ଲୋକଙ୍କୁ ଭ୍ରମିତ କରିବା ଲାଗି ଏଭଳି କାର୍ଯ୍ୟ କରାଯାଉଛି। ଭାଜପା ବିଧାୟକ ଏସ୍.ଟି ସୋମଶେଖର କଂଗ୍ରେସରେ ଯୋଗ ଦେବା ନେଇ କଳ୍ପନାଜଳ୍ପନା ମଧ୍ୟରେ କୁମାରସ୍ୱାମୀ ଯଶୱନ୍ତପୁର ନିର୍ବାଚନମଣ୍ଡଳୀରେ ଦଳର କର୍ମୀଙ୍କ ସହ ଏକ ବୈଠକ କରି ସେମାନଙ୍କୁ ଉପନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି।

**CLASSIFIED DISPLAY**

**ALL EDITION - B/W (Everyday)**

for Booking Contact:
0674-2580385
8637280816,
7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଜନ୍ମଦିନ ଶୁଭେଚ୍ଛା**

**ପ୍ରିୟ ରବି ଭାଇ**

ଆଜି ଜନ୍ମ ଦିନରେ ଆପଣଙ୍କୁ ଆମର ଅନେକ ଶୁଭେଚ୍ଛା।
-:ଶୁଭେଚ୍ଛା ସହ:-
ରବି ଭାଇଙ୍କୁ ଭଲ ପାଉଥିବା ଓକିଲ ବନ୍ଧୁମାନେ ଓ ମହକିଲ ବାବୁମାନେ ।
ଧ-୭୪୫୬୮

**ଜନ୍ମଦିନ ଶୁଭେଚ୍ଛା**

ସାର୍, ଆପଣଙ୍କ ଦ୍ୱାରା ୧୯୯୩ ମସିହାରେ ଓଡ଼ିଆ Film & TV Industrialରେ ଆମ୍ଭେ ତାଲିମ ଗ୍ରହଣ କରି ଆମ୍ଭେମାନେ ଆଜି ଅଭିନୟ, ନିର୍ଦ୍ଦେଶନା, କ୍ୟାମେରାମ୍ୟାନ ଭାବରେ ପ୍ରତିଷ୍ଠିତ। ଆପଣଙ୍କ ଜନ୍ମ ଦିନରେ ଆମ୍ଭେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ। OFTIର ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ।
ଧ-୭୪୫୬୯

**SOCIAL SERVICE for JOB ASPIRANTS**
Through Pre-Recruitment Training
**GOVT., PUBLIC & PRIVATE SECTORS**
OUR ASSISTENCE, TILL APPOINTMENT,
**NO TRAINING FEE**
For Details, Contact
**MAJOR DEFENCE ACADEMY**
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
**9938238840, 9938650175**

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ ।
**9667440436**

**ଜନ୍ମଦିନ ଶୁଭେଚ୍ଛା**

ସାର୍, ଓଡ଼ିଶାର ରାଜେଶ ଖାନ୍ନା ଭାବରେ ଆପଣଙ୍କ ଅଭିନୟ ଓ ନିର୍ଦ୍ଦେଶନାରେ ଦକ୍ଷ। ଆପଣଙ୍କ ଦ୍ୱାରା ପ୍ରତିଷ୍ଠିତ Indian School Dramaରେ ଆମ୍ଭେ ଅଭିନୟ/ନିର୍ଦ୍ଦେଶନା ଶିକ୍ଷାକରି Self-Imployed ହୋଇପାରିଛୁ। ଆଜି ଆପଣଙ୍କ ଜନ୍ମ ଦିନରେ ଅନେକ ଅନେକ ଶୁଭେଚ୍ଛା Indian School of Dramaର Studentମାନେ
ଧ-୭୪୫୭୦

**୮ମ ଜନ୍ମଦିନର ଶୁଭେଚ୍ଛା**
**AKSHITA ANANYA (Tisu)**
ରଘୁନାଥପୁର, ନନ୍ଦନକାନନ
ସୂର୍ଯ୍ୟାଲୋକ ପରି ହେବୁତୁ ତେଜସ୍ୱୀ
ଆଶୀର୍ବାଦ ଆମ ତୋ ପାଶେ ଥାଉ.
ଜଗନ୍ନାଥଙ୍କ ପାଶେ ଆମର ମିନତୀ
ସର୍ବଦା କରୁଣା ବରଷୁ ଥାଉ ।
ଶୁଭେଚ୍ଛା ସହ
ଜେଜେ ବାପା. ଜେଜେ ମା. ଅଜା. ଆଈ. ମିକୁନି. ମାଉସୀ. ବାବା. ମାମା. ରିଶୁ. ବନ୍ଧୁ ଓ ପରିବାରବର୍ଗ
ଧ-୭୪୫୭୧

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି ସରକାର ଓଡ଼ିଶାକୁ ପଛକୁ ଠେଲି ଦେଇଛି: କଂଗ୍ରେସ

**ଭୁବନେଶ୍ୱର, ୨୨।୮(ସୁନିତ୍ ମିଶ୍ର)**


 କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ରାଜ୍ୟର ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଜନସଂଖ୍ୟା ଆନୁପାତିକ ଭାବେ ସର୍ବାଧିକ ରହିଛି। ଏହି ବର୍ଗର ଲୋକଙ୍କ ମଧ୍ୟରେ ନେତୃତ୍ୱର ବିକାଶ ନ ହେବା ପର୍ଯ୍ୟନ୍ତ ରାଜ୍ୟର ବିକାଶ ଅସମ୍ଭବ। ଦୀର୍ଘ ୨୩ ବର୍ଷର ବିଜେଡି ସରକାର ଓଡ଼ିଶାକୁ ସବୁକ୍ଷେତ୍ରରେ ପଛକୁ ଠେଲି ଦେଇଛି। ଓଡ଼ିଶା ଏବେ ସବୁଠୁ ଦରିଦ୍ର ରାଜ୍ୟ ଭାବେ ପରିଗଣିତ ହେଉଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଆଦିବାସୀ ଓ ଦଳିତଙ୍କ ଉପରେ ଅତ୍ୟାଚାର ବଢ଼ିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜନସାଧାରଣଙ୍କୁ ଲଲିପପ୍ ଧରାଇବାରେ ବ୍ୟସ୍ତ। କେନ୍ଦ୍ର ସରକାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ଏଯାଏଁ ପାଳନ ହୋଇପାରିଲା ନାହିଁ। କଂଗ୍ରେସ ଆଗାମୀ ଦିନରେ ଓଡ଼ିଶାର ବିକାଶର ସୂତ୍ରଧର ହେବ। ଆସନ୍ତା ସେପ୍ଟେମ୍ବର ୧୫ରୁ ନେତୃତ୍ୱ ବିକାଶ ମିଶନ ତୃଣମୂଳସ୍ତରରେ ତା'ର କାର୍ଯ୍ୟକ୍ରମ ଆରମ୍ଭ କରି ଓଡ଼ିଶାର ଘରେ ଘରେ ପହଞ୍ଚିବ ବୋଲି ସେ କହିଛନ୍ତି। ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଏସ୍‌ସି,ଏସ୍‌ଟି,ଓବିସି ଓ ସଂଖ୍ୟାଲଘୁ ବିଭାଗର ଜାତୀୟ ସଂଯୋଜକ କେ.ରାଜୁ କହିଛନ୍ତି, ଗତ ୨ ଦିନ ଧରି ରାଜ୍ୟର ଉକ୍ତ ବର୍ଗର ନେତୃବୃନ୍ଦଙ୍କୁ ନେଇ ବୈଠକ ବସିଥିଲା। କିଭଳି ଜିଲାରୁ ଆରମ୍ଭ କରି ବୁଥସ୍ତର ପର୍ଯ୍ୟନ୍ତ ସବୁଠି ନେତୃତ୍ୱ ବିକାଶ ମିଶନକୁ କାର୍ଯ୍ୟକାରୀ କରାଯିବ ସେନେଇ ଆଲୋଚନା ହୋଇଛି। ଓଡ଼ିଶାର ପ୍ରତ୍ୟେକ ଜିଲାରେ ଏହି ବର୍ଗର ନେତୃବର୍ଗଙ୍କୁ ଚିହ୍ନଟ ସହିତ ନେତୃତ୍ୱ ନେବାରେ ସେମାନଙ୍କ ଦକ୍ଷତାକୁ ବିକାଶ କରାଯିବ। ସେଥିପାଇଁ ବ୍ଲକ, ବିଧାନସଭା, ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଟ୍ରେନିଂ କାର୍ଯ୍ୟକ୍ରମ ହେବ।

**ସେପ୍ଟେମ୍ବର ୧୫ରୁ ନେତୃତ୍ୱ ବିକାଶ ମିଶନ ତୃଣମୂଳସ୍ତରରେ କାର୍ଯ୍ୟକ୍ରମ କରିବ**

# Classified Everyday
**0674-2580101, 2549949**

## ବିନା ଗ୍ରାମସଭାରେ କାର୍ଯ୍ୟକାରୀ 'ଆମ ଓଡ଼ିଶା ନବୀନ ଓଡ଼ିଶା'

**ରାଜ୍ୟପାଳଙ୍କୁ ଫେରାଦ ହେଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ**

**ଭୁବନେଶ୍ୱର, ୨୨।୮(ସୁନିତ୍ ମିଶ୍ର):** 'ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଆଣି ୭୩ ତମ ସମ୍ବିଧାନ ସଂଶୋଧନ ଆଇନକୁ ଉପେକ୍ଷା କରିଛନ୍ତି। ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ଆଦିବାସୀ ବା ଅନୁସୂଚିତ ଅଞ୍ଚଳରେ କୌଣସି ସାମାଜିକ କିମ୍ବା ଆର୍ଥିକ ପ୍ରକଳ୍ପ ଗ୍ରାମସଭାର ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ପଞ୍ଚାୟତ ସମ୍ବିଧାନର ସମ୍ପ୍ରସାରଣ ଆଇନ ୧୯୯୬ରେ ଏନେଇ ସ୍ପଷ୍ଟ ଉଲ୍ଲେଖ ଥିବା ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହା ସମ୍ବିଧାନ ପ୍ରତି ଅବମାନନା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଯୋଜନା ବିରୋଧରେ ବର୍ତ୍ତମାନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ୨୦ ଜଣ ପ୍ରତିନିଧି ରାଜ୍ୟପାଳଙ୍କ ସହ ଏହି ଯୋଜନା ଉପରେ ଆଲୋଚନା କରିଛନ୍ତି। ଏହି ଯୋଜନାକୁ ରୂପାୟନ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ଅନୁଷ୍ଠାନ ଓ ଗ୍ରାମସଭାକୁ ସାମିଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ସେମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟପାଳ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନର ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି।

**MATRIMONIAL**

**BRIDE WANTED**

Karan Boy 1989, 5'6", B.Tech Serving Executive Engineer State Govt. Sunasansar, 9937512659, 8249969649. D-75205

**REAL ESTATE**

**SALE**

Rajdhani Engineering College SC Plot 15,000sqft. @500/-, 7008711445, 6372801963. D-1114

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75024

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038

**FOR RENT**

To-Let for Office/ Bank/ Software Company 1600sqft., 1st Floor of Canara Bank, Main road Mancheswar Branch, Mancheswar Industrial Estate, Bhubaneswar Parking Area available. Contact: 9437089135/ (9437089136), 7978704884/ 7978010045. D-1110

**Healthcare**

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

**LOST**

I, Taranga Manjari Das, of Housing Board Colony, Bhubaneswar-751016, lost the registered Sale Deed (No. 11081221399/ 04.09.12) between Cuttack to Bhubaneswar. FIR 1161/19.08.23 was filed at Chandrasekharpur PS, Bhubaneswar. If found contact: 9437241931. D-1115

ମୁଁ ଶ୍ରୀ ପୁରୁଷୋତ୍ତମ ମହାଳିକ, ପିତା: ସ୍ୱର୍ଗତ ଗୋବିନ୍ଦ ମହାଳିକ, ଗ୍ରାମ: ବୁଦ୍ଧପୁର, ପୋ: ଆରସା, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକ। ମୁଁ ଭଦ୍ରକ ବାଇପାସ୍‌ରୁ ତିହିଡ଼ି ବସ୍ ଯୋଗେ ଯାଉଥିବା ବେଳେ, ମୋର ଖାତା ନଂ.-୧୩୬, ପ୍ଲଟ୍ ନଂ.- ୧୭୭, ଏକର ୪୪ଡି.ମି.ରେ ନଂ.-୧୦୪୬ ତାରିଖ ୨୫।୦୬।୨୦୦୫ରିଖ ଦଲିଲଟି ମୋର ଅସାବଧାନତା ହେତୁ ଭଦ୍ରକ ୟୁନାନି ଚିକିତ୍ସାଳୟ ପାଖାପାଖି କୌଣସି ସ୍ଥାନରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଦଲିଲଟି ପାଆନ୍ତି ତାହାହେଲେ ମୋ-୭୨୯୫୭୦୮୯୧୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୧୧୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Uma Seth, W/o- Ranjan Seth, R/o- W.No.10. PO/Dist.- Bargarh declare that I am the owner of Land bearing Khata No. 102/59, of Mouza Halanda Tahasil. Bhatli through Regd. sale deed bearing No. 1268 dt.02.07.2001, No. 1271 dt.02.07.2001, No.1269 dt. 02.07.2001, No.1270 dt. 02.07.2001.on dt.15.04.2023 while I was going to Bargarh Court I lost the above ROR and sale deed some where. That out of my sincere search I could not found the same any where. If any body found please contact. 8763377646. D-1120

**AFFIDAVIT**

By virtue of affidavit before the Executive Magistrate, Cuttack, I have corrected my name as Rina Parida from Reenu Parida. Henceforth, I will be known as Rina Parida for all purposes.
Rina Parida
D-1113

By virtue of an affidavit on 25.07.23 sworn before Executive Magistrate, Kanika, my actual name is Hrudananda Behura in all my certificates and all other documents. But my surname and my all family surnames wrongly mentioned Behera instead of Behura in my service record. Henceforth, We will be known as Behura instead of Behera in all purposes. D-1111

By virtue of an affidavit sworn before the Notary Public, Bheden, I, Anurag Shekhawat, W/o- Rakesh Kumar Shekhawat, R/o- Village- Banipali, P.O.- Sankrida, Dist.- Bargarh declare that in my Reliance Nippon Life Insurance Policy bearing No.- 18728531 my name has been mentioned as Anurag Rathor. But after marriage I have changed my surname from Rathor to Shekhawat for all purposes. Now I want to change my surname and Address in the said Policy Bond. D-1122

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

IN THE COURT OF CIVIL JUDGE (SENIOR DIVISION), NUAPADA CIVIL SUIT No. 144/2020

Ritesh Sahu and 2 others .......Plaintiffs
Vrs
Rewati Bai Dandsena and 10 others ..... Defendants

Letter No.536 Date.-16.08.23

Notice under order 5 rule 20(1-A) of C.P.C.

To

Om Bai Dandsena, aged about 26 years, D/o: Late Mohan Dandasena @ Khoru, W/o: Amresh Dandasena, R/o Vill./Po: Bhela, Ps Tahasil: Komna, Dist.-Nuapada, Odisha, .......Defendant No.6

WHEREAS the Plaintiff Ritesh Sahu and 2 others of village- Ward No. 20,Sambalpur, Town instituted Civil Suit against you and 10 others for declaretion of title vide Sale Deed No.1003 Dtd.07.09.1992, inoperative and not binding on the plaintiffs and Defendant No. 6. There is a reason to belive that you are keeping yourself out of the way and avoiding service of summons. So you are summoned by way of this advertisement to appear before this Court in person or by a pleader duly instructed and able to answer all material questions relating to the suit on the 11th day of September 2023.

Take notice that in default of your appearance on the day before mentioned, the suit will be heard and determined in your absence.

SCHEDULE OF LAND

Land situated in Mouza- Sarabong, R.I. Circle - Sarabong, Ps/ Tahasil/ Dist.-Nuapada (Odisha) recorded in the name of Chamra Kalar @ Dandasena as per the Sabika Settlement records vide Khata No. 2, Plot No. 1480. Kissam- Malmamuli, area Ac.0.09 Dec, out of total area Ac.1.05 Dec, corresponding to Hal Settlement record vide Khata No. 111, Plot No. 1893/2313, Kissam 0- Gharbari, area Ac.0.09 Dec. Boundary: North - Pratik Dewangan, South- Jubraj Soni, East- Pratik Dewangan, West- Chamra Kalar.

Given under my hand and seal of the Court this the 16th day of August 2023.

Sd./- CIVIL JUDGE, (SR. DVN.)NUAPADA.
D-1112



# ଆଖୁରେ ଅଗବିନ୍ଧା ପୋକ ଦମନ

**ଆ**ଖୁରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲପ୍ରୋଲ୍ ୧୮.୫ ଏସ୍‌ସି ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଓପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ । ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

# ପନିପରିବା ଚାଷ



**ଉ**ଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ଘାସ ବାଛି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଲାଗି ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର୍ ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତ କରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

# ଲାଭଜନକ ଧଳା ଘୁଷୁରି ପାଳନ



ଡା. ନିରାକାର ଜେନା

**ପୂ**ର୍ବରୁ ଆମ ରାଜ୍ୟରେ ଘୁଷୁରି ପାଳନ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ ଓ ଜାତିର ଲୋକମାନଙ୍କ ଦ୍ୱାରା ପାରମ୍ପରିକ ଭିତ୍ତିରେ କରାଯାଉଥିଲା, ଯାହାକି ସେମାନଙ୍କୁ ବିଶେଷ ଭାବରେ ଲାଭ ପ୍ରଦାନ କରୁ ନ ଥିଲା। ମାତ୍ର ବର୍ତ୍ତମାନ ଏହି ଦୃଶ୍ୟପଟର ପରିବର୍ତ୍ତନ ଘଟିଛି। ଓଡ଼ିଶାର ଉଚ୍ଚ ଜାତିର ଶିକ୍ଷିତ ଲୋକମାନେ ଧଳା ପ୍ରଜାତିର ଘୁଷୁରି ପାଳନକୁ ଅତ୍ୟାଧୁନିକ ଏବଂ ବୈଜ୍ଞାନିକ ଉପାୟରେ କରିବା ପାଇଁ ଆଗଭର ହେଉଥିବା ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ, ଚାଇନା, ରୁଷିଆ, ଆମେରିକା, ବ୍ରାଜିଲ ଏବଂ ପଶ୍ଚିମ ଜର୍ମାନୀ ହେଉଛନ୍ତି ବିଶ୍ୱର ସବୁଠାରୁ ଘୁଷୁରି ପାଳନ କରୁଥିବା ଦେଶ।

ଆମ ଦେଶର ଉତ୍ତର ପ୍ରଦେଶରେ ସବୁଠାରୁ ଅଧିକ ଘୁଷୁରି ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ଆମ ରାଜ୍ୟରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରଣୟନ ଫଳରେ ଧଳା ଘୁଷୁରିମାନଙ୍କର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।

**ଧଳା ଘୁଷୁରି କାହିଁକି ଲାଭଜନକ**

ଧଳା ଘୁଷୁରିମାନଙ୍କର ଖାଦ୍ୟ ରୂପାନ୍ତରୀକରଣ ଦକ୍ଷତା ଅନ୍ୟ ପ୍ରାଣୀମାନଙ୍କଠାରୁ ଅଧିକ। ତେଣୁ ସେମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ବଢ଼ିଥାଆନ୍ତି। ଏମାନେ ସମସ୍ତ ପ୍ରକାର ଖାଦ୍ୟ ଯଥା-ଦାନା, ନଷ୍ଟ ହୋଇଥିବା ଖାଦ୍ୟ, ଡାଳପତ୍ର ଆଦି ଖାଇ ବଢ଼ିପାରନ୍ତି। ଏପରି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କର ମାଂସ ଅଧିକ ଖାଦ୍ୟସାରଯୁକ୍ତ ହୋଇଥାଏ। ଏମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ପ୍ରଜନନକ୍ଷମ ବୟସପ୍ରାପ୍ତ ହୋଇଥାଆନ୍ତି। ମାଈ ଘୁଷୁରି ଛୁଆମାନେ ୬-୮ ମାସ ମଧ୍ୟରେ ଗର୍ଭଧାରଣ କ୍ଷମତାପ୍ରାପ୍ତ ହୋଇଥାଆନ୍ତି ଏବଂ ବର୍ଷକୁ ୨ ଥର ଛୁଆ ଜନ୍ମ କରିଥାଆନ୍ତି। ସେହିପରି ଅଣ୍ଡିରା ଛୁଆମାନେ ବର୍ଷେ ଭିତରେ ପ୍ରଜନନକ୍ଷମ ହୋଇଥାଆନ୍ତି। ୧୦ଟି ମାଈ ଘୁଷୁରି ପ୍ରଜନନ ପାଇଁ ଗୋଟିଏ ଅଣ୍ଡିରା ଘୁଷୁରିର ଆବଶ୍ୟକତା ପଡ଼ିଥାଏ।

ଧଳା ଘୁଷୁରିମାନେ ୮ ମାସରେ ୧୦୦ କି.ଗ୍ରା.ରୁ ଅଧିକ ଓଜନ ହୋଇଥାଆନ୍ତି ଏବଂ ଏମାନଙ୍କର ବିକ୍ରି ବୟସ ୮ ମାସ ହୋଇଥାଏ। ଏମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ବହୁ ଅଧିକ। କେବଳ ହାତଗଣତି କେତୋଟି ଟିକା ଯଥା-ଫାଟୁଆ, ସ୍ୱାଇନ୍ ଫ୍ଲୁ ଦେଇଦେଲେ ଏମାନଙ୍କୁ ସହଜରେ ରୋଗ ଧରି ନ ଥାଏ। ତେଣୁ ଏମାନଙ୍କର ମୃତ୍ୟୁହାର ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ବହୁ କମ୍। ଏମାନଙ୍କର ମାଂସ ସ୍ୱାଦିଷ୍ଟ ଏବଂ ଖାଦ୍ୟସାରଯୁକ୍ତ। ଏଥିରେ ଅଧିକ ପରିମାଣର ଚର୍ବି ଏବଂ ଶକ୍ତି ନିହିତ ଥାଏ। ଏମାନଙ୍କର ମାଂସର ଘରୋଇ ଚାହିଦା ବ୍ୟତୀତ କେବମ୍, ହାମ୍, ଲାର୍ଡ, ପର୍କ, ସସେଜ ଆଦି ତିଆରି କରି ବିଦେଶକୁ ରପ୍ତାନିକରି ଆର୍ଥିକ ରୋଜଗାର କରିବାର ଚାହିଦା ମଧ୍ୟ ରହିଛି।



ଏମାନଙ୍କର ଚର୍ବି କୁକୁଡ଼ା ଖାଦ୍ୟ, ରଙ୍ଗ ଏବଂ ସାବୁନ୍ ତିଆରିରେ ବ୍ୟବହାର କରାଯାଇଥାଏ। ଏମାନଙ୍କ ମଳକୁ ଉଭୟ ଫସଲ ଏବଂ ମାଛ ଚାଷରେ ବ୍ୟବହାର କରାଯାଇଥାଏ। ଧଳା ଘୁଷୁରି ପାଳନ କରିବା ପାଇଁ କମ୍ ପୁଞ୍ଜିର ଆବଶ୍ୟକତା ପଡ଼ିଥାଏ। ସବୁଠାରୁ ଖାସ୍ କଥା ହେଲା ଏଭଳି ଘୁଷୁରିଙ୍କର ସଂଖ୍ୟା ଖୁବ୍ ଶୀଘ୍ର ବଢ଼ିଯାଏ ଏବଂ ଫାର୍ମ ବଡ଼ ହୋଇଥାଏ।

**ସରକାରୀ ପ୍ରୋତ୍ସାହନ**

ସାଧାରଣ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ତଥା ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨ଟି ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି।

**ସେମି କମର୍ସିଆଲ ଧଳା ଘୁଷୁରି ପାଳନ**

ଏଥିରେ (୧୦+୧) ୧୦ଟି ମାଈ ଘୁଷୁରି ଏବଂ ଗୋଟିଏ ଅଣ୍ଡିରା ଘୁଷୁରି ପାଳନ ପାଇଁ ବନ୍ଦୋବସ୍ତ କରାଯାଇଛି। ଏହି ଯୋଜନାରେ ସମୁଦାୟ ପ୍ରକାର ୪୦ ପ୍ରତିଶତ ରିହାତିର ବନ୍ଦୋବସ୍ତ କରାଯାଇଛି। ଏହା ସମଗ୍ର ରାଜ୍ୟରେ ଉପଲବ୍ଧ।

> "ଧଳା ଘୁଷୁରିମାନଙ୍କର ଖାଦ୍ୟ ରୂପାନ୍ତରୀକରଣ ଦକ୍ଷତା ଅନ୍ୟ ପ୍ରାଣୀମାନଙ୍କଠାରୁ ଅଧିକ। ତେଣୁ ସେମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ବଢ଼ିଥାଆନ୍ତି। ଏମାନେ ସମସ୍ତ ପ୍ରକାର ଖାଦ୍ୟ ଯଥା-ଦାନା, ନଷ୍ଟ ହୋଇଥିବା ଖାଦ୍ୟ, ଡାଳପତ୍ର ଆଦି ଖାଇ ବଢ଼ିପାରନ୍ତି। ଏପରି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କର ମାଂସ ଅଧିକ ଖାଦ୍ୟସାରଯୁକ୍ତ ହୋଇଥାଏ। ଏମାନେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶୀଘ୍ର ପ୍ରଜନନକ୍ଷମ ବୟସପ୍ରାପ୍ତ ହୋଇଥାଆନ୍ତି।"

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଧଳା ଘୁଷୁରି ପାଳନ**

ଏହି ଯୋଜନାରେ ସର୍ବନିମ୍ନ (୫୦+୫) ୫୦ଟି ମାଈ ଘୁଷୁରି ଏବଂ ୫ଟି ଅଣ୍ଡିରା ଘୁଷୁରି ପାଳନର ବ୍ୟବସ୍ଥା ଅଛି। ଏଥିରେ ମହିଳା, ତଫସିଲଭୁକ୍ତ ଜାତି, ଜନଜାତିମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ରିହାତି ରହିଛି। ଅନ୍ୟପକ୍ଷରେ ସାଧାରଣବର୍ଗର ଚାଷୀମାନଙ୍କ ପାଇଁ ଶତକଡ଼ା ୪୦ ଭାଗର ରିହାତି ବ୍ୟବସ୍ଥା କରାଯାଇଛି।

ଏ ସମସ୍ତ ସରକାରୀ ଯୋଜନାର ଲାଭ ପାଇବାକୁ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଯୋଗାଯୋଗ କରାଯାଇପାରିବ। ତେଣୁ ଏ ସମସ୍ତ ଦିଗ ପ୍ରତି ବିଚାରକଲେ ଧଳା ଘୁଷୁରି ପାଳନ ବ୍ୟବସାୟ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶାର ଭୂମିହୀନ ତଥା ନାମମାତ୍ର ଚାଷୀଙ୍କ ବ୍ୟତୀତ ଉଚ୍ଚ ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ରୋଜଗାରକ୍ଷମ ହେବାର ଏକ ବଳିଷ୍ଠ ସୁଯୋଗ ସୃଷ୍ଟି କରିପାରିଛି।

-ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୯୮୯୦୦୨୬

# ଚାଷୀଙ୍କ ପାଇଁ...

➤ସଙ୍କର କିସମ ମକା ଫସଲ ୬-୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ।

➤ମାଣ୍ଡିଆ ରୁଆହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣାଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

➤ନଳିତା ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ + ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ାକରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

➤ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ ।

➤ବର୍ଷାଦିନେ କୁକୁଡ଼ାଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ। କୁକୁଡ଼ା ଘର ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।

# କପାରେ କୋଡ଼ାଖୁସା



**କୋ**ଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପା ଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

# ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର



**ବ**ର୍ଷାଦିନରେ ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗ ସମ୍ଭାବନା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପଶୁଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ଚିନାବାଦାମରେ ଜଳ ପରିଚାଳନା

**ଚି**ନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଏହି ଜମିରେ ପାଣି ଜମିରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପି (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁପି (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ୮% ଡବ୍ଲ୍ୟୁପି + ମାଙ୍କୋଜେବ୍‌କୁ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ , ଯେପରିକି ମାଟି ଭଲ ଭାବରେ ଭିଜିପାରିବ ।

# ବନ୍ୟା ପରେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)



**ଗୁହାଳ:** ଗୁହାଳର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଗୁହାଳ ଓ ମୂତ୍ରସ୍ଥାନ ଆଦି ବିଶୋଧନ କରିବା ପାଇଁ ଫିନାଇଲ, ଲାଇଜଲ, ବ୍ଲିଚିଂ ପାଉଡର, ପୋଟାସୟମ ପରମାଙ୍ଗାନେଟ, ଚୂନ ଓ ଫର୍ମାଲ ଡିହାଇଡ୍ ଇତ୍ୟାଦି ବ୍ୟବହାର କରାଯାଇଥାଏ ।

➤ଗୁହାଳର ଚଟାଣ ଯେପରି ଓଦା ଓ ସନ୍ତସନ୍ତିଆ ନ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ତେଣୁ ପ୍ରତ୍ୟେକ ଗୁହାଳର ଚଟାଣ ସିମେଣ୍ଟର ଢଳେଇରେ ସ୍ଲୋପ୍ ରହି ରଫ୍ ହେବା ଦରକାର ।

➤ସନ୍ଧ୍ୟା ସମୟରେ ଗୋରୁଙ୍କୁ ମଶା, ଡାଆଁଶଙ୍କ ଦାଉରୁ ରକ୍ଷାପାଇବା ପାଇଁ ମଶା ନିରୋଧକ ଧୂଆଁ କିମ୍ବା ଅଲଆଉଟ୍ ବ୍ୟବହାର କରନ୍ତୁ । ଗୁହାଳ ଭିତର ଓ ବାହାର କାନ୍ଥରେ ଡିଡିଟି ସ୍ପ୍ରେର ମଧ୍ୟ ବ୍ୟବସ୍ଥା କରନ୍ତୁ । ଗୁହାଳର ଖୋଲା ସ୍ଥାନରେ ମଶାରି କପଡ଼ା ବ୍ୟବହାର କରନ୍ତୁ।

➤ଖତଗଦା ଗୁହାଳଠାରୁ ଦୂରରେ ରଖନ୍ତୁ।

➤ଗୁହାଳ ଭିତରେ ମୁକ୍ତ ବାୟୁ ଓ ଆଲୋକ ଚଳାଚଳର ବ୍ୟବସ୍ଥା କରାନ୍ତୁ।

➤ଗୁହାଳର ଚତୁଃପାର୍ଶ୍ୱରେ ଯେପରି କେଉଁଠାରେ ଖାଲ ରହି ପାଣି ଜମି ନ ରୁହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଅନାବନା ଗଛ କାଟି ଗୁହାଳର ପରିବେଶ ସଫା ରଖନ୍ତୁ।

**ଚାରଣଭୂମି**

➤ଓଦା ସନ୍ତସନ୍ତିଆ ଅଞ୍ଚଳ, ପୋଖରୀ ପାଖକୁ ଗୋରୁ ଚରିବାକୁ ଛାଡ଼ନ୍ତୁ ନାହିଁ।

➤ଗୁଗୁଚିଆ ବହୁଳ ଚାରଣଭୂମିକୁ ଗୋରୁଙ୍କୁ ଚରିବାକୁ ନିବୃତ୍ତ ରଖନ୍ତୁ। ନଚେତ୍ ଆଖିଧରା ରୋଗ ଗୋରୁଙ୍କୁ ସହଜରେ ହୁଏ ।

➤ରୋଗାକ୍ରାନ୍ତ ଅଞ୍ଚଳ ବା ମହାମାରୀ ଅଞ୍ଚଳକୁ ଗୋର ଚରିବାକୁ ଛାଡ଼ନ୍ତୁ ନାହିଁ

**ଅନ୍ୟାନ୍ୟ ପ୍ରତିଷେଧକ ବ୍ୟବସ୍ଥା**

➤ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଗୋରୁଙ୍କୁ ଯଥା ସମ୍ଭବ ସାହାଣା, ଆନ୍ଥ୍ରାକ୍ସ, ବଜବଜିଆ ଓ ଫାଟୁଆ ଟିକା ଯୁଦ୍ଧକାଳୀନ ଭିତ୍ତିରେ ଦିଆଯିବା ଉଚିତ ।

➤ମୃତ ପ୍ରାଣୀଙ୍କୁ ଏଣେତେଣେ ନ ଫିଙ୍ଗି ବା ବ୍ୟବଚ୍ଛେଦ ନ କରି ପୋଡ଼ିଦେବା ବା ଗଭୀର ଗର୍ତ୍ତକରି ପୋତିଦେବା ଦରକାର ।

➤ଅସୁସ୍ଥ ପ୍ରାଣୀକୁ ସୁସ୍ଥ ପ୍ରାଣୀଠାରୁ ଦୂରେଇ ରଖନ୍ତୁ ଏବଂ ଏହାର ଆଶୁ ଚିକିତ୍ସା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକଙ୍କ ସାହାଯ୍ୟ ନିଅନ୍ତୁ ।

➤ ଦୁର୍ବଳ ଅବସ୍ଥାରେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇବାକୁ ଦିଅନ୍ତୁ ନାହିଁ ।

➤ ବନ୍ୟାଞ୍ଚଳ ଗୋରୁଙ୍କର ଖାଦ୍ୟାଭାବ ଯୋଗୁ ପେଟ ପ୍ରାୟ ଖାଲିଥାଏ । ତେଣୁ ଏହି ସମୟରେ କୃମିଜନିତ ଚିକିତ୍ସା ଅଧିକ ଫଳପ୍ରଦ ।

➤ଗୋରୁଙ୍କୁ ସାପ କାମୁଡ଼ାରୁ ନିବୃତ୍ତ ରଖିବା ପାଇଁ ଗୁହାଳ ଭିତର ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସମସ୍ତ ଗର୍ତ୍ତ ନିବୁଜ ରଖନ୍ତୁ ଏବଂ ରାତିରେ ଗୁହାଳର ସମସ୍ତ ଦ୍ୱାର ଭଲଭାବେ ବନ୍ଦ ରଖନ୍ତୁ। ଗୁହାଳର ଉଇହୁଙ୍କା ଭାଙ୍ଗି ସଫା ରଖନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ କାର୍‌ବୋଲିକ୍ ଏସିଡ୍ ଟାଙ୍ଗିଲେ ସାପମାନେ ପାଖରେ ପଶନ୍ତି ନାହିଁ।

-ଡା. ବୀରକିଶୋର ପରିଡ଼ା
ମୋ : ୯୪୩୭୬୦୭୩୧୨

# ଚେସ୍ ଚ୍ୟାଲେଞ୍ଜର, ରେକର୍ଡ ବ୍ରେକର

**ଚେସ୍ ବିଶ୍ୱକପ୍ ୨୦୨୩ ଫାଇନାଲରେ ବିଶ୍ୱର ନମ୍ବରୱାନ ଖେଳାଳି ନରୱେର ମାଗ୍ନସ କାର୍ଲସେନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ପ୍ରଥମ ଗେମ୍‌କୁ ଡ୍ର ରଖିଛନ୍ତି ଭାରତର ଆର୍. ପ୍ରଜ୍ଞାନନ୍ଦ। ଦ୍ୱିତୀୟ ଗେମ୍ ବୁଧବାର ଅନୁଷ୍ଠିତ ହେବ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱକପ୍‌ର ଫାଇନାଲ ଖେଳୁଥିବା ପ୍ରଜ୍ଞାନନ୍ଦ ଇତିମଧ୍ୟରେ ଅନେକ ରେକର୍ଡର ଅଧିକାରୀ ହୋଇସାରିଲେଣି। ତାଙ୍କ କ୍ୟାରିୟର ଓ ସଫଳତାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଚେସ୍ ତାରକା ଆର୍. ପ୍ରଜ୍ଞାନନ୍ଦ ହେଉଛନ୍ତି ପ୍ରଚଣ୍ଡ ପ୍ରତିଭାବାନ। ୨୦୦୫ ଅଗଷ୍ଟ ୧୦ରେ ସେ ଚେନ୍ନାଇରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କରେ ବ୍ରାଞ୍ଚ୍ ମ୍ୟାନେଜର ଭାବେ କାର୍ଯ୍ୟରତ। ମା' ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ପ୍ରଜ୍ଞାନନ୍ଦଙ୍କୁ ଜଣେ ସଫଳ ଚେସ୍ ଖେଳାଳି ଭାବେ ଗଢ଼ି ତୋଳିବାରେ ମା' ନାଗଲକ୍ଷ୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ମାଷ୍ଟର ଆର. ବୈଶାଳୀ ତାଙ୍କ ଭଉଣୀ। ମାତ୍ର ୧୦ ବର୍ଷ ବୟସରେ ପ୍ରଜ୍ଞାନନ୍ଦ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଥିଲେ। ସେତେବେଳେ ଏହି ଟାଇଟଲ ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ଥିଲେ। ୧୨ ବର୍ଷ ବୟସରେ ସେ ଗ୍ରାଣ୍ଡମାଷ୍ଟର ହୋଇ ଯାଇଥିଲେ। ସେତେବେଳେ ଏହି ଟାଇଟଲ ହାସଲରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଥିଲେ। ୨୦୨୨ ଫେବୃୟାରୀ ୨୨ରେ ମାତ୍ର ୧୬ ବର୍ଷ ବୟସରେ ସେ ସର୍ବକନିଷ୍ଠ ଖେଳାଳିଭାବେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ଏୟାରଥିଙ୍ଗ୍ସ ମାଷ୍ଟର୍ସ ର୍‍ୟାପିଡ୍ ଚେସ୍ ଟୁର୍ନାମେଣ୍ଟରେ ସେ କାର୍ଲସେନଙ୍କୁ ହରାଇ ଏହି ସଫଳତା ପାଇଥିଲେ। ୨୦୨୨ ଅକ୍ଟୋବର ୧୬ରେ ଅନ୍ୟତମ ଭାରତୀୟ ଚେସ୍ ପ୍ରତିଭା ଡି. ଗୁକେଶ ଏହି ରେକର୍ଡ ଭାଙ୍ଗିଥିଲେ।

## କ୍ୟାରିୟର

ପ୍ରଜ୍ଞାନନ୍ଦ ୨୦୧୩ରେ ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ସେ ଫିଡେ ମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ। ୨୦୧୫ରେ ସେ ୧୦ ବର୍ଷରୁ କମ୍ ବର୍ଗରେ ୱାର୍ଲ୍ଡ ୟୁଥ୍ ଚେସ୍ ବିଜେତା ହୋଇଥିଲେ। ୨୦୧୬ରେ ସେ ଚେସ୍ ଇତିହାସରେ ସର୍ବକନିଷ୍ଠ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଥିଲେ। ତାଙ୍କୁ ସେତେବେଳେ ୧୦ ବର୍ଷ, ୧୦ ମାସ ୧୯ ଦିନ ହୋଇଥିଲା। ୨୦୧୭ ନଭେମ୍ବରରେ ସେ ୱାର୍ଲ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ଗ୍ରାଣ୍ଡମାଷ୍ଟର (ଜିଏମ୍) ନର୍ମ ହାସଲ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ୮ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ୨୦୧୮ ଏପ୍ରିଲ ୧୭ରେ ଗ୍ରୀସ୍‌ରେ ଅନୁଷ୍ଠିତ ହେରାକ୍ଲିନ୍ ଫିସର ମେମୋରିଆଲ ଜିଏମ୍ ନର୍ମ ଟୁର୍ନାମେଣ୍ଟରେ ସେ ଦ୍ୱିତୀୟ ନର୍ମ ପାଇଥିଲେ। ୨୦୧୮ ଜୁନ୍ ୨୩ରେ ଇଟାଲୀର ଉର୍ଟିଜେଠାରେ ଆୟୋଜିତ ଗ୍ରେଡିନେ ଓପନ ଟୁର୍ନାମେଣ୍ଟରେ ସେ ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। ୧୨ ବର୍ଷ, ୧୦ ମାସ ୧୩ ଦିନର ହୋଇଥିବାବେଳେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲଧାରୀ ବନିଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲରେ ସେ ସେତେବେଳେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ହୋଇଥିଲେ (ରୁଷିଆର ସର୍ଗି କାର୍ଜାକିନ୍ ୧୨ ବର୍ଷ ୭ ମାସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ସେତେବେଳେ ସର୍ବକନିଷ୍ଠ ଖେଳାଳିର ମାନ୍ୟତା ବହନ କରୁଥିଲେ)। ଏବେ ଅଭିମନ୍ୟୁ ମିଶ୍ର, ସର୍ଗି କାର୍ଜାକିନ୍, ଡି. ଗୁକେଶ ଓ ଜାକୋଖିର ସିଣ୍ଡାରୋଭଙ୍କ ପରେ ପ୍ରଜ୍ଞାନନ୍ଦ ୫ମ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଟାଇଟଲଧାରୀ ଅଛନ୍ତି।

୨୦୧୮ରେ ପ୍ରଜ୍ଞାନନ୍ଦଙ୍କୁ ସ୍ପେନ୍‌ରେ ମାଗିଷ୍ଟ୍ରାଲ ଡି ଲିଅନ ମାଷ୍ଟର୍ସ ଖେଳିବାକୁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ସେ ଫିଲିପିନୋ-ଆମେରିକାନ ଗ୍ରାଣ୍ଡମାଷ୍ଟର ୱେସଲି ସୋ'ଙ୍କ ବିପକ୍ଷରେ ୪ ଗେମ୍ ବିଶିଷ୍ଟ ର୍‍ୟାପିଡ୍ ମ୍ୟାଚ ଖେଳିଥିଲେ। ପ୍ରଥମ ଗେମ୍‌ରେ ସୋ'ଙ୍କୁ ପ୍ରଜ୍ଞାନନ୍ଦ ହରାଇ ଦେଇଥିଲେ। ୩ ଗେମ୍ ଶେଷରେ ସ୍କୋର ୧.୫-୧.୫ ରହିଥିଲା। ଶେଷ ଗେମ୍‌କୁ ଜିତି ସୋ' ମ୍ୟାଚ ଜିତିଥିଲେ। ୨୦୧୮ ଜାନୁୟାରୀରେ ପ୍ରଜ୍ଞାନନ୍ଦ ନର୍ଥ କାରୋଲିନାରେ ଅନୁଷ୍ଠିତ ଚାର୍ଲୋଟେ ଚେସ୍ ସେଣ୍ଟର୍ସ ୱିଣ୍ଟର ୨୦୧୮ ଜିଏମ୍ ନର୍ମ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଗ୍ରାଣ୍ଡମାଷ୍ଟର ଆଲଡର ଇସ୍କୋବାର ଫୋରେରୋ ଓ ଅନ୍ତର୍ଜାତୀୟ ମାଷ୍ଟର ଡେନିସ ଶିମେଲୋଭଙ୍କ ସହ ମିଳିତଭାବେ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ ଜୁଲାଇରେ ଡେନ୍‌ମାର୍କରେ ଅନୁଷ୍ଠିତ ଏକ୍ସଟ୍ରାକନ ଚେସ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ୨୦୧୯ ଅକ୍ଟୋବର ୧୨ରେ ସେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବର୍ଗ ଟାଇଟଲ ଜିତିଥିଲେ। ୨୦୧୯ ଡିସେମ୍ବରରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ୨୬୦୦ ରେଟିଂ ସ୍ପର୍ଶ କରିଥିଲେ। ମାତ୍ର ୧୪ ବର୍ଷ, ୩ ମାସ ୨୪ ଦିନର ହୋଇଥିବାବେଳେ ସେ ଏହି ମ୍ୟାଜିକ ସଂଖ୍ୟାକୁ ଛୁଇଁଥିଲେ।

୨୦୨୧ ଚେସ୍ ବିଶ୍ୱକପ୍‌ରେ ସେ ୯୦ତମ ସିଡ୍ ଖେଳାଳିଭାବେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଗ୍ରାଣ୍ଡମାଷ୍ଟର ଗାବ୍ରିଏଲ ସର୍ଗିସିଆନଙ୍କୁ ୨-୦ରେ ହରାଇଥିଲେ। ଏହାପରେ ୩ୟ ରାଉଣ୍ଡରେ ଜିଏମ୍ ମାଇକେଲ କ୍ରାସେଙ୍କୋଙ୍କୁ ର୍‍ୟାପିଡ୍ ଟାଇବ୍ରେକ୍‌ରେ ହରାଇ ରାଉଣ୍ଡ-୪କୁ ଉନ୍ନୀତ ହୋଇଥିଲେ। ତେବେ ୪ର୍ଥ ରାଉଣ୍ଡରେ ମାକ୍ସିମେ ଭାଚିଏର-ଲାଗ୍ରାଭେଙ୍କଠାରୁ ହାରି ଏଲିମିନେଟ ହୋଇ ଯାଇଥିଲେ। ୨୦୨୨ରେ ସେ ଟାଟା ଷ୍ଟିଲ୍ ଚେସ୍ ଟୁର୍ନାମେଣ୍ଟର ମାଷ୍ଟର୍ସ ସେକ୍ସନରେ ଖେଳିଥିଲେ। ସେଥିରେ ସେ ଆନ୍ଦ୍ରେ ଇସିପେଙ୍କୋ, ଭିଦିତ ଗୁଜୁରାଟି ଓ ନିଲ୍ସ ଗ୍ରାଣ୍ଡେଲିଅସଙ୍କ ପରି ନାମୀ ଖେଳାଳିଙ୍କୁ ପରାସ୍ତ କରିଥିଲେ। ୨୦୨୨ ଫେବୃୟାରୀ ୨୦ରେ ସେ ତୃତୀୟ ଭାରତୀୟ ଖେଳାଳିଭାବେ ବିଶ୍ୱ ଚାମ୍ପିୟନ୍ ମାଗ୍ନସ କାର୍ଲସେନଙ୍କୁ ଚେସ୍‌ର କୌଣସି ଏକ ଟାଇମ୍ ଫର୍ମାଟରେ ପରାସ୍ତ କରିଥିଲେ। ୨୦୨୨ ଚାମ୍ପିୟନ୍ସ ଚେସ୍ ଟୁର୍‌ର ଅନ୍‌ଲାଇନ୍ ଏୟାରଥିଙ୍ଗ୍ସ ମାଷ୍ଟର୍ସ ର୍‍ୟାପିଡ୍ ଟୁର୍ନାମେଣ୍ଟରେ ସେ ମାଗ୍ନସଙ୍କୁ ମାତ୍ ଦେଇଥିଲେ। ତାଙ୍କ ପୂର୍ବରୁ ଭାରତର ବିଶ୍ୱନାଥନ ଆନନ୍ଦ ଓ ପି. ହରିକ୍ରିଷ୍ଣା ଏହି ସଫଳତା ପାଇଥିଲେ। ୨୦୨୨ ମେ'ରେ ଚେସାବ୍ଲ ମାଷ୍ଟର୍ସ ଅନ୍‌ଲାଇନ୍ ର୍‍ୟାପିଡ୍ ଚେସ୍‌ରେ ସେ ପୁଣିଥରେ କାର୍ଲସେନଙ୍କୁ ହରାଇବାର ସୌଭାଗ୍ୟ ପାଇଥିଲେ। ୩ ମାସରେ ସେ ଦ୍ୱିତୀୟ ଥର ପାଇଁ କାର୍ଲସେନଙ୍କୁ ହରାଇଥିଲେ। ୨୦୨୨ ଏଫ୍‌ଟିଏକ୍ସ କ୍ରିପ୍‌ଟୋ କପ୍‌ରେ ପ୍ରଜ୍ଞାନନ୍ଦ ୩ ଥର କାର୍ଲସେନଙ୍କୁ ପରାସ୍ତ କରିଥିଲେ।

୨୦୨୩ ଜାନୁୟାରୀରେ ପ୍ରଜ୍ଞାନନ୍ଦ ଟାଟା ଷ୍ଟିଲ୍ ଚେସ୍ ମାଷ୍ଟର୍ସ ଖେଳି ୨୮୦୦ ରେଟେଡ ଗ୍ରାଣ୍ଡମାଷ୍ଟର ଚାଇନାର ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଥିଲେ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ୨୦୨୩ ଚେସ୍ ବିଶ୍ୱକପ୍ ଫାଇନାଲରେ କାର୍ଲସେନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ଭାରତର ସର୍ବକନିଷ୍ଠ ଖେଳାଳିଭାବେ ଚେସ୍ ବିଶ୍ୱକପ୍‌ର ଫାଇନାଲରେ ଖେଳୁଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କାର୍ଲସେନ ୨୦୦୪ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ଏହାର ୧୬ ମାସପରେ ପ୍ରଜ୍ଞାନନ୍ଦ ଜନ୍ମ ହୋଇଥିଲେ।

**-ପ୍ରସ୍ତୁତି: ତପନ ସ୍ୱାଇଁ**

### ସଂକ୍ଷେପରେ...

**ନାମ:** ରମେଶବାବୁ ପ୍ରଜ୍ଞାନନ୍ଦ
**ଜନ୍ମ:** ୧୦ ଅଗଷ୍ଟ, ୨୦୦୫ (ଚେନ୍ନାଇ, ତାମିଲନାଡୁ)
**ମା:** ନାଗଲକ୍ଷ୍ମୀ, **ବାପା:** ରମେଶବାବୁ
**ଭଉଣୀ:** ଆର. ବୈଶାଳୀ (ଅନ୍ତର୍ଜାତୀୟ ମାଷ୍ଟର)
**ଟାଇଟଲ:** ଗ୍ରାଣ୍ଡମାଷ୍ଟର (୨୦୧୮)
**ଫିଡେ ରେଟିଂ:** ୨୭୦୭ (ଅଗଷ୍ଟ ୨୦୨୩)
**ର୍‍ୟାଙ୍କିଙ୍ଗ:** ୨୯ (ଅଗଷ୍ଟ ୨୦୨୩)



ଆର୍. ପ୍ରଜ୍ଞାନନ୍ଦ

# ପ୍ରଜ୍ଞାନନ୍ଦ-କାର୍ଲସେନ୍ ପ୍ରଥମ ଗେମ୍ ଡ୍ର




ମଙ୍ଗଳବାର ଚେସ୍ ବିଶ୍ୱକପର ପ୍ରଥମ ଗେମ୍ ଅବସରରେ ମାଗ୍ନସ କାର୍ଲସେନ ଓ ଆର. ପ୍ରଜ୍ଞାନନ୍ଦ।

**ବିଶ୍ୱକପ୍ ଚେସ୍ ଫାଇନାଲ**

ବାକୁ (ଆଜରବୈଜାନ), ୨୨।୮ (ପି.ଟି.)

ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କ ବିପକ୍ଷ ଫିଡେ ବିଶ୍ୱକପ୍ ଚେସ୍ ଟୁର୍ନାମେଣ୍ଟ ଫାଇନାଲର ପ୍ରଥମ କ୍ଲାସିକାଲ ଗେମ୍‌କୁ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଭାରତୀୟ ଗ୍ରାଣ୍ଡମାଷ୍ଟର ଧଳା ଦାନରେ ଏହି ଗେମ୍ ଖେଳିଥିଲେ। ସେ ତାଙ୍କଠାରୁ ଉଚ୍ଚ ରେଟିଂପ୍ରାପ୍ତ କାର୍ଲସେନଙ୍କ ବିପକ୍ଷ ଗେମ୍‌କୁ ୩୫ଟି ମୁଭରେ ଡ୍ର ରଖିଥିଲେ। ଫଳତଃ ନରୱେ ଚେସ୍ ଖେଳାଳି ବୁଧବାର ଖେଳାଯିବାକୁଥିବା ଦୁଇ ମ୍ୟାଚ ବିଶିଷ୍ଟ କ୍ଲାସିକାଲ ସିରିଜର ଦ୍ୱିତୀୟ ଗେମ୍ ଧଳାଦାନରେ ଖେଳିବେ। ସୋମବାର ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କ ବିପକ୍ଷରେ ୩.୫-୨.୫ରେ ଚମକପ୍ରଦ ବିଜୟ ହାସଲ କରି ପ୍ରଜ୍ଞାନନ୍ଦ ଫାଇନାଲରେ ପ୍ରବେଶ କରିଥିଲେ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ବିଶ୍ୱକପ୍ ଫାଇନାଲ ଖେଳିବାରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ହେଉଛନ୍ତି ଦ୍ୱିତୀୟ ଭାରତୀୟ। ଏହି ସ୍ୱଳ୍ପ ବୟସ୍କ ଚେସ୍ ପ୍ରତିଭା ଇତିମଧ୍ୟରେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

# ସଫଳତା ପଛରେ ମା' ନାଗଲକ୍ଷ୍ମୀ

ଚେନ୍ନାଇ,୨୨।୮(ପି.ଟି.)

ଚେସ୍‌ର ୬୪ ଘର ମଧ୍ୟରେ ନିଜ ଜୀବନ ଅତିବାହିତ କରନ୍ତି ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଏହି ଭାରତୀୟ ଖେଳାଳି ଚେସ୍ ବିଶ୍ୱକପ୍‌ରେ ଅବିଶ୍ୱସନୀୟ ପ୍ରଦର୍ଶନ କରିଛନ୍ତି। ତେବେ ଏହି ଭାରତୀୟ ଖେଳାଳିଙ୍କ ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ପ୍ରଦାନ କରିଛନ୍ତି କିମ୍ବଦନ୍ତୀ ଗ୍ୟାରୀ କାସ୍ପାରୋଭ। ଭାରତୀୟ ସଂସ୍କୃତିରେ ଖେଳାଳିଙ୍କ କ୍ୟାରିୟର ଉପରେ ମାତାପିତାଙ୍କ ପ୍ରଭାବ ସବୁଠୁ ଅଧିକ ରହିଥାଏ। ସେ ନିଜ ସମୟର ଖେଳାଳିଙ୍କ ମଧ୍ୟରେ ବିଶ୍ୱନାଥନ ଆନନ୍ଦଙ୍କ ଉଦାହରଣ ମଧ୍ୟ ଦେଇଥିଲେ। ୩ ଦଶନ୍ଧି ପୂର୍ବରୁ ଯୁବ ବିଶ୍ୱନାଥନ ଆନନ୍ଦଙ୍କ ପ୍ରତିଛବି ବର୍ତ୍ତମାନ ପ୍ରଜ୍ଞାନନ୍ଦଙ୍କଠାରେ ଦେଖିବାକୁ ମିଳୁଛି। ଆନନ୍ଦଙ୍କ ମା' ସୁଶୀଳା ପ୍ରତି ମୁହୂର୍ତ୍ତରେ ତାଙ୍କ ସହିତ ରହୁଥିବା ବେଳେ ପ୍ରଜ୍ଞାନନ୍ଦଙ୍କ ମା' ଆର. ନାଗଲକ୍ଷ୍ମୀ ତାଙ୍କ ସହିତ ରହିଥାନ୍ତି। ଅନ୍ୟପକ୍ଷରେ ପ୍ରଜ୍ଞାନନ୍ଦଙ୍କ ପିତା ରମେଶ ବାବୁ ମଧ୍ୟ ସମାନ କଥା କହିଛନ୍ତି। ଜଣେ ବ୍ୟାଙ୍କ ଅଫିସର ଭାବରେ କାମ କରୁଥିବା ରମେଶ ବାବୁ ପ୍ରଜ୍ଞାନନ୍ଦଙ୍କ ସଫଳତାର ଶ୍ରେୟ ନିଜ ପତ୍ନୀଙ୍କୁ ଦେଇଛନ୍ତି। ପ୍ରଜ୍ଞାନନ୍ଦ ଏବଂ ଝିଅ ଆର୍. ବୈଶାଳୀ ଉଭୟ ଚେସ୍ ଖେଳାଳି ହୋଇଥିବା ବେଳେ ନାଗଲକ୍ଷ୍ମୀ ହିଁ ଉଭୟଙ୍କ ଖେଳ ସମ୍ପର୍କରେ ବୁଝିଥାନ୍ତି।

ଆରମ୍ଭରୁ ବୈଶାଳୀଙ୍କ ଟିଭି ଦେଖିବା ଅଭ୍ୟାସ ବନ୍ଦ କରିବା ପାଇଁ ଚେସ୍ ଖେଳାଇବା ଆରମ୍ଭ କରିଥିଲେ ରମେଶ ବାବୁ। ଉଭୟ ପ୍ରଜ୍ଞାନନ୍ଦ ଓ ବୈଶାଳୀଙ୍କୁ ଚେସ୍ ଖେଳ ପସନ୍ଦ ଆସିଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଚେସ୍ ପ୍ରତି ରହିଥିବା ଭଲପାଇବା ହିଁ ଉଭୟଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି ବୋଲି ସେ କହିଛନ୍ତି। ପ୍ରଜ୍ଞାନନ୍ଦ ନିୟମିତ ଭାବରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାରେ ଲାଗିଛନ୍ତି। ନିକଟ ଅତୀତରେ ସେ କାର୍ଲସେନ୍, ନାକାମୁରା ଓ କାରୁଆନାଙ୍କ ପରି ସିଡେଡ୍ ଖେଳାଳିଙ୍କୁ ପରାସ୍ତ ମଧ୍ୟ କରିଛନ୍ତି। କାର୍ଲସେନ୍‌ଙ୍କୁ ଅନ୍‌ଲାଇନ୍ ଗେମ୍‌ରେ ପରାସ୍ତ କରିଥିବା ବେଳେ ବୋର୍ଡ ଗେମ୍‌ରେ ମଧ୍ୟ ପ୍ରଜ୍ଞାନନ୍ଦ ସମାନ ସଫଳତା ଦୋହରାଇବେ ବୋଲି ରମେଶ ବାବୁ ଆଶା କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ ପ୍ରଥମ କୋଚ୍ ଏସ୍. ତ୍ୟାଗରାଜନ ମଧ୍ୟ ତାଙ୍କ ସଫଳତାରେ ଖୁସି ପ୍ରକାଶ କରିଛନ୍ତି।

# ଖେଳାଳିଙ୍କୁ ଚୁମ୍ବନ ପରେ କ୍ଷମା ମାଗିଲେ ଲୁଇସ୍

ମାଡ୍ରିଡ୍,୨୨।୮(ପି.ଟି.)

ସ୍ପେନ୍ ଫୁଟବଲ ମହାସଂଘର ସଭାପତି ଲୁଇସ୍ ରୁବେଲ୍ସ ମହିଳା ଖେଳାଳିଙ୍କୁ ଚୁମ୍ବନ ଦେଇ ବିବାଦ ଘେରରେ ରହିଛନ୍ତି। ସ୍ପେନ୍ ଦଳ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରିବା ପରେ ରୁବେଲ୍ସ ଦଳର ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ ଓଠରେ ଚୁମ୍ବନ ଦେଇଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା ହେବା ପରେ ରୁବେଲ୍ସ ଏକ ଭିଡିଓ ଜାରି କରି କ୍ଷମାପ୍ରାର୍ଥନା କରିଥିଲେ। ଚୁମ୍ବନ ଦେବା ପୂର୍ବରୁ ରୁବେଲ୍ସ ଉତ୍ତେଜନାପୂର୍ଣ୍ଣ ସେଲିବ୍ରେଶନ କରିଥିଲେ। ବିଜୟ ଉଲ୍ଲାସରେ ସେ ନିଜ ଯୌନାଙ୍ଗ ନିକଟରେ ହାତ ରଖି କିଛି ଇସାରା ମଧ୍ୟ କରିଥିଲେ। ଏହି ଘଟଣା ସମୟରେ ସ୍ପେନ୍‌ର ୧୬ ବର୍ଷୀୟା ରାଜକୁମାରୀ ଇନ୍‌ଫାଣ୍ଟା ସୋଫିଆ ସେଠାରେ ଉପସ୍ଥିତ ଥିଲେ। ଏହାପରେ ସେ ହର୍ମୋସୋଙ୍କୁ କିସ୍ କରିଥିଲେ। ଏହି ଘଟଣାକୁ ନେଇ ସ୍ପେନ୍ ସରକାରଙ୍କ ପକ୍ଷରୁ କଡା ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ସ୍ପେନ୍ ସରକାରରେ ମନ୍ତ୍ରୀ ରହିଥିବା ଆଇରିନ୍ ମଣ୍ଟେରୋ ଏହାକୁ ସମାଲୋଚନା କରିଛନ୍ତି। ଏଭଳି ଘଟଣାକୁ ସାଧାରଣ କହି ଏଡାଇ ଦିଆଯାଉଥିବାରୁ ମହିଳା ଖେଳାଳିଙ୍କ ପ୍ରତି ଯୌନଶୋଷଣ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ସ୍ପେନ୍ ଫୁଟ୍‌ବଲ ମହାସଂଘ ପକ୍ଷରୁ ଜାରି କରାଯାଇଥିବା ମନ୍ତବ୍ୟ ଅନୁସାରେ ହର୍ମୋସୋ ଏହାକୁ ଠିକ୍ ଦର୍ଶାଇଛନ୍ତି। ବିଜୟର ଖୁସିରେ ଆମେ ଏଭଳି କରିଥିବା ବେଳେ ଏଥିରେ ଉଭୟଙ୍କ ସହମତି ରହିଥିଲା। ସଭାପତିଙ୍କ ସହିତ ମୋର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି। ତେବେ ସୋମବାର ରୁବେଲ୍ସଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ ସେ କ୍ଷମାପ୍ରାର୍ଥନା କରିଥିବାର ନଜର ଆସିଛନ୍ତି। ସଭାପତି ଭାବରେ ସର୍ବସମକ୍ଷରେ ଏଭଳି କରିବା ଗ୍ରହଣୀୟ ନୁହେଁ। ତେବେ ଏହା ପଛରେ କୌଣସି ଖରାପ ଅଭିସନ୍ଧି ନ ଥିଲା। ନେଦରଲାଣ୍ଡସର କ୍ରୀଡା ସଂଗଠନ ଫିଫପ୍ରୋ ଏହାକୁ ନିନ୍ଦା କରିଛି। ସମଗ୍ର ବିଶ୍ୱ ସମ୍ମୁଖରେ ରୁବେଲ୍ସ ସ୍ପେନ୍‌କୁ ନିନ୍ଦିତ କରିଛନ୍ତି ବୋଲି ସଂସ୍ଥା ନିଜ ବକ୍ତବ୍ୟରେ କହିଛି।



ଜେନି ହର୍ମୋସୋଙ୍କୁ ଚୁମ୍ବନ ଦେଉଛନ୍ତି ଲୁଇସ୍ ରୁବେଲ୍ସ।

# ଫାଓ ସୁପର କପ୍ ୨୪ରୁ

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୪ରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ଫାଓ ଲିଗ୍-୨୦୨୩ର ଶ୍ରେଷ୍ଠ ୮ଟି ଦଳ ଭାଗନେବେ। ଡାଇମଣ୍ଡ ଗ୍ରୁପ୍‌ରେ ସନ୍‌ରାଇଜ୍ କ୍ଲବ, ସ୍ପୋର୍ଟ୍ସ ଓଡ଼ିଶା, ରାଧା ରମଣ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ରହିଛନ୍ତି। ସେହିପରି ଗୋଲ୍ଡ ଗ୍ରୁପ୍‌ରେ ରାଇଜିଂ ଷ୍ଟାର କ୍ଲବ, କିଶୋର କ୍ଲବ ଓ ଜୟଦୁର୍ଗା କ୍ଲବ ସ୍ଥାନ ପାଇଛି। ଫାଓ ଲିଗ୍ ସିଲ୍‌ଭର ଗ୍ରୁପ୍‌ର ଫାଇନାଲ ବୁଧବାର ସନ୍‌ସାଇନ୍ କ୍ଲବ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ବିଜେତା ସୁପର କପ୍ ଗୋଲ୍ଡ ଗ୍ରୁପ୍‌ରେ ଯୋଗଦେବ। ମ୍ୟାଚ ଗୁଡ଼ିକ ସ୍ପୋର୍ଟ୍ସକେପିଏଲ୍ ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଫିସିଆଲ ଫେସ୍‌ବୁକ୍ ପେଜ୍‌ରେ ଲାଇଭ୍ ଷ୍ଟ୍ରିମିଂ ହେବ।



ସ୍ପେନ୍ ବିପକ୍ଷରେ ଗୋଲ ସ୍କୋର୍ ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଖେଳାଳି।

# ସ୍ପେନ୍‌କୁ ହରାଇଲା ଭାରତ

ଡସେଲଡର୍ଫ, ୨୨।୮(ପି.ଟି.)

ଭାରତୀୟ ଜୁନିୟର ମହିଳା ହକି ଦଳ ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସ୍ପେନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଅନୁ (୨୧ତମ ମିନିଟ) ଓ ସାକ୍ଷୀ ରାଣା (୪୭ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ସ୍ପେନ୍ ତରଫରୁ ଲିମା ଟେରେସା (୨୩ତମ) ଗୋଟିଏ ଗୋଲ୍ ଦେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ପ୍ରଥମ କ୍ୱାର୍ଟର ଖେଳ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୧ତମ ମିନିଟ୍‌ରେ ଅନୁ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ଦୁଇ ମିନିଟ ବ୍ୟବଧାନରେ ଟେରେସା ଫିଲ୍ଡ ଗୋଲ୍ ଜରିଆରେ ସ୍ପେନ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ୍ ସମ୍ଭବ ହୋଇ ନ ଥିଲା। ତେବେ ୪୭ତମ ମିନିଟ୍‌ରେ ସାକ୍ଷୀଙ୍କ ଏକ ଚମତ୍କାର ଫିଲ୍ଡ ଗୋଲ ଦ୍ୱାରା ମ୍ୟାଚ ଭାରତ ହାତକୁ ଚାଲିଆସିଥିଲା। ସ୍ପେନ ଗୋଲ୍ ପରିଶୋଧ ଲାଗି ଉଦ୍ୟମ କରି ବିଫଳ ରହିଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ